# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୮/୨୦୨୨ (୧୮ ପୃଷ୍ଠା) | Bhubaneswar, Friday, October 28/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୩୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 331 | ମୂଲ୍ୟ ₹୭/-




**ସୂର୍ଯ୍ୟକୁମାରଙ୍କ ପ୍ରଭାବୀ ବ୍ୟାଟିଂ**

ନେଦରଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ପ୍ରଭାବୀ ବ୍ୟାଟିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଭାରତର ସୂର୍ଯ୍ୟକୁମାର ଯାଦବ।

୧୮

୦୨

**ଟୁଇଟର କିଣିଲେ ମସ୍କ**

ଟେସ୍‌ଲା ସିଇଓ ଏଲନ ମସ୍କ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଟୁଇଟର କିଣିଥିବା ନେଇ ଏକ ଟୁଇଟ୍ ଯୋଗେ ସ୍ପଷ୍ଟ କରିଛନ୍ତି।





ଆଜି ଶାନ୍ତିସ୍ତୂପ ଧଉଳିର ସୁବର୍ଣ୍ଣ ଜୟନ୍ତୀ। ଏହି ପରିପ୍ରେକ୍ଷୀରେ ଆମେରିକା, ୟୁକ୍ରେନ, ଜାପାନ ଆଦି ଦେଶରୁ ଆସିଥିବା ବୌଦ୍ଧ ସନ୍ନ୍ୟାସୀମାନେ ଗୁରୁବାର ସର୍କିଟ୍ ହାଉସ୍‌ଠାରୁ ଶାନ୍ତି ପଦଯାତ୍ରାରେ ବାହାରିଛନ୍ତି।

# ପୁରୁଷ, ମହିଳା କ୍ରିକେଟରଙ୍କୁ ମିଳିବ ସମାନ ପାଉଣା

## ବିସିସିଆଇର ଐତିହାସିକ ନିଷ୍ପତ୍ତି

ନୂଆଦିଲ୍ଲୀ, ୨୭।୧୦ (ପି.ଟି)

ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ) ପକ୍ଷରୁ ଗୁରୁବାର ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏବେଠୁ ପୁରୁଷ ଏବଂ ମହିଳା ଖେଳାଳିଙ୍କୁ ସମାନ ପାଉଣା ପ୍ରଦାନ କରାଯିବ। ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ଅନୁବନ୍ଧିତ ଖେଳାଳିମାନଙ୍କୁ ଲିଙ୍ଗଗତ ପାର୍ଥକ୍ୟ କରା ନ ଯାଇ ସମସ୍ତଙ୍କୁ ସମାନ ଅର୍ଥ ମିଳିବ। ଲିଙ୍ଗଗତ ଅସମାନତାକୁ ଦୂରେଇବା ପାଇଁ ବିସିସିଆଇ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ବିସିସିଆଇ ସମ୍ପାଦକ ଜୟ ଶାହା ଟୁଇଟ୍ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଲିଙ୍ଗଗତ ଭେଦଭାବ ଦୂର କରିବା ପାଇଁ ବିସିସିଆଇ ପକ୍ଷରୁ ପ୍ରଥମ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ସେ ଗର୍ବର ସହିତ ଘୋଷଣା କରିଛନ୍ତି। ଏଣିକି ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ଅନୁବନ୍ଧିତ ଖେଳାଳିମାନଙ୍କୁ ମଧ୍ୟ ସମାନ ଦରମା ପ୍ରଦାନ କରାଯିବ ବୋଲି ସେ ଟୁଇଟ୍ କରିଥିଲେ। ଏପରି ଘୋଷଣା ସହିତ ବିସିସିଆଇ ଲିଙ୍ଗଗତ ସମାନତାରେ ଏକ ନୂତନ ଶିଖର ଛୁଇଁବାରେ ସମର୍ଥ ବୋଲି ଶାହା ଉଲ୍ଲେଖ କରିଛନ୍ତି। କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା ପୁରୁଷ କ୍ରିକେଟରମାନଙ୍କୁ ଟେଷ୍ଟ ମ୍ୟାଚ ପିଛା ୧୫ ଲକ୍ଷ, ଦିନିକିଆ ମ୍ୟାଚ୍ ପିଛା ୬ ଲକ୍ଷ ଓ ଟି୨୦ ମ୍ୟାଚ୍ ପିଛା ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ମହିଳା ଖେଳାଳିଙ୍କୁ ଟେଷ୍ଟ ମ୍ୟାଚ ପିଛା ୪ ଲକ୍ଷ ଟଙ୍କା ଏବଂ ଦିନିକିଆ ଓ ଟି୨୦ ମ୍ୟାଚ ପାଇଁ ୧ ଲକ୍ଷ ଟଙ୍କା ମିଳୁଥିଲା। ☞ପୃଷ୍ଠା-୪

**ପାଉଥିଲେ**

ଟେଷ୍ଟ ମ୍ୟାଚ ପିଛା ୪ ଲକ୍ଷ
ଦିନିକିଆ ମ୍ୟାଚ୍ ପିଛା ୧ ଲକ୍ଷ
ଟି୨୦ ମ୍ୟାଚ୍ ପିଛା ୧ ଲକ୍ଷ

**ପାଇବେ**

ଟେଷ୍ଟ ମ୍ୟାଚ ପିଛା ୧୫ ଲକ୍ଷ
ଦିନିକିଆ ମ୍ୟାଚ୍ ପିଛା ୬ ଲକ୍ଷ
ଟି୨୦ ମ୍ୟାଚ୍ ପିଛା ୩ ଲକ୍ଷ


ଘରୋଇ ହସ୍ପିଟାଲକୁ ରୋଗୀଙ୍କୁ ପଠାଉଛନ୍ତି ଦଲାଲ

ପୃଷ୍ଠା-୭








# ଗୁଣି ସନ୍ଦେହରେ ମହିଳାଙ୍କୁ ହତ୍ୟା

- ୩ ପରିବାର ଉପରେ ଆକ୍ରମଣ, ୩ ଗୁରୁତର
- ଗଞ୍ଜାମର ମଧୁରଝୋଲ ଗାଁ ପୁରୁଷ ଶୂନ୍ୟ
- ୩୩ ଗିରଫ, ୪ ପ୍ଲାଟୁନ୍ ଫୋର୍ସ ମୁତୟନ

**ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ସନ୍ଦେହରେ ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ସୁନ୍ଦରଗଡ଼ ସମେତ ଅନେକ ଜିଲାରେ ପ୍ରତିବର୍ଷ ହତ୍ୟାକାଣ୍ଡ ଘଟୁଛି। ୨୦୦୮ରୁ ପ୍ରତିବର୍ଷ ହାରାହାରି ୭୦ ଜଣଙ୍କର ଏଥିଯୋଗୁ ପ୍ରାଣହାନି ଘଟୁଥିବା ଏକ ତଥ୍ୟ କହୁଛି। ଏହାକୁ ରୋକିବା ଲାଗି ଓଡ଼ିଶା ଗୁଣିଗାରେଡ଼ି ନିବାରଣ ଆଇନ-୨୦୧୩ ଆସିଥିଲେ ମଧ୍ୟ ଗୁଣିଜନିତ ହିଂସା ବର୍ତ୍ତମାନ ରାଜ୍ୟରେ ଏକ ଆହ୍ୱାନ ସୃଷ୍ଟି କରିଛି। ଗଞ୍ଜାମର କବିସୂର୍ଯ୍ୟନଗର ଘଟଣା ଏହାର ପ୍ରମାଣ ଦେଉଛି। କନିଆରି ପଞ୍ଚାୟତ ମଧୁରଝୋଲ ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ତିନି ପରିବାର ଉପରେ ଆକ୍ରମଣ ହୋଇଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀଙ୍କ ସହିତ ୩ଜଣ ଗୁରୁତର ହୋଇଛନ୍ତି।**

କବିସୂର୍ଯ୍ୟନଗର, ୨୭।୧୦ (ଡି.ଏନ.ଏ.)

ଅନ୍ଧବିଶ୍ୱାସକୁ ନେଇ ଅଶାନ୍ତ ହୋଇଉଠିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା କନିଆରୀ ପଞ୍ଚାୟତର ମଧୁରଝୋଲ ଗାଁ। ଗୁଣିଗାରେଡ଼ି ସନ୍ଦେହରେ ଗ୍ରାମବାସୀ ମିଳିତ ଭାବେ ୩ ପରିବାରର ଘରେ ପଶି ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି।



ଗ୍ରାମରେ ପୋଲିସ ଛାଉଣୀ

ମୃତ ମହିଳା ହେଲେ ଯୁଧିଷ୍ଠିର ନାହାକଙ୍କ ସ୍ତ୍ରୀ ଝୁନୁ ନାହାକ (୫୦)। ଘଟଣା ପରେ ସମଗ୍ର ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ପୋଲିସ ୨୦ ମହିଳା ଏବଂ ୧୩ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୨୨ରୁ ଊର୍ଦ୍ଧ୍ୱ ଜଣଙ୍କୁ ଅଟକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ରିପବ୍ଲିକାନ୍ ଓ ସମାଜବାଦ

# ଶୁଷ୍କ ହେଉଛି ସର୍ବବୃହତ୍ ଡ୍ୟାମ୍

## ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

ନୂଆଦିଲ୍ଲୀ, ୨୭।୧୦

ଚଳିତ ବର୍ଷ କାଲିଫର୍ନିଆଠାରୁ ଆରମ୍ଭ କରି ଜର୍ମାନୀ ଓ ଚାଇନା ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନଜନିତ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଛି। ଆମେରିକା ସମେତ ଚାଇନାରେ ବର୍ଷା ଅଭାବରୁ ଭୟଙ୍କର ମରୁଡ଼ି ଦେଖାଦେଇଛି। ଏଥିଯୋଗୁ ସ୍ୱଚ୍ଛଶକ୍ତିର ଉତ୍ସ କୁହାଯାଉଥିବା ଡ୍ୟାମ୍‌ଗୁଡ଼ିକ ଶୁଖିବାରେ ଲାଗିଛି। ସାରା ବିଶ୍ୱରେ ହାଇଡ୍ରୋପାୱାର ପ୍ଲାଣ୍ଟ ବା ଜଳବିଦ୍ୟୁତ୍ ପ୍ରକଳ୍ପରୁ ହିଁ ଆବଶ୍ୟକତାର ବଡ଼ ଭାଗ ବିଦ୍ୟୁତ୍ ଉତ୍ପାଦନ ହୋଇଥାଏ। ଏହା ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ, ପବନ ଓ ସୌରଶକ୍ତିରୁ ମିଳିତ ଭାବେ ଉତ୍ପାଦନ ହେଉଥିବା ବିଦ୍ୟୁତ୍‌ଠାରୁ ବହୁଗୁଣ ଅଧିକ। ଅସ୍ୱାଭାବିକ ବର୍ଷା, ମରୁଡ଼ି ସ୍ଥିତି, ଗ୍ରୀଷ୍ମପ୍ରବାହ ଯୋଗୁ ଚାଇନାରେ ଥିବା ବିଶ୍ୱର ସବୁଠୁ ବଡ଼ ନଦୀବନ୍ଧ ଯୋଜନା ଥ୍ରି ଗର୍ଜେସ ଡ୍ୟାମ୍ ବିଶେଷ ଭାବେ ପ୍ରଭାବିତ ହୋଇଛି। ହୁବେଇ ପ୍ରଦେଶରେ ୟାଙ୍ଗ୍‌ତେ ନଦୀ ଉପରେ ଥିବା ଏହି ଡ୍ୟାମ୍‌ରୁ ପାଣି ଶୁଖିବା କାରଣରୁ ହାଇଡ୍ରୋପାୱାର ପ୍ଲାଣ୍ଟରୁ ଚଳିତ ବର୍ଷ କମ୍ ପରିମାଣର ବିଦ୍ୟୁତ୍ ଉତ୍ପାଦନ ହୋଇପାରିଛି। ସ୍ୱଚ୍ଛ ଶକ୍ତିର ଉତ୍ସ ଏପରି ପ୍ରଭାବିତ ହେଲେ ତାହା ପରିବେଶ ସୁରକ୍ଷା ପାଇଁ ଶୁଭଙ୍କର ନୁହେଁ ବୋଲି ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ଚିନ୍ତାପ୍ରକଟ କରିଛନ୍ତି।



ଟର୍ବାଇନ୍ କିମ୍ବା ସ୍ପିଲ୍‌ୱେରୁ ପାଣି ବାହାରିବା ପରେ ଯେଉଁ ହ୍ୱାଇଟ୍ ସ୍ପ୍ରେ ଦେଖିବାକୁ ମିଳେ ତାହା ଅଗଷ୍ଟ ମାସ ଶେଷଆଡ଼କୁ ମଧ୍ୟ ଡ୍ୟାମ୍‌ରେ ଦେଖାଯାଇ ନ ଥିଲା। ଅର୍ଥାତ ଜଳସ୍ତର ହ୍ରାସ ଯୋଗୁ ସେଥିରୁ ପ୍ଲାଣ୍ଟର ବିଦ୍ୟୁତ୍ ଉତ୍ପାଦନ କ୍ଷମତା କମିଛି। ବିଶ୍ୱତାପନ ଓ ଜଳାଭାବ ଯୋଗୁ ଚାଇନାର ଏହି ମେଗା ପ୍ଲାଣ୍ଟ ଗ୍ଲୋବାଲ ହାଇଡ୍ରୋପାୱାର ସଙ୍କଟ ଜଟିଳ ହୋଇଛି। କେବଳ ଚାଇନା ନୁହେଁ, କାଲିଫର୍ନିଆଠାରୁ ଜର୍ମାନୀ ପର୍ଯ୍ୟନ୍ତ ଅନୁରୂପ ☞ପୃଷ୍ଠା-୪



**ଫେବୃୟାରୀରେ ଗଗନୟାନ ପରୀକ୍ଷା**

ଆସନ୍ତା ଫେବୃୟାରୀରୁ ଭାରତର ମାନବ ମହାକାଶ ଅଭିଯାନ ମିଶନର ଉଡ଼ାଣ ପରୀକ୍ଷା ଆରମ୍ଭ ହେବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ କୁହାଯାଇଛି। ଗଗନୟାନର କ୍ରିଉ ମଡ୍ୟୁଲ୍ ପରୀକ୍ଷା ପାଇଁ ଇସ୍ରୋ ଚିନୁକ୍ ହେଲିକପ୍ଟର ଏବଂ ସି-୧୭ ଗ୍ଲୋବ୍‌ମାଷ୍ଟର ପରିବହନ ବିମାନକୁ ବ୍ୟବହାର କରିବ ବୋଲି ଇସ୍ରୋ ହ୍ୟୁମାନ ସ୍ପେସ୍ ଫ୍ଲାଇଟ୍ ସେଣ୍ଟର ନିର୍ଦ୍ଦେଶକ ଆର୍. ଉମାମହେଶ୍ୱରନ୍ ସୂଚନା ଦେଇଛନ୍ତି। ଆସନ୍ତା ବର୍ଷ ଡିସେମ୍ବରରେ ମାନବବିହୀନ ସ୍ପେସ୍ ଫ୍ଲାଇଟ୍ ପାଇଁ ଇସ୍ରୋ ୧୭ଟି ପରୀକ୍ଷା କରାଇବା ଯୋଜନା ରଖିଛି।

## ସଂକ୍ଷେପରେ

### ଜମ୍ମୁ ରେଳଷ୍ଟେଶନରୁ ୧୮ ଡେଟୋନେଟର ଜବତ

**ନୂଆଦିଲ୍ଲୀ,୨୭।୧୦:** ଜମ୍ମୁ ରେଳଷ୍ଟେଶନ ଟ୍ୟାକ୍ସି ଷ୍ଟାଣ୍ଡରୁ ୧୮ଟି ଡେଟୋନେଟର ମିଳିଛି। ବିସ୍ଫୋରକ ସମେତ କିଛି ତାର ଦୁଇଟି ବାକ୍ସରେ ରଖାଯାଇଥିଲା। ଘଟଣାସ୍ଥଳରେ ପୋଲିସ ଅଫିସର ଉପସ୍ଥିତ ରହି ତଦନ୍ତ ଚଳାଇଛନ୍ତି। ବାକ୍ସ ମଧ୍ୟରେ ମହମ ଭଳି ପଦାର୍ଥ ପ୍ୟାକ୍ କରାଯାଇଥିଲା। ଟ୍ୟାକ୍ସି ଷ୍ଟାଣ୍ଡରୁ ଏକ ସନ୍ଦିଗ୍ଧ ବ୍ୟାଗ୍ ମିଳିବା ପରେ ସେଥିରୁ ଉପରୋକ୍ତ ବାକ୍ସ ଓ ତାର ମିଳିଥିଲା।

### କୋଏମ୍ବାଟୁର ବିସ୍ଫୋରଣର ତଦନ୍ତ କରିବ ଏନ୍ଆଇଏ

**ନୂଆଦିଲ୍ଲୀ,୨୭।୧୦:** କୋଏମ୍ବାଟୁର ମନ୍ଦିର ନିକଟରେ ରବିବାର ହୋଇଥିବା ବିସ୍ଫୋରଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)କୁ ହସ୍ତାନ୍ତର ପାଇଁ କେନ୍ଦ୍ର ସରକାର ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ବିସ୍ଫୋରଣରେ ଜଣେ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିଲା। ଏହା ପଛରେ ଅନ୍ତର୍ଜାତୀୟ ସମ୍ପୃକ୍ତି ସନ୍ଦେହ କରାଯାଉଥିବାରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଘଟଣାର ଏନ୍ଆଇଏ ତଦନ୍ତ ଲାଗି ସୁପାରିସ କରିଥିଲେ। ଏହି ମାମଲାରେ ୨୯ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର ଜମିଶା ମୁବିନ୍‌ଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ୟୁଏପିଏରେ ମାମଲା ରୁଜୁ ହୋଇଛି।

### ମହିଳା ଗୃହକାର୍ଯ୍ୟ କରିବା ନିଷ୍ଠୁରତା ନୁହେଁ

**ମୁମ୍ବାଇ,୨୭।୧୦ (ପି.ଟି.):** ଜଣେ ବିବାହିତା ମହିଳା ନିଜ ପରିବାର ପାଇଁ ଘରକାମ କରିବାକୁ ସହାୟିକାର କାର୍ଯ୍ୟ ବୋଲି ବିବେଚନା କରାଯାଇପାରିବ ନାହିଁ ଏବଂ ଏହାକୁ ନିଷ୍ଠୁରତା କୁହାଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟଙ୍କ ଔରଙ୍ଗାବାଦ ବେଞ୍ଚ୍ କହିଛନ୍ତି। ମହିଳା ଜଣଙ୍କ ତାଙ୍କ ସ୍ୱାମୀ ଓ ଶ୍ୱଶୁରଘର ଲୋକଙ୍କ ବିରୋଧରେ ଆଣିଥିବା ଘରୋଇ ହିଂସା ଓ ନିଷ୍ଠୁରତା ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସ୍ୱାମୀ ଓ ତାଙ୍କ ମାଆବାପାଙ୍କ ବିରୋଧରେ ଦାଏର ଏତଲାକୁ ଜଷ୍ଟିସ୍ ବିଭା କଙ୍କନୱାଡ଼ି ଏବଂ ରାଜେଶ ପାଟିଲଙ୍କ ଖଣ୍ଡପୀଠ ଖାରଜ କରିଦେଇନ୍ତି। ଶ୍ୱଶୁରଘରେ ତାଙ୍କୁ ଘରୋଇ ସହାୟିକା ଭାବେ ବ୍ୟବହାର କରାଯାଉଥିଲା ଏବଂ କାର କିଣିବା ଲାଗି ୪ ଲକ୍ଷଟଙ୍କା ଆଣିବାକୁ କୁହାଯାଉଥିଲା। ଯୌତୁକ ଦାବିରେ ସ୍ୱାମୀ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ ବୋଲି ମହିଳା ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ।

### ୮ରେ ରୁଷିଆ ଯିବେ ଜୟଶଙ୍କର

**ନୂଆଦିଲ୍ଲୀ, ୨୭।୧୦:** ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ନଭେମ୍ବର ୮ରେ ରୁଷିଆ ଗସ୍ତ କରି ତାଙ୍କ ପ୍ରତିପକ୍ଷ ସେରେଗି ଲାଭ୍ରୋଭଙ୍କୁ ଭେଟିବେ। ଏହି ଅବସରରେ ଜୟଶଙ୍କର ଏବଂ ଲାଭ୍ରୋଭ୍ ଦ୍ୱିପାକ୍ଷିକ ଆଲୋଚନା ସହ ଅର୍ନ୍ତଜାତୀୟ ପ୍ରସଙ୍ଗ ଉପରେ ମଧ ଚର୍ଚ୍ଚା କରିବେ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଭିତରେ ଜୟଶଙ୍କରଙ୍କ ମସ୍କୋ ଗସ୍ତ ବେଶ୍ ଗୁରୁତ୍ୱ ରଖେ।

### ଛୋଟ ଫ୍ଲାଟ୍‌ରେ ରହିବେ ଋଷି ସୁନକ୍

**ଲଣ୍ଡନ, ୨୭।୧୦:** ବ୍ରିଟେନର ନବନିଯୁକ୍ତ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ୧୦ ଡାଉନିଂ ଷ୍ଟ୍ରିଟ୍ ସରକାରୀ ବାସଭବନରେ ରହିବେ ନାହିଁ। ଏହା ପରିବର୍ତ୍ତେ ସେ ତାଙ୍କ ପରିବାର ସହ ଏକ ଛୋଟ ଫ୍ଲାଟ୍‌କୁ ଫେରିବେ। ସେଠାରେ ରହିବାରେ ସୁନକ୍ ବହୁତ ଖୁସି ବୋଲି ତାଙ୍କ ମୁଖପାତ୍ର କହିଛନ୍ତି। ୧୦ ଡାଉନିଂ ଷ୍ଟ୍ରିଟ୍ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ଭାବେ ୧୭୩୫ରୁ ବ୍ୟବହୃତ ହୋଇଆସୁଛି। ସେଠାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚାଲିବା ସହ ବିଭିନ୍ନ ଦେଶରୁ ଆସୁଥିବା ନେତାମାନଙ୍କୁ ପ୍ରଧାନମନ୍ତ୍ରୀ ଆତିଥେୟତା ପ୍ରଦାନ କରିଥାନ୍ତି। ଅର୍ଥମନ୍ତ୍ରୀ ଥିବାବେଳେ ସୁନକ୍, ସ୍ତ୍ରୀ ଅକ୍ଷତା ମୂର୍ତ୍ତି ଏବଂ ଦୁଇଝିଅ ଯେଉଁ ଫ୍ଲାଟ୍‌ରେ ରହୁଥିଲେ, ଏବେ ସେହିଠାରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଋଷିଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଇଥିବାରୁ ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଦିଗରେ ଏକାଠି କାମ କରିବାକୁ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ଏହି ଅବସରରେ ଦୁଇ ନେତା ଭାରତ ଓ ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା(ଏଫ୍‌ଟିଏ)ର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସୁନକ ମଧ ଟୁଇଟ୍ କରି ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ଓ ଆର୍ଥିକ ସହଯୋଗ ବଢ଼ିଲେ ବିରାଟ ସଫଳତା ମିଳିବ ବୋଲି ସୁନକ କହିଛନ୍ତି।

**ମୋଦିଙ୍କ ସହ କଥା ହେଲେ**

## ମେକ୍ସିକୋରେ ସମଲିଙ୍ଗୀ ବିବାହକୁ ସ୍ୱୀକୃତି



**ମେକ୍ସିକୋ ସିଟି:** ମେକ୍ସିକୋର ସୀମାନ୍ତ ରାଜ୍ୟ ଟମାଉଲିପାସ୍‌ରେ ବୁଧବାର ରାତିରେ ସମଲିଙ୍ଗୀ ବିବାହକୁ ବୈଧ କରିବା ସମ୍ପର୍କିତ ଆଇନ ସପକ୍ଷରେ ମତଦାନ ହୋଇଛି। ଏହି ଆଇନକୁ ସ୍ୱୀକୃତି ପ୍ରଦାନରେ ଏହା ହେଉଛି ମେକ୍ସିକୋର ୩୨ତମ ବା ଶେଷ ରାଜ୍ୟ।

ଟମାଉଲିପାସ୍‌ରେ ସମଲିଙ୍ଗୀ ବିବାହ ସମ୍ପର୍କିତ ସିଭିଲ୍ କୋଡ୍‌ରେ ସଂଶୋଧନ ସପକ୍ଷରେ ୨୩ ଓ ବିରୋଧରେ ୧୨ ଭୋଟ ପଡ଼ିଥିବାବେଳେ ୨ ମତଦାତା ଭୋଟ ଦେବାରୁ ବିରତ ରହିଥିଲେ। ଫଳାଫଳ ଆସିବା ପରେ ଏହି ଧରଣ ବିବାହର ସମର୍ଥକମାନେ ଖୁସିରେ ନାଚି ଉଠିଥିଲେ। କହିଥିଲେ, 'ହଁ ଆମେ ପାରିବା'। ସୁପ୍ରିମକୋର୍ଟ ପ୍ରେସିଡେଣ୍ଟ ଜଷ୍ଟିସ୍ ଅର୍ଟୁରୋ ଜାଲଡିଭର ଏହାକୁ ସ୍ୱାଗତ କରି କହିଛନ୍ତି, ସାରା ଦେଶ ଏକ ବିଶାଳ ଇନ୍ଦ୍ରଧନୁ ସହ ଚମକୁଛି। ସମସ୍ତ ନାଗରିକ ସମ୍ମାନ ଓ ଅଧିକାର ସହ ବଞ୍ଚନ୍ତୁ। ପ୍ରେମ ହେଉଛି ଜୀବନ। ଏହା ପୂର୍ବରୁ ଗୁଏରେରୋରେ ମଧ ସମାନ ଧରଣର ଆଇନକୁ ସ୍ୱୀକୃତି ଦିଆଯାଇଥିଲା। ୨୦୧୫ରେ ମେକ୍ସିକୋ ସୁପ୍ରିମକୋର୍ଟ ସମଲିଙ୍ଗୀ ବିବାହ ବିରୋଧୀ ଆଇନକୁ ଅସାମ୍ବିଧାନିକ ଘୋଷଣା କରିଥିଲେ। କିନ୍ତୁ କେତେକ ରାଜ୍ୟରେ ଏହି ରାୟର ଅନୁପାଳନ ଲାଗି ଆଇନ ପ୍ରଣୟନ ବିଳମ୍ବିତ ହୋଇଛି।

## ଚେହେରା ଦେଖାଇଲେ ଇରାନର ଆଞ୍ଜେଲିନା ଜୋଲି



**ତେହେରାନ:** ଇରାନର 'ଜୋମ୍ବି ଆଞ୍ଜେଲିନା ଜୋଲି' ନାମରେ ପରିଚିତ ସହର ତବର ଜେଲରୁ ମୁକୁଳିବା ପରେ ନିଜ ଚେହେରା ଦେଖାଇଛନ୍ତି। ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ସବୁବେଳେ ପ୍ରସିଦ୍ଧି ଲାଭ କରିବାକୁ ଚାହୁଁଥିଲେ ଏବଂ ଏଥି ସକାଶେ ଭୟଙ୍କର ମେକ୍‌ଅପ୍ ନେବାକୁ ପସନ୍ଦ କରୁଥିଲେ ବୋଲି ସହର କହିଛନ୍ତି।

ଇନ୍‌ଷ୍ଟାଗ୍ରାମ୍‌ରେ ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନା ଜୋଲିଙ୍କ ସଦୃଶ ନିଜର ବିଦ୍ରୂପାତ୍ମକ ଫଟୋ ପୋଷ୍ଟ କରି ରାତାରାତି ପ୍ରସିଦ୍ଧି ପାଇଥିବା ଏହି ଯୁବତୀଙ୍କୁ ୨୦୧୯ ଅକ୍ଟୋବରରେ ଦୁର୍ନୀତି ଓ ଈଶ୍ୱର ନିନ୍ଦା ଅଭିଯୋଗରେ ଗିରଫ କରାଯାଇଥିଲା। ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। କିନ୍ତୁ ଇରାନରେ ଗତମାସରେ ମହସା ଅମିନୀଙ୍କ ମୃତ୍ୟୁ ପରେ ଆନ୍ଦୋଳନ ମୁଣ୍ଡ ଟେକିବା ପରେ ତାଙ୍କୁ ମୁକ୍ତ କରାଯାଇଛି। ୨୧ ବର୍ଷୀୟା ସହର ନିଜ ଅସଲ ଚେହେରାକୁ ଲୁଚାଇବା ପାଇଁ କସ୍‌ମେଟିକ୍ ସର୍ଜରି କରାଇଥିଲେ। ତାଙ୍କୁ ଜେଲରୁ ମୁକୁଳାଇବା ପାଇଁ ସୋସିଆଲ ମିଡିଆରେ ବିଧିବଦ୍ଧ ଭାବେ ଅଭିଯାନ ଚାଲିଥିଲା। ଆକ୍ଟିଭିଷ୍ଟ ମାଶିହ ଅଲିନେଜାଦ୍‌ଙ୍କ ମତରେ ସହର ତବରଙ୍କୁ ୧୯ ବର୍ଷ ହେଉଥିବାବେଳେ ତାଙ୍କ ବ୍ୟଙ୍ଗ ତାଙ୍କୁ ଜେଲ ଭିତରକୁ ଟାଣିନେଇଥିଲା। ନିରୀହ ଝିଅଙ୍କୁ ମୁକ୍ତ କରିବା ପାଇଁ ତାଙ୍କ ମା' ସବୁଦିନ ଲୁହ ଝରାଉଥିଲେ।

**ଖାପ୍ ପଞ୍ଚାୟତର ଜୁଲମ**

# ଝିଅଙ୍କୁ ନିଲାମ, ମା'ଙ୍କୁ ବଳାତ୍କାର

**ରାଜସ୍ଥାନ ସରକାରଙ୍କୁ ଜବାବ ମାଗିଲେ ଏନ୍‌ଏଚ୍‌ଆର୍‌ସି**

**ନୂଆଦିଲ୍ଲୀ/ଜୟପୁର, ୨୭।୧୦**



ଭାରତୀୟ ମହିଳାମାନେ ଅନେକ କ୍ଷେତ୍ରରେ ସଫଳତାର ସିଡ଼ି ଚଢ଼ି ଦେଶବିଦେଶରେ ସୁନାମ ଅର୍ଜୁଥିବାବେଳେ ରକ୍ଷଣଶୀଳ ରାଜସ୍ଥାନରେ ନାରୀଜାତିକୁ ପଣ୍ୟ ସାମଗ୍ରୀ ରୂପେ ବ୍ୟବହାର କରାଯାଉଛି। କାଁ ଭାଁ କେବେ ନୁହେଁ, ବରଂ ରୀତିମତ ଭାବେ ଏଭଳି ବର୍ବର ଘଟଣା ଘଟୁଥିବା ଜାତୀୟ ମାନବ ଅଧିକାର ଆୟୁକ୍ତ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦୃଷ୍ଟିକୁ ଆସିଛି। ନିକଟରେ ଘଟିଥିବା ଏକ ଘଟଣା ସମ୍ପର୍କରେ ଖବରକାଗଜରୁ ଜାଣିବା ପରେ ଏନ୍‌ଏଚ୍‌ଆର୍‌ସି ରାଜସ୍ଥାନ ସରକାରଙ୍କୁ ଏହା ଉପରେ ଜବାବ ମାଗିଛନ୍ତି।

କଂଗ୍ରେସ ଶାସିତ ରାଜସ୍ଥାନରେ ସ୍ଥାନୀୟ ଖାପ୍ ପଞ୍ଚାୟତଗୁଡ଼ିକର ପ୍ରାଧାନ୍ୟ ଓ ପ୍ରାଦୁର୍ଭାବ କାହିଁରେ କ'ଣ। କୌଣସି ସ୍ଥାନରେ ଦୁଇ ପକ୍ଷ ବା ଗୋଷ୍ଠୀ ମଧ୍ୟରେ ବିବାଦ ହେଲେ ଲୋକେ ଥାନା ପରିବର୍ତ୍ତେ ଖାପ୍ ପଞ୍ଚାୟତକୁ ଯାଇଥାନ୍ତି। ଗାଁରେ ପଞ୍ଚାୟତ ସଭା ବସି ମାମଲାର ସମାଧାନ କରାଯାଏ। ଅଧିକାଂଶ ସମୟରେ ଖାପ୍ ପଞ୍ଚାୟତର ରାୟ ଅସାମ୍ବିଧାନିକ ଓ ଅବୈଧ ହୋଇଥିବା ଜଣାଯାଏ। ସୁପ୍ରିମକୋର୍ଟ ମଧ ପୂର୍ବରୁ ଏଭଳି ପଞ୍ଚାୟତଗୁଡ଼ିକର କାର୍ଯ୍ୟଶୈଳୀକୁ ନିନ୍ଦା କରିଛନ୍ତି। କାରଣ ଖାପ୍ ପଞ୍ଚାୟତରେ ତଥାକଥିତ ଭଦ୍ରଲୋକଙ୍କ ଦ୍ୱାରା ନିଷ୍ପତ୍ତି କୌଣସି ଆଇନଗତ ସିଦ୍ଧାନ୍ତ ଆଧାରରେ ନିଆଯାଇ ନ ଥାଏ। ଆର୍ଥିକ କାରବାର କିମ୍ବା ଋଣ ଦେଣନେଣ କ୍ଷେତ୍ରରେ ବିବାଦ ସୃଷ୍ଟି ହେଲେ କ୍ଷତିଭରଣା ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିବା ପକ୍ଷଙ୍କ ଝିଅ, ଭଉଣୀଙ୍କୁ ନିଲାମ କରାଯାଇଥାଏ। ୮ରୁ ୧୮ ବର୍ଷୀୟା ଝିଅମାନଙ୍କୁ ବିଧିବଦ୍ଧ ଭାବେ ଷ୍ଟାମ୍ପପେପରରେ ଲେଖାପଢ଼ା କରି ବିକ୍ରି କରାଯାଏ। ଏପରି କି ଘରର ମହିଳାମାନଙ୍କୁ ବଳାତ୍କାର ମଧ କରାଯାଏ। ସେମାନଙ୍କୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମୁମ୍ବାଇ, ଦିଲ୍ଲୀ ତଥା ଦେଶ ବାହାରକୁ ଚାଲାଣ କରାଯାଇଥାଏ। ଚାଲାଣ ଯୁବତୀ ନାନା ଶାରୀରିକ, ମାନସିକ ଓ ଯୌନ ନିର୍ଯାତନାର ଶିକାର ହୋଇଥାନ୍ତି। ରାଜ୍ୟରେ ଯେଉଁ ଦଳର ସରକାର କ୍ଷମତାରେ ରହିଲେ ମଧ ଏଭଳି କଳଙ୍କିତ ବ୍ୟାଧି ହଟାଇବାରେ ବିଫଳ ହେଉଛନ୍ତି।

ଅକ୍ଟୋବର ୨୬ରେ ଏକ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଆଧାରରେ ଏନ୍‌ଏଚ୍‌ଆର୍‌ସି ରାଜସ୍ଥାନ ପୋଲିସ ମହାନିର୍ଦ୍ଦେଶକ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଭିଲ୍‌ୱାଡାରେ ଯେତେବେଳେ ବି ଦୁଇ ପକ୍ଷ ମଧ୍ୟରେ କୌଣସି ବିବାଦ ହୁଏ ସେମାନେ ଥାନାକୁ ନ ଯାଇ ସମାଧାନ ପାଇଁ ଖାପ୍ ପଞ୍ଚାୟତର ଆଶ୍ରୟ ନେଇଥାନ୍ତି। ଏଇଠୁ ଆରମ୍ଭ ହୋଇଥାଏ ସେମାନଙ୍କ ଘରର ଝିଅ ଓ ମହିଳାଙ୍କୁ ଦାସତ୍ୱ ଭିତରକୁ ଠେଲିଦେବା ପ୍ରକ୍ରିୟା। ମୀମାଂସା ପରେ ଦୋଷୀ ପକ୍ଷ କ୍ଷତିପୂରଣ ରାଶି ପଇଠ ନ କଲେ କିମ୍ବା ଝିଅ ଭଉଣୀଙ୍କୁ ନିଲାମ ପାଇଁ ଟେକି ନ ଦେଲେ ଖାପ୍ ପଞ୍ଚାୟତ ଆହୁରି ନୃଶଂସ ହୋଇଯାଏ। ମୁଖିଆଙ୍କ ଅର୍ଡର ଆସେ ମହିଳାଙ୍କୁ ବଳାତ୍କାର ପାଇଁ। ଏକ ମାମଲାରେ ୧୫ ଲକ୍ଷ ଟଙ୍କାର ଋଣ ପରିଶୋଧ ପାଇଁ ପଞ୍ଚାୟତ ରାୟ ଦେଇଥିଲା। ଯେଉଁ ବ୍ୟକ୍ତି ଟଙ୍କା ପରିଶୋଧ କରିବା କଥା ସେ ଅକ୍ଷମ ହେବାରୁ ପ୍ରଥମେ ତାଙ୍କ ଭଉଣୀଙ୍କୁ ବିକ୍ରି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସତ୍ତ୍ୱେ ସମ୍ପୂର୍ଣ୍ଣ ଋଣ ଅର୍ଥ ଆଦାୟ ହୋଇ ନ ଥିବା ଦର୍ଶାଇ ବ୍ୟକ୍ତିଙ୍କ ୧୨ ବର୍ଷୀୟା ଝିଅକୁ ନିଲାମ କରାଯାଇଥିଲା। ଝିଅଟିକୁ ୮ ଲକ୍ଷ ଟଙ୍କାରେ ଜଣେ ବ୍ୟକ୍ତି କିଣିଥିଲେ। ଅନ୍ୟ ଏକ ଘଟଣାରେ ଜଣେ ବ୍ୟକ୍ତି ଋଣ ଶୁଝିବା ପାଇଁ ନିଜ ଘର ବିକ୍ରି କରିଦେଇଥିଲେ। ହସ୍ପିଟାଲରେ ନିଜ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ସେ ୬ ଲକ୍ଷ ଟଙ୍କା ଋଣ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ସ୍ତ୍ରୀ ଆଖି ବୁଜି ଦେଇଥିଲେ। ରୋଗିଣା ମା'ଙ୍କ ଚିକିତ୍ସା ପାଇଁ ସେ ଆଉ ୬ ଲକ୍ଷ ଟଙ୍କାର ଋଣ ନେଲେ। ଋଣ ପରିଶୋଧ ପାଇଁ ସେ ନିଜ କୁନି ଝିଅକୁ ବିକ୍ରି କରିଦେଇଥିଲେ। ଝିଅକୁ କିଣିଥିବା କେତେଜଣ ବ୍ୟକ୍ତି ତାଙ୍କୁ ଆଗ୍ରାକୁ ନେଇଯାଇଥିଲେ। ଝିଅଟି ୩ ଥର ବିକ୍ରି ହୋଇଥିବାବେଳେ ୪ ଥର ଗର୍ଭବତୀ ହୋଇଥିବା ପ୍ରକାଶିତ ରିପୋର୍ଟରୁ ଏନ୍‌ଏଚ୍‌ଆର୍‌ସି ଜାଣିବା ପରେ ନିଜ ଆଡୁ ମାମଲା ରୁଜୁ କରିଛନ୍ତି।

## ଟୁଇଟର କିଣିଲେ ମସ୍କ



**ୱାଶିଂଟନ୍, ୨୭।୧୦**



ଟେସ୍‌ଲା ସିଇଓ ଏଲନ ମସ୍କ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଟୁଇଟର କିଣିଥିବା ସ୍ପଷ୍ଟ କରିଛନ୍ତି। ଏ ନେଇ ଗୁରୁବାର ସେ ଏକ ଟୁଇଟ କରିଛନ୍ତି। ଅଧିକ ଅର୍ଥ ପାଇଁ ନୁହେଁ ବରଂ ମାନବୀୟ ସହାୟତା ପାଇଁ ସେ ଏହି ଫାର୍ମ କିଣିଥିବା କହିଛନ୍ତି। ଗତ ମେ'ରେ ମସ୍କ ଟୁଇଟର କିଣିବା ପାଇଁ କରିଥିବା ୪୪ ବିଲିୟନ ଡିଲ୍ ଚୂଡ଼ାନ୍ତ କରିବା ନିମନ୍ତେ ତାଙ୍କ ପାଖରେ ଶୁକ୍ରବାର ପର୍ଯ୍ୟନ୍ତ ସମୟ ଥିଲା। ଏଥିରେ ବହୁସଂଖ୍ୟାରେ ଫେକ୍ ଆକାଉଣ୍ଟ ଥିବା ଅଭିଯୋଗ କରି ଜୁଲାଇରେ ମସ୍କ ଏହି ଚୁକ୍ତିରୁ ଓହରିବା ପାଇଁ ଘୋଷଣା କରିବା ପରେ ଟୁଇଟର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏ ନେଇ ଅଧିକ ଚିନ୍ତା କରିବା ପାଇଁ କୋର୍ଟ ଅକ୍ଟୋବର ୨୭ ପର୍ଯ୍ୟନ୍ତ ସମୟ ଦେଇଥିଲେ। ତେବେ ଏନେଇ ଟୁଇଟର ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଏହା ପୂର୍ବରୁ ମସ୍କ ବୁଧବାର ସାନ୍ ଫ୍ରାନ୍ସିସ୍‌କୋ ସ୍ଥିତ ଟୁଇଟର କାର୍ଯ୍ୟାଳୟରେ ପହଞ୍ଚିବା ବେଳର ଭିଡିଓ ପୋଷ୍ଟ କରିଥିଲେ। ଏହାର କ୍ୟାପଶନ୍‌ରେ ସେ 'ଚିଫ୍ ଟୁଇଟ୍' ଲେଖିଛନ୍ତି। ସେ ହାତରେ ଏକ ୱାଶ୍ ବେସିନ୍ ଧରି କାର୍ଯ୍ୟାଳୟ ଭିତରକୁ ଯାଉଥିବା ଭିଡିଓରେ ଦେଖିବାକୁ ମିଳିଥିଲା। 'ଏଣ୍ଟରିଂ ଟୁଇଟର ହେଡ୍‌କ୍ୱାର୍ଟର୍ସ, ଲେଟ୍ ଦ୍ୟାଟ୍ ସିଙ୍କ୍ ଇନ୍' ବୋଲି ସେ ଟୁଇଟ୍ କରିଥିଲେ।

## ଜବ୍ ଫର୍ ସେକ୍ସ ର୍ୟାକେଟରେ ଆଣ୍ଡାମାନର ପୂର୍ବତନ ମୁଖ୍ୟ ସଚିବ

**ଚେନ୍ନାଇ,୨୭।୧୦ (ଆଇଏଏନ୍‌ଏସ୍)**



ଜିତେନ୍ଦ୍ର ନାରାୟଣ

ବରିଷ୍ଠ ଆଇଏଏସ୍ ଅଫିସର ତଥା ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପୂର୍ବତନ ମୁଖ୍ୟ ଶାସନ ସଚିବ ଜିତେନ୍ଦ୍ର ନାରାୟଣ ନିଯୁକ୍ତି ପାଇଁ ସେକ୍ସ ର୍ୟାକେଟ୍‌ର ମୁଖ୍ୟ ଥିବା ଜଣାପଡ଼ିଛି। ତାଙ୍କର ପୋର୍ଟ ବ୍ଲେୟାର ବାସଭବନକୁ ୨୦ ଜଣ ମହିଳାଙ୍କୁ ନିଆଯାଇଥିବା ଅଭିଯୋଗ ହୋଇଛି। ସେହି ମହିଳାମାନଙ୍କୁ ଯୌନ ଶୋଷଣ କରାଯିବା ପରେ ସରକାରୀ ନିଯୁକ୍ତି ଦିଆଯାଇଥିଲା। ଜଣେ ୨୦ ବର୍ଷୀୟା ଯୁବତୀ ଜିତେନ୍ଦ୍ର ନାରାୟଣ ଏବଂ ଆଣ୍ଡାମାନ ନିକୋବରର ତତ୍କାଳୀନ ଶ୍ରମ କମିଶନର ଆର୍.ଏଲ୍. ଋଷିଙ୍କ ବିରୋଧରେ ଯୌନ ଶୋଷଣ ଓ ଗଣବଳାତ୍କାର ଅଭିଯୋଗ ଆଣିବା ପରେ ଘଟଣା ପଦାକୁ ଆସିଥିଲା। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କୁ ଶ୍ରମ କମିଶନରଙ୍କ ସହ ପରିଚିତ କରାଇବା ପରେ ତତ୍କାଳୀନ ମୁଖ୍ୟସଚିବଙ୍କ ଘରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଜବରଦସ୍ତ ମଦ ପିଆଯାଇଥିଲା ଏବଂ ମୁଖ୍ୟସଚିବ ଓ ଶ୍ରମ କମିଶନର ତାଙ୍କୁ ବଳାତ୍କାର କରିଥିଲେ ବୋଲି ଯୁବତୀ ଜଣକ ଅଭିଯୋଗରେ ଦର୍ଶାଇଥିଲେ। ମୁଖ୍ୟ ସଚିବ ପୋର୍ଟ ବ୍ଲେୟାରରୁ ନୂଆଦିଲ୍ଲୀ ବଦଳି ହେବା ପରେ ତାଙ୍କ ବାସଭବନରେ ଲାଗିଥିବା ସିସିଟିଭି କ୍ୟାମେରାର ହାର୍ଡଡିସ୍କକୁ ଲିଭାଯିବା ସହ ଡିଜିଟାଲ ଭିଡିଓ ରେକର୍ଡରକୁ ହଟାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଯୌନ ଶୋଷଣ ରିପୋର୍ଟ ଆସିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତାଙ୍କୁ ଚାକିରିରୁ ନିଲମ୍ବନ କରିଛି।

## ପ୍ରତି ରାଜ୍ୟରେ ହେବ ଏନ୍ଆଇଏ ଅଫିସ୍

**ନୂଆଦିଲ୍ଲୀ,୨୭।୧୦**

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)କୁ ରାଜ୍ୟ କ୍ଷେତ୍ରବାହାରେ କ୍ଷମତା ଦିଆଯିବା ସହ ୨୦୨୪ ସୁଦ୍ଧା ପ୍ରତି ରାଜ୍ୟରେ ଏହାର ଶାଖା ଖୋଲିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁରୁବାର କହିଛନ୍ତି। ହରିୟାଣାର ସୂରଯକୁଣ୍ଡଠାରେ ୨ଦିନିଆ ଚିନ୍ତନ ଶିବିରର ଉଦ୍‌ଘାଟନ ଅଧିବେଶନରେ ଉଦ୍‌ବୋଧନ ଦେଇ ଶାହା କହିଥିଲେ, ସାଇବର ଅପରାଧ, ନିଶାଦ୍ରବ୍ୟ ଚୋରା କାରବାର, ସୀମାପାର ଆତଙ୍କବାଦ, ଦେଶଦ୍ରୋହ ଓ ଅନ୍ୟାନ୍ୟ ଅପରାଧ ମାମଲା ତଦନ୍ତ ଲାଗି ମିଳିତ ଯୋଜନା ପ୍ରସ୍ତୁତ ହେଉଛି। ସହକାରୀ ସଂଘୀୟବାଦର ଲକ୍ଷ୍ୟ ହାସଲ କରିବା ଦିଗରେ ସହଯୋଗ, ସମନ୍ୱୟ ଓ ସହକାର୍ଯ୍ୟତା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟଗୁଡ଼ିକର ସ୍ୱତନ୍ତ୍ର ଅନୁମତି ବିନା ସାରା ଦେଶରେ ଆତଙ୍କବାଦୀ ମାମଲାରେ ତଦନ୍ତ କରିବା କ୍ଷମତା ଏନ୍ଆଇଏକୁ ମିଳିଛି।

## ଆଜମ ଖାନ୍‌ଙ୍କୁ ୩ ବର୍ଷ ଜେଲ

**ଘୃଣା ମନ୍ତବ୍ୟ ମାମଲା**

**ବରେଲି,୨୭।୧୦**



ଘୃଣିତ ତଥା ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ପାଇଁ ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନ୍‌ଙ୍କୁ ରାମପୁର ଜିଲାର ଏକ ସ୍ୱତନ୍ତ୍ର ଅଦାଲତ ଗୁରୁବାର ଦୋଷୀସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୯ରେ ଆଜମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଘୃଣିତ ମନ୍ତବ୍ୟ ଦେଇଥିଲେ। ଦଣ୍ଡାଦେଶ ପ୍ରଦାନ ପରେ ଅଦାଲତ ୭୪ ବର୍ଷୀୟ ଏସ୍‌ପି ବିଧାୟକଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ରାୟ ବିରୋଧରେ ସପ୍ତାହେ ମଧ୍ୟରେ ଅପିଲ କରିବାକୁ ତାଙ୍କୁ ସମୟ ଦିଆଯାଇଛି। ସେ ରାୟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ତାଙ୍କ ନାମରେ ୧୫୩ଏ (ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା), ୫୦୫-୧(ସର୍ବସାଧାରଣରେ ପରିହାସ କରିବା) ଏବଂ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ୩ଟି ଯାକ ଧାରାରେ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ରାୟ ଅନୁଯାୟୀ ଆଜମଙ୍କ ସଭ୍ୟପଦ ରଦ୍ଦ ହୋଇପାରେ। କାରଣ କୌଣସି ଫୌଜଦାରି ମାମଲାରେ ଦୋଷୀସାବ୍ୟସ୍ତ ହୋଇ ବିଧାୟକ, ବିଧାନ ପରିଷଦ ସଦସ୍ୟ କିମ୍ବା ଏମ୍‌ପି ଯଦି ସର୍ବନିମ୍ନ ୨ ବର୍ଷ ଜେଲ ଯାଆନ୍ତି, ତେବେ ସେ ଗୃହର ସଦସ୍ୟତା ହରାଇବେ ବୋଲି ୨୦୧୩ରେ ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ।

ପୂର୍ବରୁ ଜମି ହଡ଼ପ ମାମଲାରେ ସେ ପାଖାପାଖି ୨ ବର୍ଷ ଜେଲରେ ରହିଥିଲେ। ଗତ ମେ'ରେ ସୁପ୍ରିମକୋର୍ଟରୁ ଅନ୍ତରୀଣ ଜାମିନ ପାଇ ଜେଲରୁ ବାହାରିଥିଲେ। ୨୦୧୭ରେ ଭାଜପା ଉତ୍ତରପ୍ରଦେଶରେ କ୍ଷମତାକୁ ଆସିବା ପରେ ଏସ୍‌ପି ନେତା ଆଜମଙ୍କ ବିରୋଧରେ ଦୁର୍ନୀତି, ଚୋରି, ଜମି ହଡ଼ପ ସମେତ ୮୭ ମାମଲା ଲଗାଇଛନ୍ତି। ଘୃଣା ମନ୍ତବ୍ୟ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସୁପ୍ରିମକୋର୍ଟ ସପ୍ତାହେ ପୂର୍ବରୁ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିପର୍ଯ୍ୟୟ ପଥେ ବିଶ୍ୱ



**ଜାତିସଂଘ,୨୭।୧୦**

ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟକୁ ସାମ୍ନା କରୁଥିବା ପୃଥିବୀ ଏକ ବୃହତ୍ ବିପର୍ଯ୍ୟୟ ଆଡ଼କୁ ମୁହାଁଇଛି ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଗୁରୁବାର ଜାରି କରିଥିବା ଏହାର ବାର୍ଷିକ ଏମିଶନ୍ସ ଗ୍ୟାପ୍ ରିପୋର୍ଟରେ ଉଲ୍ଲେଖ କରିଛି, ବିଶ୍ୱରେ ବଢୁଥିବା ତାପମାତ୍ରା ହ୍ରାସ ପାଇଁ ସରକାରମାନେ ଦେଇଥିବା ପ୍ରତିଶ୍ରୁତି ଠିକ୍ ଭାବେ ପାଳନ କରୁନାହାନ୍ତି। ବର୍ତ୍ତମାନର ସରକାରୀ କ୍ଲାଇମେଟ୍ ପଲିସିଗୁଡ଼ିକ ବିଶ୍ୱରେ ହାରାହାରି ୨.୮ ଡିଗ୍ରୀ ସେଲ୍‌ସିୟସ୍ ବା ୫ ଡିଗ୍ରୀ ଫାରେନ୍‌ହିଟ୍ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ଆଡ଼କୁ ଟାଣିନେଉଛି।

ଇଜିପ୍ଟରେ ନଭେମ୍ବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କୋପ୍ ୨୭ ଜଳବାୟୁ ଆଲୋଚନାରେ ତାପମାତ୍ରାକୁ ୨ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ରଖିବା ଉପରେ ଗୁରୁତ୍ୱାରୋପ କରାଯିବ। ତାପମାତ୍ରାକୁ ସୀମିତ ରଖିବା ପାଇଁ ପୂର୍ବରୁ ରହିଥିବା ସୁଯୋଗକୁ ଆମେ ହାତଛଡ଼ା କରିଦେଇଛେ। ଆମ ଅର୍ଥନୀତି ଓ ସମାଜଗୁଡ଼ିକରେ ଆମୂଳଚୂଳ ପରିବର୍ତ୍ତନ ଜରିଆରେ ହିଁ ପାଣିପାଗଜନିତ କ୍ରମବର୍ଦ୍ଧିଷ୍ଣୁ ବିପର୍ଯ୍ୟୟରୁ ନିଜକୁ ରକ୍ଷା କରିପାରିବା ବୋଲି ୟୁଏନ୍‌ଡିପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଇଙ୍ଗର ଆଣ୍ଡରସନ୍ କହିଛନ୍ତି। ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, କାର୍ବନ ନ୍ୟୁଟ୍ରାଲିଟିକୁ ସମର୍ଥନ ନ ମିଳିଲେ ଏହାର ଲକ୍ଷ୍ୟ ମୂଲ୍ୟହୀନ ହୋଇଯିବ। ବୈଶ୍ୱିକ ଓ ଜାତୀୟ ସ୍ତରରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଲାଗି ଦିଆଯାଉଥିବା ପ୍ରତିଶ୍ରୁତିକୁ ରକ୍ଷା କରାଯାଉନାହିଁ। ଅନ୍ୟ ଭାଷାରେ ଆମେ ଏକ ବୈଶ୍ୱିକ ବିପର୍ଯ୍ୟୟ ଆଡ଼କୁ ଅଗ୍ରସର ହେଉଛେ ବୋଲି ଏକ ଭିଡିଓ ମେସେଜ୍‌ରେ ଗୁଟେରସ୍ କହିଛନ୍ତି।

## ଯମୁନାରେ ବିଷାକ୍ତ ଫେଣ

**ନୂଆଦିଲ୍ଲୀ,୨୭।୧୦**

କାଳିନ୍ଦୀ କୁଞ୍ଜ ନିକଟରେ ଥିବା ଯମୁନା ନଦୀରେ ଗୁରୁବାର ବିଷାକ୍ତ ଫେଣ ଭର୍ତ୍ତି ହୋଇଯାଇଥିଲା। ଯମୁନାକୁ ପ୍ରଦୂଷଣ ମୁକ୍ତ କରିବାରେ ଦିଲ୍ଲୀ ସରକାର ବିଫଳ ହୋଇଥିବା ଛଟ୍‌ପୂଜା ପୂର୍ବରୁ ପରିବେଶବିତ୍‌ମାନେ କହିଛନ୍ତି। ଅକ୍ଟୋବର ୩୦ ଓ ୩୧ରେ ଛଟ୍‌ପୂଜା ପାଳନ ହେବାକୁ ଥିବାବେଳେ ମହିଳାମାନେ ନଦୀ ପାଣିରେ ଥାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥାନ୍ତି। ଯମୁନାର କେତେକ ଘାଟରେ ଛଟ୍‌ପୂଜା ପାଇଁ ଦିଲ୍ଲୀ ଉପରାଜ୍ୟପାଳ ବିନୟୀ କୁମାର ସାକ୍ସେନା ଅନୁମତି ଦେଇଛନ୍ତି। ଭକ୍ତମାନଙ୍କ ପାଇଁ ସ୍ୱଚ୍ଛ ଘାଟ ଓ ଜଳର ବ୍ୟବସ୍ଥା କରିବା ନିମନ୍ତେ ସେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ କହିଛନ୍ତି। ଯମୁନାରେ ବାରମ୍ବାର ଫେଣ ଭାସିବା ଘଟଣାରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ଯମୁନା ପରିଷ୍କାର କରାଯିବା ଉପରେ ଗୁରୁତ୍ୱ ଦିଆ ନ ଯିବା ଏବଂ ସର୍ବନିମ୍ନ କାର୍ଯ୍ୟ ଦାୟୀ ବୋଲି ପରିବେଶବିତ୍ ବିମଳେନ୍ଦୁ ଝା କହିଛନ୍ତି।

**ଦିଲ୍ଲୀ ସରକାରଙ୍କୁ ଦାୟୀ କଲେ ପରିବେଶବିତ୍**



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୪୩,୯୮,୧୯୦ | ୬୫,୮୮,୫୯୧ | ୬୧,୩୪,୧୮,୩୩୩ |
| ଭାରତ | ୪,୪୬,୪୬,୮୮୦ | ୫,୨୮,୯୮୭ | ୪,୪୦,୯୭,୦୭୨ |
| ଓଡ଼ିଶା | ୧୩,୩୬,୦୦୦ | ୯୨୦୩(+୫୩) | ୧୩,୨୬,୪୬୯ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ହିନ୍ଦୋଳରେ ଥମୁନି ହାତୀ ଆତଙ୍କ


ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

- ବିଲରେ ଚାଷୀଙ୍କୁ ଦଳିଦେଲା ଦନ୍ତା
- ସପ୍ତାହକ ମଧରେ ତୃତୀୟ ଘଟଣା
- ତୀବ୍ର ଉତ୍ତେଜନା, ରାସ୍ତାରୋକୋ

ସାତମାଇଲ/ରାସୋଳ, ୨୭।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳରେ ଗଜ-ମଣିଷ ସଂଘର୍ଷ ତୀବ୍ର ରୂପ ନେଇଛି। ସପ୍ତାହକ ମଧରେ ହାତୀ ଆକ୍ରମଣରେ ୩ ଜଣଙ୍କ ଜୀବନ ଗଲାଣି। ଗତ ବୁଧବାର ଦନ୍ତା ଦଳିଦେବାରୁ ପଡ଼ା ଗ୍ରାମର ଟଙ୍କଧର ଭୋଇ (୫୨)ଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁବାର କାରନ୍ଧା ଗ୍ରାମର ମାହୁଲି ପ୍ରଧାନ (୬୮)ଙ୍କ ଜୀବନ ନେଇଛି ହିଂସ୍ର ହାତୀ। ଏଥିପୂର୍ବରୁ କଡଲା ଗ୍ରାମର ସନ୍ତୋଷ ପ୍ରଧାନ (୪୮)ଙ୍କ ମଧ ହାତୀ ଆକ୍ରମଣରେ ଜୀବନ ଯାଇଥିଲା।

ଢେଙ୍କାନାଳ ଜିଲାରେ ୩୦୦ରୁ ଊର୍ଦ୍ଧ୍ୱ ହାତୀ ରହିଥିବାବେଳେ ସବୁଠାରୁ ଅଧିକ ଅଛନ୍ତି ହିନ୍ଦୋଳ ବନାଞ୍ଚଳରେ। କେବଳ ବାବନ୍ଧ ଫରେଷ୍ଟ ବିଟ୍ ଅଧୀନ ବମ୍ପା ନିକଟ କଲରାଖୋଲ ପାହାଡ଼ରେ ୭୧ରୁ ଊର୍ଦ୍ଧ୍ୱ ହାତୀ ଡେରା ପକାଇଥିଲେ। ବନ ବିଭାଗ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ତେବେ ସେଥିରୁ ଗୋଟିଏ ଦନ୍ତା ପଲରୁ ବାହାରି କାରନ୍ଧା ଅଞ୍ଚଳକୁ ପଳାଇଥିଲା। ଗୁରୁବାର ସକାଳ ପ୍ରାୟ ୫ଟାରେ ମାହୁଲି ଘର ନିକଟରେ ଧାନଜମି ନିକଟକୁ ମାଛ ଧରିବାକୁ ଯାଇଥିବାବେଳ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଉକ୍ତ ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ ଫିଙ୍ଗିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଜମି ନିକଟରୁ ତାଙ୍କର ମୃତଦେହ ଠାବ କରାଯାଇଥିବାବେଳେ ନିକଟରେ ଉକ୍ତ ହିଂସ୍ରଦନ୍ତା ଛିଡ଼ା ହୋଇଥିଲା। ସୂଚନା ପାଇ ବାବନ୍ଧ ଫରେଷ୍ଟର ଏବଂ ବନ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ମାହୁଲିଙ୍କ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ବାଲିମୀ ଛକରେ ମୃତଦେହ ରଖି ଗୁଡିଆକାଟେଣି-ହିନ୍ଦୋଳ ରାସ୍ତା ଅବରୋଧ କରିଥିଲେ। ରେଞ୍ଜର ଲୋହିତ କୁମାର ରଥ, ବାଲିମି ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର, ରାସୋଳ ଥାନାଧିକାରୀ ବିଜୟ କୁମାର ହାଇବ୍ରୁ, ହିନ୍ଦୋଳ ତହସିଲଦାର ସୁଶାନ୍ତ ମିଶ୍ର ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ। ତେବେ ଉତ୍ୟକ୍ତ ଅଞ୍ଚଳବାସୀ ହାତୀ ଘଉଡ଼ାଇବାରେ ବନ ବିଭାଗର ବିଫଳତାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନଙ୍କ କହିବା କଥା, ହାତୀ ଉପଦ୍ରବରେ ଜନସାଧାରଣଙ୍କ ଜୀବନ ବିପନ୍ନ ହେଲାଣି। ଏଥିରୁ ସୁରକ୍ଷା ଲାଗି ହାତୀସାଥୀ ନିଯୁକ୍ତି କରିବା, ଧାନ ଫସଲକୁ ସୁରକ୍ଷା ଦେବା, ସୋଲାର ବାଡ଼ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଥିଲେ। ତେବେ ଏତେ ସବୁ ଦାବିକୁ ତୁରନ୍ତ ପୂରଣ କରାଯିବା ନେଇ ଆନ୍ଦୋଳନକାରୀଙ୍କ ଦାବି ଆଗରେ ପ୍ରଶାସନ ଅସହାୟ ହୋଇପଡ଼ିଥିଲା। ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା ଏବଂ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ରାସୋଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ହିନ୍ଦୋଳ ଡାକ୍ତରଖାନାକୁ ପଠାଇ ଦେଇଛି।

ଅଞ୍ଚଳବାସୀଙ୍କ କହିବା କଥା, ଏବେ ଧାନ, ଆଖୁ ଏବଂ ବିଭିନ୍ନ ପରିବା ଉତ୍ପାଦନ ସମୟ ହୋଇଥିବାବେଳେ ହାତୀପଲ ଚାଷଜମି ଛାଡ଼ି ଯାଉନାହାନ୍ତି। ଚାଷୀମାନେ ଫସଲକୁ ସୁରକ୍ଷା ଦେବାକୁ ଜମିକୁ ଯାଉଥିବାବେଳେ ହାତୀ ଆକ୍ରମଣର ଶିକାର ହେଉଛନ୍ତି। ସେହିପରି ହାତୀ ଆତଙ୍କରେ ଜୀବନଯାତ୍ରା ପ୍ରଭାବିତ ହେଉଛି। ବନ ବିଭାଗ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ହାତୀ ଉପଦ୍ରବର ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

# ୩୧ରୁ କମିବ ଶୀତ: ହାଲୁକା ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓ ସମ୍ଭାବ୍ୟ ବାତ୍ୟା ଅପସରି ଯିବା ପରେ ଗତ କିଛିଦିନ ହେବ ହାଲୁକା ଶୀତ ଆରମ୍ଭ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ସେଲ୍‌ସିୟସକୁ ଖସି ଆସିଛି। ଆଉ ୩ ଦିନ ପାରଦ ଆହୁରି ଖସିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତେବେ ଆସନ୍ତା ୩୧ ଓ ନଭେମ୍ବର ୧ତାରିଖରେ ପାରଦ ପୁଣି ଉପରମୁହାଁ ହେବ। ବଙ୍ଗୋପସାଗରରୁ ଜଳୀୟ ବାଷ୍ପ ରାଜ୍ୟକୁ ପ୍ରବେଶ କରିବ। ଫଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ବର୍ଷା କିମ୍ବା କୁହୁଡ଼ି ହେବାର ସମ୍ଭାବନା ରହିଛି। ତେବେ ନଭେମ୍ବର ୪ ତାରିଖରୁ ପୁଣି ପାରଦ ୩ରୁ ୪ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବ। ବିଶେଷକରି ବଣ ପାହାଡ଼ଘେରା ଜିଲାଗୁଡ଼ିକରେ ଅଧିକ ଶୀତ ଅନୁଭୂତ ହେବ। ପାରଦ ୧୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଆସିବ। ଆସନ୍ତା ସପ୍ତାହେ ଯାଏ ପାଗ ଶୁଖିଲା ରହିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୭, ସୋନପୁର ୧୭, ଭବାନୀପାଟଣା ୧୭.୬, ହୀରାକୁଦ ୧୭.୪, କେନ୍ଦୁଝର ୧୭.୮, ଝାରସୁଗୁଡ଼ା ୧୮.୨, ଦେବଗଡ଼ ୧୮ ଓ ନୟାଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ବିନୋଦ କୁମାରଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

## ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲା

କଟକ ଅଫିସ, ୨୭।୧୦

ଓଡ଼ିଶା ରୁରାଲ ହାଉସିଂ ଡେଭ୍‌ଲପମେଣ୍ଟ କର୍ପୋରେଶନ (ଓଆର୍‌ଏଚ୍‌ଡିସି) ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ଗୁରୁବାର ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପ୍ରଦାନ କରିଥିବା ଦଣ୍ଡାଦେଶ ବିରୋଧରେ ବିନୋଦ କୁମାରଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ଆବେଦନର ବିଚାର ପାଇଁ ହାଇକୋର୍ଟ ଗ୍ରହଣ କରିବା ସହ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେହିପରି ନିମ୍ନ ଅଦାଲତ ଦେଇଥିବା ଜରିମାନା ଆଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲାରେ ୨୦୦୫ରେ ଭିଜିଲାନ୍ସ ଏତଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ଭିଜିଲାନ୍ସ ବିଭାଗ ଓଏଚ୍‌ଆର୍‌ଡିସିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, ମେଟ୍ରୋ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ମୋକିମ୍, କମ୍ପାନୀ ସେକ୍ରେଟାରି ସ୍ୱସ୍ତି ରଞ୍ଜନ ମହାପାତ୍ର ଏବଂ ମେଟ୍ରୋ ବିଲ୍‌ଡର୍ସର ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଉକ୍ତ ମାମଲାର ବିଚାର କରି ଉପରୋକ୍ତ ୪ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା ସହ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଥିଲେ।















DSPL - 243

Government of Odisha

ODISHA
NEW OPPORTUNITIES

MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022

# BUSINESS SUMMIT
## with
# ASEAN HEADS OF MISSIONS IN INDIA

**28th October 2022 | Bhubaneswar**

**BRUNEI DARUSSALAM**



**H.E. Dato Alaihuddin Mohd Taha**
High Commissioner

**INDONESIA**



**H.E. Ms. Ina Hagniningtyas Krisnamurthi**
Ambassador

**LAO PDR**



**H.E. Mr. Bounneme Chouanghom**
Ambassador

**MYANMAR**



**H.E. Mr. Moe Kyaw Aung**
Ambassador

**THAILAND**



**H.E. Ms. Pattarat Hongtong**
Ambassador

**MALAYSIA**



**Mr. Amizal Fadzli Rajali**
Chargé d'affaires a.i



**Shri Naveen Patnaik**
Hon'ble Chief Minister, Odisha

COME, JOIN THE JUGGERNAUT

**Industrial Promotion & Investment Corporation of Odisha Limited (IPICOL)**
( A Government of Odisha Undertaking )

IPICOL House, Janpath, Bhubaneswar – 751022, Odisha | info@investodisha.org | 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha Invest Odisha

OIPR-14005/13/0015/2223

ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ



# ରିପବ୍ଲିକାନ୍ ଓ ସମାଜବାଦ



ଜେମ୍ସ ଲିଭିଂଷ୍ଟୋନ୍

ଆଗକୁ ଆମେରିକାର ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ବିଜୟ ଲାଭ କରି ରିପବ୍ଲିକାନ ପାର୍ଟି ଉଭୟ ହାଉସ୍ ଅଫ୍ କଂଗ୍ରେସକୁ ଦଖଲ କରିବାକୁ ଅଗ୍ରସର ହେଉଛି। ତଥାପି ପାର୍ଟିକୁ ତା'ଉଗ୍ର ବାମପନ୍ଥୀ ବିଚାରକୁ ନେଇ ଭୟ ରହିଛି ଓ ଏହାକୁ ଛାଡ଼ିଦେଲେ ପାର୍ଟି ଲାଗି ଆଉ ସବୁ ବିଷୟ ମୂଲ୍ୟହୀନ। ବର୍ତ୍ତମାନ ପାର୍ଟି ସମାଜବାଦ ପ୍ରତିଷ୍ଠା କରିବାରେ ଦୃଢ ନିଶ୍ଚିତ ରହିଥିବା ଲକ୍ଷ୍ୟ କରାଯାଉଛି। ଅପରପକ୍ଷେ ପାର୍ଟିରେ ମୂଳରୁ ରହି ଆସିଥିବା ପୁରୁଣା ଏବଂ ନୂଆ ରଢ଼ିବାଦ ବିଚାର ଏବେ ଖ୍ରୀଷ୍ଟିଆନ ଜାତୀୟତାବାଦକୁ ବଦଳିଯାଇଛି। ଏହି ବିଚାରଧାରାକୁ ଜର୍ଜିଆର କଂଗ୍ରେସ ପ୍ରତିନିଧି ମାର୍ଜୋରି ଟେଲର ଗ୍ରିନି ଉପସ୍ଥାପନ କରିବା ସହ ଲୋକପ୍ରିୟ ଫକ୍ସ ନ୍ୟୁଜର କମେଣ୍ଟେଟର ଟୁକର କାର୍ଲସନ ଏହାକୁ ପ୍ରୋତ୍ସାହିତ କରିଛନ୍ତି। ରିପବ୍ଲିକାନ୍ ପାର୍ଟି ପକ୍ଷରୁ ସମାଜବାଦର ନିରାଧାର ବିଚାର ଉପରେ ନୂଆ କରି ପ୍ରକାଶ ପାଇଥିବା ଅତ୍ୟଧିକ ଆଗ୍ରହ ପ୍ରାୟତଃ ହାସ୍ୟାସ୍ପଦ ଜଣାପଡୁଛି। କିନ୍ତୁ ନୋବେଲ ବିଜେତା ଅଷ୍ଟ୍ରୀୟ ଅର୍ଥନୀତିଜ୍ଞଙ୍କ ଫ୍ରେଡ୍ରିକ ଭନ୍ ହାୟକଙ୍କ ବୌଦ୍ଧିକ ଲିଗାସି ଉପରେ ଆଧାରିତ ସମାଜବାଦୀ ଚିନ୍ତାଧାରାକୁ ରିପବ୍ଲିକାନମାନେ ଭୁଲ୍ ବାଟରେ ଗ୍ରହଣ କରିଛନ୍ତି। ହାୟକ ସମାଜବାଦର ଚିରାଚରିତ ବିପଦ ବିରୋଧରେ ସବୁବେଳେ ନିଜକୁ ଜଡ଼ିତ ରଖୁଥିଲେ ଓ ସବୁ ପ୍ରତିରକ୍ଷାତ୍ମକ ପଦକ୍ଷେପ ଉପରେ ସେ ଚିନ୍ତା କରିଥିଲେ। ସେ ମଧ୍ୟ ଉଭୟ ବାମବାଦ ଓ ଫାସିବାଦକୁ ଏକାଠି କରିବାକୁ ବିଚାର କରିଥିଲେ। ତାଙ୍କ ପଦକ୍ଷେପ ଓ ବିଚାର ସରକାର ଓ ସିଭିଲ ସୋସାଇଟି, ସାର୍ବଜନୀନ ପରିସର ଓ ଘରୋଇ କ୍ଷେତ୍ର ଏବଂ ସରକାର ଓ ମୁକ୍ତ ମାର୍କେଟ ମଧ୍ୟରେ ରହିଥିବା ଆଧୁନିକ ଉଦାରବାଦ ସମ୍ପର୍କିତ ପ୍ରଭେଦ ଦୂର କରିବା ଲାଗି ଉଦ୍ଦିଷ୍ଟ।

ହାୟକଙ୍କ ଜଣାଶୁଣା ଲେଖା ମଧ୍ୟରେ ରହିଛି ୧୯୪୪ ଇସ୍ତାହାର'ରୋଡ ଟୁ ସେର୍ଫଡମ୍ ବା ଦାସତ୍ୱକୁ ପଥ', ଯାହା ବୌଦ୍ଧିକ ରଣଭୂମିରୁ ଅତୀତର କାର୍ଯ୍ୟକଳାପକୁ ଫେରିବାର ଏକ ପ୍ରକାର ପଥକୁ ସୂଚିତ କରିଛି। ଏହି ସ୍ଥିତିରେ ସମାଜର ଏକ ଆନ୍ତଃ ବ୍ୟବସ୍ଥାର ନକ୍ସା ବହୁତ କିଛି କାମ କରିବ କି ନାହିଁ ସେଥିରେ ସନ୍ଦେହ ରହିଥିବା ସେ ପାଠକମାନଙ୍କୁ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆମକୁ ତାଙ୍କ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଉପରେ ଏକମତ ହେବାକୁ ପଡ଼ିବ। ରୁଢ଼ିବାଦୀଙ୍କ ମଧ୍ୟରେ ରହିଥିବା ପୁରୁଣା, ନୂଆ କିମ୍ବା ନୂତନ ଖ୍ରୀଷ୍ଟିଆନ ଜାତୀୟତାବାଦର ଅପରିବର୍ତ୍ତନୀୟ ବିଚାରଧାରା ପରିବର୍ତ୍ତେ ହାୟକ ଦୁଇଟି ସିଦ୍ଧାନ୍ତ ଉପରେ ଜୋର୍ ଦେଇଥିଲେ। ପ୍ରଥମଟି ହେଉଛି, ମାର୍କେଟ ଫୋର୍ସ (ମୂଲ୍ୟ ଚାହିଦା ଏବଂ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ପ୍ରଭାବିତ କରୁଥିବା ଆର୍ଥିକ ବିଷୟଗୁଡ଼ିକ) ହିଁ ବ୍ୟକ୍ତି ସ୍ୱାଧୀନତାର ଉତ୍ସ। କିନ୍ତୁ ସେସବୁ ବିଷୟ ଉପରେ ଲୋକେ ଜାଣିପାରନ୍ତି ନାହିଁ। ସମସ୍ତେ ଯୋଗାଣ ଓ ଚାହିଦାର ନିୟମଗୁଡ଼ିକ ସହ ଜଡ଼ିତ ହେଲେ ହିଁ ସ୍ୱତନ୍ତ୍ରତା ଓ ସମାନତା ସମ୍ଭବ ହୋଇଥାଏ। ଏଥିରୁ ବୁଝାପଡ଼େ ଯେ, ଲୋକେ ଅଜ୍ଞତାରେ ରହୁଥିବାରୁ କେବଳ ପୁଞ୍ଜିବାଦୀ ସମାଜଗୁଡ଼ିକ ସ୍ୱାଧୀନ ହୋଇପାରିଛନ୍ତି। ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ସେହି ସମାଜର ନାଗରିକମାନେ ବାସ୍ତବରେ ଅଧିକ ନ୍ୟାୟସଙ୍ଗତ ସାମାଜିକ ବ୍ୟବସ୍ଥା ସୃଷ୍ଟି କରିବାକୁ ଚେଷ୍ଟିତ ହୋଇପାରନ୍ତି ନାହିଁ। ଏହା କରିବା ଲାଗି ଆର୍ଥିକ ବିଷୟଗୁଡ଼ିକ ଦ୍ୱାରା ସୃଷ୍ଟି ହେଉଥିବା ପରିଣାମ ସବୁକୁ ସଂଶୋଧିତ କରି ବ୍ୟକ୍ତି ସ୍ୱାଧୀନତାର ଆର୍ଥିକ ଧାରାକୁ ଦୃଢ଼ କରିବାକୁ ପଡ଼ିବ। ଦ୍ୱିତୀୟରେ କେନ୍ଦ୍ରୀୟ ଯୋଜନା କିମ୍ବା ଆର୍ଥିକ ନୀତି ବଳରେ ମାର୍କେଟକୁ ନିୟନ୍ତ୍ରଣ କରିବାକୁ ହେବ। ବଜାରକୁ ପ୍ରଭାବିତ କରୁଥିବା ଆର୍ଥିକ ବିଷୟଗୁଡ଼ିକୁ ଦୂର କରି ଯଦି ସରକାର ସିଭିଲ ସୋସାଇଟି ଉପରେ ହସ୍ତକ୍ଷେପ କରନ୍ତି ତେବେ ସାର୍ବଜନୀନ କ୍ଷେତ୍ର ଘରୋଇ ସେକ୍ଟରକୁ ହଟାଇଦେବ। ହାୟକ କହିଛନ୍ତି ଯେ, ନ୍ୟାୟ ପାଇଁ ସରକାର ଯୋଜନା ଉପରେ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ଏହା ସମସ୍ତଙ୍କ ଭବିଷ୍ୟତ କିମ୍ବା ସ୍ଥିତିର ଉତ୍ତରଦାୟିତ୍ୱକୁ ଅସ୍ୱୀକାର କରିପାରିବେ ନାହିଁ। ସିଧାସଳଖ ଆର୍ଥିକ କାର୍ଯ୍ୟକଳାପ ଗ୍ରହଣ କରିଥିବା ଏଭଳି ସରକାର 'କୌଣସି ବ୍ୟକ୍ତି'ଙ୍କ ଲାଗି ସାଧନର ନ୍ୟାୟସଙ୍ଗତ ବଣ୍ଟନ ସମ୍ପର୍କିତ ବିଚାରକୁ ଅନୁଭବ କରିବା ଲାଗି କ୍ଷମତା ଉପଯୋଗ କରିବେ। 'କୌଣସି ବ୍ୟକ୍ତି' ଏଠାରେ ମୁଖ୍ୟ କଥା। ହାୟକ ସ୍ୱୀକାର କରନ୍ତି ଯେ, ନ୍ୟାୟସଙ୍ଗତ ବଣ୍ଟନର ପ୍ରତିଯୋଗିତାମୂଳକ ସିଦ୍ଧାନ୍ତଗୁଡ଼ିକ ବ୍ୟବସ୍ଥାରେ ରହିଛି । ଥରେ ସରକାର ପୁନଃ ଆବଣ୍ଟନର ମୂଳ ଏଜେଣ୍ଟ ହେବା ମାତ୍ରେ ସେଗୁଡ଼ିକୁ ନେଇ ରାଜନୈତିକ କ୍ଷେତ୍ରରେ ପ୍ରତିଯୋଗିତା ହେବା ଦରକାର।



ପୁରୁଣା ହେଉ କି ନୂଆ କିମ୍ବା ଖ୍ରୀଷ୍ଟିଆନ ଜାତୀୟତାବାଦ ଭଳି ରୁଢ଼ିବାଦୀ ମତ ସ୍ୱତନ୍ତ୍ରତା ଏବଂ ପ୍ରାଇଭେଟ ଏଣ୍ଟରପ୍ରାଇଜେସକୁ ସମାନ ବୋଲି ମାନିବାରେ ସବୁବେଳେ ହାୟକଙ୍କୁ ଅନୁସରଣ କରିଆସିଛି। ହେଲେ ଧନୀମାନଙ୍କ ପାଇଁ 'ସମାଜବାଦ' ଶବ୍ଦର ପରିଣାମ ସବୁବେଳେ ଭିନ୍ନ ରହିଆସିଛି। ସେମାନଙ୍କ ପାଇଁ ଏହା ଏକ ବ୍ୟବସ୍ଥା ; ଯାହା ଅବିରତ ଭାବେ ଟିକସ ଛାଡ଼, ଫାର୍ମାସ୍ୟୁଟିକାଲ, ଶକ୍ତି ଏବଂ କୃଷି କମ୍ପାନୀଗୁଡ଼ିକୁ ସିଧାସଳଖ ସବ୍‌ସିଡି ଦେବା, ମୁଦ୍ରାସ୍ଫୀତି ସମୟରେ ଶ୍ରମ ଶକ୍ତିକୁ କ୍ଷତି କରିବା ଭଳି ଆର୍ଥିକ ନୀତିଗୁଡ଼ିକ ଦ୍ୱାରା ଧନିକଙ୍କୁ ହିଁ ସଂସାଧନଗୁଡ଼ିକୁ ପୁନଃ ଆବଣ୍ଟନ କରିଥାଏ। ଏହି ସମୟରେ ରୁଢ଼ିବାଦୀଙ୍କର ପରିବର୍ତ୍ତନ ଲକ୍ଷ୍ୟ କରାଯାଉଥିଲେ ମଧ୍ୟ ହାୟକଙ୍କ ସିଦ୍ଧାନ୍ତ ରୁଢ଼ିବାଦୀଙ୍କ ପ୍ରବୃତ୍ତିରେ ଅନିୟନ୍ତ୍ରିତ ଭାବେ ରହିଛି ଓ ସେମାନେ ଯେତେବେଳେ ଚାହିଁବେ ଏହାକୁ ଫେରାଇ ଆଣିପାରିବେ। ରାଜନୀତି ଓ ସାମାଜିକ ସ୍ତରରେ ଖ୍ରୀଷ୍ଟିଆନ ଜାତୀୟତାବାଦର ରୁଢ଼ିବାଦୀ ଚିନ୍ତାଧାରା ଯାହା ଆମେରିକା ସଂସ୍କୃତିର କୋଣ ଅନୁକୋଣରେ ଦେଖେ ତାହା ଏକ ଭାବନାତ୍ମକ ପରିଣାମ ଭଳି ମନେହେଉଛି। ୨୦୧୧ରେ ସାମାଜିକ ଏବଂ ଆର୍ଥିକ ଅସମାନକୁ ନେଇ ୱାଲ୍ ଷ୍ଟ୍ରିଟ୍ ଦଖଲ ଅସମାନତା ବୃଦ୍ଧି ସମ୍ପର୍କିତ ନୂଆ ବିଚାରକୁ ପ୍ରତିପାଦିତ କରିବା, ୨୦୦୮ରେ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଧ୍ୱଂସ କରିଥିବା ଫାଇନାନ୍ସିୟରମାନଙ୍କ କବଳରୁ ରକ୍ଷା କରିବା ସହ ବ୍ଲାକ୍ ଲାଇଭ୍ ମ୍ୟାଟର, ମି ଟୁ ଓ ରାଷ୍ଟ୍ରପତି ପାର୍ଥୀ ଭାବେ ପ୍ରଖ୍ୟାତ ସମାଜବାଦୀ ଭର୍ମୋଣ୍ଟ ସିନେଟର ବର୍ନି ସ୍ୟାଣ୍ଡର୍ସ ଉଭାହେବା ପରେ ବି ପୂର୍ଣ୍ଣ ସମାଜବାଦ ଆସିପାରିନାହିଁ। ୨୦୨୦ ସୁଦ୍ଧା ଅଧିକାଂଶ ଡେମୋକ୍ରାଟିକ ଏବଂ ସ୍ୱାଧୀନ ମତଦାତା ଏବଂ ଭିନ୍ନ ମତବାଦୀ ରିପବ୍ଲିକାନମାନେ ସିଙ୍ଗଲ କେୟାର ହେଲ୍ଥ କେୟାର, ଜଳବାୟୁ ପରିବର୍ତ୍ତନ ମୁକାବିଲା ଲାଗି ନିଆଯାଉଥିବା ଦୃଢ଼ ପଦକ୍ଷେପ, ଭିତ୍ତିଭୂମି ଓ ଚାକିରି ପାଇଁ ଅଧିକ ସରକାରୀ ବ୍ୟୟ ଲାଗି ଟ୍ୟାକ୍ସ ଦେଉଥିଲେ। ଏପରି କି ସ୍ୟାଣ୍ଡର୍ସଙ୍କ ଦ୍ୱିତୀୟ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା ସମୟରେ ସମାଜବାଦ ଯୁବ ଆମେରିକୀୟ ଯୁବବର୍ଗଙ୍କ ବେଶି ଲୋକପ୍ରିୟ ହୋଇପାରିଥିଲା।

କୋଭିଡ୍-୧୯ ମହାମାରୀରେ ସରକାର ୩ ଟ୍ରିଲିୟନ ଡଲାର ବ୍ୟୟ କଲେ; ଯାହାଦ୍ୱାରା ମାନ୍ଦା ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ପରିବାର ତଥା ଫାର୍ମଗୁଡ଼ିକୁ ପ୍ରଚୁର ଅର୍ଥ ଯୋଗାଇଦେଲେ। ଏବେ ଇନ୍‌ଫ୍ଲେସନ ରିଡକ୍ସନ ଆକ୍ଟ ସହ ସାର୍ବଜନୀନ ନିବେଶରେ ୭୦୦ ବିଲିୟନ ଡଲାରରୁ ଅଧିକ ହ୍ରାସ ସରକାରଙ୍କ ପାଇଁ ବଡ଼ ଝଟ୍‌କା ଆଣିଛି। ହେଲେ ଅର୍ଥନୀତିଜ୍ଞମାନେ ସମସ୍ତଙ୍କୁ ଉଦ୍ଧାର କରିବାର ଏକ 'ନୂଆ ଯୁଗ' ଚାଲିଛି ବୋଲି କହୁଛନ୍ତି। ସମ୍ଭବତଃ ଏହା 'ସମସ୍ତଙ୍କ ପାଇଁ ସମାଜବାଦ' ଉପରେ ଏକ ଡାଉନ୍ ପେମେଣ୍ଟ ବୋଲି ମୁଁ କହିବି। ରିପବ୍ଲିକାନ୍‌ଙ୍କର ଟିକସ ଛାଡ଼, ବିନିୟନ୍ତ୍ରଣ ଏବଂ ନୂଆ ଖ୍ରୀଷ୍ଟିଆନ ଜାତୀୟତାବାଦୀ ବିଚାରଧାରା ସହ ଏକଛତ୍ରବାଦୀ ଶାସନଠାରୁ ଶ୍ରମ ଚାହିଦା ନିଶ୍ଚିତ ଭାବେ ଆଶାଜନକ। ନ୍ୟାୟସଙ୍ଗତ ଆବଣ୍ଟନର ସିଦ୍ଧାନ୍ତ ଅଧିକ ସମତାବାଦୀ, ବାସ୍ତବବାଦୀ। ଏହା ଅସମାନତା, ଜଳବାୟୁ ପରିବର୍ତ୍ତନ, ପ୍ରବାସନ ପାଇଁ ଏକ ସମାଜିକ- ଗଣତାନ୍ତ୍ରିକ ଉପଚାର। ରିପବ୍ଲିକାନଙ୍କର ଖ୍ରୀଷ୍ଟିଆନ ଜାତୀୟତାବାଦୀ ବିଚାର ବେଶିଦିନ ରହି ନ ପାରେ। ସେମାନେ ସବୁଆଡେ ସମାଜବାଦର ଭୂତକୁ ଦେଖିବାକୁ ଉନ୍ମାଦି ନୁହନ୍ତି। ନଭେମ୍ବର ୮ ରେ ଯାହା ପରିଣାମ ଆସୁନା କାହିଁକି, ମନେହେଉଛି ସମାଜବାଦର ସମୟ ଆସିଯାଇଛି।

**ପ୍ରାଧ୍ୟାପକ(ଇତିହାସ), ରୁଟ୍‌ଗର୍ସ ବିଶ୍ୱବିଦ୍ୟାଳୟ, ଆମେରିକା**

# ମନୋବଳ



ଜଚ୍ଚିଦାନନ୍ଦ ଦାଶ

ମନୋବଳ କହିଲେ ମନର ମାନସିକ ଶକ୍ତିକୁ ବୁଝାଯାଏ। ଅର୍ଥାତ୍ କେତେ ପରିମାଣରେ ମନର ଶକ୍ତି ଅଛି ବିଭିନ୍ନ ଅପ୍ରତ୍ୟାଶିତ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ। କିଛି କିଛି ଲୋକଙ୍କର ଶାରୀରିକ ଶକ୍ତି କମି ଥାଇପାରେ। ମାତ୍ର ମାନସିକ ଶକ୍ତିରେ ସେମାନେ ବହୁତ ଆଗରେ ଥାନ୍ତି। ସେହିପରି କିଛି ଲୋକଙ୍କର ଶାରୀରିକ ଶକ୍ତି ଥାଇପାରେ ମାତ୍ର ମାନସିକ ଶକ୍ତିରେ ଦୁର୍ବଳ ଅନୁଭବ କରନ୍ତି। ମଣିଷ ମନ ସବଳ ଥିଲେ, ସେ ଶରୀରର ଦୁର୍ବଳତାକୁ ଏଡାଇଦେଇ ସମସ୍ତ କର୍ମ କରିଚାଲେ। ମାତ୍ର ଶରୀର ସବଳ ଥାଇ ଦୁର୍ବଳ ମନ ଲୋକ ସେହିପରି କର୍ମଠ ହୋଇପାରେନା।

ଖାଲି ମନୋବଳର କୌଣସି ମଲ୍ୟ ନଥାଏ ଯଦି ଏହା ଠିକ୍ ଭାବରେ ବିବେକ ଦ୍ୱାରା ବଶୀଭୂତ ହୋଇନାହିଁ, କାରଣ ବିବେକ ମନର ଲଗାମ ସଦୃଶ। ମନର ବିବେକ କୁଭାବନାକୁ ନିୟନ୍ତ୍ରଣରେ ରଖେ। ବିବେକ ହଜିଗଲେ ମନ ବେନିୟନ୍ତ୍ରିତ ହୋଇ ଖରାପ କର୍ମ କରି ଚାଲେ। ବିବେକର ଲଗାମ ଛିଡ଼ିଗଲେ ମଣିଷ ମନ ଯାହା ନାହିଁ ତାହା କରିବସେ। ମନୋବଳ ଦ୍ୱାରା ମଣିଷ କଷ୍ଟ ସହିଷ୍ଣୁ ହୋଇଥାଏ। କଷ୍ଟ ସହିଷ୍ଣୁ ହେବା ଦ୍ୱାରା ମନ ଦମ୍ଭ ହୋଇଥାଏ। ମନ ଦମ୍ଭ ହେବାଦ୍ୱାରା ମଣିଷ ବିବେକର ବିବେଚନାରେ ନିଜକୁ ନିୟୋଜିତ କରିଥାଏ।

ସାଧାରଣତଃ ମନୋବଳ ଦୁଇ ପ୍ରକାରର ପ୍ରଥମ ହେଲା ସକାରାତ୍ମକ ବନୋବଳ ଏବଂ ଦ୍ୱିତୀୟଟି ହେଲା ନକରାତ୍ମକ ମନୋବଳ। ସକାରାତ୍ମକ ମନବଳ ସୁ ବିବେକ ଦ୍ୱାରା ପରିଚାଳିତ ହୋଇଥାଏ। ଫଳରେ ମନ ସୁକର୍ମରେ ନିୟୋଜିତ ହୋଇଥାଏ। ସକାରାତ୍ମକ ମନବଳ ସମ୍ପନ୍ନ ବ୍ୟକ୍ତି ଉର୍ଦ୍ଧ୍ୱଭାବନାକୁ ନିୟନ୍ତ୍ରଣରେ ରଖିଥାନ୍ତି ଓ ସୁଚିନ୍ତା ଓ ଭାବନାର ବ୍ରତୀ ହୋଇଥାନ୍ତି। ଏହାଛଡ଼ା ଏମାନେ ପରୋପକାରୀ, ସଚ୍ଚୋଟ, ସୃଜନଶୀଳ ଓ କର୍ମଠ ହୋଇଥାନ୍ତି। ମାତ୍ର ନକରାତ୍ମକ ମନବଳକୁ ବିବେକ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ମନ କୁକର୍ମରେ ନିବେଶ କରିଥାଏ। ନକାରାତ୍ମକ ମନୋବଳ ସମ୍ପନ୍ନ ବ୍ୟକ୍ତି ନିଜର ଚିନ୍ତନ ତଥା ରାଗ, ଅହଂକାର, ଘୃଣା ପ୍ରଭୃତିକୁ ନିୟନ୍ତ୍ରଣରେ ରଖିପାରେ ନାହିଁ। ନକରାତ୍ମକ ମନୋବଳ ବ୍ୟକ୍ତି ମନର କଷ୍ଟକୁ ସହି ପାରେ ନାହିଁ ଯାହାଫଳରେ ସେମାନେ ଆକ୍ରମଣାତ୍ମକ ହୋଇଥାନ୍ତି। ଆଉ କିଛି ବ୍ୟକ୍ତି ଉଭୟ ନକରାତ୍ମକ ଏବଂ ସକାରାତ୍ମକ ମନୋବଳ ସମ୍ପନ୍ନ ହୋଇଥାନ୍ତି। ମନରେ ଯେଉଁ ମନୋବଳ ବେଶୀ ଭାବରେ ପ୍ରଭାବିତ ହୋଇଥାଏ ସେଇ ଅନୁସାରେ ମନ କର୍ମ ଦ୍ୱାରା ପ୍ରଭାବିତ ହୋଇଥାଏ।

ଗୋଟିଏ ଦେଶରେ ଜଣେ ଦୟାଳୁ ରାଜା ଥିଲେ ରାଜା ପ୍ରଜାମାନଙ୍କୁ ଖୁବ୍ ଭଲ ପାଉଥିଲେ ଦେଖୁ ଦେଖୁ ପାଖ ଦେଶର ରାଜା ଦୟାଳୁ ରାଜାଙ୍କର ଦେଶକୁ ଆକ୍ରମଣ କରିବାକୁ ଯୁଦ୍ଧ ଘୋଷଣା କଲେ। ରାଜାଙ୍କର ସୈନ୍ୟସାମନ୍ତ ବଳ ଖୁବ୍ କମ୍ ଥିଲା। ମାତ୍ର ପଡୋଶୀ ଦେଶର ରାଜାଙ୍କର ସୈନ୍ୟବଳ ଅଧିକ ଥିଲା। ଦୟାଳୁ ରାଜା ହାରିଯିବାର ଚିନ୍ତାରେ ଘାରି ହେଲେ। ବିବ୍ରତ ହୋଇ କଣ କରିବେ ଚିନ୍ତା କରି ପାରିଲେ ନାହିଁ। କିଛି ଦିନ ବିତିଗଲା ପରେ ରାଜା ରାଜ୍ୟର ଏକ ନିକଟସ୍ଥ ପାହାଡ଼ରେ ବାସ କରୁଥିବା ଜଣେ ସନ୍ନ୍ୟାସୀଠାରୁ ଉପଦେଶ ନେବାକୁ ମନସ୍ଥ କଲେ। ପରଦିନ ସକାଳୁ ରାଜା ସନ୍ନ୍ୟାସୀ ରହିଥିବା ଗୁମ୍ଫାକୁ ଗଲେ। ଗୁମ୍ଫାରେ ପହଞ୍ଚି ସନ୍ନ୍ୟାସୀକୁ ସାଷ୍ଟାଙ୍ଗେ ପ୍ରଣାମ କଲେ। ରାଜା ତାଙ୍କର ସମସ୍ତ ଚିନ୍ତାର ବ୍ୟଥା ସନ୍ନ୍ୟାସୀଙ୍କ ଆଗରେ ବଖାଣିଲେ। କହିଲେ, ହେ ସନ୍ଥ ! ମୋର ଦେଶକୁ ପଡୋଶୀ ଦେଶର ରାଜା ଆକ୍ରମଣ କରିବ ବୋଲି ପ୍ରସ୍ତୁତ ହେଲାଣି। ମୁଁ ମୋର ଏ ସ୍ୱଳ୍ପ ସୈନ୍ୟ ବଳରେ ଯୁଦ୍ଧରେ ଜୟ କରିପାରିବିକି ନାହିଁ, ମୋତେ ଉପାୟ ବତାଅ'। ସନ୍ଥ ରାଜାଙ୍କ ଠାରୁ ଏ ପ୍ରକାର ହତସୋହ କଥା ଶୁଣି ରାଜାକୁ ସ୍ୱାନ୍ତନା ଦେଇ ଆସନ ଗ୍ରହଣ କରିବା ପାଇଁ କହିଲେ। ତାପରେ ସନ୍ଥ ସନ୍ନ୍ୟାସୀ ଗୋଟିଏ ମୁଦ୍ରା ବାହାର କଲେ ଏବଂ ରାଜାଙ୍କୁ କହିଲେ ହେ ରାଜନ ! ଏ ମୁଦ୍ରାର ଗୋଟିଏ ପାର୍ଶ୍ୱରେ ଫଳକ ଅଛି ଏବଂ ଅନ୍ୟପଟରେ ଠାକୁରଙ୍କ ମୂର୍ତ୍ତି ଅଛି। ମୁଁ ବର୍ତ୍ତମାନ ମୁଦ୍ରାଟିକୁ ଉପରକୁ ଫିଙ୍ଗିବି, ମୁଦ୍ରାଟି ତଳେ ପଡ଼ି ଯଦି ଫଳକ ପାର୍ଶ୍ୱ ଦେଖାଯିବ, ତା ହେଲେ ଆପଣ ନିଶ୍ଚୟ ଯୁଦ୍ଧରେ ଜିତିବେ। ଏହା କହି ସନ୍ଥ ମୁଦ୍ରା ଉପରକୁ ଫିଙ୍ଗିଲେ। ତଳେ ପଡ଼ିଲା ବେଳକୁ ମୁଦ୍ରାର ଫଳକ ପାର୍ଶ୍ୱ ଦେଖାଗଲା। ସନ୍ଥ ରାଜାଙ୍କୁ ନିଶ୍ଚୟ ଯୁଦ୍ଧରେ ବିଜୟ ଲାଭ କରିବ ବୋଲି ଆଶ୍ୱାସନା ଦେଲେ। ସେଠାରୁ ରାଜା ଆସି ଯୁଦ୍ଧରେ ମଜିଗଲେ ଏବଂ ଶେଷରେ ଜୟଲାଭ କଲେ। ରାଜାଙ୍କର ଆନନ୍ଦର ସୀମା ରହିଲା ନାହିଁ। ଏଥର ରଜା ନିଜେ ଯାଇ ସନ୍ଥଙ୍କୁ ଦେଖାକରି ବିଜୟର ଶୁଭ ଖବର ଦେଲେ। ସନ୍ଥ କହିଲେ ହେ ରାଜାନ ମୁଁ ଯେଉଁ ମୁଦ୍ରାଟି ପକାଇଥିଲି, ତାହାର ଦୁଇପାର୍ଶ୍ୱରେ ଫଳକ ଥିଲା। କୌଣସି ଦେବାଦେବୀଙ୍କର ମୂର୍ତ୍ତି ନ ଥିଲା। ମୁଁ ଆପଣଙ୍କର ମନୋବଳ ବଢ଼ାଇବା ପାଇଁ ଏ ସବୁ କରିଥିଲି। ତାହାହିଁ ଫଳପ୍ରଦ ହେଲା।

ମୋ: ୯୯୩୮୧୮୧୩୦୨

## ଏଇ ଭାରତରେ

ମହାରାଷ୍ଟ୍ର ପିପଲ ଗାଁର ହରିଶ ଶାହା ଏବେ ୨୦୦୦ ପକ୍ଷୀ ଏକାବେଳକେ ଖାଇବା ଭଳି ସବୁଠୁ ବଡ଼ ବାର୍ଡ ଫିଡର ନିର୍ମାଣ କରିଛନ୍ତି। ସେ ପ୍ରଥମେ ଜଣେ ଗହଣା ଦୋକାନୀଙ୍କ ପ୍ରେରଣାରେ ପକ୍ଷୀମାନଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ହରିଶ ଏକ ଗହଣା ଦୋକାନରେ ଚାକିରି କରିଥିଲେ। ଦୋକାନ ମାଲିକ ପ୍ରତିଦିନ ଗୋଶାଳାରେ ଗୋରୁଙ୍କୁ ଖାଇବାକୁ ଦେବା ଲାଗି ୩୦ ହଜାର ଟଙ୍କା ଖର୍ଚ୍ଚ କରୁଥିଲେ। ହରିଶ ୨୦୧୪ରେ ଧାତୁ ନିର୍ମିତ ବାର୍ଡ ଫିଡର ତିଆରି କରି ପକ୍ଷୀଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ପ୍ରଥମେ ୧କେ.ଜି. ଦାନା ରହିବା ଭଳି ଏବଂ ୪ରୁ ୫ଟି ପକ୍ଷୀ ବସି ଆରାମରେ ଖାଇପାରୁଥିବା ପ୍ରାୟ ୧୦୦ ଫିଡର ତାଙ୍କ ଗାଁର ବିଭିନ୍ନ ସ୍ଥାନରେ ରଖିଥିଲେ। ପରେ ପକ୍ଷୀ ସଂଖ୍ୟା ବଢ଼ିବା ଦ୍ୱାରା ୨୦୦୦ ପକ୍ଷୀ ଖାଇବା ଭଳି ୭୦୦ କେ.ଜି. ଓଜନର ସବୁଠୁ ବଡ଼ ବାର୍ଡ ଫିଡର ନିର୍ମାଣ କରଛନ୍ତି। ଏହା ଗୀନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଏହାକୁ ନିର୍ମାଣ କରିବା ଲାଗି ହରିଶ ୩ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ କରିଛନ୍ତି। ଏହି ବାର୍ଡ ଫିଡର୍‌ର ଦାନା ଖର୍ଚ୍ଚ ହରିଶ ବହନ କରୁଛନ୍ତି। ସପ୍ତାହରେ ସେ ୨୫୦ରୁ ୩୦୦ କିଲୋ ଦାନା କିଣୁଛନ୍ତି। ପ୍ରତିଦିନ ଉକ୍ତ ଫିଡରକୁ ଦାନା ଖାଇବାକୁ ୨୦୦ରୁ ୨୫୦ ପକ୍ଷୀ ବିଭିନ୍ନ ସ୍ଥାନରୁ ଆସୁଛନ୍ତି। କେବଳ ଏତିକି ନୁହେଁ ହରିଶ ଛୋଟ ଛୋଟ ଫିଡର ନିର୍ମାଣ କରି ଶସ୍ତାରେ ଲୋକମାନଙ୍କୁ ବିକ୍ରି କରିବା ସହ ପକ୍ଷୀଙ୍କୁ ଖାଇବାକୁ ଦେବା ଲାଗି ସେମାନଙ୍କୁ ଉତ୍ସାହିତ କରୁଛନ୍ତି। ତାଙ୍କ ଗାଁ ଓ ଆଖପାଖରେ ଲାଗିଥିବା ଫିଡରରେ ପକ୍ଷୀମାନେ ଖାଇବା ଫଳରେ ସେମାନେ ଆଉ ଫସଲ ନଷ୍ଟ କରୁନାହାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅକ୍ଟୋବର ୧୯୯୭

- ଆଫଗାନିସ୍ତାନର ତାଲିବାନ ସରକାର ଦେଶର ନାମ ଇସ୍‌ଲାମୀୟ ରାଷ୍ଟ୍ରରୁ ବଦଳାଇ ଇସ୍‌ଲାମୀୟ ଏମିରେଟ୍ କରିଛନ୍ତି।
- ଗୁଜରାଟରେ ନୂଆ ରାଷ୍ଟ୍ରୀୟ ଜନତା ପାର୍ଟି (ଆରଜେପି) ସରକାର ଗଠନ ସକାଶେ ପଥ ପରିଷ୍କାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପଦରୁ ଶଙ୍କର ସିଂ ବାଘେଲାଙ୍କ ଇସ୍ତଫା।
- ମାରୁତି ଉଦ୍ୟୋଗ ବୋର୍ଡର ନିର୍ଦ୍ଦେଶକ ପଦ ପାଇଁ ସୁଜୁକୀ ମୋଟର୍ସ କିଜି ସାଇତୋଙ୍କୁ ମନୋନୀତ କରିଛି।

## su|do|ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 3 |
| | 6 | | 3 | 1 | 2 | 9 | | |
| | 1 | | | | 6 | 4 | | |
| 5 | | | | | | | | |
| | | 4 | | 8 | 7 | | | |
| | 7 | | 9 | | | | | |
| | 3 | | | | | | 6 | |
| | | 8 | | 9 | | | | |
| | | | 5 | | 4 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 7 | 9 | 6 | 4 | 3 | 1 | 2 |
| 4 | 2 | 9 | 3 | 1 | 7 | 8 | 6 | 5 |
| 3 | 1 | 6 | 5 | 8 | 2 | 9 | 7 | 4 |
| 5 | 8 | 1 | 2 | 7 | 9 | 4 | 3 | 6 |
| 7 | 4 | 2 | 8 | 3 | 6 | 1 | 5 | 9 |
| 6 | 9 | 3 | 4 | 5 | 1 | 2 | 8 | 7 |
| 2 | 3 | 8 | 6 | 9 | 5 | 7 | 4 | 1 |
| 1 | 6 | 4 | 7 | 2 | 8 | 5 | 9 | 3 |
| 9 | 7 | 5 | 1 | 4 | 3 | 6 | 2 | 8 |

ଗତକାଲିର ଉତ୍ତର

# କିଛି କଥା କିଛି ବ୍ୟଥା



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ରାଜନେତାଙ୍କଠାରୁ ଆରମ୍ଭ କରି ତଥାକଥିତ ସମାଜସେବୀ ଗଳାଫଟେଇ ଚିତ୍କାର କରନ୍ତି ଯେ, ପ୍ରକୃତି ତା'ର ସବୁକିଛି ସମ୍ପଦ ଆମ ରାଜ୍ୟରେ ଭରିଦେଇଛି। ରାଜ୍ୟର ଶାଳ ସୁଗନ୍ଧ ବିସ୍ତୀର୍ଣ୍ଣ ବନାନୀ, ଲୁହା, ମାଙ୍ଗାନିଜ୍, କ୍ରୋମାଇଟ୍ ଆଦି ଖଣିଜ ସମ୍ପଦରେ ଭରପୂର ଓଡ଼ିଶା, ୪୮୦ କି.ମି. ସୁଦୀର୍ଘ ବେଳାଭୂମି ଇତ୍ୟାଦି ହେଉଛି ପ୍ରକୃତିର ଆମ ରାଜ୍ୟକୁ ଅବଦାନ। କିନ୍ତୁ ଏତେ ସବୁ ବିଭବ ପରେ ମଧ୍ୟ ଓଡ଼ିଶା ଯେଉଁ ଗରିବକୁ ସେଇ ଗରିବ। ସରକାର ବଦଳିଛି; ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇ ନେତାମାନେ କ୍ଷମତାକୁ ଆସିଛନ୍ତି। କିନ୍ତୁ ଓଡ଼ିଶାର ଭାଗ୍ୟ ବଦଳାଇବାକୁ କେହି ସମର୍ଥ ହୋଇନାହାନ୍ତି ବୋଲି ମନେହୁଏ। ଇତିମଧ୍ୟରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବାର ୮୬ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। କଥାକଥାକେ ଭାଷାଭିତ୍ତିରେ ଜନ୍ମଲାଭ କରିଥିବା ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ବୋଲି ଆମେ ବିଭିନ୍ନ ସଭାସମିତିରେ କହି ଆତ୍ମସନ୍ତୋଷ ଲାଭ କରୁଛୁ। କିନ୍ତୁ ବିଚାର କଲେ ଜଣାଯିବ ଯେ, ଆମ ପରେ ସୃଷ୍ଟି ହୋଇଥିବା ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ହରିୟାଣା ଆଦି ରାଜ୍ୟର ବିକାଶଧାରା ଆମ ରାଜ୍ୟଠାରୁ ଢେର ଅଧିକ। ଆନ୍ଧ୍ରପ୍ରଦେଶରୁ ଅଣ୍ଡା, ମାଛ ଓ ପଶ୍ଚିମବଙ୍ଗରୁ ବିଭିନ୍ନ ପନିପରିବା ଏପରି କି ଫୁଲ ନ ଆସିଲେ ଆମ ଅବସ୍ଥା ଅସମ୍ଭାଳ। କଥାଟି ଏତିକିରେ ସରିନାହିଁ, ଖଣି ଖାଦାନଭରା କେନ୍ଦୁଝର ଜିଲା ତେଲକୋଇ ହେଉ କିମ୍ବା କୋରାପୁଟ ଜିଲାର ଦଶମନ୍ତପୁର ହେଉ ଅଥବା କଳାହାଣ୍ଡି ଜିଲାର ଥୁଆମୂଳରାମପୁର କିମ୍ବା ଗଜପତି ଜିଲାର ମୋହନ ସବୁଠି ଜୀବନଯନ୍ତ୍ରଣାର ଚିହ୍ନ ସ୍ପଷ୍ଟ ବାରିହୁଏ। ଏଠି ବିକାଶର ଧାରା ପହଞ୍ଚିପାରିନି ବୋଲି ମନେହୁଏ। ଗୋଟିଏ ପଟେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆମେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଛୁ। ଏଥିପାଇଁ କୋଟିକୋଟି ଟଙ୍କା ବିଜ୍ଞାପନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ହେଉଛି। କିନ୍ତୁ ଉପରଲିଖିତ ଜିଲାରେ ସମାଜର ବିକଳ ଚିତ୍ର ଦେଖିବାକୁ ମିଳୁଛି। ଗର୍ଭବତୀ ମହିଳା ହୁଅନ୍ତୁ କିମ୍ବା ଗୁରୁତର ରୋଗୀ ସମସ୍ତେ କାନ୍ଧରେ କିମ୍ବା ଖଟିଆ ଅଥବା ଷ୍ଟ୍ରେଚରରେ ବୁହା ହୋଇ ଡାକ୍ତରଖାନା ଯାଉଛନ୍ତି।

ଅବଶ୍ୟ ଆମେ ଏ କଥା ସ୍ୱୀକାର କରୁଛୁ ଯେ, ଚିକିତ୍ସା ବିଜ୍ଞାନର ଉନ୍ନତି ଯୋଗୁଁ ମାତୃଶିଶୁହାର ଓ ଶିଶୁମୃତ୍ୟୁହାର ବହୁପରିମାଣରେ କମିଛି। ସରକାରୀ ଡାକ୍ତରଖାନା ଥିବା ଅଞ୍ଚଳରେ ରୋଗୀ ବା ତାଙ୍କ ପରିବାର ଲୋକେ ଯଥେଷ୍ଟ ସଚେତନ ହେଲେଣି। ସେମାନେ ଗମନାଗମନର ସୁବିଧା ଯୋଗୁ ଅନ୍ଧବିଶ୍ୱାସକୁ ପରିହାର କରି ଡାକ୍ତରଖାନାକୁ ରୋଗୀ ବା ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ପାଇଁ ନେଉଛନ୍ତି। ଏହାଦ୍ୱାରା ଅବସ୍ଥାରେ ଯଥେଷ୍ଟ ଉନ୍ନତି ଆସିଛି। କିନ୍ତୁ ଏବେ ମଧ୍ୟ ସବୁଦିନିଆ ରାସ୍ତା ନ ଥିବାରୁ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଥିବା ଜନନୀ ଯନ୍ତ୍ରଣାର ଦୃଶ୍ୟ ଦେଖିବାକୁ ପାଉଛୁ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ରାଜ୍ୟର ୫୫୨୫ ଗାଁକୁ ପକ୍କା ରାସ୍ତା ନାହିଁ। ବିଧାନସଭା ଅଧିବେଶନରେ ମନ୍ତ୍ରୀ କହୁଥିବା ତଥ୍ୟ ଆଧାରରେ ଆମେ ଏକଥା କହିବାକୁ ସାହସ କରୁଛୁ। ବର୍ଷା ଚାରିମାସ ଏସବୁ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ଯନ୍ତ୍ରଣା କହିଲେ ନ ସରେ ! କଚ୍ଚା ରାସ୍ତା ସବୁ କର୍ଦ୍ଦମାକ୍ତ ହୋଇଯିବାରୁ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇପାରୁନାହିଁ। କିଛି ଗାଁକୁ



ନଦୀ ନାଳ ହେତୁ ବର୍ଷାଦିନେ ଗମନାଗମନରେ ଅସୁବିଧା ହୁଏ। ଏହିପରି ପ୍ରାୟ ୪ ମାସ ୧୦ ହଜାରରୁ ଅଧିକ ଜନବସତିଥିବା ଏସବୁ ଅଞ୍ଚଳ ସତେ ଯେପରି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡୁଛି!

କନ୍ଧମାଳ ହେଉଛି ରାଜ୍ୟର ଅନ୍ୟତମ ଆଦିବାସୀ ବହୁଳ ଜିଲା । ଏହି ଜିଲାର ୧୨ଟି ବ୍ଲକ୍‌ର ୩୩୪ଟି ଗାଁ ଏପର୍ଯ୍ୟନ୍ତ ଅପହଞ୍ଚ। ବର୍ଷାଦିନେ ୩୩୪ଟି ଗାଁକୁ ରାସ୍ତାନାହିଁ ବୋଲି ଆମ୍ବୁଲାନ୍ସ ଯାଇ ପାରୁନି। ସେହିପରି ନବରଙ୍ଗପୁର ଜିଲା, ରାଗଗଡ଼ା, କଳାହାଣ୍ଡି, କେନ୍ଦୁଝର, ମାଲକାନଗିରି, ଗଜପତି, ଗଞ୍ଜାମ ଜିଲାରେ ଯଥାକ୍ରମେ ୨୫୨, ୮୪୦, ୫୧୨, ୧୪୧, ୧୫୦, ୧୬୦, ୯୩ ଏବଂ କୋରାପୁଟ ଜିଲାରେ ୧୦୦ରୁ ଅଧିକ ଗାଁକୁ ରାସ୍ତା ନାହିଁ ବୋଲି ସରକାର ସ୍ୱୀକାର କରିଛନ୍ତି।

ଗମନାଗମନ ସୁବିଧା ପାଇଁ ଢେର କିଛି ଯୋଜନା ଅଛି । ସେଗୁଡ଼ିକ ହେଲା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, ବିଜୁ ସେତୁ ଯୋଜନା ଓ ଦୁର୍ଗମ ଅଞ୍ଚଳକୁ ରାସ୍ତା ସଂଯୋଗ ପାଇଁ ଉପାନ୍ତ ଯୋଜନା। ଏତଦ୍‌ବ୍ୟତୀତ ଖଣିଜ ସମ୍ପଦଭରା ଜିଲାରେ ଗାଁକୁ ସବୁଦିନିଆ ରାସ୍ତା ପାଇଁ ଖଣିଜ ସମ୍ପଦ ପାଣ୍ଠିରୁ ସରକାର ଅର୍ଥ ବ୍ୟୟ କରନ୍ତି। ଏତେ ସବୁ ଯୋଜନା ସତ୍ତ୍ୱେ ଏପର୍ଯ୍ୟନ୍ତ ସବୁ ଗାଁକୁ ରାସ୍ତା ତିଆରି ହୋଇପାରି ନାହିଁ। ଏହାର କାରଣ ରାଜ୍ୟରେ ୪ ହଜାରରୁ ଅଧିକ ପଡ଼ା ଗାଁ ଅଛି। ପୁଣି ପାହାଡ଼ ଉପରେ ଓ ଜଙ୍ଗଲ ଭିତରେ ଅନେକ ଜନବସତି ଅଛି। ଏସବୁ ପଡ଼ା ଗାଁକୁ ରାଜସ୍ୱ ମାନ୍ୟତା ଦେବା ପାଇଁ ନିଷ୍ପତ୍ତି ହୋଇଛି କିନ୍ତୁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ।

ଶହେରୁ ଅଧିକ ଜନସଂଖ୍ୟା ଥିବା ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣର ବ୍ୟବସ୍ଥା ଅଛି। କିନ୍ତୁ ଏପରି ଶହେରୁ କମ୍ ଜନସଂଖ୍ୟା ଥିବା ଓଡ଼ିଶାରେ ପ୍ରାୟ ୨ ହଜାର ହେବ। କନ୍ଧମାଳ ଜିଲା କୋଟଗଡ଼ ବ୍ଲକ୍‌ରେ ମୋଟ୍ ୧୩୩ଟି ଗାଁ ମଧ୍ୟରୁ ୧୬ଟି ଗାଁରେ ୧୦୦ରୁ କମ୍ ଲୋକ ରହୁଛନ୍ତି। କଳାହାଣ୍ଡି ଜିଲା ଥୁଆମୂଳରାମପୁର ବ୍ଲକ୍‌ରେ ୨୭୫ ଗାଁ ଥିବା ବେଳେ ୬୦ ଗାଁର ଜନସଂଖ୍ୟା ୧୦୦ରୁ କମ୍। କୋରାପୁଟ, କଳାହାଣ୍ଡି ଜିଲାରେ ଏପରି କିଛି ଗାଁ ଅଛି; ଯେଉଁଠାକୁ ସବୁଦିନିଆ ରାସ୍ତା ବା ସେତୁ ନିର୍ମାଣ ହୋଇନାହିଁ। ଏହିସବୁ ସମସ୍ୟାକୁ ଆଖି ଆଗରେ ରଖି ରାଜ୍ୟ ସରକାର ୨୦୧୭ରେ ସମ୍ପୂର୍ଣ୍ଣ ଯୋଜନା ଆରମ୍ଭ କରିଥିଲେ। ଏଥିରେ ଗର୍ଭବତୀଙ୍କୁ ଡାକ୍ତରଖାନାକୁ ଆଣିଲେ ଖର୍ଚ୍ଚ ବାବଦକୁ ୧୦୦୦ ଟଙ୍କା ଦିଆଯାଉଛି। ସ୍ଥଳ ବିଶେଷରେ ପ୍ରସବର ଯଥେଷ୍ଟ ପୂର୍ବରୁ ଗର୍ଭବତୀଙ୍କୁ ଡାକ୍ତରଖାନାରେ ରଖିବା ପାଇଁ ମା'ଘର ତିଆରି ହୋଇଛି କିନ୍ତୁ ବର୍ଷା ୪ମାସରେ ଏହି ଯୋଜନା ବିଶେଷ ଫଳପ୍ରଦ ହୋଇପାରୁନି। ସମ୍ପୂର୍ଣ୍ଣା ଯୋଜାନା ରାଜ୍ୟର ୭୮୫୩ ଅପହଞ୍ଚ ଗାଁରେ ଲାଗୁ କରାଯାଇଛି। ଏଥିପାଇଁ ଆଶା ଓ ଅଙ୍ଗନୱାଡ଼ି ଦିଦିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆମେ ସରକାରଙ୍କ ଆନ୍ତରିକତାକୁ ପ୍ରଶ୍ନ କରୁନାହୁଁ। ନଦୀନାଳ ଭରା ଓଡ଼ିଶାରେ ଗର୍ଭବତୀଙ୍କ ପକ୍ଷେ ପାଞ୍ଚ ଦଶ କିଲୋମିଟର ବାଟ ଆସିବା ମଧ୍ୟ କାଠିକର ପାଠ। ପୂର୍ବରୁ ଆମେ ଉଲ୍ଲେଖ କରିଛୁ ଯେ, ଅନେକ ସ୍ଥାନରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇପାରୁନାହିଁ।

ପରିଶେଷରେ ଆମେ ଏତିକିମାତ୍ର କହିବାକୁ ଚାହୁଁ ଯେ, ରାଜନେତା ଏବଂ ଚିନ୍ତାଶୀଳ ଜନନାୟକ ଏ ଦିଗରେ ଯତ୍ନଶୀଳ ହୋଇ ସରକାରଙ୍କୁ ଉଚିତ ପରାମର୍ଶ ଦିଅନ୍ତୁ ଏବଂ ଏଥିପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର, ମୋ: ୯୪୩୮୦୭୨୮୫୦**

## ପାଠକ ଶ୍ରେଷ୍ଠ ବିଚାରକ

### ତୀର୍ଥସ୍ଥାନର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ପୁରୀ ଜିଲାର ସାକ୍ଷୀଗୋପାଳ ମନ୍ଦିର ଏକ ପ୍ରମୁଖ ତୀର୍ଥ ସ୍ଥାନ। ଏଠାକୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ତୀର୍ଥଯାତ୍ରୀ ଟ୍ରେନ କିମ୍ବା ବସ୍ ଯୋଗେ ଦର୍ଶନ କରିବାକୁ ଆସିଥାନ୍ତି। ମାତ୍ର ଦୁଃଖର କଥା ବର୍ତ୍ତମାନର ମନ୍ଦିରକୁ ଦେଖିଲେ ଯେ କେହି ଜାଣିପାରିବ ଯେ ଏହାର କେହି ପ୍ରଶାସକ ନାହାନ୍ତି। ବାହାର ବେଢ଼ା ଚାରିପାଖ ଅନାବନା ଗଛରେ ପରିପୂର୍ଣ୍ଣ। ଏପରି କି କିଛି ଅବିବେକି ସେଥିରେ ମଳମୂତ୍ର ତ୍ୟାଗ କରି ଆହୁରି ଦୁର୍ଗନ୍ଧମୟ କରି ଦେଉଛନ୍ତି। ଏହାର ପରିଚାଳନା କମିଟି କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ଆଖି ବୁଜି ଦେଇଛନ୍ତି। ଫଳରେ ଆସୁଥିବା ତୀର୍ଥଯାତ୍ରୀମାନେ ଏହାକୁ ଘୃଣା ଦୃଷ୍ଟିରେ ଦେଖୁଛନ୍ତି। ଏଣ୍ଡାଉମେଣ୍ଟ କମିଶନର ମଧ୍ୟ କୌଣସି ତଦାରଖ ନାହିଁ। ତେଣୁ ଜନସାଧାରଣଙ୍କ ତରଫରୁ ସରକାରଙ୍କୁ ଅନୁରୋଧ ଯେ, ଏପରି ତୀର୍ଥସ୍ଥାନର ସୁରକ୍ଷା ଓ ଶୃଙ୍ଖଳା ରଖିବାକୁ ଦୃଷ୍ଟି ଦିଅନ୍ତୁ।

**-ବନମାଳୀ ବେହେରା, ସାକ୍ଷୀଗୋପାଳ**

## ଚିରନ୍ତନୀ

ସମର ନୁହଇ ସୁଷମା ତୋର
ରୂପର ଭୂଷା
ମିଛ ଆବରଣେ ଲୁଚଇ ସିନା
ଦେହର ତୃଷା।
-(ପ୍ରାଚୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଘରୋଇ ଡାକ୍ତରଖାନାକୁ ରୋଗୀଙ୍କୁ ପଠାଉଛନ୍ତି ଦଲାଲ

## କଡ଼ା ନଜର ରଖିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

### ସିଡିଏମ୍‌ଓ, ଅଧ୍ୟକ୍ଷ, ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଲେ ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ବହୁ ଦୂରଦୂରାନ୍ତରୁ ସରକାରୀ ହସ୍ପିଟାଲକୁ ଆସୁଥିବା ରୋଗୀଙ୍କୁ ପ୍ରଲୋଭିତ କରି ଦଲାଲମାନେ ଘରୋଇ ହସ୍ପିଟାଲକୁ ପଠାଉଛନ୍ତି। ଫଳରେ ରୋଗୀମାନେ ଖର୍ଚ୍ଚାନ୍ତ ହେବା ସହ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସାହାଯ୍ୟ କରିବା ବାହାନାରେ ଦଲାଲମାନେ ରୋଗୀଙ୍କୁ ସରକାରୀ ଡାକ୍ତରଖାନାରୁ ଘରୋଇ ଡାକ୍ତରଖାନାକୁ ପଠାଇ ଦେଉଛନ୍ତି। ଆଉଟ ପେସେଣ୍ଟ ଡିପାର୍ଟମେଣ୍ଟ (ଓପିଡି)ରୁ ରୋଗୀମାନଙ୍କୁ ଘରୋଇ ହସ୍ପିଟାଲକୁ ପଠାଯାଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ସରକାରୀ ଡାକ୍ତରଖାନାରେ ଭଲ ଚିକିତ୍ସା ହେଉ ନାହିଁ। ଘରୋଇ ହସ୍ପିଟାଲରେ ମାଗଣା ଚିକିତ୍ସା ଯୋଗାଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ରୋଗୀଙ୍କ ପରିବାରଠାରୁ ଦଲାଲମାନେ ଟଙ୍କା ଆଦାୟ କରୁଛନ୍ତି। ରୋଗୀଙ୍କୁ ଏହି ଦଲାଲମାନଙ୍କ କବଳରୁ ରକ୍ଷା କରିବା ପାଇଁ ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଏବଂ ହସ୍ପିଟାଲର ଅନ୍ୟ କର୍ମଚାରୀମାନଙ୍କୁ ଏ ନେଇ ସତର୍କ ରହିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଏ ନେଇ ଗୁରୁବାର ରାଜ୍ୟର ସମସ୍ତ ମେଡିକାଲ କଲେଜ ଡିନ୍, ଅଧ୍ୟକ୍ଷ, ସୁପରିଣ୍ଟେଣ୍ଡେଣ୍ଟ, ଜିଲା ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଦଲାଲଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ପ୍ରତିହତ କରିବା ପାଇଁ ହସ୍ପିଟାଲର ପ୍ରବେଶ ଦ୍ୱାର ଏବଂ ଅନ୍ୟାନ୍ୟ ଉପଯୁକ୍ତ ସ୍ଥାନରେ ଓଡ଼ିଆ ଏବଂ ଇଂଲିଶରେ ସାଇନବୋର୍ଡ ଲଗାଇ ରୋଗୀଙ୍କ ପରିବାରଙ୍କୁ ସଚେତନ କରିବାକୁ କୁହାଯାଇଛି। ଏହାକୁ ଅତି ଗୁରୁତର ସହ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ସ୍ୱାସ୍ଥ୍ୟ ଅଧିକାରୀ ଏହାର ଖିଲାପ କରିବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚିଠିରେ ଉଲ୍ଲେଖ କରାଯାଇଛି।



ସିଡିଏସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ସଙ୍କୁଳସ୍ତରୀୟ କେଭିଏସ୍ କଳା ଉତ୍ସବ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

# ସଡ଼କ ଦୁର୍ଘଟଣାରେ ୩ ମୃତ, ୧୨ ଗୁରୁତର

କେନ୍ଦୁଝର, ୨୭।୧୦(ସ୍ୱ.ପ୍ର)

କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ରାତିରେ ୩ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥର ବାଙ୍କମାରୁଣୀ ଛକ ନିକଟରେ ଦୁଇଟି କାର ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ନୂଆମୁଣ୍ଡି ଥାନା ନୂଆମୁଣ୍ଡି ଗ୍ରାମର କ୍ରିଷ୍ଣା ଗାଗରାଇ(୨୮)। ଗୁରୁତରଦ୍ୱୟ ହେଲେ ସେହି ଗ୍ରାମର ଅମର ପୂର୍ତ୍ତି(୨୯), କ୍ଷୀରୋଦ ପିଙ୍ଗୁଆ(୩୯)। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି। ସେହିପରି ହରିଚନ୍ଦନପୁର ବ୍ଲକ୍ ପଣ୍ଡାପଡ଼ା ଥାନା ଅଧୀନ ଓସ୍ତପଙ୍ଗା ଅଞ୍ଚଳର ଗଗନ ନାଏକ(୧୭), ଗୋପୀନାଥ ମହାରଣା(୧୯) ଓ ବାବି ନାଏକ(୨୦) ଏକ ବାଇକ୍‌ରେ ଯାଉଥିଲେ। ଗେଣ୍ଡାଖୁଜି ନିକଟରେ ଏକ ଅଟୋ ସହ ସେମାନଙ୍କ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଓସ୍ତପଙ୍ଗାର ବାବି ନାଏକ ଓ ବଳଭଦ୍ରପୁରର କାଳନ୍ଦୀ ନାଏକ। ଘଟଣାରେ ୫ରୁ ଊର୍ଦ୍ଧ୍ୱ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଅନ୍ୟଏକ ଦୁର୍ଘଟଣା ଘଟିଛି ଜନ୍ତାରୀ-ଗୋନାଶିକା ଘାଟିରେ। ଏକ ଅଟୋ ଓଲଟି ପଡ଼ିବାରୁ ୫ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ଭୋଜି ଖାଇ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ଦୋଷୀଙ୍କୁ ଘଣ୍ଟ ଘୋଡ଼ାଉଛି ପୋଲିସ: ଭାଜପା

### ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା, ଅର୍ଚ୍ଚନା ନାଗ ଘଟଣାରେ ପ୍ରତିବାଦ

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ): ମହିଳାଙ୍କୁ ନିର୍ଯାତନା, ଯୁବକଙ୍କୁ ବେକାର, ଭ୍ରଷ୍ଟାଚାର, ଦୁର୍ନୀତି, ଯୌନ କେଲେଙ୍କାରୀ, ଅପରାଧ ଓ ସମାଜକୁ ନଷ୍ଟ କରିବା ଭଳି ବିଭିନ୍ନ କାର୍ଯ୍ୟ ବିଜେଡି ଦୀର୍ଘ ୨୨ ବର୍ଷ ଶାସନରେ କରିଛି। ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣା ଓ ଭୁବନେଶ୍ୱରର ଅର୍ଚ୍ଚନା ନାଗ କେଲେଙ୍କାରୀ ଘଟଣା ସମେତ ଦୁର୍ନୀତି, ଟେଣ୍ଡର ଫିକ୍ସିଂ, ମନି ଲଣ୍ଡରିଂରେ ଶାସକ ଦଳର ମାଲ ମାଲ ମନ୍ତ୍ରୀ, ବିଧାୟକ ଓ ନେତା ସଂଶ୍ଳିଷ୍ଟ। ଓଡ଼ିଶାବାସୀ ଟିକସ ଦେଉଥିବା କୋଟି କୋଟି ଟଙ୍କା ବିଜେଡିର ନେତାଙ୍କ ବିଳାସବ୍ୟସନରେ ଲାଗୁଛି। ଶାସକ ଦଳ ନେତାଙ୍କ ପୃଷ୍ଠପୋଷକତା, ତତ୍ତ୍ୱାବଧାନରେ ଅପରାଧ କରାଯିବା ସହ ଅପରାଧୀ ସୃଷ୍ଟି କରାଯାଇ ଓଡ଼ିଶାବାସୀଙ୍କୁ ଶୋଷଣ କରାଯାଉଛି। ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା କରିବା ପୂର୍ବରୁ ଜଣେ ବନ୍ଧୁଙ୍କୁ ଫୋନ କରି ତାଙ୍କ ଆତ୍ମହତ୍ୟା ଲାଗି ଗଣଶିକ୍ଷା ମନ୍ତ୍ରୀଙ୍କ ନାମ ନେଇଥିବା ଅଡିଓ ଭାଇରାଲ ହୋଇଥିଲା। ବିନ୍ଦାସ ଚିନୁ, ମୁନା ମହାପାତ୍ର ମଧ୍ୟ ସ୍ୱର୍ଗତ ସାହୁଙ୍କୁ ଆତ୍ମହତ୍ୟା ଲାଗି ଦାୟୀ ବୋଲି ଅଡିଓ ଭାଇରାଲ ହୋଇଥିଲେ ମଧ୍ୟ କାହିଁକି ଓଡ଼ିଶା ପୋଲିସ ଏହି ୩ ଅଭିଯୁକ୍ତଙ୍କୁ ଗିରଫ ନ କରି ଘଣ୍ଟ ଘୋଡ଼ାଇଛି ବୋଲି ଭାଜପା ପ୍ରଶ୍ନ କରିଛି। ଏହାର ପ୍ରତିବାଦରେ ଗୁରୁବାର ରାଜଭବନ ସମ୍ମୁଖରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ତଳେ ବୁଦ୍ଧିଜୀବୀମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଶାସକ ଦଳର ମନ୍ତ୍ରୀ, ବିଧାୟକ ଓ ନେତାଙ୍କୁ ଦୁର୍ନୀତି, ଭ୍ରଷ୍ଟାଚାରୀ ଏବଂ କେଲେଙ୍କାରୀ କରିବା ଲାଗି ଶାସକ ଦଳର ମୁଖିଆ ପ୍ରଶ୍ରୟ ଦେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।


**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଏସ୍‌ପିଏଲ୍-ଏଚ୍‌ଆଇଜେ-ବିଟିଏସ୍-୨୨_୨୩ ତାରିଖ: ୨୫।୧୦।୨୦୨୨, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (ସିଓ)/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ସେଗୁଡ଼ିକୁ ୧୨.୩୦ ଘଟିକାରେ ଖୋଲାଯିବ। କାର୍ଯ୍ୟର ବର୍ଣ୍ଣନା: ଦ.ପୂ. ରେଳପଥର ହିଜ୍‌ଲି-ବସ୍ତା ସେକ୍ସନରେ ଏକବର୍ଷ ଅବଧି ପାଇଁ ସିଗ୍ନାଲିଂ କାର୍ଯ୍ୟ, ବିଦ୍ୟମାନ ସିଷ୍ଟମ୍‌ରେ ଆଡିଶନ୍ ତଥା ଅଲଟରେଶନ୍, ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୩୪,୫୮,୧୩୩.୦୬। ଇଏମ୍‌ଡି: ₹୬୯,୨୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ। ଖୋଲାଯିବା ତାରିଖ: ୨୧।୧୧।୨୦୨୨। ସମାପ୍ତି ଅବଧି: ୩୬୫ ଦିନ। ଦାଖଲର ତାରିଖ: ୨୧।୧୧।୨୦୨୨ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-730)



**ODISHA HYDRO POWER CORPORATION LIMITED**
(A Government of Odisha Undertaking)
Regd. Office- Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22,
Ph: 2542983,2542802,2545526,2542826, Fax: (0674) 2542102.Website: www.ohpcltd.com
CIN- U40101OR1995SGC003963
OHPC ISO 9001, 14001 & 45000

**ADVERTISEMENT NO.OHPC: HQ: HRD: RECTT: 04/2022 Dated: 27.10.2022**

**CAREER OPPORTUNITIES FOR YOUNG PROFESSIONALS**

**The Corporation intends to recruit young, bright and energetic Professionals as Administrative Non-Executive (ANE) Trainees i.e. Jr. Clerk Trainee/L D Assistant Trainee.**

Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of **2099.80** MW) having **6 (six)** projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).

OHPC intends to recruit bright, qualified and energetic professionals to be inducted as **Administrative Non-Executive (ANE) Trainees i.e. Jr. Clerk Trainees/L D Assistant Trainees** as per the following for their placement at various Units, Corporate Office and Project sites:

| Name of Post | ST | SC | SEBC | UR | TOTAL |
|---|---|---|---|---|---|
| Jr. Clerk Trainees / LD Assistant Trainees | 12 (W:4) | 07 (W:2) | 07 (W:2) | 24 (W:8) | 50 {PWD:2, Ex SM:1} |

**Important Dates:-**
The Commencement of Online registration & payment of application fee - 12.11.2022
Last date for payment of online application fee - 11.12.2022
The last date for submission of Online application in complete shape - 11.12.2022

**The detailed advertisement containing the category wise vacancy position, eligibility criteria, remuneration, procedure for online application and all other terms & conditions is available on the company's website - www.ohpcltd.com**

Director (HR)


# କେନ୍ଦ୍ରୀୟ ବିଦ୍ୟାଳୟରେ ସଙ୍କୁଳସ୍ତରୀୟ ପ୍ରତିଯୋଗିତା

କଟକ ଅଫିସ, ୨୭।୧୦

କଟକ ମର୍କତନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ଠାରେ ସଂକୁଳସ୍ତରୀୟ ଏକ ଭାରତ ଶ୍ରେଷ୍ଠ ଭାରତ ଓ କଳା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଞ୍ଚିସ୍ଥିତ ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋର ଆଡିସିନାଲ ଡାଇରେକ୍ଟର ଜେନେରାଲ ଅଖିଳ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଆନନ୍ଦ ବଲ୍ଲଭ ପାଣ୍ଡେ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ କଟକ କ୍ଲଷ୍ଟର ଅଧୀନରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧ ସମେତ ନମ୍ବର-୨, ନୂଆପଡ଼ା, କଟକ, ମୁଣ୍ଡଳି, ପାରାଦୀପ, ଚାରବାଟିଆ, ଢେଙ୍କାନାଳ, ଅନୁଗୋଳ, ଏନ୍‌ଟିପିସି କଣିହା, କେନ୍ଦ୍ରାପଡ଼ାର ଛାତ୍ରୀଛାତ୍ରମାନେ ଯୋଗଦେଇ ନୃତ୍ୟ, ଗୀତ, ଏକକ ଅଭିନୟ, ବାଦ୍ୟଯନ୍ତ୍ର, କଳା ପ୍ରତିଯୋଗିତାରେ ଭାଗ ନେଇଥିଲେ। ମଣିମାଳା ମହାନ୍ତି, ଅନିରୁଦ୍ଧ ଓଝା, ଦୀପକ ରାଉତ, ସାରଦା ପ୍ରସନ୍ନ ମହାନ୍ତି, ଦେବାଶିଷ ସେନ, ଚନ୍ଦ୍ର ଲେଖା, ପୃଥ୍ୱୀରାଜ ଜୟଦୁର୍ଗା, ନିରଞ୍ଜନ ଖୁଣ୍ଟିଆ, ସୁବ୍ରତ ସାମଲ, ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଝଡ଼ାଫୁଙ୍କା ବାହାନାରେ ନାବାଳିକାଙ୍କୁ ବଳାତ୍କାର

ମୋରଡା, ୨୭।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ବୁଧବାର ଏକ ଲଜ୍ଜାଜନକ ଘଟଣା ଘଟିଛି। ଶରୀର ଆରୋଗ୍ୟ ପାଇଁ ଝଡ଼ାଫୁଙ୍କା ବାହାନାରେ ଜଣେ ଗୁଣିଆ ଜନୈକା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୨୯୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ଭୟରେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ୩ ଦିନ ତଳେ ଷଷ୍ଠ ଶ୍ରେଣୀରେ ପଢୁଥିବା ଉକ୍ତ ନାବାଳିକାଙ୍କ ଦେହ ଅସୁସ୍ଥ ଥିଲା। ତାଙ୍କ ବାପା ଝଡ଼ାଫୁଙ୍କା ପାଇଁ ସ୍ଥାନୀୟ ଅଞ୍ଚଳରେ ଘର ଜ୍ୱାଇଁ ହୋଇ ରହିଥିବା ଆନନ୍ଦ ବାରିକ ନାମକ ଜଣେ ଗୁଣିଆ ପାଖକୁ ନେଇଥିଲେ। ଗୁଣିଆ ୨ଘଣ୍ଟା ଝଡ଼ାଫୁଙ୍କା କରିବା ପରେ ମଧ୍ୟ ନାବାଳିକାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ତେବେ ଠାକୁରଙ୍କ ପାଖକୁ ନେଇଗଲେ ଦେହ ସୁସ୍ଥ ହେବ ବୋଲି ଗୁଣିଆ ଜଣକ ନାବାଳିକାଙ୍କ ବାପାଙ୍କୁ କହିଥିଲେ। ବୁଧବାର ଉକ୍ତ ନାବାଳିକା ସ୍କୁଲ ଯାଉଥିବା ବେଳେ ସମ୍ପୃକ୍ତ ଗୁଣିଆ ତାଙ୍କୁ ସାଇକେଲରେ ବସାଇ ନେଇ ଏକ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିଲେ। ତେବେ ଝିଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ବାପା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ ମୋରଡ଼ା ଥାନାରେ ଏତଲା ଦେଇଥିଲେ। ଗୁରୁବାର ସକାଳେ ଗୁଣିଆ ଜଣକ ଉକ୍ତ ନାବାଳିକାଙ୍କୁ ମାକୁନ୍ଦ ହାଟ ଛକକୁ ଛାଡ଼ିବା ପାଇଁ ଆସିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ତାଙ୍କୁ ଅଟକ ରଖି ପଚରାଉଚୁରା କରିବାରୁ ସେ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ପରେ ନାବାଳିକାଙ୍କ ବାପା ତାଙ୍କ ଝିଅକୁ ଗୁଣିଆ ଜଣକ ବଳାତ୍କାର କରିଥିବା ନେଇ ଅଭିଯୋଗ କରିଥିବା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ କହିଛନ୍ତି।

# ୨.୫୬ ଲକ୍ଷ ଟଙ୍କା ଜବତ, ୩ ଗିରଫ

## ବରପଦା ଏଟିଏମ୍‌ରୁ ଲୁଟ୍ ମାମଲା

ଢେଙ୍କାନାଳ ଅଫିସ୍, ୨୭।୧୦

ଢେଙ୍କାନାଳ ଜିଲା ଗଁଦିଆ ଥାନା ବରପଦାସ୍ଥିତ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଏଟିଏମ୍‌ରୁ ଟଙ୍କା ଲୁଟ୍ ଘଟଣାର ରହସ୍ୟ ଉନ୍ମୋଚନ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୭ଜଣଙ୍କ ମଧ୍ୟରୁ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଢେଙ୍କାନାଳ ସଦର ଥାନା କଙ୍କଡ଼ାହାଡ଼ ଗ୍ରାମର ଜିତେନ୍ଦ୍ର ନାୟକ ଓରଫ ଜିତୁ (୨୪), ଭଦ୍ରକ ଜିଲା ବାସୁଦେବପୁର ଥାନା ଅଲବଗା ଗ୍ରାମର ନୀର ପାଣି ଓରଫ ନିରଞ୍ଜନ (୩୦), ଖୋର୍ଦ୍ଧା ଜିଲା ଜଟଣୀ ଥାନା ବଡ଼ତୋଟା ଗ୍ରାମର ରାକେଶ ଦାସ ଓରଫ ରାମ (୨୫)। ସେମାନଙ୍କ ନିକଟରୁ ନଗଦ ୨ ଲକ୍ଷ ୫୬ ହଜାର ଟଙ୍କା, ଏକ କାର୍, ନମ୍ବର ବିହୀନ ବାଇକ୍, ସିସିଟିଭି କ୍ୟାମେରାର ଡିଭିଆର, ଲୁହା ଛେଣି, ୨ଟି ପେନ୍‌ଡ୍ରାଇଭ ଏବଂ ନୀଳ ରଙ୍ଗର ଏକ ବ୍ୟାଗ୍ ଜବତ କରାଯାଇଛି। ଫେରାର ଥିବା ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଚଢ଼ାଉ ଜାରି ରହିଥିବା ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ସୂଚନା ଦେଇଛନ୍ତି।

ଲୁଟ୍ ସମ୍ପର୍କରେ ସୂଚନା ଦେଇ ଏସ୍‌ପି କହିଛନ୍ତି, ଗତ ଅକ୍ଟୋବର ୨ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଉକ୍ତ ଏଟିଏମ୍‌ରୁ ତାଡ଼ି ୨୨ ଲକ୍ଷ ୧୭ ହଜାର ୯୦୦ଟଙ୍କା ଲୁଟି ନେଇଥିଲେ। ଗଁଦିଆ ପୋଲିସ ସେମାନଙ୍କୁ ପିଛା କରିବାରୁ ଅଭିଯୁକ୍ତମାନେ ଆସିଥିବା ଗ୍ରେ ରଙ୍ଗର କାର୍ (ନଂ. ଓଡ଼ି ୦୧ ଏଏଲ୍ ୯୮୩୩)କୁ କାଜୁ ଜଙ୍ଗଲରେ ଛାଡ଼ି ପଳାଇଥିଲେ। ପୋଲିସ କାର୍ ଜବତ କରି ଏହାର ନମ୍ବର ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ଲୁଟ୍‌ରେ ପ୍ରତ୍ୟକ୍ଷ ଭାବେ ୪ ଅଭିଯୁକ୍ତ ସମ୍ପୃକ୍ତ ଥିଲେ। ଜଣେ ଏଟିଏମ୍ ତାଡ଼ିଥିବା ବେଳେ ଅନ୍ୟ ଜଣେ ଟଙ୍କା ବାହାର କରିଥିଲେ। ଅନ୍ୟ ଦୁଇଜଣ ତାଙ୍କୁ ସହଯୋଗ କରିଥିଲେ। ଟଙ୍କା ଲୁଟିବା ପରେ ଅନ୍ୟ ୪ଜଣ ତାଙ୍କୁ ଫେରାର ହେବାରେ ସହଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ଗଁଦିଆ ଥାନାଧିକାରୀ ସତ୍ୟବ୍ରତ ଭୂତିଆଙ୍କ ସମେତ ପୋଲିସ କର୍ମଚାରୀମାନେ ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା ଏବଂ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛନ୍ତି। ଲୁଟ୍‌ରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ବହୁ ଆପରାଧିକ ମାମଲା ରହିଛି ବୋଲି ଏସ୍‌ପି କହିଛନ୍ତି। ଏଟିଏମ୍‌ରୁ ଟଙ୍କା ଲୁଟ୍ ଘଟଣାରେ ନଂ. ୨୫୦/୨୨, ଦଫା ୪୫୭ ଓ ୩୮୦ରେ ମାମଲା ରୁଜୁ କରାଯାଇଛି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ, ଗଁଦିଆ ଥାନାଧିକାରୀ ଉପସ୍ଥିତ ଥିଲେ।




ଏଟିଏମ୍‌ରୁ ଟଙ୍କା ଲୁଟ୍ ମାମଲାରେ ପୋଲିସ ନିକଟରେ ଗିରଫ ଅଭିଯୁକ୍ତମାନେ।


**ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା - ୨୦୨୨**

**ନୀଳାଚଳ ଅର୍ବାନ ହାଟ, ପୁରୀ**
ତାରିଖ : ୩୧ ଅକ୍ଟୋବର ୨୦୨୨ ପର୍ଯ୍ୟନ୍ତ
ସମୟ : ସକାଳ ୧୧ ଠାରୁ ରାତ୍ର ୯ ପର୍ଯ୍ୟନ୍ତ

ଆକର୍ଷଣୀୟ ସରକାରୀ ରିହାତି ଉପଲବ୍ଧ

ଆୟୋଜକ :
ସମ୍ବଲପୁରୀ ବସ୍ତ୍ରାଳୟ
ତନ୍ତଶିଳ୍ପ ସସୀମ ସହଯୋଗ ସମିତି ଲି.

ପ୍ରାୟୋଜକ :
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ
ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର
ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର



**IN THE DEBTS RECOVERY TRIBUNAL: CUTTACK**
C-71, Sector-7, CDA, Cuttack-753014
O.A. No. 218/22

Utkal Grameen Bank ...Applicant
Vs.
Sri Ashok Kumar Agrawala & Ors. ...Defendants

To,
2. **Sri Manoj Kumar Agrawala**, age not known but major, S/o- Narasingh Das Agrawala,
3. **Sri Pilu Agrawala**, age not known but major, S/o- Late Ratanlal Agrawala,
4. **Sri Siba Prasad Agrawala**, age not known but major, S/o- Late Ratanlal Agrawala,
5. **Sri Jayaram Behera**, age not known but major, S/o- Janma Behera, All of and PO: Chichinda, Via/PS: Bheden, Dist.: Bargarh-768104.
...*Defendants*

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 218/22** in the Debts Recovery Tribunal, Cuttack for recovery of **Rs.28,82,205.78** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **28.11.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **20th day of month October of 2022.**

By orders of this Tribunal
Sd/- Registrar
Debts Recovery Tribunal



**ଜିଲ୍ଲା ପରିଷଦ, ଜଗତସିଂହପୁର** Panchayati Raj
**OFFICE OF THE ZILLA PARISHAD, JAGATSINGHPUR**
At/P.O.: Saanra, Via: Nalibar, Jagatsinghpur, PIN - 754104
Phone No.: 06724-231091, E-Mail: ori-djagatsinghpur@nic.in
No. 4387/ZP Dt.26.10.2022

**NOTICE**

No. CAD-2289: It is hereby informed to all concerned that Provisional Merit List of Gram Rojgar Sevak (GRS) is hereby notified/published with reference to advertisement No. 1702, Dated: 18.05.2022 of Collector, Jagatsinghpur. The candidate who have applied as candidate for recruitment for the post of Gram Rozgar Sevak are hereby intimated to visit the Jagatsinghpur District website i.e. **www.jagatsinghpur.nic.in** & verify their names & other details in the provisional merit list & reject list of applications, published in the above website & file written objections if any personally by attending the office of the Zilla Parishad, Jagatsinghpur within 15 days of publication of this notice, with supporting documents.

Sd./- Collector-cum-CEO
Zilla Parishad, Jagatsinghpur
OIPR-19249/11/0002/2223



भारत सरकार/Government of India
पर्यावरण, वन एवं जलवायु परिवर्तन मंत्रालय/Ministry of Environment, Forest and Climate Change
एकीकृत क्षेत्रीय कार्यालय/Integrated Regional Office
ए/3, चंद्रशेखरपुर/A/3, Chandrasekharpur
भुवनेश्वर - 751023, ओडिशा/Bhubaneswar-751023, Odisha
Telephone: 0674-2301213, 2301248, 2302432, E-mail: roez.bsr-mef@nic.in

No. 5-ORC411/2020-BHU 8th October, 2020

To,
The Addl. Chief Secretary,
Forest & Environment Deptt.,
Govt. of Odisha,
Bhubaneswar.

Sub:- Diversion of 24.188 ha of forest land for construction of 3rd & 4th line between Budhapanka-Salegaon Railway Project (0.00 Km to 85.00 Km) under Dhenkanal/Athagarh Forest Division by East Coast Railway.

Madam,

I am to refer to State Govt. letter No. 10F(Cons)52/2020-5212/F&E dated 04.03.2020 and PCCF (Nodal), Odisha's letter No. 15872/9F (Rly)-386/2019 dated 10.09.2020 on the above mentioned subject seeking prior approval of the Ministry of Environment, Forest & Climate Change under section 2 of Forest (Conservation) Act, 1980.

2. After due consideration of the proposal of the State Government and on the basis of approval of Regional Empowered Committee meeting held on 29.09.2020, the Ministry of Environment, Forest & Climate Change hereby conveys ***'Stage-I/in-principle'*** approval for diversion of 24.188 ha of forest land for construction of 3rd & 4th line between Budhapanka-Salegaon Railway Project (0.00 Km to 85.00 Km) under Dhenkanal/Athagarh Forest Division by East Coast Railway, subject to the fulfillment of the following conditions.

i) Legal status of forest land shall remain unchanged.
ii) The user agency shall obtain NBWL clearance for a stretch of 203.65 meter passing through Kapilash Wildlife Sanctuary from competent authority. The State Govt. shall realize compensatory levies of the project after the user agency submits NBWL clearance obtained from competent authority.
iii) The user agency shall restrict the feeling of trees to minimum numbers in proposed forest land and the trees shall be felled under strict supervision of the State Forest Department.
iv) The site specific wildlife conservation plan shall be prepared and duly approved by CWLW, Odisha may be implemented at project cost.
v) As recommended by concerned DFOs, 12 nos. of underpasses at different vulnerable locations shall be constructed for safe movement of elephants. The vulnerable locations of 12 nos. of underpasses may be finally selected in consultation with three DFOs following a joint visit of user agency with the DFOs concerned and inform to the Regional Office along with GPS locations.
vi) Forest land will be handed over only after required non-forest land for the project is handed over to the user agency.
vii) Compensatory afforestation shall be taken up by the Forest Department over 48.50 ha degraded forest land identified in Baliposi RF of Sadangi Range of Dhenkanal Forest Division at the cost of the user agency. As far as possible, a mixture of local indigenous species shall be planted using multi species, multi canopy intensive planting technique and monoculture of any species shall be avoided. A revised C.A. Scheme consisting of indigenous species to result in a multi canopy forest may be submitted before Stage-II approval.
viii) The cost of compensatory afforestation at the prevailing wage rates as per compensatory afforestation scheme and at the cost of survey, demarcation and erection of permanent pillars if required on the CA land shall be deposited in advance with Forest Department by the project authority. The CA will be maintained for 10 years. The scheme may include appropriate provision for anticipated cost increase for works scheduled for subsequent years.
ix) The State Govt. shall charge the Net Present Value (NPV) for 24.088 ha forest area to be diverted under this proposal from the user agency as per the Orders of Hon'ble Supreme Court of India dated 30.10.2002, 01.08.2003, 28.03.2008, 24.04.2008 and 09.05.2008 in IA No. 566 in Writ Petition (Civil) No.202/1995 and as per the guidelines issued by Ministry vide letter No. 5-1/1998-FC (Pt.II) dated 18.09.2003, as well as letter No. 5-2/2006-FC dated 03.10.2006 and No. 5-3/2007-FC dated 05.02.2009 in this regard.
x) Additional amount of the NPV of the diverted forest land, if any, becoming due after finalization of the same by the Hon'ble Supreme Court of India on receipt of the report from the Expert Committee, shall be charged by the State Govt. from the user agency. The user agency shall furnish an undertaking to this effect.
xi) All the funds received from the user agency under the project shall be transferred/deposited to State CAMPA fund only through (**https://parivesh.nic.in/**).
xii) The complete compliance of the FRA, 2006 shall be ensured by way of prescribed certificate from the concerned District Collector. The use agency shall submit FRA certificate before issue of Stage-II approval.
xiii) Speed regulating signage will be erected along the railway line at regular intervals in the Protected Areas/Forest Areas.
xiv) The user agency shall provide suitable under/over passes in Protected Area/Forest Area as per recommendations of CWLW/NBWL.
xv) The user agency shall obtain Environmental Clearance as per the provisions of Environment (Protection) act, 1986, if applicable.
xvi) The layout plan of the proposed forest land shall not be changed without the prior approval of Central Government.
xvii) No labour camp shall be allowed in the forest area.
xviii) Sufficient firewood, preferably the alternate fuel, shall be provided by the user agency to the labourer after purchasing the same from the State Forest Department of Forest Development Corporation or any other legal source of alternate fuel.
xix) The user agency while executing works, shall not fell any tree or damage forest growth in the surrounding forest area in any manner.
xx) The boundary of the forest land to be diverted shall be suitably demarcated on ground at the project cost, as per the directions of the concerned Divisional Forest Officer.
xxi) No additional or new path will be constructed inside the forest area for any activity related to the project work.
xxii) The period of diversion under this approval shall be co-terminus with the period of lease granted in favour of user agency or the project life, whichever is less.
xxiii) The forest land shall not be used for any purpose other than that specified in the project proposal.
xxiv) The forest land proposed to be diverted shall under no circumstances be transferred to any other agencies, department or person without the prior approval of Government of India.
xxv) The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project.
xxvi) Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency.
xxvii) The compliance report of the Stage-I approval shall be uploaded on e-portal (**https://parivesh.nic.in**).

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Forest (Conservation) Act, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. However, to facilitate speedy execution of projects involving linear diversion, the in-principle approval may be deemed as the working permission for tree felling and commencement of work, if the required funds for CA, NPV and all other compensatory levies specified in the in-principle approval are realized from the user agency, the State Govt. may allow the commencement of work of the linear project in forest land for a period of one year as per Para 11.2 of Chapter-11 of Handbook of Guidelines issued under F.C. Act, 1980 vide Ministry's letter No. 5-2/2017-FC dated 28.03.2019. **No temporary working permission will be granted to the project for commencement of work on forest land till NBWL clearance is obtained from competent authority.**

Yours faithfully,
(Padma Mahanti)
Dy. Inspector General of Forest (C)

PR-130/CF/22-23

**EAST COAST RAILWAY**

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ନୃତ୍ୟଗୁରୁ ଦେବପ୍ରସାଦ ଦାସଙ୍କ ଜୟନ୍ତୀ, ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟସ୍ଥ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଜାତୀୟ ଆଜୀବିକା ସେବା କେନ୍ଦ୍ର ପକ୍ଷରୁ ନିଯୁକ୍ତି ମେଳା, ଏନ୍‌ସିଏସ୍‌ସିଡିଏ, ବରମୁଣ୍ଡା, ପୋଖରୀପୁଟ, ପୂର୍ବାହ୍ନ ୯ଟା।
- ଧଉଳି ଶାନ୍ତିସ୍ତୂପ ସୁବର୍ଣ୍ଣ ଜୟନ୍ତୀ, ଧଉଳି ଶାନ୍ତିସ୍ତୂପ ପାଦଦେଶ, ପୂର୍ବାହ୍ନ ୧୦ଟା।
- ହାଇକୋର୍ଟ ସ୍ଥାନାନ୍ତର ଦାବିରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଦିନିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ, କୋର୍ଟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ୨୫ତମ କଳିଙ୍ଗ ପୁସ୍ତକ ମେଳାର ରୌପ୍ୟ ଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଉତ୍ସବ, ପ୍ରଦର୍ଶନୀ ପଡିଆ, ଅପରାହ୍ନ ୫ଟା।
- ପରିଚୟ- ଜାତୀୟ ଜନଜାତି ଉତ୍ସବ, ସ୍ୱାବଲମ୍ବନ ଆଦିବାସୀ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା।
- ଗୁରୁ ଦେବପ୍ରସାଦ ଦାଶ ଫାଉଣ୍ଡେଶନ ପକ୍ଷରୁ ୭ମ ଗୁରୁ ଦେବପ୍ରସାଦ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ତ୍ରିଧାରା ପକ୍ଷରୁ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ-୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ମା'ଥାନପତି ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ଅଙ୍କୁରାରୋପଣ ଓ ମଣ୍ଡଳକରଣ, ଭିଙ୍ଗାରପୁର, ଅପରାହ୍ନ ୫ଟା।
- ପ୍ରବଚନର ପ୍ରସଙ୍ଗ 'ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ' ନିକୁଞ୍ଜ ବିହାରୀ ମନ୍ଦିର ପରିସର, ରାତି ୭ଟା।

**କଟକ**

- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆଲୋଚନାଚକ୍ର ଓ ଭଜନ ସମାରୋହ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା।
- ସିଏମ୍‌ସି ପକ୍ଷରୁ ବାଲିଯାତ୍ରାରେ ପ୍ଲାଷ୍ଟିକ ବର୍ଜନ ଉପରେ ବୈଠକ, ବିଜୁ ଭବନ, ଅପରାହ୍ନ ୪ଟା।

# ନନ୍ଦନକାନନରେ ହାତୀ ପ୍ରେମା ଅସୁସ୍ଥ

- ଉଠି ନ ପାରିବାରୁ ହାତୀଶାଳରେ ହେଲା ଚିକିତ୍ସା
- ପର୍ଯ୍ୟଟକଙ୍କ ପାଇଁ ହାତୀ ସଫାରି ବନ୍ଦ

**ବାରଙ୍ଗ,୨୭।୧୦(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ ସାଜିଥିବା ହାତୀ ପ୍ରେମା ଗୁରୁବାର ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଛି। ଗୋଡ଼ରେ ବଢୁଥିବା ମାଂସପିଣ୍ଡୁଳାରୁ ଶାରୀରିକ ଅସୁସ୍ଥତା ଆରମ୍ଭ ହୋଇଥିବା ପ୍ରେମା ଏବେ ସମ୍ପୂର୍ଣ୍ଣ ରୂପେ ଅସୁସ୍ଥ ହୋଇପଡିଛି। ଯାହାକୁ ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତା ବଢ଼ିଯାଇଛି। ଅସୁସ୍ଥ ପ୍ରେମାକୁ ଛିଡ଼ାକରାଇବାକୁ ଯେତେ ଚେଷ୍ଟା କରିଥିଲେ ସୁଦ୍ଧା ନ ହେବାରୁ ଶେଷରେ ହାତୀଶାଳ ଚତୁଃପାର୍ଶ୍ୱ ଜରିପାଲରେ ଆବଦ୍ଧ କରାଯାଇ ଚିକିତ୍ସା ଆରମ୍ଭ ହୋଇଛି। ଅନ୍ୟପଟେ ଗୁରୁବାର ସକାଳୁ ହାତୀ ସଫାରିର ଫାଟକକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି।

ପ୍ରକାଶ ଯେ, ନନ୍ଦନକାନନର ହାତୀ ପ୍ରେମା ମାଡ୍ରାସ ଭାଣ୍ଡାଲୁର ଚିଡ଼ିଆଖାନାରୁ ୧୯୮୫ ଅକ୍ଟୋବର ୧୩ରେ ନନ୍ଦନକାନନକୁ ଆସିଥିବାବେଳେ ୬୬ବର୍ଷରେ ପଦାର୍ପଣ କରିଛି। ଗତ ଜୁଲାଇରେ ତା'ର ଆଗ ବାମଗୋଡ଼ରେ ଦୁଇଟି ମାଂସପିଣ୍ଡୁଳା ହୋଇଥିବାରୁ ଡାକ୍ତରମାନେ ଦୁଇଟି ପର୍ଯ୍ୟାୟରେ ଅପରେଶନ କରିଥିଲେ। ହେଲେ ପରେ ମାଂସପିଣ୍ଡୁଳା ପୁଣି ଧୀରେ ଧୀରେ ବଢୁଥିବାରୁ ପ୍ରେମାକୁ ଚାଲିବାରେ ଅସୁବିଧା ହେଉଥିଲା। ସେହିଦିନଠାରୁ ପ୍ରେମା ଅସୁସ୍ଥତା ହେବାରେ ଲାଗିଥିଲା। ଏଥିଯୋଗୁ ଖାଇବା ମଧ୍ୟ କମ୍ କରିଦେଇଥିଲା। ନନ୍ଦନକାନନର ଡାକ୍ତରମାନେ ପ୍ରେମାର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିବା ପାଇଁ ଚିକିତ୍ସା ଆରମ୍ଭ କରିଦେଇଥିଲେ। ଯଦିଓ ଅସୁସ୍ଥ ଥିଲା ତଥାପି ହାତୀସଫାରିର ହାତୀଶାଳରେ ଗୋଡ଼ରେ ଶିକୁଳିବନ୍ଧା ହୋଇ ଛିଡ଼ା ହୋଇରହୁଥିଲା। କିନ୍ତୁ ଗୁରୁବାର ସକାଳେ ପ୍ରେମା ଆଉ ଛିଡା ହୋଇ ନ ପାରି ତଳେ ପଡିଯାଇଥିବା ଡାକ୍ତରଖାନା ଓ ପ୍ରାଣୀ ବିଭାଗକୁ ଜଣାଇ ଦିଆଯାଇଥିଲା। ପ୍ରେମାକୁ ଉଠାଇବାକୁ ସକାଳ ୯ଟାରେ ମାହୁନ୍ତମାନଙ୍କଠାରୁ ଆରମ୍ଭ କରି ଡାକ୍ତର ଓ ପ୍ରାଣୀ ବିଭାଗ କର୍ମଚାରୀମାନେ ଉଦ୍ୟମ କରିଥିଲେ। ବିଫଳ ହେବାରୁ ଜେସିବି ମାଧ୍ୟମରେ ପ୍ରେମାକୁ ଛିଡା କରିବାକୁ ଉଦ୍ୟମ ସତ୍ତ୍ୱେ ହୋଇପାରି ନ ଥିଲା। ଏପରିକି ପାଖରେ ଥିବା କଦଳୀଗଛ ଆଣି ଖାଇବାକୁ ଦେବା ସହ ପାଣି ସ୍ପ୍ରେ ମଧ୍ୟ କରାଯାଇଥିଲା। ସବୁ ପ୍ରକାର ଉଦ୍ୟମ ବିଫଳ ହେବାପରେ ଶେଷରେ ହାତୀଶାଳରେ ହିଁ ଘୋଡ଼ାଯାଇ ପ୍ରେମାର ଚିକିତ୍ସା ହୋଇଥିଲା। ଏହି ଘଟଣା ପରେ ହାତୀସଫାରିର ଫାଟକକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ହାତୀଶାଳରେ ଥିବା ଅନ୍ୟ ଦୁଇ ହାତୀ ବାସନ୍ତୀ ଓ ହୀରାକୁ ଦେଖିବାରୁ ବଞ୍ଚିତ ହୋଇଛନ୍ତି।

ନନ୍ଦନକାନନରେ ଥିବା ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାରେ ସୁଧାର ଆଣିବା ପାଇଁ ଏକାଧିକ ଡାକ୍ତର ଅଛନ୍ତି। ଖୋଦ୍ ନନ୍ଦନକାନନ ଉପନିର୍ଦ୍ଦେଶକ, ପ୍ରାଣୀ ବିଭାଗ କ୍ୟୁରେଟର, ପ୍ରାଣୀ ବିଭାଗ ରେଞ୍ଜର ପ୍ରାଣୀ ଚିକିତ୍ସକ ଭାବେ ଉପାଧି ପାଇଛନ୍ତି। ନନ୍ଦନକାନନ ପ୍ରାଣୀ ଚିକିତ୍ସା ବଳୟରେ ଜଣେ ବରିଷ୍ଠ ପଶୁ ଚିକିତ୍ସକ, ଜଣେ ସହକାରୀ ପଶୁ ଚିକିତ୍ସକ, ୨ଜଣ ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ପାଇଛନ୍ତି। ଏହାପରେ ବି ଓୟୁଏଟିର ବିଶେଷଜ୍ଞଙ୍କର ସହାୟତା ନିଆଯାଉଛି। ଏହାସତ୍ତ୍ୱେ ଠିକ୍ ରୋଗ ନିରୂପଣ ହୋଇପାରୁ ନ ଥିବାରୁ ନିରୀହ ଜୀବଜନ୍ତୁଙ୍କର ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି। ଏହି ମାସ ମଧ୍ୟରେ ଜଳହସ୍ତୀ ଶାବକ, ୩ ଗୁରାଣ୍ଡି, ମାଈ କୃଷ୍ଣସାର ମୃଗ, ମାଈ ନୀଳଗାଈ, ବାଘୁଣୀ ବିଜୟା, ଏମୁ ମୃତ୍ୟୁବରଣ କରିଛି।





ସୂର୍ଯ୍ୟ ମନ୍ଦିର ପରିଦର୍ଶନ ଅବସରରେ ଗୁରୁବାର ଆସୋସିଏଶନ ଅଫ୍ ସାଉଥ୍ ଇଷ୍ଟ ଏସିଆନ ନେଶନର ସଦସ୍ୟମଣ୍ଡଳୀ।

# ଶାନ୍ତି ପଦଯାତ୍ରାରେ ବିଶ୍ୱଶାନ୍ତିର ବାର୍ତ୍ତା

**ଆଜିଠାରୁ ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ସମାରୋହ**

- ବିଭିନ୍ନ ଦେଶର ବୌଦ୍ଧ ସନ୍ନ୍ୟାସୀଙ୍କ ସମାଗମ
- ସମ୍ରାଟ ଅଶୋକଙ୍କ ଶିଳାଲେଖଠାରେ ପ୍ରାର୍ଥନା

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**




ପଦଯାତ୍ରା ଉଦ୍‌ଘାଟନ ଅବସରରେ ଅତିଥିଙ୍କ ଗହଣରେ ବୌଦ୍ଧ ସନ୍ନ୍ୟାସୀମାନେ।

ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ବିଶ୍ୱର ବିଭିନ୍ନ ଦେଶରୁ ବୌଦ୍ଧ ସନ୍ନ୍ୟାସୀଙ୍କ ସମାଗମ ହୋଇଛି। ଗୁରୁବାର ଏହି ବୌଦ୍ଧ ସନ୍ନ୍ୟାସୀମାନେ ଶାନ୍ତିପଦଯାତ୍ରା ମାଧ୍ୟମରେ ଭୁବନେଶ୍ୱରରୁ ବିଶ୍ୱଶାନ୍ତିର ବାର୍ତ୍ତା ଦେଇଛନ୍ତି। ସକାଳ ପ୍ରାୟ ୯ଟାରେ ଭୁବନେଶ୍ୱର ସର୍କିଟ୍ ହାଉସ୍‌ଠାରେ ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଜାପାନର ବୌଦ୍ଧ ଭିକ୍ଷୁ ଟାକା ଓ ଟାକାଡୋ ଅତିଥି ଭାବେ ଯୋଗଦେଇ ଏହି ଶାନ୍ତି ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ପଦଯାତ୍ରାରେ ଆମେରିକା, ୟୁକ୍ରେନ୍, ଜାପାନ ଆଦି ବିଭିନ୍ନ ଦେଶରୁ ଆସିଥିବା ବୌଦ୍ଧ ଭିକ୍ଷୁ, ସନ୍ନ୍ୟାସୀ ଓ ସାଧୁସନ୍ଥମାନେ ଯୋଗ ଦେଇଥିଲେ। ବୌଦ୍ଧ ଭିକ୍ଷୁ ଓ ଅତିଥିମାନେ ଢୋଲ ବାଦନ ପୂର୍ବକ ଶାନ୍ତି ମନ୍ତ୍ର 'ନା-ମ୍ୟୁ-ମ୍ୟୋ-ହୋ-ରେନ୍-ଗେ-କ୍ୟୋ...' ଉଚ୍ଚାରଣ କରି ରାଜଭବନ ଛକ ଦେଇ ଏଜି ଛକ ପର୍ଯ୍ୟନ୍ତ ଆସିଥିଲେ। ଏହା ପରେ ସେମାନେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ସ୍ୱତନ୍ତ୍ର ବସ୍ ଯୋଗେ ଧଉଳି ଛକରେ ପହଞ୍ଚିବା ପରେ ସେଠାରୁ ଧଉଳି ଶାନ୍ତିସ୍ତୂପ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଶାନ୍ତିସ୍ତୂପ ପଦଦେଶରେ ଥିବା ସମ୍ରାଟ ଅଶୋକଙ୍କ ଶିଳାଲେଖଠାରେ ପ୍ରାର୍ଥନା କରିଥିଲେ। ଖୋର୍ଦ୍ଧା ଜିଲା ପ୍ରଶାସନ ତଥା ଭୁବନେଶ୍ୱର ଉପଖଣ୍ଡ ପ୍ରଶାସନର ସମସ୍ତ ଅଧିକାରୀ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବୌଦ୍ଧ ଭିକ୍ଷୁମାନଙ୍କୁ ସାକ୍ଷାତ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାର, କଳିଙ୍ଗ ନିପ୍ପନ ବୁଦ୍ଧ ସଂଘ ଓ ଧଉଳି ଉନ୍ନୟନ ପରିଷଦ କମିଟି ପକ୍ଷରୁ ଏହି ଜୟନ୍ତୀ ଅନୁଷ୍ଠିତ ହେଉଛି।

# ସୂର୍ଯ୍ୟମନ୍ଦିର ବୁଲିଲେ ୭ ଦେଶର ରାଷ୍ଟ୍ରଦୂତ

## କୋଣାର୍କର ଇତିହାସ ଜାଣି ବିମୋହିତ

**କୋଣାର୍କ,୨୭।୧୦(ଡି.ଏନ୍.ଏ.)**

ବିଶ୍ୱ ପର୍ଯ୍ୟଟନସ୍ଥଳୀ କୋଣାର୍କର ସୂର୍ଯ୍ୟମନ୍ଦିର, ଆନ୍ତର୍ଜାତିକ ବ୍ୟାଖ୍ୟାନ କେନ୍ଦ୍ରକୁ ଗୁରୁବାର ଆସୋସିଏଶନ ଅଫ୍ ସାଉଥ ଇଷ୍ଟ ଏସିଆନ ନେଶନର ସଦସ୍ୟ ମଣ୍ଡଳୀ ବୁଲି ଦେଖିଛନ୍ତି। ଏହି ଓଡ଼ିଶା ଭ୍ରମଣରେ ସାମିଲ ହୋଇଥିଲେ ଭିଏତନାମ, ମ୍ୟାନମାର, ଥାଇଲାଣ୍ଡ, ଲାଓପିଡିଆର, ମାଲେସିଆ, ଇଣ୍ଡୋନେସିଆ, ବୋର୍ନିଓର ରାଷ୍ଟ୍ରଦୂତ ସମୂହ। ସଦସ୍ୟ ମଣ୍ଡଳୀ ପ୍ରଥମେ କୋଣାର୍କରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସମର୍ଥ ବର୍ମା ରାଷ୍ଟ୍ରଦୂତମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପ୍ରାୟ ୩ ଘଣ୍ଟାର ଭ୍ରମଣ ସମୟରେ ବ୍ୟାଖ୍ୟାନ କେନ୍ଦ୍ରରେ ଓଡ଼ିଶାର ଐତିହ୍ୟ, ବୋଇତ ବନ୍ଦାଣ, ଭଗ୍ନ କୋଣାର୍କର ପୂର୍ବ ସ୍ଥିତିର ପ୍ରତିକାତ୍ମକ ପ୍ରସ୍ତର ଖୋଦେଇ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବା ସହ କୋଣାର୍କର ଇତିହାସ ସମ୍ବନ୍ଧୀୟ ସ୍ଥିରଚିତ୍ର ଦେଖି ବିମୋହିତ ହୋଇଥିଲେ। ଏହାପରେ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲି ପ୍ରତ୍ନତାତ୍ତ୍ୱିକ ତଥ୍ୟ, ସୂର୍ଯ୍ୟ ଘଡି, ପୌରାଣିକ କାହାଣୀ, ଶାମ୍ବ ଓ ଧର୍ମପଦଙ୍କ କାହାଣୀ ଆଦି ଗାଇଡ୍‌ଙ୍କଠାରୁ ବୁଝିଥିଲେ। ଏଭଳି କାରୁକାର୍ଯ୍ୟ ଦେଖି ବିଶ୍ୱରେ ବିରଳ ଓ ଅଦ୍ୱିତୀୟ ବୋଲି ରାଷ୍ଟ୍ରଦୂତମାନେ କହିଥିଲେ। କୋଣାର୍କରୁ ଏକ ଭଲ ଅନୁଭୂତି ନେଇଯିବା ଓଡ଼ିଶାର ପର୍ଯ୍ୟଟନ ବିକାଶରେ ସହାୟକ ହେବ। ସୂର୍ଯ୍ୟମନ୍ଦିର ଦର୍ଶନ କରିବା ସହ ନିପୁଣ କାରୁକାର୍ଯ୍ୟ ଦେଖି ଖୁସିବ୍ୟକ୍ତ କରିଥିଲେ ଟିମ୍ ସଦସ୍ୟଗଣ। ଏହି ଗସ୍ତ ସମୟରେ ପୁରୀ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର, ଗୋପ ତହସିଲଦାର ଏସ୍.କେ.ସାଗିର, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀଙ୍କ ସମେତ ଏଏସ୍‌ଆଇର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗଙ୍ଗାଧର



@ ସୁଧାଂଶୁ



@ ଉଦୟଭାନୁ



@ ଓମ୍



@ ଅନୁପ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ରାଜ୍ୟ ଜଳସମ୍ପଦ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ସନ୍ତାନ'ର ଏକ ଦୃଶ୍ୟ।




ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ପକ୍ଷରୁ ଗୁରୁବାର ଓଡ଼ିଶାର ଶିକ୍ଷା ସ୍ଥିତି ନେଇ ହୋଇଥିବା ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।




ସୂର୍ଯ୍ୟ ଓ ନିଶାଦ ପକ୍ଷରୁ ଗୁରୁବାର ଭୁବନେଶ୍ୱର ସୂଚନା ଭବନରେ ଅନୁଷ୍ଠିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ସ୍ମାର୍ଟ କିଓସ୍କ: ବିଏସ୍‌ସିଏଲ୍‌ର ଯୋଜନା ଫେଲ୍

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ରାଜଧାନୀବାସୀଙ୍କ ଜୀବନଶୈଳୀକୁ ସରଳ ଓ ସ୍ମାର୍ଟ କରିବା ପାଇଁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ସହରରେ ସ୍ମାର୍ଟ କିଓସ୍କ ସ୍ଥାପନ କରି ସ୍ମାର୍ଟ ଟେକ୍ନୋଲୋଜି ମାଧ୍ୟମରେ ସହରବାସୀଙ୍କୁ ହାତ ପାଆନ୍ତାରେ ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ସହରବାସୀ ତଥା ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏହି କିଓସ୍କଗୁଡ଼ିକ ସ୍ଥାପନ କରାଯାଇଥିବାବେଳେ ଇଣ୍ଟରନେଟ୍ ସମସ୍ୟା କାରଣରୁ ଅନେକ ସମୟରେ କାମ କରୁ ନ ଥିବା ଅଭିଯୋଗ ହେଉଛି। ପୁଣି ଅଧିକାଂଶ ଲୋକ ଏହାର ବ୍ୟବହାର ଜାଣି ନାହାନ୍ତି। ପରିଚାଳନାଗତ ତ୍ରୁଟି ଓ ଜନସଚେତନତା ଅଭାବରୁ ସ୍ମାର୍ଟ କିଓସ୍କଗୁଡ଼ିକ ସେବା ଯୋଗାଇବାରେ ବିଫଳ ହୋଇଛି। ଏହାକୁ ନେଇ ବୁଦ୍ଧିଜୀବିଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସାଧାରଣ ଲୋକଙ୍କ ମୁହଁରେ ଗୋଟିଏ ପ୍ରଶ୍ନ 'ସ୍ମାର୍ଟ କିଓସ୍କ ବ୍ୟବହାର କରୁଛି କିଏ ?'

ସର୍ବସାଧାରଣ ସ୍ଥାନ ମଲ୍, ପାର୍କ, ରେଲୱେ ଷ୍ଟେଶନ, ବସ୍ ଷ୍ଟପ୍, ଶିକ୍ଷାନୁଷ୍ଠାନ ତଥା ପର୍ଯ୍ୟଟନସ୍ଥଳୀରେ ସ୍ମାର୍ଟ ଡିଜିଟାଲ କିଓସ୍କଗୁଡ଼ିକ ସ୍ଥାପନ କରାଯାଇଛି। ଜନ୍ମମୃତ୍ୟୁ ଓ ବିବାହ ପଞ୍ଜୀକରଣ, ଟ୍ରେଡ୍ ଲାଇସେନ୍ସ ପାଇଁ ଆବେଦନ, ବସ୍ ଓ ଟ୍ରେନ୍ ଟିକେଟ୍, କ୍ୟାବ୍ ବୁକିଂ ଆଦିର ସୁବିଧା ଏହି କିଓସ୍କରେ ଉପଲବ୍ଧ ହେଉଥିବାବେଳେ ରାଜଧାନୀବାସୀ ଏ ସମ୍ପର୍କରେ ଅବଗତ



ଭୁବନେଶ୍ୱର ଜନପଥରେ ଥିବା ସ୍ମାର୍ଟ କିଓସ୍କ ।

ନାହାନ୍ତି। ଫ୍ରି ୱାଇଫାଇ, ଫ୍ରି କଲିଂ ସୁବିଧା ରହୁଥିଲେ ମଧ୍ୟ ପରିଚାଳନାଗତ ସମସ୍ୟା ଭୋଗୁଛନ୍ତି ଉପଭୋକ୍ତା। ଜରୁରୀକାଳୀନ ପରିସ୍ଥିତିରେ ନିକଟବର୍ତ୍ତୀ ଥାନା କିମ୍ବା ହସ୍ପିଟାଲକୁ ଯୋଗାଯୋଗ କରିବାର ସୁବିଧା ରହିଥିଲେ ମଧ୍ୟ ନାଗରିକ ଏହାର ବ୍ୟବହାର ସମ୍ପର୍କରେ ଜାଣିନାହାନ୍ତି। ଏଥିରେ ପାଣି ଓ ବିଦ୍ୟୁତ ବିଲ୍ ପୈଠ କରିବା ସୁବିଧା ରହିଥିଲେ ମଧ୍ୟ ଲୋକମାନେ ପୂର୍ବପରି ସଂପୃକ୍ତ ବିଭାଗରେ ଲାଇନ୍‌ରେ ଠିଆ ହୋଇ ହଟହଟା ହେଉଛନ୍ତି। ରାଜଧାନୀର ଅନେକ ଶିକ୍ଷିତ ଲୋକ ମଧ୍ୟ ସ୍ମାର୍ଟ କିଓସ୍କ ବିଷୟରେ ଅବଗତ ନାହାନ୍ତି। ସେହିପରି ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଅଚଳାବସ୍ଥାକୁ ଚାଲିଯାଇଛି।

ସୂଚନା ଥାଉ କି, ୨୦୨୦ ସୁଦ୍ଧା ହୋଇଥିବା ଯୋଜନା ଅନୁସାରେ ସହରରେ ମୋଟ ୭୫ଟି ସ୍ମାର୍ଟ କିଓସ୍କ ସ୍ଥାପନ କରାଯିବାର ଥିଲା। ସେଥିମଧ୍ୟରୁ ୫୦ଟି ଇନ୍‌ଡୋର ଓ ୨୫ଟି ଆଉଟଡୋର୍ ସ୍ମାର୍ଟ କିଓସ୍କ। ତେବେ ବର୍ତ୍ତମାନ ସୁଦ୍ଧା ୬୨ଟି ସ୍ମାର୍ଟ କିଓସ୍କ ସ୍ଥାପନ କରାଯାଇଛି। ୨୫ଟି ଆଉଟ୍‌ଡୋର କିଓସ୍କ ମଧ୍ୟରୁ ୧୮ଟି କାର୍ଯ୍ୟକ୍ଷମ ଥିବାଲେ ମଧ୍ୟ ଅଧିକାଂଶ ଅନୁପଯୋଗୀ ଓ ଅଚଳ। ଅବଶିଷ୍ଟ କିଓସ୍କଗୁଡ଼ିକ ଖୁବ୍‌ଶୀଘ୍ର ସ୍ଥାପନ କରାଯିବ ବୋଲି ବିଏସ୍‌ସିଏଲର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

**କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ବ୍ୟର୍ଥ**



ଅର୍ଥ ବ୍ୟୟ କରି କେବଳ ପ୍ରକଳ୍ପ କରିଦେଲେ ହେବ ନାହିଁ, ପ୍ରକଳ୍ପକୁ ସଫଳ କରିବା ପାଇଁ ପଦକ୍ଷେପ ନିଆଯିବା ଉଚିତ୍। ସ୍ମାର୍ଟ କିଓସ୍କ ବ୍ୟବହାର କେବଳ ସ୍ମାର୍ଟ ଜନତା କରିପାରିବେ। ତେବେ ଲୋକଙ୍କୁ ସ୍ମାର୍ଟ କରିବା ଅର୍ଥାତ୍ କିଓସ୍କ ସମ୍ପର୍କରେ ଅବଗତ କରାଇବା ଦାୟିତ୍ୱ ପ୍ରଶାସନର। ନଚେତ୍ ପ୍ରକଳ୍ପ ପରେ ପ୍ରକଳ୍ପ ହେଉଥିଲେ ମଧ୍ୟ ସାଧାରଣ ଜନତା ଏହାର ବ୍ୟବହାର କରି ନ ପାରିଲେ କୌଣସି ଲାଭ ନାହିଁ। କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ବ୍ୟର୍ଥ।

**– ବିଷ୍ଣୁ ଚରଣ ମହାରଣା, ସାଧାରଣ ନାଗରିକ**

**କିଓସ୍କ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ଉଚିତ**



ଯେପର୍ଯ୍ୟନ୍ତ ଲୋକମାନେ ହୀରାର ମୂଲ୍ୟ ଜାଣି ନାହାନ୍ତି, ତାହା ସାଧାରଣ ପଥର ସହ ସମାନ। କେବଳ ପ୍ରଶାସନ ଜାଣିଛି, ଏହା ସ୍ମାର୍ଟ କିଓସ୍କ। କିନ୍ତୁ ଜନସାଧାରଣ ଏ ସମ୍ପର୍କରେ କିଛି ଜାଣନ୍ତି ନାହିଁ। କେଉଁ କାମରେ ଏହାକୁ କିପରି ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ଅଧିକାଂଶ ଉଚ୍ଚ ଶିକ୍ଷିତ ଲୋକ ମଧ୍ୟ ଜାଣି ନ ଥିବେ। ଯଦି ପ୍ରକୃତରେ ଏହି କିଓସ୍କଗୁଡ଼ିକ ସାଧାରଣ ଜନତାଙ୍କ ହିତ ପାଇଁ, ତେବେ ଏହାର ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ଜନସାଧାରଣଙ୍କୁ ପ୍ରଥମେ ଅବଗତ କରାଯିବା ଉଚିତ।

**–ତୁଳସୀ ନାଥ, ସାଧାରଣ ନାଗରିକ**

**କିଓସ୍କଗୁଡ଼ିକ ଅନୁପଯୋଗୀ ହେବାରେ ଲାଗିଛି**



ଯେତେବେଳେ ସହରର ବିଭିନ୍ନ ସ୍ଥାନରେ ସ୍ମାର୍ଟ କିଓସ୍କ ସ୍ଥାପନ କରାଗଲା, ସେତେବେଳେ ଭାବୁଥିଲି ଏହାଖୁବ୍ ଉପଯୋଗୀ ହେବ। କିନ୍ତୁ ଧୀରେ ଧୀରେ ଏସବୁ ବ୍ୟବହାର ଅନୁପଯୋଗୀ ହେବାକୁ ଲାଗିଛି। ଏ ସମ୍ପର୍କରେ ଠିକ୍ ସୂଚନା ଠିକ୍ ସମୟରେ ପହଞ୍ଚିପାରିଥିଲେ, ଲୋକମାନେ ବେଶ୍ ଉପକୃତ ହୋଇପାରିଥାନ୍ତେ। ହେଲେ ପ୍ରକଳ୍ପ ସ୍ଥାପନ କରି ସାରିବା ପରେ ଅଧିକାରୀମାନେ କାମ ସରିଗଲା ଭାବୁଥିବାରୁ ଏଭଳି ଅନେକ ପ୍ରକଳ୍ପ ବିଫଳ ହେଉଛି।

**– ପ୍ରତିକା ପ୍ରିୟଦର୍ଶିନୀ, ସାଧାରଣ ନାଗରିକ**

**ସଂକ୍ଷେପରେ**

## ଡିସେମ୍ବର ୧ରୁ କୋଣାର୍କରେ ଇକୋ ରିଟ୍ରିଟ୍

ପୁରୀ ଅଫିସ,୨୭।୧୦: ଇକୋ ରିଟ୍ରିଟ୍‌ର ଚତୁର୍ଥ ସଂସ୍କରଣ ଆସନ୍ତା ଡିସେମ୍ବର ୧ରୁ କୋଣାର୍କରେ ଆରମ୍ଭ ହେବ। ଏନେଇ ଏକ ବୈଠକ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷର ଅଭିଜ୍ଞତା ଓ ଅନୁଭବକୁ ଆଧାର କରି ଚଳିତ ବର୍ଷର ଇକୋ ରିଟ୍ରିଟ୍‌କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପରସ୍ପର ସହ ସମନ୍ୱୟ ରଖି କାମ କରିବା, ଧାର୍ଯ୍ୟ ସମୟ ପୂର୍ବରୁ କାର୍ଯ୍ୟ ସାରିବା ଏବଂ ପର୍ଯ୍ୟଟକମାନେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ଏବଂ ଇ-ଫାକ୍ଟର ଏଜେନ୍ସିର ମିଳିତ ସହଯୋଗରେ ଡିସେମ୍ବର ୧ରୁ ୨୦୨୩ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଇକୋ ରିଟ୍ରିଟ୍ ଅନୁଷ୍ଠିତ ହେବ। ୭୦ଟି ଲକ୍‌ଜରି ଟେଣ୍ଟ କରାଯିବ, ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ। ଇକୋ ରିଟ୍ରିଟ୍ ସମୟରେ ଜଳକ୍ରୀଡ଼ା, ବିଚ୍ ସ୍ପୋର୍ଟସ, ଇନ୍‌ଡୋର ଗେମ୍ ଇତ୍ୟାଦି ବ୍ୟବସ୍ଥା ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ, ପାଣି, ମୋବାଇଲ ନେଟୱର୍କ, ଚିକିତ୍ସା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ, ସୁରକ୍ଷା, ୨୪ ଘଣ୍ଟିଆ ଲାଇଫ୍ ଗାର୍ଡ ବ୍ୟବସ୍ଥା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲ୍ଲୀପ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ଏବଂ ଅନ୍ୟାନ୍ୟ ବିଭାଗ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ଇକୋ ରିଟ୍ରିଟ୍‌ର ଆୟୋଜନ କରୁଥିବା ଇ-ଫାକ୍ଟରର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

## ଧଉଳି ଶାନ୍ତିସ୍ତୁପ ଗଛକଟା ପ୍ରସଙ୍ଗ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ପୁରୁଣା ଭୁବନେଶ୍ୱର,୨୭।୧୦(ଡି.ଏନ୍.ଏ.): ଧଉଳି ଶାନ୍ତିସ୍ତୁପ ନିର୍ମାଣର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ସେଠାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ ଓ ଦେଶ ବାହାରୁ ଅତିଥି ଆସିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ସେଠାରେ ଥିବା କେତେକ ଗଛ ଗଛ ଗୁଡ଼ିକୁ ମୂଳରୁ କଟାନଯାଇ ସୌନ୍ଦର୍ଯ୍ୟକରଣ ପାଇଁ କେବଳ ଡ଼ାଳ, ଶାଖା, ପ୍ରଶାଖାକୁ କାଟିଦିଆଯାଇଛି। ଫଳରେ ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିରୋଧ ହେଉଛି। ଗୁରୁବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏହି ଗଛକଟାକୁ ବିରୋଧ କରାଯିବା ସହ ଉପଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଆଗାମୀ ଦିନରେ ବିଭାଗ ଏଥିରୁ ନିବୃତ ନ ରୁହେ ମଞ୍ଚ ଜନଆନ୍ଦୋଳନକୁ ଓହ୍ଲାଇବ ବୋଲି ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗୋପୀନାଥ ପ୍ରଧାନ, ଜଗତଚନ୍ଦ୍ର ଦାସ, ବ୍ରଜରାଜ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା, ନିରଞ୍ଜନ ରାଉତ, ଦିଲୀପ ସୁବୁଦ୍ଧି, ବିନୋଦିନୀ ସେନାପତି, ସଞ୍ଜୁଲତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହେତୁବାଦୀଙ୍କ ବିରୋଧରେ ଏତଲା

### ସୂର୍ଯ୍ୟୋପରାଗ ବେଳେ ଚିକେନ୍ ବିରିୟାନୀ ଖାଇବା ଘଟଣା

ପୁରୀ ଅଫିସ, ୨୭।୧୦:

ହେତୁବାଦୀମାନେ ଗତ ମଙ୍ଗଳବାର ସୂର୍ଯ୍ୟୋପରାଗ ସମୟରେ ଚିକେନ୍ ବିରିୟାନୀ ଖାଇବା ସହ ବ୍ରାହ୍ମଣ ସମାଜକୁ ଆପେକ୍ଷ କରିଥିବା ଅଭିଯୋଗରେ ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଗୁରୁବାର ପୁରୀ ଟାଉନ ଥାନାରେ ହେତୁବାଦୀ ସଙ୍ଗଠନ ବିରୋଧରେ ଏତଲା ଦିଆଯାଇଛି। ମହାସଭାର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ରଥଙ୍କ ନେତୃତ୍ୱରେ ଏହି ଏତଲା ଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏତଲାରେ ଦର୍ଶାଯାଇଛି, ନିଜକୁ ହେତୁବାଦୀ କହୁଥିବା କେତେଜଣ ବ୍ୟକ୍ତି ସୂର୍ଯ୍ୟୋପରାଗ ସମୟରେ ଚିକେନ ବିରିୟାନୀ ଖାଉଥିବା ଟିଭିରେ ଦେଖିବାକୁ ମିଳିଥିଲା। ସେମାନେ ସୂର୍ଯ୍ୟୋପରାଗ ନୀତି ନିୟମକୁ ଅନ୍ଧବିଶ୍ୱାସ ବୋଲି କହିଥିଲେ। ଏପରିକି ଜଣେ ହେତୁବାଦୀ ଟିଭିରେ ବିତର୍କରେ ଭାଗ ନେଇଥିବାବେଳେ ପ୍ରତିପକ୍ଷଙ୍କ ପ୍ରତି ଅଶାଳୀନ ବ୍ୟବହାର ସହ ବ୍ରାହ୍ମଣ ଜାତିକୁ ଆକ୍ଷେପ କରିଥିଲେ। ଏହି ମନ୍ତବ୍ୟ ଓ ଆଚରଣ ସମଗ୍ର ବ୍ରାହ୍ମଣ ଜାତିକୁ ଅପମାନିତ କରିବା ସହ ଧର୍ମ ଉପରେ ବିଶ୍ୱାସ ରଖୁଥିବା ସମଗ୍ର ହିନ୍ଦୁ ସମାଜକୁ ବ୍ୟଥିତ କରିଛି। ଏଣୁ ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଦାବି କରାଯାଇଛି।



ଓଡ଼ିଶା ସେକେଣ୍ଡାରି ସ୍ପେଶାଲ୍ ଟିଚର୍ସ ଆସୋସିଏଶନ ପକ୍ଷରୁ ୨ ଦଫା ଦାବି ନେଇ ଗୁରୁବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।

# ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବି

**ଓଡ଼ିଶା ସେକେଣ୍ଡାରି ସ୍ପେଶାଲ ଏଜୁକେଶନ ଟିଚର୍ସ ଆସୋସିଏଶନର ଗଣଧାରଣା**

ଭୁବନେଶ୍ୱର, ୨୭।୧୦ (ବ୍ୟୁରୋ)

ବିଶେଷ ଆବଶ୍ୟକତା ରଖୁଥିବା ପିଲାଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପାଇଁ ୨୦୨୧ ଅକ୍ଟୋବର ୨୮ରେ ସୁପ୍ରିମ କୋର୍ଟ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଏହାକୁ ୬ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ରହିଥିଲା। ମାତ୍ର ବର୍ଷେ ବିତି ଯାଇଥିଲେ ବି ଏ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଏହାର ପ୍ରତିବାଦ କରି ଓଡ଼ିଶା ସେକେଣ୍ଡାରୀ ସ୍ପେଶାଲ୍ ଟିଚର୍ସ ଆସୋସିଏଶନ (ଓଏସ୍‌ଏସ୍‌ଇଟିଏ) ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଥିଲା। ୨ଦଫା ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଶହ ଶହ ସଂଖ୍ୟାରେ ଆଶାୟୀ ଶିକ୍ଷକମାନେ ରାଲିରେ ଆସି ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲେ। ସରକାର ବିଶେଷ ଆବଶ୍ୟକତା ରଖୁଥିବା ଦିବ୍ୟାଙ୍ଗ ପିଲାଙ୍କୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ୧୦ଟି ପିଲାରେ ଓ ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ପ୍ରତି ୧୫ଜଣରେ ଜଣେ ଲେଖାଏ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବା ଏବଂ ସମସ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ନିୟମିତ ଭାବେ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏନେଇ ସଂଘ ସଭାପତି ବୀରବର ସାମନ୍ତସିଂହାର କହିଛନ୍ତି, କେସ୍ ନଂ.ଡବ୍ଲ୍ୟୁପି (ସି) ୧୩୨/୨୦୧୬ର ଆଦେଶ ଅନୁଯାୟୀ ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ୬ ମାସ ଭିତରେ ପୂରଣ କରିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ରାଜ୍ୟ ସରକାର ଏହି ନିର୍ଦ୍ଦେଶକୁ ଅଣଦେଖା କରିବା ସହ ଏହାର ଅବମାନନା କରିଛନ୍ତି। ତେଣୁ ବାଧହୋଇ ଆମକୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡିଛି। ସରକାର ତୁରନ୍ତ ଏ ନେଇ ପଦକ୍ଷେପ ନ ନେଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## କ୍ରିଷ୍ଣା ସିଂହଙ୍କୁ ତଡିପାର ଘୋଷଣା

### କ୍ରିଷ୍ଣାଙ୍କ ନାମରେ ରହିଛି ଏକାଧିକ ମାମଲା

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ରାଜଧାନୀରେ ଅପରାଧୀଙ୍କୁ ରହିବାକୁ ଦିଆଯିବ ନାହିଁ। ବୁଧବାର ଅପରାଧୀ ସଂଗ୍ରାମ କେଶରୀଙ୍କୁ ତଡିପାର ଘୋଷଣା କରାଯାଇଥିବାବେଳେ ଗୁରୁବାର ଆଉଜଣେ ଅପରାଧୀଙ୍କୁ ତଡିପାର ନୋଟିସ କରାଯାଇଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡା ଅଞ୍ଚଳରେ ରହୁଥିବା ଅଭ୍ୟାସଗତ ତଥା ପେସାଦାର ଅପରାଧୀ କିଶନ ଓରଫ କ୍ରିଷ୍ଣା ସିଂହ। ଏକ ବର୍ଷ ପର୍ଯ୍ୟନ୍ତ କିଶନ ରାଜଧାନୀରେ ରହିପାରିବେ ନାହିଁ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ ସୂଚନାନୁସାରେ, କ୍ରିଷ୍ଣା ନାମରେ ୨୦୧୪ ରୁ ୨୦୨୨ ମଧ୍ୟରେ ଖଣ୍ଡଗିରି ଥାନାରେ ୮ଟି ଆପରାଧିକ ମାମଲା ଥିବାବେଳେ ଭରତପୁର ଥାନାରେ ୨ଟି, ଏୟାରପୋର୍ଟ ଓ ଜଟଣୀ ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ କରାଯାଇଛି। ସେ କୌଣସି ଜୀବିକା ନିର୍ବାହର ପନ୍ଥା ଅବଲମ୍ବନ ନ କରି ବିଭିନ୍ନ ପ୍ରକାର ଅପରାଧ ଘଟାଇଥାନ୍ତି। ନିରୀହ ଜନତାଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଲୁଟ୍ ଓ ଚୋରି କରିଥାନ୍ତି। ଅସାମାଜିକ ତଥା ଅପରାଧୀଙ୍କୁ ଭୁବନେଶ୍ୱର ସହରାଞ୍ଚଳ ପରିସୀମା ମଧ୍ୟରେ ଅଧିକ ଅପରାଧ ଘଟାଇବାରୁ ନିବୃତ୍ତ କରିବା ନିମନ୍ତେ ଓଡ଼ିଶା ସହରାଞ୍ଚଳ ପୋଲିସ ଅଧିନିୟମ ୨୦୦୩ର ଧାରା-୪୬ (ଏ) (ବି) (ସି) (i) (ii) (iii) ଅନୁଯାୟୀ ତଡିପାର ଆଦେଶ ଜାରି କରାଯାଇଛି।

# ଗଛରୁ ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଭୁବନେଶ୍ୱର,୨୭।୧୦(ବ୍ୟୁରୋ):

ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୯ ଅଞ୍ଚଳରେ ଗୁରୁବାର ଏକ ବରକୋଳି ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ନାବାଳକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ଭଗବତୀ ବସ୍ତିର ମନୋରଞ୍ଜନ ଦାସ (୧୬)। ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ମନୋରଞ୍ଜନଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୧/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ମନୋରଞ୍ଜନ ୯ମ ଶ୍ରେଣୀରୁ ପାଠପଢ଼ା ବନ୍ଦ କରି ଦେଇଥିଲେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ଗାଈ ଚରାଇବାକୁ ଘରଠାରୁ ୮୦୦ ମିଟର ଦୂର ଏକ ପଡ଼ିଆକୁ ଯାଇଥିଲେ। ୧୧ଟା ୩୦ ବେଳକୁ ସେ ଘରକୁ ନ ଆସିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ପରେ ତାଙ୍କ ବାପା ଚାରିଆଡେ ଖୋଜାଖୋଜି କରିଥିଲେ। ମଙ୍ଗଳା ମନ୍ଦିର ନିକଟ ଏକ ବରକୋଳି ଗଛରେ ପଘା ଦ୍ୱାରା ମନୋରଞ୍ଜନ ଝୁଲୁଥିବା ସେ ଦେଖିବାକୁ ପାଇ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ ମଧ୍ୟ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି। ମନୋରଞ୍ଜନ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିଛି ସେନେଇ ଚର୍ଚ୍ଚା ଲାଗି ରହିଛି। ତେବେ ମନୋରଞ୍ଜନ ଘରୁ ୨୦୦୦ ଟଙ୍କା ନେଇଯିବାରୁ ବୁଧବାର ରାତିରେ ଘରେ ଝଗଡ଼ା ହୋଇଥିଲା ବୋଲି ପଡ଼ୋଶୀ ଏନେଇ ପୋଲିସକୁ କହିଛନ୍ତି। ଏହି ଝଗଡ଼ାକୁ କେନ୍ଦ୍ର କରି ମନୋରଞ୍ଜନ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ସେ କହିଛନ୍ତି।

# ନିର୍ବାଚିତ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା

ବାଲିପାଟଣା,୨୭।୧୦(ଡି.ଏନ୍.ଏ.):

ଗାରେଡ଼ିପାଞ୍ଚଣ ସେବା ସମବାୟ ସମିତିରୁ ଅଳକା ନିର୍ବାଚନରେ ପ୍ରଦୋଷ ସେନାପତି ୮ନମ୍ବର ଜୋନରୁ ନିର୍ବାଚିତ ହୋଇଛନ୍ତି। ସେହିପରି ଲିଙ୍ଗରାଜ ଭୋଇ ଭୁବନେଶ୍ୱର ଆଞ୍ଚଳିକ ବାଣିଜିକ ସମବାୟ ସମିତିରୁ ୧ନମ୍ବର ଜୋନରୁ ସଭ୍ୟଭାବେ ନିର୍ବାଚିତ ହୋଇଛନ୍ତି। ଏହି ଦୁଇ ନିର୍ବାଚିତ ପ୍ରତିନିଧିଙ୍କୁ ବାଲିପାଟଣାସ୍ଥିତ ଗାରେଡିପାଞ୍ଚଣ ସେବା ସମବାୟ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମିତି ସଭାପତି ଅଭିମନ୍ୟୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନିର୍ବାଚିତ ପ୍ରାର୍ଥୀମାନେ ଚାଷୀଙ୍କ ପାଇଁ ସମସ୍ତ ସରକାରୀ ସହଯୋଗ ଯୋଗାଇଦେବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ସାଲିଆସାହିରୁ ବ୍ରାଉନସୁଗାର ଜବତ, ୩ ଗିରଫ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ନିଶା କାରବାର ପେଣ୍ଠସ୍ଥଳ ପାଲଟିଛି ରାଜଧାନୀର ବସ୍ତି ଅଞ୍ଚଳ। କମିଶନରେଟ ପୋଲିସ ଓ ଅବକାରୀ ବିଭାଗ ଯେତେ ଚଢାଉ କଲେ ମଧ୍ୟ ଏହି ବେଆଇନ କାରବାର ବନ୍ଦ ହେଉନାହିଁ। ବୁଧବାର ଅବକାରୀ ବିଭାଗ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ଚଢାଉ କରି ୩୩ ଗ୍ରାମର ହେରୋଇନ ଜବତ କରିବାର ୨୪ ଘଣ୍ଟା ନ ପୁରୁଣୁ ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହିରୁ ବ୍ରାଉନସୁଗାର ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ବିଭାଗ ୩ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ସତ୍ୟବ୍ରତ ଦାଶ, ସତ୍ୟଲୋଚନ ପାତ୍ର ଓ ତ୍ରିଲୋଚନ ପାତ୍ର। ଏମାନଙ୍କଠାରୁ ୧୧୭ ଗ୍ରାମର ବ୍ରାଉନସୁଗାତ ଜବତ ହୋଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




ଭୁବନେଶ୍ୱରଠାରେ ହେବାକୁଥିବା ୩ ଦିନିଆ ମେଗା ବାଣିଜ୍ୟ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଏଏସ୍‌ଇଏଏନ୍‌ର ପ୍ରତିନିଧିମଣ୍ଡଳିଙ୍କ ସହ ଓଡିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ରାଜ୍ୟ ଅତିଥିଭବନରେ ସୌଜନ୍ୟମୂଳକ ସାକ୍ଷାତ ।

# ପରିବହନ ଶ୍ରମିକ କଲ୍ୟାଣ ପାଣ୍ଠି ଗଠନ ଖୁବ୍‌ଶୀଘ୍ର

**ଓଡ଼ିଶା ସଡ଼କ ପରିବହନ ମହାସଂଘର ରାଜ୍ୟସ୍ତରୀୟ ଅଧିବେଶନ ଓ ସଚେତନତା କର୍ମଶାଳା**

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଓଡିଶା ସଡକ ପରିବହନ ମହାସଂଘର ରାଜ୍ୟସ୍ତରୀୟ ଅଧିବେଶନ, ସଡକ ସୁରକ୍ଷା ସଚେତନତା ଏବଂ ପରିବହନ ଶ୍ରମିକଙ୍କ ସାମାଜିକ ସୁରକ୍ଷା କର୍ମଶାଳା ଜୟଦେବ ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ପଦ୍ମନ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାର ଜନସାଧାରଣଙ୍କ ପାଇଁ ସବୁବେଳେ ନୂଆ ନୂଆ ଜନହିତକାରୀ ଯୋଜନା କରି ଆସୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦେଶରେ ଇତିହାସ ସୃଷ୍ଟି କରିଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବହୁ ଲୋକ ସାମିଲ ହୋଇ ଉପକୃତ ହେଉଛନ୍ତି। ସେହିପରି ପରିବହନ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ପାଇଁ ଶ୍ରମିକ କଲ୍ୟାଣ ପାଣ୍ଠି ଗଠନ କରାଯାଇ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏଥିପାଇଁ ମଧ୍ୟ ଏକ କମିଟି ଗଠନ କରାଯାଇଛି। ଏହା ତୁରନ୍ତ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ କଟକ ମେୟର ସୁବାସ ସିଂ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପରିବହନ ଆୟୁକ୍ତ ଅରୁଣ ବୋଥ୍ରା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପରିବହନ ଶ୍ରମିକ କର୍ମଚାରୀ ସଂଘର ସଭାପତି ନବ କିଶୋର ମହାନ୍ତି ପ୍ରମୁଖ ଯୋଗଦେଇ ପରିବହନ ଶ୍ରମିକଙ୍କ ଉପରେ କହିଥିଲେ।




କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ ଅନ୍ୟ ଅତିଥିମାନେ।

ଦ୍ୱିତୀୟ ଅଧିବେଶନରେ ସଡକ ସୁରକ୍ଷା ସଚେତନତା ଓ ପରିବହନ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା, ସମ୍ମାନିତ ଅତିଥି ଭାବେ ବସ୍ ମାଲିକ ସଂଘ ସଭାପତି ବରଦା ଆଚାର୍ଯ୍ୟ, ଟ୍ରକ ମାଲିକ ସଂଘ ସଭାପତି ପ୍ରଣବ ପରିଜା, ନବକିଶୋର ମହାନ୍ତି, ଦେବୁ ନାୟକ, ନିରଞ୍ଜନ ପ୍ରହରାଜ, ଦୁର୍ଗା ଚରଣ ଖୁଣ୍ଟିଆ ଓ ଦିଲୀପ ପଣ୍ଡା ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷା ଉପରେ ଆଲୋଚନା କରିଥିଲେ। କଟକର ଦେବେନ୍ଦ୍ର ପାଣିଗ୍ରାହୀ, ବାଲେଶ୍ୱରର ସ୍ୱାଧୀନ ଶତପଥୀ, ରାଉରକେଲାର ଭୁବନ ନାୟକ, ମୟୂରଭଞ୍ଜର ଜ୍ଞାନ ରଞ୍ଜନ ରାଉତ, ଜଗତ୍‌ସିଂହପୁରର ଅରୁଣ ମହାନ୍ତି, ଝାରସୁଗୁଡାରୁ ଚୈତନ୍ୟ ସାହାଣୀ, ଭୁବନେଶ୍ୱରରୁ ଚନ୍ଦନ ଦାସ, ସନ୍ତୋଷ ସାହୁ, ସୟଦ ଅଲ୍ଲି ଜୋନେଦ୍, ନିହାର ରଞ୍ଜନ ସ୍ୱାଇଁ ଓ ଅସିତ କୁମାର ମାର୍ଥା ଯୋଗଦେଇଥିଲେ। ଓଡିଶାର ବିଭିନ୍ନ ପରିବହନ ସଂଘ କର୍ମକର୍ତ୍ତା, ଚାଳକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଶା ବେପାରୀ ଦେବରାଜଙ୍କ ଘର ମାଟିରେ ମିଶିଲା

ଭୁବନେଶ୍ୱର,୨୭।୧୦(ବ୍ୟୁରୋ) - ସରକାରୀ ଜାଗାରେ ଘର କରି ନିଶା କାରବାରରେ ଜଡିତ ଥିବା ଅପରାଧୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଚଳାଇଛି କମିଶନରେଟ ପୋଲିସ। ଗୁରୁବାର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ଅଞ୍ଚଳରେ ରହୁଥିବା ନିଶା ବେପାରୀ ପି. ଦେବରାଜ ରେଡ୍ଡୀ (୪୨)ଙ୍କ ଘରକୁ ବିଏମ୍‌ସି ସହାୟତାରେ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି। ଉକ୍ତ ଘରେ ଦେବରାଜ ବେଆଇନ ମଦ ବେପାର ଚଳାଇଥିଲେ। ଏଥିସହ ସେ ବହୁ ଅପରାଧରେ ସମ୍ପୃକ୍ତ ଥିବା ଜଣାପଡିବା ପରେ ପୋଲିସ ଓ ବିଏମ୍‌ସି ପକ୍ଷରୁ ଏଭଳି ମିଳିତ ପଦକ୍ଷେପ ନିଆଯାଇଛି। ସୂଚନାନୁସାରେ, ନିଶା ପାଇଁ ଅପରାଧ ବଢୁଛି। ଅପରାଧୀମାନେ ସହରର ବିଭିନ୍ନ ବସ୍ତି, ସରକାରୀ ଜାଗାରେ ରହି ଅପରାଧ ଘଟାଇ ଆସୁଛନ୍ତି। ବିଶେଷକରି ଭଙ୍ଗା ଘର, ବନ୍ଦ ପଡିଥିବା ଦୋକାନ ଘର, ସରକାରୀ ଜାଗାରେ ଥିବା ଘର ବା ଏକାନ୍ତ ସ୍ଥାନରେ ଥିବା ଭଡାଘରେ ଅପରାଧର ବ୍ଲୁପ୍ରିଣ୍ଟ୍ ତିଆରି କରିଥାନ୍ତି। ଚୋରି, ଡକାୟତି ଓ ହତ୍ୟା ଆଦି ଅପରାଧ ନିମନ୍ତେ ଯୋଜନା ପ୍ରସ୍ତୁତ ସହ ଚୋରି ବା ଲୁଟ୍ ଜିନିଷର ଭାଗବଣ୍ଟା କରିଥାନ୍ତି। ଏପରିକି ସେସବୁ ସ୍ଥାନରେ ଗଞ୍ଜେଇ, ମଦ ଓ ଅନ୍ୟ ନିଶା କାରବାରର ଆଡ୍ଡାସ୍ଥଳ ପାଲଟିଛି। ଫଳରେ ସହରର ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସହରରୁ ଅପରାଧ ରୋକିବା ସହ ସହରବାସୀଙ୍କୁ ସୁରକ୍ଷା ଦେବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଏଭଳି ପନ୍ଥା ଅବଲମ୍ବନ କରାଯାଉଛି। ଏଥିସହ ଏଭଳି ଅଭିଯାନ ଆଗକୁ ମଧ ଜାରି ରହିବ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

### ଥାନାରେ ଏତଲା ଦେବାରୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ): ଥାନାରେ ଏତଲା ଦେବାରୁ ଅଭିଯୋଗକାରୀଙ୍କ ବଡ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣିରେ ଏଭଳି ଘଟଣା ଘଟିଛି। ଏନେଇ ଆହତ ଉମାକାନ୍ତ ସାହୁଙ୍କ ଭାଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ମଞ୍ଚେଶ୍ୱର ଥାନା ଅଧିକାରୀ କହିଛନ୍ତି, ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାର ସତ୍ୟାସତ୍ୟ ଜାଣିବା ଲାଗି ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ପଚରାଉଚରା କରିଛି। ତଦନ୍ତ ସରିଲା ପରେ ଏହାର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି। ଅଭିଯୋଗ ଅନୁସାରେ, ପଳାଶୁଣି ଗାଁର ରାଜୁ ପ୍ରଧାନ ସେହି ଗାଁର ଚଗଲା ସାହୁଙ୍କ ବିରୋଧରେ ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ କରିବା ସହ ଗାଳିଗୁଲଜ କରିଥିଲେ। ଏନେଇ ବୁଧବାର ରାତିରେ ଥାନାରେ ଚଗଲା ସାହୁ ଏତଲା ଦେଇଥିଲେ। ଏଥିରେ ରାଜୁ ଉତ୍‌କ୍ଷିପ୍ତ ହୋଇ ଚଗଲାଙ୍କ ଭାଇ ଉମାକାନ୍ତଙ୍କୁ ଧାରୁଆ ଅସ୍ତ୍ର ଓ ଠେଙ୍ଗାରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଉମାକାନ୍ତ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ସେ ମଞ୍ଚେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଚଗଲା ବିଭିନ୍ନ ସମୟରେ ରାଜୁଙ୍କୁ ନାନା ଧମକ ଚମକ ଦେଉଥିବା ତାଙ୍କ ମା’ ଥାନାରେ ଅଭିଯୋଗ କରିଛନ୍ତି।

# ଭେଣ୍ଡିଂ ଜୋନ୍ ଅନିୟମିତତା, ବୈଠକରେ ଉତ୍ତେଜନା

- ଦୁଇ କର୍ପୋରେଟର ମୁହାଁମୁହିଁ
- ଅଧାରୁ ଉଠି ଚାଲିଗଲେ କମିଶନର

ଭୁବନେଶ୍ୱର, ୨୭।୧୦ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରର ସୌନ୍ଦର୍ଯ୍ୟତା ରକ୍ଷା ସହ ବ୍ୟବସାୟୀଙ୍କୁ ସ୍ଥାୟିତ୍ୱ ପ୍ରଦାନ କରିବା ଓ ବ୍ୟବସ୍ଥିତ ଢଙ୍ଗରେ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଇବା ଲାଗି ବିଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନ୍‌ର ବ୍ୟବସ୍ଥା କରାଯାଇଛି। ଏନେଇ ବିଏମ୍‌ସି ପକ୍ଷରୁ ସର୍ଭେ କରାଯାଇ ଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ୍ ପ୍ରଦାନ କରାଯାଇଛି। ସହରରେ କେତେ ଭେଣ୍ଡିଂ ଜୋନ୍ ରହିଛି, ପ୍ରକୃତ ହିତାଧିକାରୀ ଏଥିରେ ଲାଭବାନ୍ ହୋଇଛନ୍ତି କି ନାହିଁ ଏହିଭଳି ବିଭିନ୍ନ ପ୍ରସଙ୍ଗ ନେଇ ଗୁରୁବାର ବିଏମ୍‌ସି କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ତେବେ ଭେଣ୍ଡିଂ ଜୋନ୍ ବଣ୍ଟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା, ପୂର୍ବତନ କର୍ପୋରେଟର ଏବଂ ବିଏମ୍‌ସି ଅଧିକାରୀଙ୍କ ସଲାସୁତରାରେ ବହୁ ଅଯୋଗ୍ୟ ହିତାଧିକାରୀ ଭେଣ୍ଡିଂ ଜୋନ୍ ପାଇଥିବା କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ ଅଭିଯୋଗ କରିଥିଲେ। ଏହାକୁ କର୍ପୋରେଟର ଅମରେଶ ଜେନା ଖଣ୍ଡନ କରିଥିଲେ। କିନ୍ତୁ ଏହାକୁ ନେଇ ବୈଠକରେ ଉତ୍ତେଜନା ପ୍ରକାଶ ପାଇଥିଲା। ଝିମିଟି ଖେଳରୁ ମହାଭାରତ ଭଳି ଅଭିଯୋଗରୁ ବଚସା ଏବଂ ଶେଷରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଫଳରେ ବୈଠକ ଅଧାରୁ ବନ୍ଦ କରାଯାଇଥିଲା। ସୂଚନା ଅନୁଯାୟୀ, ରାଜମହଲ ଛକଠାରୁ ଜନପଥ ଅଞ୍ଚଳରେ ହୋଇଥିବା ଭେଣ୍ଡିଂ ଜୋନ୍‌ରେ ପ୍ରାୟ ୨ଶହରୁ ଅଧିକ ଦୋକାନ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଛି। ତେବେ ଏଥିରେ ପ୍ରକୃତ ହିତାଧିକାରୀଙ୍କୁ ଅଣଦେଖା କରାଯାଇ ୪୦ରୁ ଊର୍ଦ୍ଧ୍ୱ ଦୋକାନ ଅନ୍ୟ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଥିବା ରଶ୍ମିରଞ୍ଜନ ଅଭିଯୋଗ କରିଥିଲେ। ଗତ ୩ ବର୍ଷ ହେବ କର୍ପୋରେଶନ ନ ଥିବାରୁ ପୂର୍ବତନ କର୍ପୋରେଟର ଏବଂ ଅଧିକାରୀମାନେ ମିଳିତ ଭାବେ ଏଭଳି କେଳେଙ୍କାରୀ କରିଥିବା କହିଥିଲେ। ଭେଣ୍ଡିଂ ଜୋନ୍ ଆବଣ୍ଟନରେ କେତେ ଦୁର୍ନୀତି ହୋଇଛି ତାହାର ତଦନ୍ତ କରିବାକୁ ଦାବି କରିଥିଲେ। ଅଭିଯୋଗକୁ କର୍ପୋରେଟର ଅମରେଶ ବିରୋଧ କରିବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲେ। କଥା କଟାକଟିରୁ ହାତାହାତି ହୋଇଥିଲେ। ଏପରିକି ମେୟର ଏବଂ କମିଶନରଙ୍କ କଥାକୁ କେହି ଖାତିର୍ କରି ନ ଥିଲେ। ଫଳରେ କମିଶନର ରାଗିଯାଇ ବୈଠକ ଅଧାରୁ ଉଠି ଚାଲି ଯାଇଥିଲେ। ଏହାପରେ ଉଭୟ କର୍ପୋରେଟର ନିଜ ନିଜ ସମର୍ଥକଙ୍କୁ ଡାକିଥିଲେ। ଅମରେଶଙ୍କ ସମର୍ଥକଙ୍କୁ ମେୟର ଏବଂ ଅନ୍ୟ କର୍ପୋରେଟରମାନେ ବୁଝାସୁଝା କରି ପଠାଇବା ପରେ ରଶ୍ମିରଞ୍ଜନଙ୍କ ସମର୍ଥକମାନେ ବିଏମ୍‌ସି ଗେଟ୍ ପାଖରେ ଆସି ହୋହଲ୍ଲା କରିଥିଲେ। ବହୁ ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ତାଗିଦ୍ କଲେ ମେୟର : ବିଶୃଙ୍ଖଳା କଲେ ସସ୍‌ପେଣ୍ଡ୍

#### ଆଜି କର୍ପୋରେଶନ ବୈଠକ

ବୈଠକରେ ବିଶୃଙ୍ଖଳା ପରେ ମେୟର ଓ କମିଶନର କ୍ଷୁବ୍ଧ ହୋଇଥିଲେ। ଭବିଷ୍ୟତରେ ଏଭଳି ଆଚରଣ ନ କରିବାକୁ ସମସ୍ତ କର୍ପୋରେଟଙ୍କୁ ମେୟର ତାଗିଦ୍ ମଧ କରିଥିଲେ। ଶୁକ୍ରବାର କର୍ପୋରେଶନ ବୈଠକ ଥିବାରୁ ଏହା କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ ତାଗିଦ୍ କରାଯାଇଥିଲା। ବୈଠକରେ କେବଳ କର୍ପୋରେଟର ଏବଂ ସମ୍ପୃକ୍ତ ବିଏମ୍‌ସି ଅଧିକାରୀଙ୍କ ବ୍ୟତୀତ ଅନ୍ୟ କାହାକୁ ପ୍ରବେଶ କରିବାକୁ ଅନୁମତି ମିଳିବ ନାହିଁ। ଏପରିକି କୌଣସି ପିଅନ ମଧ ପ୍ରବେଶ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏଥିସହ କର୍ପୋରେଶନ ମିଟିଂକୁ ସମ୍ପୂର୍ଣ୍ଣ ଭାବେ ରେକର୍ଡିଂ କରାଯିବ। ଯେ କେହି ବି ବୈଠକରେ ଅଭଦ୍ରାମୀ ବା ପାଟିତୁଣ୍ଡ କରିବେ ତାଙ୍କୁ ସସ୍‌ପେଣ୍ଡ କରାଯିବ ବୋଲି ମେୟର ସିଧାସିଧା ଶୁଣାଇ ଦେଇଛନ୍ତି। ଅପରପକ୍ଷେ କର୍ପୋରେଶନ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଉପସ୍ଥାପନା କରାଯିବ। ଅପରାହ୍ନ ୧୨ଟାରୁ ବୈଠକ ଆରମ୍ଭ ହୋଇ ଦିନସାରା ଚାଲିବ। ଡ୍ରୋନ୍ ସାହାଯ୍ୟରେ ବସ୍ତି ସର୍ଭେ ଦାୟିତ୍ୱ ନେଇଥିବା ଏନ୍‌ଜିଓ ସମ୍ପର୍କରେ ତଥ୍ୟଠାରୁ ଆରମ୍ଭ କରି ମୋବାଇଲ୍ ଟଏଲେଟ୍, ବିଏମ୍‌ସିର ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ ସହ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯିବା ନେଇ ସୂଚନା ଦିଆଯାଇଛି।

### ପଥରବନ୍ଧରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଶହୀଦନଗର ଥାନା ଅନ୍ତର୍ଗତ ପଥରବନ୍ଧ ଅଞ୍ଚଳରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସ୍ଥାନୀୟ ଘରୋଇ କମ୍ପ୍ଲେକ୍ସରେ ବେଆଇନ ଦଖଲ କରିଥିବା ୨୨ଟି ପରିବାରକୁ ସେଠାରୁ ହଟାଇ ଦିଆଯାଇଛି। ଏସବୁ ପରିବାର ରାଜୀବ ଆବାସ ଯୋଜନା (ରେ) ଅନ୍ତର୍ଭୁକ୍ତ ନୁହନ୍ତି ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। କମିଶନରେଟ ପୋଲିସ ସହାୟତାରେ ଏହି ଅନଧିକୃତ ଦଖଲ ହଟାଯିବା ସହ ସଂପୃକ୍ତ ଗୃହଗୁଡ଼ିକୁ ସିଲ୍ କରାଯାଇଛି। ଉଚ୍ଛେଦ ପ୍ରକ୍ରିୟାରେ ବିଡିଏ ପକ୍ଷରୁ ଗୋଟିଏ ଜେସିବି ବ୍ୟବହାର କରାଯାଇଥିଲା। ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଜନସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଶହୀଦନଗର ଥାନାଧିକାରୀ ତପନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ରକ୍ଷା ଲାଗି ୧ ପ୍ଲାଟୁନ୍ ରିଜର୍ଭ ପୋଲିସ୍ ଫୋର୍ସ ଏବଂ ୧ ସେକ୍ସନ ମହିଳା ପୋଲିସ ନିୟୋଜିତ କରାଯାଇଥିଲା।

# ପାତ୍ରପଡ଼ାରେ ଗୁପ୍ତ ସୁଡ଼ଙ୍ଗ ଠାବ

- ଖୋର୍ଦ୍ଧାଗଡ, ବରୁଣେଇ ପର୍ଯ୍ୟନ୍ତ ଲମ୍ବିଥିବା ଜଣାଯାଏ
- ପାଇକମାନେ ସୁରକ୍ଷା ଦୃଷ୍ଟିରୁ ସୁଡଙ୍ଗ କରୁଥିଲେ

ଖୋର୍ଦ୍ଧା ଅଫିସ,୨୭।୧୦:



ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ପାତ୍ରପଡା ଜଗନ୍ନାଥପୁରପାଟଣା ମୌଜାରେ ଦେଖିବାକୁ ମିଳିଛି ଗୁପ୍ତ ସୁଡଙ୍ଗ। ଏହି ଗୁପ୍ତ ସୁଡଙ୍ଗ ଦେଇ ପାଇକ ବୀରମାନେ ଖୋର୍ଦ୍ଧାଗଡ ଏବଂ ବରୁଣେଇ ପାହାଡକୁ ଯାତାୟାତ କରୁଥିଲେ। ବରୁଣେଇ ପାହାଡରେ ଅବସ୍ଥିତ ମା’ବରୁଣେଇ ଓ କରୁଣେଇ ଅନ୍ୟପଟେ ଜଟିଆଣୀଙ୍କ ଆଶୀର୍ବାଦରୁ ପାଇକ ବୀରମାନେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରୁଥିଲେ। ସୁଡଙ୍ଗ ରାସ୍ତା ପାଇକ ବୀରଙ୍କ ସୁରକ୍ଷିତ ମାର୍ଗ ରହିଥିଲା ବୋଲି ଗ୍ରାମର କେତେଜଣ ବାସିନ୍ଦା କହିଛନ୍ତି।

ଏହି ଅଞ୍ଚଳ ଉକ୍ତ ସମୟରେ ଜଙ୍ଗଲରେ ପରିପୂର୍ଣ୍ଣ ରହିଥିଲା। ସେହି ସମୟରେ ପାଇକ ବୀରମାନେ ବରୁଣେଇ ଏବଂ ଗଡକୁ ସଂଯୋଗ ଲାଗି ଏହି ଗୁପ୍ତ ସୁଡଙ୍ଗ ପ୍ରସ୍ତୁତ କରିଥାଇପାରନ୍ତି। କାଳକ୍ରମେ ଏହି ସୁଡଙ୍ଗ ବନ୍ଦ ହୋଇଯାଇଥିବା ବେଳେ ସମ୍ମୁଖ ଭାଗ ପଥର ଉପରେ ସଜ୍ଜିତ ହୋଇ ଛୋଟ ଗୁମ୍ଫା ରହିଛି। ଉପର ଭାଗରେ ବଡ ପଥର ଗମ୍ବୁଜ ଆକାରରେ ରହିଛି। ଏହା ଏକ ସୁଡଙ୍ଗକୁ ଯାଇଥିବା ରାସ୍ତା ବୋଲି ଏଥିରୁ ପ୍ରମାଣ ମିଳେ। ତେବେ ଏ ସମ୍ପର୍କରେ ଅଧିକ ଆଲୋଚନା ଏବଂ ଗବେଷଣା କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ପାଇକ ବିଦ୍ରୋହକୁ ଦ୍ୱିଶତ ବାର୍ଷିକୀ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାର ଏକ ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହାର ବୀରତ୍ୱ ଗାଥା, ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଅନେକ ଆଲୋଚନା କରାଯାଇଛି। ତେବେ ପାଇକ ବିଦ୍ରୋହ ସହିତ ଜଡିତ ଏକାଧିକ ଅନାଲୋଚିତ ପ୍ରସଙ୍ଗ ଆଜି ମଧ ଗୁପ୍ତ ଭାବେ ସମାଜ ଆଢୁଆଳରେ ରହିଯାଇଛି ବୋଲି ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର ମିଶ୍ର କହିଛନ୍ତି। ପାଇକ ବିଦ୍ରୋହ ସହିତ ଜଡିତ ଅନେକ ପ୍ରସଙ୍ଗ ଏବଂ ଖୋର୍ଦ୍ଧା ଗଡର ପୁନରୁଦ୍ଧାର କରାଗଲେ ବହୁ ତଥ୍ୟ ପଦାକୁ ଆସିପାରିବ। ପାତ୍ରପଡାରେ ରହିଥିବା ସୁଡଙ୍ଗ ପରି ଗଡକୁ ସଂଯୋଗ କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ଦାବିରେ ପ୍ରାମାଣିକତା ରହିଛି। ସେଠାରୁ ବରୁଣେଇ ରାସ୍ତା ଜଙ୍ଗଲ ରହିଥିବାରୁ ପାଇକ ମାନେ ନିଜର ସୁରକ୍ଷା ପାଇଁ ସୁଡଙ୍ଗ ପ୍ରସ୍ତୁତ କରିଥାଇପାରିଥାନ୍ତି। ଖୋର୍ଦ୍ଧାଗଡର ଚାରିପାଖରେ ଅନେକ ଗଡ ସୃଷ୍ଟି ହୋଇଥିଲା। ସମସ୍ତ ଗଡ ସହିତ ଖୋର୍ଦ୍ଧାଗଡର ଗୁପ୍ତ ସଂଯୋଗ ରହିଥିଲା। ଏହାର ପୁନରୁଦ୍ଧାର କରାଗଲେ ବହୁ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସେ କହିଛନ୍ତି। ଗବେଷକ ଗୋପାଳ କୃଷ୍ଣ ଦାସ କୁହନ୍ତି, ୧୮୧୭ ମସିହା ହେଉଛି ଓଡ଼ିଶା ଇତିହାସର ଏକ ଐତିହାସିକ ଦିବସ। ବ୍ରିଟିଶ ବିରୋଧରେ ପାଇକମାନେ ଯୁଦ୍ଧ ଡାକରା ଦେଇଥିଲେ। ସୁରକ୍ଷା ଦୃଷ୍ଟିରୁ ଗୁପ୍ତ ସୁଡଙ୍ଗ ପାଇକମାନେ କରିପାରିଥାନ୍ତି। ଏହାର ପୁନରୁଦ୍ଧାର କରାଗଲେ ପାଇକ ବିଦ୍ରୋହ ସହିତ ଜଡିତ ଅନେକ ତଥ୍ୟ ପଦାକୁ ଆସିପାରିବ ବୋଲି ସେ କହିଛନ୍ତି।

# ଆୟୁଷ ଡାକ୍ତର ସଂଘର ସ୍ଥାୟୀ ନିଯୁକ୍ତି ଦାବି

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

**ଆସନ୍ତା ୪ରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

ରାଜ୍ୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ କରାଯାଇ ଥିବାବେଳେ ୨୦୦୭ ମସିହାରୁ ସ୍ୱାସ୍ଥ୍ୟ ବିଭାଗର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ନିଯୁକ୍ତି ପାଇଥିବା ୧୪୮୫ଜଣ ଆୟୁଷ ଡାକ୍ତରଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ନିୟମିତ କରାଯାଇ ନାହିଁ। ଏ ନେଇ ବାରମ୍ବାର ଦାବି ଉପସ୍ଥାପନ କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତେଣୁ ଏହାର ପ୍ରତିବାଦରେ ଆୟୁଷ ଡାକ୍ତର ସଂଘ ପକ୍ଷରୁ ଆସନ୍ତା ୪ରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ଏକ ର୍‍ୟାଲିର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି। ସଂଘ ପକ୍ଷରୁ ଶୁକ୍ରବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସରକାରଙ୍କ ଏପରି ପାତରଅନ୍ତର ନୀତିକୁ ଦୃଢ ନିନ୍ଦା କରାଯାଇଛି। ଏଥିସହ ଓଡ଼ିଶାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦୀର୍ଘ ୧୫ବର୍ଷ ହେଲା ଠିକାରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନଙ୍କୁ ଯଥାଶୀଘ୍ର ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସଂଘ ଦାବି କରିଛି। ସଂଘ ସଭାପତି ଡା.ଲୋଟସ ମିଶ୍ରଙ୍କ ଅଭିଯୋଗ ଅନୁଯାୟୀ, ୨୦୧୧ରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସୋସାଇଟି ଦ୍ୱାରା ୨୦୧୪ ମସିହାରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏଥିରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ସଂରକ୍ଷଣ ନିୟମାବଳୀକୁ ଆଧାର କରି ଗ୍ରାମାଞ୍ଚଳର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକା ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତରମାନଙ୍କୁ ନିୟମିତ କରିବାର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏଯାବତ୍ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇ ନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ଉପସଭାପତି ଡା. ଅୟସକାନ୍ତ ମହାନ୍ତି, କୋଷାଧ୍ୟକ୍ଷ ଡା. କୁମାର ସୂର୍ଯ୍ୟନାରାୟଣପ୍ରମୁଖ ଉପସ୍ଥିତ ଥିଲେ।




ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ଉତ୍କଳ ସମ୍ମିଳନୀ କାର୍ଯ୍ୟାଳୟରେ ସମ୍ମିଳନୀର ପୂର୍ବତନ ସାଧାରଣ ସମ୍ପାଦକ ଅଧିବକ୍ତା ବିଚିତ୍ର କୁମାର ବଡ଼ଜେନାଙ୍କ ବିୟୋଗରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

### ଚୋରି ସାମଗ୍ରୀ ଜବତ, ୩ ଗିରଫ

ବାଲିଅନ୍ତା,୨୭।୧୦(ଡି.ଏନ୍.ଏ.)

ଭିଙ୍ଗାରପୁର ଅଞ୍ଚଳର ଏକ ନିର୍ମାଣାଧୀନ ଡୁପ୍ଲେକ୍ସ ଘରେ ପଶି ସେଠାରେ ଥିବା ନିର୍ମାଣ ଉପକରଣ ସାମଗ୍ରୀ ଚୋରି କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ସାଗର ଭୋଇ(୨୩), ପିଣ୍ଟୁ ଭୋଇ(୨୮) ଓ ଜଗଦୀଶ ଭୋଇ(୨୦)। ପୋଲିସ ସେମାନଙ୍କ ପାଖରୁ ଗୋଟିଏ ଆଇରନ କଟର ମେଶିନ, ଗୋଟିଏ ପାଣି ପମ୍ପ ଓ ୨ଟି ବେଲ୍‌ଚା ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୮୪/୨୨) ରୁଜୁ କରି ତଦନ୍ତ ଚଳାଇଛି।

### ଛାତ୍ରଙ୍କ ମୃତଦେହ ଜବତ

ଝାଁଳା,(ଡି.ଏନ୍.ଏ.): ତମାଣ୍ଡୋ ଥାନା କଳିଙ୍ଗନଗର ଅଞ୍ଚଳର ଜଣେ ଛାତ୍ରଙ୍କ ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ସେ ହେଲେ ପ୍ରଭୁଦତ୍ତ ରଥ(୧୫)। ସୂଚନା ଅନୁଯାୟୀ କଳିଙ୍ଗନଗର ଅଞ୍ଚଳରେ ରାକେଶ ରଥ ପରିବାର ସହ ରୁହନ୍ତି। ବୁଧବାର ସନ୍ଧ୍ୟା ୬ଟାରେ ପ୍ରଭୁଦତ୍ତ ଟ୍ୟୁଶନରୁ ଘରକୁ ଆସିଥିଲେ। ପରବର୍ତ୍ତୀ ସମୟରେ ପାଠ ପଢ଼ିବା ପାଇଁ ଏକ ରୁମକୁ ଯାଇଥିଲେ। ରାତି ୮ଟା ୩୦ରେ ଖାଇବା ପାଇଁ ତାଙ୍କ ମା’ ଡାକିଥିଲେ ମଧ ସେ ଶୁଣି ନ ଥିଲେ। ଏଥିସହ କବାଟ ଭିତର ପଟୁ ବନ୍ଦ ରହିଥିଲା। ପରିବାର ଲୋକେ ଡାକିଥିଲେ ମଧ ଉତ୍ତର ନ ମିଳିବାରୁ ଉକ୍ତ ଘରର କବାଟ ଭାଙ୍ଗିଥିଲେ। ପ୍ରଭୁଦତ୍ତ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଅଧାରେ ଆପ୍ରୋଚ ରାସ୍ତା, ଯାତାୟାତ ବାଧାପ୍ରାପ୍ତ



ବାଲିଅନ୍ତା,୨୭।୧୦(ଡି.ଏନ୍.ଏ.)

ବାଲିଅନ୍ତା ଅଟଳାଗଡା ସମ୍ମୁଖରେ ପ୍ରବାହିତ ପୁରୀ ମୁଖ୍ୟ କେନାଲ ଉପରେ ଏକ ସେତୁ ନିର୍ମାଣ ଶେଷ ହେବାର ୫ ମାସ ବିତିଲାଣି। କିନ୍ତୁ ଆପ୍ରୋଚ ରାସ୍ତା କାମ ଅଧାରେ ରହିଛି। ଫଳରେ ସେତୁ ନିର୍ମାଣ ଶେଷ ହେବା ପରେ ମଧ ଗମନାଗମନ ପାଇଁ ଲୋକଙ୍କୁ ଅସୁବିଧା ହେଉଛି। ଲୋକେ ପାଣିରେ ପଶି ଯାତାୟାତ କରିବାକୁ ବାଧ ହେଉଛନ୍ତି। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଟଳା- ଶାଳେଶ୍ୱର ପଟୁ ବାଲିଅନ୍ତା ବଜାର ହାଟ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ସିଧାସଳଖ ଯାତାୟାତ ପାଇଁ ଏହି କେନାଲ ଉପରେ ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ କରାଯାଇଥିଲା। ତତ୍କାଳୀନ ଅର୍ଥମନ୍ତ୍ରୀ ଥିବା ସ୍ଥାନୀୟ ବିଧାୟକ ଶଶିଭୂଷଣ ବେହେରାଙ୍କ ଦ୍ୱାରା ୨୦୧୯ ମାର୍ଚ୍ଚ ୨ ତାରିଖରେ ଏହାର ଶୁଭ ଦିଆଯାଇଥିଲା। ସେତୁ କାର୍ଯ୍ୟ ଶେଷ ହୋଇଥିବାବେଳେ ଉଦ୍‌ଘାଟନ ଅବସ୍ଥାରେ ରହିଛି। କିନ୍ତୁ ବର୍ଷା ପାଣି ନିଷ୍କାସନ ପାଇଁ ନିର୍ମିତ କଲଭର୍ଟ ସଂଲଗ୍ନ ରାସ୍ତା ନିର୍ମାଣରେ ବାଧା ଉପୁଜିଛି। ଏହି ସଂଲଗ୍ନ ରାସ୍ତାରେ ବ୍ୟକ୍ତିଗତ ଜାଗା ଥିବା ଦାବି କରି ଜଣେ ଲୋକ ଏହାର ବିରୋଧ କରୁଥିବାରୁ କାର୍ଯ୍ୟ ଆଗେଇ ପାରୁନାହିଁ। ଫଳରେ ଲୋକଙ୍କୁ ୩ କିମି ବାଟ ବୁଲିକି ଯିବାକୁ ପଡୁଛି। ଏ ସମ୍ପର୍କରେ ଆରଡି ବିଭାଗର ସହକାରୀ ଯନ୍ତ୍ରୀ ସାହେବ ସାହୁଙ୍କୁ ପଚାରିବାରେ, ସେତୁ ସଂଲଗ୍ନ ଆପ୍ରୋଚ ରାସ୍ତାର ମାପଚୁପ କରି ସରକାରୀ ଜାଗା ଚିହ୍ନଟ ପାଇଁ ତହସିଲଦାର ଓ ରାଜସ୍ୱ ଅଧିକାରୀଙ୍କୁ ଭେଟି ନିବେଦନ କରିଛନ୍ତି। ଏହାପରେ କାମ କରିବାରେ ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି। ବାଲିଅନ୍ତା ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଟୁଟୁ ସ୍ୱାଇଁ କୁହନ୍ତି, ରାସ୍ତା ପାର୍ଶ୍ୱରେ ଥିବା ଜଣେ ମାଲିକଙ୍କୁ ନୋଟିସ କରାଯାଇଥିଲା। ନୋଟିସ ପାଇଥିବା ବ୍ୟକ୍ତିମାନେ ଗୁରୁବାର ଆସି ଆର୍‌ଆଇ ଅଫିସରେ ତହସିଲଦାରଙ୍କୁ ଭେଟିଥିଲେ। ଖୁବ୍‌ଶୀଘ୍ର ଜନଶୁଣାଣି କରାଯାଇ ଜମି ମାପଚୁପ ପ୍ରକ୍ରିୟା ଶେଷ ହେବ ବୋଲି ଆର୍‌ଆଇ ସ୍ୱାଇଁ କହିଥିଲେ।

# ରାଜ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ ଜବାବ ଦାଖଲ କଲେ ବିଡିଓ

## ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନ ଖର୍ଚ୍ଚ ପ୍ରସଙ୍ଗ

କଟକ ସଦର,୨୭।୧୦(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଉଛି। ଏହି କାମ ପାଇଁ ଯନ୍ତ୍ରୀମାନେ ବଜାରରୁ ଦରକାର ସାମଗ୍ରୀ ବାକିରେ ଆଣିଥାନ୍ତି। ବିଲ୍ ହେବା ପରେ ବକେୟା ଅର୍ଥ ପଇଠ କରାଯାଏ ବୋଲି କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା ରାଜ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ ଜବାବ ଦାଖଲ କରିଛନ୍ତି। ଫଳରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ସମସ୍ତ ବିଭାଗୀୟ କାମ ବାକିରେ କରି ପରେ ବିଲ୍ କରାଯାଉଥିବା ସ୍ପଷ୍ଟ ହୋଇଯାଇଛି। ଏନେଇ ସୂଚନା ଆୟୁକ୍ତଙ୍କ କୋର୍ଟରେ ପତ୍ରସଂଖ୍ୟା ୨୬୯୪/୧୯।୧୦।୨୦୨୨ରେ ଜବାବ ଦାଖଲ କରାଯାଇଛି।

ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅନୁଦାନକୁ କିପରି ଖର୍ଚ୍ଚ କରାଯାଉଛି ସେ ସମ୍ପର୍କରେ ଜାଣିବା ପାଇଁ ସୂଚନା ଅଧିକାର କର୍ମୀ ସୁରେଶ ଜେନା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କୁ ୨୦୧୬ରେ ତଥ୍ୟ ମାଗିଥିଲେ। ହେଲେ ସମ୍ପୃକ୍ତ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ତଥ୍ୟ ଦେବାପାଇଁ ରାଜ୍ୟ ପଞ୍ଚାୟତିରାଜ ବିଭାଗର ଜନସୂଚନା ଅଧିକାରୀଙ୍କୁ ପତ୍ରସଂଖ୍ୟା ପିଏମ ଓପିଜି/ଡି/୨୦୧୬/୦୩୯୮୫୩୨ /୨୮।୧୨।୨୦୧୬ରେ ଦରଖାସ୍ତଟିକୁ ସ୍ଥାନାନ୍ତରିତ କରିଥିଲେ। ପରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପତ୍ରସଂଖ୍ୟା ୮୪୧/୧୬।୧।୨୦୧୭ରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କୁ ତଥ୍ୟ ଦେବା ପାଇଁ କହିଥିଲେ। ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ପତ୍ରସଂଖ୍ୟା୧୦୫୨/୪।୫।୨୦୧୭ରେ ଆବେଦନକାରୀଙ୍କୁ ତଥ୍ୟ ଦେବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ଅବଧି ପୂରଣ ହୋଇଯିବା ପରେ ସୂଚନା ନ ମିଳିବାରୁ ପ୍ରଥମ ଅପିଲ ପିଡି(ପ୍ରକଳ୍ପ ନିର୍ଦ୍ଦେଶକ)ଙ୍କ ପାଖରେ କରାଗଲା। ମାତ୍ର ସୂଚନା ମିଳିଲା ନାହିଁ। ଏ ନେଇ ଜେନା ରାଜ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ ଆବେଦନ କରିଥିଲେ। ରାଜ୍ୟ ସୂଚନା ଆୟୁକ୍ତଙ୍କ ଅଦାଲତ ଉକ୍ତ ମାମଲାର ଶୁଣାଣି କରି ୩୦ ଦିନ ମଧ୍ୟରେ ନିର୍ଭୁଲ ତଥ୍ୟ ଦେବା ପାଇଁ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପତ୍ରସଂଖ୍ୟା ୪୨୩୦୪/ଓଆଇସି/୧୫।୯।୨୦୨୦ରେ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ପତ୍ରସଂଖ୍ୟା୨୪୦୩/ ୨୦।୯।୨୦୨୨ରେ କଟକ ସଦର ବିଡିଓ ପରିଡାଙ୍କୁ ନିର୍ଦ୍ଦେଶ ଦେବା ପରେ ଜବାବ ଦାଖଲ କରାଯାଇଥିଲା। ଓଡ଼ିଶା ସରକାରଙ୍କର ଏକ ମାତ୍ର ବିଭାଗ ଯେଉଁଠାରେ ବିଭାଗୀୟ କାମ ଯନ୍ତ୍ରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବାକିରେ କରୁଥିବା ସ୍ପଷ୍ଟ ହେଲା।

# କଲରାପତରିଆ ବାଘ, ଶାବକର ମୃତଦେହ ଜବତ

■ ସାତକୋଶିଆରେ ପାଟ୍ରୋଲିଂ ବେଳେ ହେଲା ଠାବ
■ ୧୦ ଦିନ ତଳୁ ମୃତ୍ୟୁ ହୋଇଥିବା ବନ ବିଭାଗର ସୂଚନା
■ ଶିକାର କରାଯାଇଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ

ଅନୁଗୋଳ ଅଫିସ, ୨୭।୧୦

ଅନୁଗୋଳ ଜିଲା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡର ପମ୍ପାସର ରେଞ୍ଜରୁ ୨ କଲରାପତରିଆ ବାଘର ମୃତଦେହ ଗୁରୁବାର ଜବତ ହୋଇଛି। ମୃତ ୨ ବାଘ ମଧ୍ୟରେ ଗୋଟିଏ ଶାବକ ଥିବାବେଳେ ୧୦ ଦିନ ତଳୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ କେଉଁ କାରଣରୁ ଦୁଇ ବାଘଙ୍କ ଜୀବନ ଯାଇଛି ତାହା ଜାଣିବାକୁ ହାଡ଼ ଓ ଟିସୁ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ଓୟୁଏଟିକୁ ପଠାଯାଇଥିବା ଆଞ୍ଚଳିକ ବନ ସଂରକ୍ଷକ ତଥା ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର ନିର୍ଦ୍ଦେଶକ ଏମ୍‌. ଯୋଗଜୟାନନ୍ଦ ସୂଚନା ଦେଇଛନ୍ତି। ମୃତଦେହରେ ଚମଡ଼ା, ନଖ ଓ ଦାନ୍ତ ଥିବାରୁ ଶିକାର କରାଯାଇ ନ ଥିବା ଆଞ୍ଚଳିକ ବନ ସଂରକ୍ଷକ ପ୍ରକାଶ କରିଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳବାସୀ ଶିକାରୀଙ୍କ ଫାଶରେ ପଡ଼ି ବାଘ ୨ଟିର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡର ପମ୍ପାସର ରେଞ୍ଜ ଜଗନ୍ନାଥପୁର ବିଟ୍‌ କୁଲାଙ୍ଗୀ ଅଞ୍ଚଳରେ ୧୦ରୁ ୧୨ ଜଣ ବନ କର୍ମଚାରୀ ପଇଁତରା ମାରୁଥିବା ସମୟରେ ଦୁର୍ଗନ୍ଧ ଆସୁଥିବା ଜାଣିବାକୁ ପାଇଥିଲେ। ଖୋଜାଖୋଜି ସମୟରେ ଏକ ନାଳ ନିକଟରେ ଗୋଟିଏ ୪ ବର୍ଷର ଓ ଆଉ ଗୋଟିଏ ବର୍ଷକର କଲରାପତରିଆ ବାଘର ମୃତଦେହ ଗଳିତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏହି ସୂଚନା ମିଳିବା ମାତ୍ରେ ଆର୍‌ସିସିଏଫ୍‌, ସାତକୋଶିଆ ଡିଏଫଓ ସରୋଜ ପଣ୍ଡା, ଏସିଏଫ୍‌ ଶୁଭେନ୍ଦୁ ବେହେରା, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ନେଇ ଡିଏଫ୍‌ଓ ପଣ୍ଡା କହିଛନ୍ତି, ୧୦ରୁ ୧୨ ଦିନ ତଳୁ ବାଘଙ୍କ ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ତେବେ ୧୦ ଦିନ ତଳୁ ବାଘ ୨ଟି ପ୍ରାଣ ହରାଇଥିଲେ ବି ପାଟ୍ରୋଲିଂ ଟିମ୍‌ କେମିତି ଜାଣିପାରିଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


## ODISHA PUBLIC SERVICE COMMISSION
### CUTTACK
### NOTICE

No. 9781/P.S.C. Dt.27.10.2022
1E-09-2022/23 (DR-III)

**Corrigendum to Advertisement No. 09 of 2022-23 for Recruitment to the Posts of Assistant Director of Handicrafts in Class - II (Group-B)**

No. D-201: It is for information of all concerned that at Sub-para - 2 of Para - 4 of Advertisement No. 09 of 2022-23 relating to age relaxation in respect of recruitment ot the Post of Assistant Director of Handicrafts, Class-II, Group-B the words **"and Ex-Servicemen"** is inserted after the word **"Women"** for upper age relaxation upto 05 (Five) years. The last date for submission of online application is extended from 26.10.2022 to 04.11.2022.

All other terms and conditions of the advertisement shall remain unchanged.

The concerned candidates are advised to visit the website of the Commission at **www.opsc.gov.in** for any further information.

OIPR-12002/11/0187/2223 Sd./- Secretary

## Shailabala Women's Autonomous College, Cuttack
Accredited with "A Grade' by N.A.A.C. (2006, 2017)

### ADMISSION NOTICE 2022 - 23

Offers Following Self-Financing Course in PPP mode for the Academic Session 2022-23

| Course | Duration | Eligibility |
|---|---|---|
| **B. Sc. ITM** (Bachelor of Science Information Technology & Management) | 3 Years | Minimum 40% in aggregate without extra optional, if any, at the Higher Secondary or equivalent examination in Science stream from a recognized Board/University |

Forms and Information Bulletins are available at College Counter on 5th Floor Science Block Annex for Rs. 300/- on all working days OR you maydownload the form from the college website **www.shailabalawomenscollege.ac.in.** Last date to apply 25.11.2022, E-mail: sfcshailabalawac2022@gmail.com

*Sd /- Principal*

**For Details, Call: 8249864218, 9439964289**

GOVERNMENT OF ODISHA, "e"-PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
### WORKS DEPARTMENT
### Tender Call Notice

E-mail: rbcirclekhurda@gmail.com

**Bid Identification No. CCE-Khordha (R&B) Circle-16/2022-23 Memo No - 1986 Dt.20.10.2022**

No. B-743:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

1. Nature of Work : Road Works
2. No. of Work : 6 Nos.
3. Tender Cost : Rs.10000.00 (On-Line)
4. Class of Contractor : Special Class, B Class & A Class
5. Available of Bid document in the Website : From 10.00 AM of Dt.28.10.2022 up to 05.00 PM of Dt.09.11.2022
6. Date of opening of Bid : Dt. 10.11.2022 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

**Sd./- Chief Construction Engineer, Khordha (R&B) Circle, Khordha**
OIPR-34127/11/0025/2223

## BHUBANESWAR MUNICIPAL CORPORATION
E-Mail Id: ee2@bmc.gov.in

No. C-1465
### E-Procurement Notice

1. Bid Reference No. : BMC-EED-II-13/2022-23 Dt.26.10.2022
2. Tender Call Notice No. : No. 50152 Dt.26.10.2022
3. No. of Works : 1 No.
4. Bid Value : Rs.29,60,046.00
5. Period of Completion : 90 days

Date and time Schedule

| Start | End | Opening |
|---|---|---|
| 11.00 A.M. of 28.10.22 | 5.00 P.M. of 07.11.22 | 11.00 A.M. of 09.11.22 |

6. Tender details can be seen for the Procurement portal **https://www.tendersodisha.gov.in.** BMC website: **https://www.bmc.gov.in**

**Sd./- Executive Engineer, Div-II Bhubaneswar Municipal Corporation**
OIPR-13002/11/0141/2223

## OFFICE OF THE MUNICIPAL COUNCIL, BHAWANIPATNA
No. 4048/BPM Date: 21.10.2022

### Expression of Interest (EOI) to lease out the shop room of Smart Park at Bhawanipatna Municipality.

No.C-1461:- Bhawanipatna Municipality invites Expression of Interest (EOI) in the prescribed Format (Annexure-I) in sealed cover from the intending Person/Mission Shakti Group (MSG)/ Agency to lease out the shop rooms of Smart Park at Bhawanipatna on monthly rental basis. The detail of shop rooms as given below

| SHOP ROOM | AREA (Sq. ft.) | UPSET PRICE FIXED IN RUPEES | RESERVATION STATUS |
|---|---|---|---|
| Shop Room No.-1 | 200 | 150000 | Reserved for MSG |
| Shop Room No.-2 | 200 | 150000 | Reserved for MSG |
| Shop Room No.-3 | 200 | 150000 | Reserved for MSG |
| Shop Room No.-4 | 200 | 150000 | Reserved for MSG |
| Shop Room No.-5 | 200 | 150000 | Open to All Individual/MSG/Agency |
| Shop Room No.-6 | 200 | 150000 | Open to All Individual/MSG/Agency |
| Shop Room No.-7 | 200 | 150000 | Open to All Individual/MSG/Agency |
| Shop Room No.-8 | 200 | 150000 | Open to All Individual/MSG/Agency |

Sealed offers are therefore invited from the interested Person/ **Mission Shakti Group (MSG)**/Agency who are required to quote the details of the shop room number and rate in the format given in the **Annexure I**. Application form required for the applicant can be downloaded from the website **http:/www.kalahandi.nic.in. The Application Form must be submitted with the cost of Application for an amount of Rs 2000/-. (Rupees Two Thousand) only and EMD for an amount of Rs 10,000/- (Rupees Ten Thousand) only through Demand Draft in favour of Executive Officer, Bhawanipatna Municipality payable at Bhawanipatna. The EMD is exempted for the Mission Shakti Group irrespective of all Shop Rooms. One Intending person/Mission Shakti Group/Agency can be allotted Maximum One number of shops. If the Applicant is applying for more than one Shop, he/she shall submit separate application form for each shop with application cost and EMD. In case any applicant gets selected in more than one shop he/she shall be allotted the shop where the applicants have quoted the highest price. The monthly rent of the shop is 2000/- (Two Thousand) Only per month**. The Application should reach to Executive Officer, Bhawanipatna Municipality by Registered Post/ Speed post only on or before 10.11.2022 at 5.00 PM. The application received beyond the date and time mentioned above shall not be taken into consideration. The Application form must be accompanied with relevant documents as mentioned in the tender paper. Failure to comply the instruction specified there in or non-submission of any of the documents specified, the bid shall summarily be rejected.

The sealed application will be opened on 11/11/2022 at 11 AM in the office of the undersigned in presence of the applicants or their authorized agents and members of the tender committee.

OIPR-13100/11/0020/2223 **Sd./- Executive Officer, Bhawanipatna Municipality**

## GOVERNMENT OF ODISHA
## HOUSING & URBAN DEVELOPMENT DEPARTMENT
## OFFICE OF THE NOTIFIED AREA COUNCIL,PADAMPUR
At-Padampur, Po-Rajborasambar,Dist-Bargarh, Pin-768036
Ph.No.06683-223436, E-mail:- nac.padampur@gmail.com

No.3002/NAC Dt.26.10.2022

**National Competitive Bidding through e-procurement**
**Bid Identification No. NAC-PDP-05/2022-23**

**No.C-1455:**The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

Nature of the Work : Civil Construction works as mentioned in website

1. No. of works : 01 no.
2. Estimate Cost : Rs.6,47,150/-
3. Class of Contractor : "D"
4. Date & Time of availability of Bid Documents in the portal : 10.00 AM on dt.27.10.2022 upto 05.30 PM on dt.05.11.2022
5. Last date & time for receipt of Bids in the portal. : 05.11.2022 at 05.30 PM.
6. Original Bids document received shall be : Before 1.00 PM on dt.07.11.2022
7. Bid opening : Dt.09.11.2022 at 11.30 AM

The bidders have to participate in online bidding only.
Further details can be seen from the website https:// www.tendersodisha.gov.in.

**Sd./- Executive Officer, N.A.C., Padampur**
OIPR-13118/11/0007/2223

## OFFICE OF THE NOTIFIED AREA COUNCIL, GANJAM
NO.2000 DATED 26.10.2022

### QUOTATION CALL NOTICE

No.C-1458:- Sealed quotatins are invited from the intending authorized suppliers / agencies for supply of fountain its platform, illumination and steel railing with granite ploes to Ganjam N.A.C. The prescribed designed and schedule can be obtained from the Office of the N.A.C., Ganjam during the office hours on payment of Rs.6000/- (Rupees six thousand) only + GST 18% in shape of Bank Draft / Banker Cheque in favour of the Executive Officer, N.A.C., Ganjam from dt.27.10.2022 to 4.11.2022 upto 5.30 P.M. The quotation will be received at the office of undersigned on or before 11.00 A.M. of 05.11.22. The quotation will be opened on dtd.05.11.2022 at 3.00 P.M. in presence of the quotationer or their authorized representative. All terms and conditions are printed in the quotation schedule for information of the quotationer. The authority reserves the right to reject or cancel all quotations without assigning any reason thereof.

**Sd./- Executive Officer, N.A.C., Ganjam**
OIPR-13164/11/0010/2223

## ZILLA SWASTHYA SAMITI, KANDHAMAL
Office of the CDM & PHO- Dist. Mission Director, Kandhamal, Phulbani

No.12691/ NHM/2022-23 Dt.26.10.2022

### TENDER CALL NOTICE

No. E-577:- Sealed tenders are invited from NGOs / Agencies to conduct the study & analysis on root cause for high percentage of low birth weight newborns in Khajuripada, Phulbani & Phiringia blocks. The details are available inthe district website: https://kandhamal.nic.in. The eligible bidders may submit their tender papers on or before 22.11.22 by 04.00 P.M. through Registered Post / Speed Post only to the undersigned. The tender documents will be opened on 24.11.22 at 11.00 A.M. in the office chamber of the undersigned. The undersigned reserves the right to accept or reject any or all the tender without assigning any reason thereof.

**Sd./- C.D.M. & P.H.O.-Cum-D.M.D., NHM Kandhamal, Phulbani**
OIPR-10015/11/0011/2223

## OFFICE OF THE EXECUTIVE ENGINEER MINOR IRRIGATION DIVISION, SONEPUR
No.A-658: **GOVERNMENT OF ODISHA**
**"e "- PROCUREMENT NOTICE**
**BID IDENTIFICATION No: Online/SNPMI-02/2022-23**

1. Name of the Inviting Officer:- Executive Engineer, Minor Irrigation Division, Sonepur
2. Name of the Work :- Renovation of M.I.Ps under RR&R Grant and Construction of Check Dam under MATY in different Block of Subarnapur District during the year 2022-23.
3. No. of Works:- 5 (Five) No.
4. Tender Amount:- 16.24 Lakhs to 31.00 lakhs
5. Date and Time of Availability of BID Document in the Portal for online Bidding from:- 10.00 hrs Dt. 31.10.2022 to 17.00 hrs. Dt.14.11.2022
6. Last Date and Time of receipt of Bids in the Portal:- 17.00 hrs. Dt.14.11.2022
7. Last Date and Time for clarification upto: 17.00 hrs. Dt.10.11.2022
8. Date of opening of Bid: - (Technical):- 11.00 hrs. onwards Dt.15.11.2022

The detail tender call notice can also be seen in the DOWR website: https://dowrodisha.gov.in.
Name & Address of the OIT : Executive Engineer, M.I. Division, Sonepur, At/PO/Dist: Subarnapur, PIN-767017, Ph-06654-295260, E-mail:- eemisnp@yahoo.com.
Further details can be seen from the e-Procurement market place : https://tenderodisha.gov.in.

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

**Sd./- Executive Engineer, M.I.Division, Sonepur**
OIPR-32290/11/0003/2223

## ZILLA SWASTHYA SAMITI, BOUDH
**Notification No. 2410** **Date: 27.10.2022**

### TENDER CALL NOTICE
### FOR SUPPLY OF IEC & PRINTING MATERIALS

No. E-576: Sealed tenders are invited from the interested parties/firms/companies for supply of IEC and Printing Materials under NHM. The interested bidders may download tender papers along with terms & conditions from the district website portal i.e. **www.boudh.nic.in**.

**Sd./- CDM & PHO-cum-DMD, Boudh**
OIPR-10107/11/0009/2223

No.CAD-2293
OMC | ODISHA NEW OPPORTUNITIES — Mining Happiness
## ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN:U13100OR1956SGC000313,www.omcltd.in

### E-Procurement Notice
**Bid document No.:OMC/S&M/Tender/ TIRING&UNCH/03, Dated:27.10.2022**

<table>
<tr><td>1</td><td>Work name</td><td colspan="3">Hiring of machineries along with required manpower, POL & O&M for preparation of Stacks as per OMPTS (Amendment) Rules, 2021 at Tiringpahar and Unchabali (Mahaparbat) Iron Ore Mines in Keonjhar District, Odisha.</td></tr>
<tr><td>2</td><td>Availability of tender documents on the e-tendering portal of Government of Odisha</td><td colspan="3">Date: 28.10.2022; Time: 5.00 PM</td></tr>
<tr><td>3</td><td>Last date for submission of Queries</td><td colspan="3">Date: 07.11.2022; Time: 05.00 PM. The queries may be send to the mail id-smsection@odishamining.in</td></tr>
<tr><td>4</td><td>Pre-bid Meeting Dates</td><td colspan="3">Date: 09.11.2022; Time: 3.30 PM through MS Teams</td></tr>
<tr><td>5</td><td>Uploading of revised document</td><td colspan="3">Date: 10.11.2022; Time: 05.30 PM</td></tr>
<tr><td>6</td><td>Bid Due Date</td><td colspan="3">Date: 17.11.2022; Time: 5.00PM</td></tr>
<tr><td>7</td><td>Opening of Techno-Commercial Bid</td><td colspan="3">Date: 17.11.2022; Time: 5.30PM</td></tr>
<tr><td>8</td><td>Opening of Price Bid</td><td colspan="3">To be informed to the Technically Qualified Bidders</td></tr>
<tr><td rowspan="3">9</td><td rowspan="3">Tender Paper Fee (non-refundable) including GST</td><td>Name of the Mine</td><td>Amount (INR)</td><td>Remarks</td></tr>
<tr><td>Tiringpahar Iron Ore Mine</td><td>Rs.5,900/- (Rs.5,000.00+ 18% GST)</td><td rowspan="2">Amount to be Paid online on the e-tender portal of Government of Odisha (www.tendersodisha.gov.in) for each mine separately.</td></tr>
<tr><td>Unchabali (Mahaparbat) Iron Ore Mine</td><td>Rs.11,800/- (Rs.10,000.00 + 18% GST)</td></tr>
<tr><td rowspan="3">10</td><td rowspan="3">Earnest Money Deposit (EMD)</td><td>Name of the Mine</td><td>Amount (INR)</td><td>Remarks</td></tr>
<tr><td>Tiringpahar Iron Ore Mine</td><td>INR. 4,00,000/- (Rupees Four Lakhs only)</td><td rowspan="2">Amount to be Paid online on the e-tender portal of Government of Odisha (www.tendersodisha.gov.in) for each mine separately.</td></tr>
<tr><td>Unchabali (Mahaparbat) Iron Ore Mine</td><td>INR. 11,50,000/- (Rupees Eleven Lakhs and fifty thousand only)</td></tr>
</table>

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0152/2223 **Sd./- GM (S&M)**

GOVT. OF ODISHA
## DEPARTMENT OF WATER RESOURCES
## O/o. THE SUPERINTENDING ENGINEER, PRACHI DIVISION, BHUBANESWAR - 12
E-mail: prachi.division@yahoo.co.in, Phone: 0674-2562427, Fax: 0674-2562472

No. 6043(C) Dt.21.10.2022

### e-PROCUREMENT NOTICE No. SEPRD-18/2022-23

No. A-654: Bid documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **www.tendersorissa.gov.in** complete online process only.

| | | | |
|---|---|---|---|
| 01 | Nature of work | : | Canal Works, embankment works & structure works |
| 02 | No. of works | : | 3 Nos. |
| 03 | Bid Identification No. | : | SEPRD - 18/2022-23 |
| 04 | Estimated Cost | : | 25.00 Lakhs to Rs.45.00 Lakhs |
| 05 | Earnest Money Deposit | : | Referred to DTCN |
| 06 | Cost of Tender Paper | : | Referred to DTCN |
| 07 | Period of Completion | : | Referred to DTCN |
| 08 | Date & time of availability of Bid documents in the portal | : | From 28.10.2022 (11.00 A.M.) to 04.11.2022 (5.00 P.M.) |
| 09 | Date and time of opening of Tender Document & online bids | : | 05.11.2022 at 11.00 A.M. |
| 10 | Date of Lottery (In case of situation arises) | : | 11.11.2022 at 11.00 A.M. |
| 11 | Name and address of the Officer Inviting Bid | : | Superintending Engineer, Prachi Division, Bhubaneswar - 12, E-mail: **prachi.division@yahoo.co.in**, Phone: 0674-2562427, Fax: 0674-2562472 |

Further details can be seen from the State Govt. Portal **www.tendersorissa.gov.in**.

**Sd./- Superintending Engineer Prachi Division, Bhubaneswar**
OIPR-32096/11/0005/2223

## DIRECTORATE OF GROUND WATER DEVELOPMENT : ODISHA
**Office of The Deputy Director, GWD Division,Cuttack**
**New Zobra, S&M Publication Building,1st Floor, Cuttack**
**Dist- Cuttack, PIN- 753003,**
**[e-mail:srgeologistCuttack@gmail.com]**

### INVITATION FOR BIDS (IFB)
**e-Procurement Notice :743, Date:26.10.2022**
**Bid Identification No.02/GWCTC/ARUA/2022-23**
**(Single-Envelope Bidding Process)**

**No.A-657:**Deputy Director,Geology, GWD Division, Cuttack, New Zobra, S& M Publication Building,1st Floor, Cuttack, Dist- Cuttack, PIN- 753003 on behalf of Governor of Odisha invites bids from bidders Class "C" and above registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.

Bids must be submitted online on or before 09/11/2022 at 14.00 Hrs 1ST (system server time). Proposals will be opened online on 09/11/2022 ; at 15.00 hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal 'www.tendersodisha.gov.in.

| Sl. No. | Description | Details |
|---|---|---|
| 1. | Name of the Work | Installation of Recharge Shafts and Monitoring Station at 20 Locations under Garadpur Block of Kendrapara District |
| 2. | Start Date of availability of Bid document online (bid download) | 29/10/2022 from 11.00 Hrs |
| 3. | Last Date of availability of bid document online (bid download) | 09/11/2022 upto 14.00 Hrs |
| 4. | Last date and time for receipt of bid document (Bid Submission End date & Time) | 09/11/2022 upto 14.00 Hrs |
| 5. | Date & Time of opening of bid document (bid Opening date) | 09/11/2022 upto 15.00 Hrs |

**Sd./- Deputy Director, Geology GWD Division, Cuttack**
OIPR-32464/11/0003/2223

## BHUBANESWAR MUNICIPAL CORPORATION
VIVEKANAND MARG, NEAR KALPANA SQUARE, BHUBANESWAR-751014
No. 49878/BMC DT: 21.10.2022
XXXXX-II-SWMPMU (88/2022-23)

### NOTICE INVITING TENDER (NIT)
**NATIONAL COMPETITIVE BIDDING THROUGH e-PROCUREMENT**

No.C-1462:- On behalf of the Commissioner, Bhubaneswar Municipal Corporation (BMC), Executive Engineer (Sanitation), BMC invites tenders through e-Procurement in conformity with terms and conditions of the tender document in Two Bid System (Part-I): General & Technical Bid and Part II: Financial Bid/ Price Bid/BOQ) from intending bidders fulfilling the eligibility criteria and other qualifying requirements mentioned in this tender document for the work of **"Supply, Installation, Commissioning of 15 nos. sieving/screening machines of 5 TPD capacity each with belt conveyor for screening of compost including AMC for four years"**. Each bid should be submitted online through the e-procurement portal i.e. https://tendersodisha.gov.in. The bidders should have necessary portal enrolment (Digital Signature Certificate) under e-procurement process of Govt. of Odisha in required class/category. For queries, intending bidders may Contact the Office of Executive Engineer (Sanitation)/Deputy Commissioner (Sanitation), Bhubaneswar Municipal Corporation, Vivekanand Marg, Kalpana Square, Bhubaneswar-751024.

Standard technical specification of **Sieving/Screening machine with Belt Conveyor for screening of compost generated from garbage** in enclosed in Appendix-I of the bid document.

**1. Schedule of Events:**

| Sl. No. | Description | Critical Dates |
|---|---|---|
| 1. | Period of availability of tender document for bidding | From Dt.22.10.2022 (11.00 AM) to Dt.14.11.2022 (4.00 PM) |
| 2. | Pre-Bid Meeting | Dt.29.10.2022 at 12.00 Noon |
| 3. | Submission of Pre-bid queries by Bidders to email id: **dc-sanitation@bmc.gov.in** | Dt.31.10.2022 Till 5.00 PM |
| 4. | Last date and time for submission of proposal on online mode | Dt.14.11.2022 up to 5.00 PM |
| 5. | Date & Time of opening of proposal | Dt.15.11.2022 (12.30 PM) |

2. Other details can be seen in the bidding document available in website tendersodisha.gov.in (for view, download and bidding) and in BMC Website www.bmc.gov.in (for view and download only).
3. All amendments, Clarifications, time extension etc. will be uploaded in the website only. Bidders should regularly visit the above website to keep themselves updated.
4. Authority reserves the right to reject any or all the tenders without assigning any reason thereof subject to the limitations prescribed by Central Vigilance Commission.

**By Order of Commissioner, BMC**
**Sd./- Executive Engineer (Sanitation)**
**Bhubaneswar Municipal Corporation**
OIPR-13002/11/0142/2223

### NOTICE INVITING TENDER
## Office of Chief CSO-cum-District Manager Odisha State Civil Supplies Corporation Limited, Subarnapur Unit

**No.CAD-2296:** **Email Id: - sonepurcso@gmail.com**

Tender No.1. Sonepur Block-2772/27.10.2022. 2.Tarva Block- 2773/27.10.2022. 3. Binika Block- 2774/27.10.2022. 4. Dunguripali Block- 2775/27.10.2022. 5. Ullunda Block-2776/27.10.2022. 6. Biramaharajpur Block- 2777/27.10.2022.
Cost of Tender Document: - Rs.5900/- Inclusive of GST for each UNIT
Online tenders are invited from eligible bidders for Selection & appointment of Transport Contractors for transportation of paddy from Paddy Purchase Center (PPC) to Rice Mills within Subarnapur District in the State of Odisha for the KMS 2022-23 shall be done as follows.

| | | |
|---|---|---|
| 1 | Availability of Tender Documents; Downloadable from website: www.tendersodisha.gov.in) | From Date 29.10.2022 |
| 2 | Date, time and venue for Pre- bid conference of tenders. | 01.11.2022 at 11. AM, Conference hall of Collectorate Subarnapur |
| 3 | Last date and time for online submission of completed tender documents with enclosures. | 04.11.2022 upto 5PM |
| 4 | Date, time and venue of opening of Technical bid by the Tender Committee | 05.11.2022 at 11.AM, Conference hall of Collectorate Subarnapur |
| 5 | Date and time of submission of original documents by the tenders in support of scanned copies upload in the portal for verification by district office. | 05.11.2022 at 3PM |
| 6 | Date of opening of Financial Bids ( Only of technically qualified tenderers) | To be declared after Technical Evaluation |

N.B: I. If the office happens to be closed on the date of opening of tenders, tenders will be opened on the next working day in the same time.

**By Order of the Collector**
**Sd./- Chief CSO-cum-District Manager**
OIPR-07030/11/0005/2223 **OSCSC Ltd., Subarnapur**

**୧ରୁ ଖୋଲିବ ଶିମିଳିପାଳ ଅଭୟାରଣ୍ୟ**

ବାରିପଦା ଅଫିସ,୨୭।୧୦: ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ନଭେମ୍ବର ୧ତାରିଖରୁ ଖୋଲିବ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବାରିପଦାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୨୬୮/୨୬।୧୦।୨୨ ଅନୁଯାୟୀ ପର୍ଯ୍ୟଟକମାନେ ଶିମିଳିପାଳ ମଧ୍ୟକୁ ପ୍ରବେଶ କରି ପାରିବେ ବୋଲି ଅନୁମତି ପ୍ରଦାନ କରାଯାଇଛି। ବାରିପଦାର ପିଠାବଟା ଗେଟ ଦେଇ ଅଗ୍ରୀମ ବୁକିଂ କିମ୍ବା ପ୍ରଥମେ ପହଞ୍ଚିଥିବା ୨୫ଟି ଗାଡ଼ି ଏବଂ ଯଶିପୁର କାଳିଆଣୀ ପଟୁ ୩୫ଟି ଗାଡ଼ି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ପ୍ରବେଶ ପାଇଁ ସକାଳ ୬ଟାରୁ ୯ଟା ମଧ୍ୟରେ ଅନୁମତିପତ୍ର ନେଇପାରିବେ। ବ୍ୟାଘ୍ର ପ୍ରକଳ୍ପ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନେ ପ୍ରଚଳିତ ନିୟମାବଳୀ ପାଳନ ନିମନ୍ତେ ଲିଖିତନାମା ପ୍ରଦାନ କରିବେ।

# ୧୮ ଗାଁ ଲୋକଙ୍କ ମୁଖ୍ୟରାସ୍ତା ନାଗାବଳୀ



ଜଣେ ରୋଗୀଙ୍କୁ ଭରାନଦୀରେ ଷ୍ଟ୍ରେଚରରେ ବୋହି ଡାକ୍ତରଖାନା ନିଆଯାଉଛି।

ରାୟଗଡ଼ା ଅଫିସ,୨୭।୧୦

ରାୟଗଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ୧୮ ଖଣ୍ଡ ଗ୍ରାମର ଗ୍ରାମବାସୀଙ୍କ ମୁଖ୍ୟରାସ୍ତା ପାଲଟିଛି ନାଗାବଳୀ ନଦୀ। ନଦୀ ଅପରପାର୍ଶ୍ୱରେ ବସବାସ କରୁଥିବାରୁ ଲୋକଙ୍କ ଯାତାୟାତରେ ସୁବିଧା ପାଇଁ ନଦୀ ଉପରେ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ୩ ବର୍ଷ ତଳେ ଆରମ୍ଭ ହୋଇଥିଲା। ହେଲେ ପୋଲ କାମ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଦୈନନ୍ଦିନ କାର୍ଯ୍ୟ ଏବଂ ଜରୁରୀ ସେବା ପାଇଁ ଗ୍ରାମବାସୀ ବିପଜ୍ଜନକ ଅବସ୍ଥାରେ ଭରାନଦୀ ପାରିହୋଇ ଯିବାକୁ ବାଧ୍ୟ ହେଉଛନ୍ତି। ରୋଗୀ ଏବଂ ଗର୍ଭବତୀଙ୍କୁ ଡାକ୍ତରଖାନା ନେବା ପାଇଁ ଷ୍ଟ୍ରେଚର ଏବଂ ଭାରରେ ବୋହି ନଦୀପାର ହେବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ। ବୁଧବାର ରାୟଗଡ଼ା ସଦର ବ୍ଲକ ଶେଷଖାଲ ପଞ୍ଚାୟତ ଅନ୍ତର୍ଗତ ଖିଲିମିସଗୁଡ଼ା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଦୃଷ୍ଟିକୁ ଆସିଛି। ଗାଁର ପ୍ରଦୀପ କଲକା(୫୬)ଜ୍ୱରରେ ପୀଡ଼ିତ ଥିବାବେଳେ ଜ୍ୱର ନ କମିବାରୁ ସମ୍ପର୍କୀୟମାନେ ତାଙ୍କୁ ଜେମାଦେଇପେଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ଗାଁକୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ ଗାଡ଼ି ଯିବାକୁ ରାସ୍ତା କିମ୍ବା ପୋଲ ନ ଥିବାରୁ ପ୍ରଦୀପଙ୍କୁ ଷ୍ଟ୍ରେଚରରେ ବୋହି ନଦୀ ପାରହେବା ପରେ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ନାଗାବଳୀ ଅପରପାର୍ଶ୍ୱରେ ରହିଥିବା ଖିଲିମିସଗୁଡ଼ା, ରାଣାଗୁଡ଼ା, କେରାଣ୍ଡି, ଲୁମ୍ବେସୁ, କାଷଡ଼ା, ତରାମ୍, ପାଲମପୁଲିସ, ଚମ୍ପି ଏବଂ ଦୁର୍ଗାପାଡୁ ସମେତ ୧୮ ଗ୍ରାମର ଲୋକେ ଯାତାୟାତ ନିମନ୍ତେ ବର୍ଷ ବର୍ଷ ଧରି ସମସ୍ୟା ଭୋଗୁଛନ୍ତି। ଏହାର ସମାଧାନ ନିମନ୍ତେ ୧୧ କୋଟି ୫୩ ଲକ୍ଷ ୫୦ ହଜାର ୨୧୨ଟଙ୍କା ବ୍ୟୟ ଅଟକଳରେ ୨୦୧୯ ମାର୍ଚ୍ଚ ୮ ରେ ନଦୀ ଉପରେ ବିଜୁ ସେତୁ ନିର୍ମାଣ କାମ ଆରମ୍ଭ ହୋଇଥିଲା। ୨୦୨୧ ମାର୍ଚ୍ଚ ୭ ମଧ୍ୟରେ କାମ ଶେଷ ପାଇଁ ସମୟସୀମା ଧାର୍ଯ୍ୟ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ନେଇ ରାୟଗଡ଼ା ବିଡିଓ ଲକ୍ଷ୍ମୀନାରାୟଣ ସାବତଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ପୋଲ ନିର୍ମାଣ କାମ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଛି। ବର୍ଷା ଯୋଗୁ କାମ ଅଟକି ଥାଇପାରେ ବୋଲି ସେ କହିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, କାମ ନେଇଥିବା ଠିକାଦାର ସ୍ଲାବ୍ କାମ ଅଧାପନ୍ତରିଆ ଛାଡ଼ି ଦେଇଛନ୍ତି। ବାରମ୍ବାର ତାଗିଦା ପରେ ମଧ୍ୟ ସେ ଶୁଣୁନାହାନ୍ତି। ଏ ନେଇ ସରକାରଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପୋଲକାମ ସରିଲେ ୧୮ ଖଣ୍ଡ ଗ୍ରାମର ଲୋକେ ନୂଆ ଜୀବନ ପାଇବେ ବୋଲି ଶେଷଖାଲ ପଞ୍ଚାୟତର ସମିତି ସଭ୍ୟ କ୍ରିଷ୍ଣା କଲାକା, ମାନୁ କଣ୍ଡାଗରି ଏବଂ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପୋଲ ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ ନ କଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ଚେତାବନୀ ଦେଇଛନ୍ତି।

**▪ ସମୟସୀମା ସରିଥିଲେ ମଧ୍ୟ ବିଜୁ ସେତୁ ନିର୍ମାଣ କାମ ସରୁନି**

# ପଲିଥିନ୍ ନିଷେଧ ପାଇଁ ଆକ୍ସନ ପ୍ଲାନ୍

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

**ପଞ୍ଚାୟତ, ପୌର ସଂସ୍ଥା ପାଇଁ ଗଠନ ହେବ ସ୍ୱତନ୍ତ୍ର ସ୍କ୍ୱାଡ**



ରାଜ୍ୟରେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ମାତ୍ର ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ପଲିଥିନ କଟକଣାକୁ କଡ଼ାକଡ଼ି କରିବା ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି) ସମ୍ପୂର୍ଣ୍ଣ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛି। ପ୍ରଦୂଷଣ ବୋର୍ଡ ମେମ୍ବର ସେକ୍ରେଟାରି କେ. ମୁରୁଗେସେନ ଆକ୍ସନ ପ୍ଲାନ୍ ନେଇ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ପୌର ସଂସ୍ଥା ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ ଯଥା ଜିଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତଗୁଡ଼ିକର ଇକୋ ସେନ୍‌ସିଟିଭ ଜୋନ, ମନ୍ଦିର, ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ହାଟ, ଡାକ୍ତରଖାନା ଓ ନର୍ସିଂହୋମ୍ ପରିସର, ସ୍କୁଲ ଓ କଲେଜ ପରିସର, ଶିଳ୍ପାଞ୍ଚଳ, ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ସର୍ବସାଧାରଣ ସ୍ଥାନରେ ଏହି ଆକ୍ସନ ପ୍ଲାନ୍ ଲାଗୁ କରାଯିବ।

ବଜାରରେ ଏହା ସହଜରେ ଉପଲବ୍ଧ ହେଉଥିବାରୁ ଥରେ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ ଓ ୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ପଲିଥିନ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି । ପରିବେଶ ପାଇଁ ଏହା ଅତ୍ୟନ୍ତ ବିପଜ୍ଜନକ । ଏହି କଠିନ ବର୍ଜ୍ୟବସ୍ତୁକୁ ପରିଚାଳନା କରିବା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ପଲିଥିନଗୁଡ଼ିକୁ ପୌର ବର୍ଜ୍ୟରୁ ସେଗୁଡ଼ିକୁ ଅଲଗା କରାଯାଇ ପୁନଃ ପ୍ରକ୍ରିୟାକରଣ କରାଯିବ। ନିଜ ଅଞ୍ଚଳରେ କେତେ ପରିମାଣର ବର୍ଜ୍ୟ ବାହାରୁଛି ପୌର ସଂସ୍ଥା ଏବଂ ପଞ୍ଚାୟତ ତାହାର ରେକର୍ଡ ରଖିବେ। ସଂଗୃହୀତ ପଲିଥିନ ରାସ୍ତା ନିର୍ମାଣ ଏବଂ ସିମେଣ୍ଟ କାରଖାନାରେ ବ୍ୟବହାର କରାଯିବ। ପଞ୍ଚାୟତଗୁଡ଼ିକ ପୁନଃ ପ୍ରକ୍ରିୟାକରଣ ପାଇଁ ବର୍ଜ୍ୟବସ୍ତୁଗୁଡ଼ିକୁ ପୌର ସଂସ୍ଥାଗୁଡ଼ିକୁ ହସ୍ତାନ୍ତର କରିବେ। ଆଗାମୀ ଦିନରେ ଥରେ ବ୍ୟବହୃତ ପଲିଥିନଗୁଡ଼ିକୁ ନଷ୍ଟ କରିବା ପାଇଁ ରିଫ୍ୟୁଜ ଡିରାଇଭିଡ୍ ଫୁଏଲ(ଆର୍‌ଡିଏଫ) ପ୍ଲାଣ୍ଟ ଏବଂ ୱେଷ୍ଟ ଟୁ ଏନର୍ଜି ପ୍ଲାଣ୍ଟ (ଡବ୍ଲ୍ୟୁଟିଇ) ପ୍ଲାଣ୍ଟ ସ୍ଥାପନ କରାଯିବ।

ରାଜ୍ୟର ସମସ୍ତ ପୌର ସଂସ୍ଥା ଏବଂ ପଞ୍ଚାୟତ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯିବ। ହାଟ, ବଜାର, ଗଚ୍ଛିତ ରଖୁଥିବା ବ୍ୟବସାୟୀ, ଶିଳ୍ପାଞ୍ଚଳ ଇତ୍ୟାଦିକୁ ଏହି ସ୍କ୍ୱାଡ ସପ୍ତାହକୁ ଦୁଇଥର ଅଚାନକ ପରିଦର୍ଶନ କରିବେ। ନିଷେଧ କରାଯାଇଥିବା ପଲିଥିନଗୁଡ଼ିକୁ ଜବତ କରି ଜରିମାନା ଆଦାୟ କରିବେ। ସେହି ଜରିମାନାକୁ ପୌର ସଂସ୍ଥା ଏବଂ ପଞ୍ଚାୟତରେ ଏକ ଆକାଉଣ୍ଟ ଖୋଲାଯାଇ ଡିପୋଜିଟ୍ କରାଯିବ। କୌଣସି ପ୍ରକାର ଆଇନଶୃଙ୍ଖଳା ଯେପରି ସୃଷ୍ଟି ନ ହେବ ସେଥିପାଇଁ ପୋଲିସ ସ୍କ୍ୱାଡ୍ ଚଢ଼ାଉ ସମୟରେ ସହଯୋଗ କରିବ। ଜରିମାନା ଅର୍ଥରେ ଜନସଚେତନତା ସୃଷ୍ଟି କରାଯିବ। ପଲିଥିନ ପରିବର୍ତ୍ତେ ପରିବେଶକୁ ଖାପଖୁଆଇବା ଭଳି ଝୋଟରେ ତିଆରି ବ୍ୟାଗ୍ ଓ ଅନ୍ୟାନ୍ୟ ବସ୍ତୁ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ନାବାର୍ଡ କିମ୍ବା ବ୍ୟାଙ୍କରୁ ସହାୟତା ପ୍ରଦାନ କରାଯିବ। ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ଶିଳ୍ପ ସଂସ୍ଥା, ଧାର୍ମିକ ସ୍ଥଳ, ଡାକ୍ତରଖାନା, ନର୍ସିଂହୋମ୍‌ଗୁଡ଼ିକୁ ପଲିଥିନ ମୁକ୍ତ ଘୋଷଣା କରିବାକୁ ପ୍ରୋତ୍ସାହିତ କରାଯିବ ବୋଲି ମୁରୁଗେସେନ କହିଛନ୍ତି।

# ଜିଲା ସୈନିକ ବୋର୍ଡରେ ଅଚଳାବସ୍ଥା

ସମ୍ବଲପୁର,୨୭।୧୦(ବ୍ୟୁରୋ)

**▪ ନାହାନ୍ତି ସ୍ଥାୟୀ ଅଧିକାରୀ**
**▪ ସମସ୍ୟା ଭୋଗୁଛନ୍ତି ୭ ଜିଲାର ଯବାନ**

ଅବସରପ୍ରାପ୍ତ ସୈନିକଙ୍କ ସମସ୍ତ ସରକାରୀ କାର୍ଯ୍ୟ କରିବା ପାଇଁ ଜିଲା ସୈନିକ ବୋର୍ଡ ଗଠନ କରାଯାଇଛି। ଯବାନମାନଙ୍କୁ ନେଇ ବୋର୍ଡ ଗଠନ କରାଯାଇ ଏହାର ପରିଚାଳନା କରାଯାଉଥିବା ବେଳେ ରାଜ୍ୟ ଗୃହ ବିଭାଗ ଏହାର ତଦାରଖ କରୁଛି। ଆବଶ୍ୟକ ସମ୍ପାଦକ, କର୍ମଚାରୀ ନିଯୁକ୍ତି ହୋଇ ନ ଥିବାରୁ ସମ୍ବଲପୁର ଜିଲା ସୈନିକ ବୋର୍ଡ ଅଫିସରେ ଅଚଳାବସ୍ଥା ଦେଖାଦେଇଛି। ବାହାରେ ଏକ ବଡ଼ ସୂଚନା ବୋର୍ଡ ଲଗାଯାଇଛି। ହେଲେ ବାସ୍ତବରେ ପରିଚାଳନା ପାଇଁ ମାନବ ସମ୍ବଳ ଯୋଗାଇ ଦିଆଯାଇ ନାହିଁ। ଫଳରେ ଏହି ଅଫିସ ଉପରେ ନିର୍ଭର କରୁଥିବା ପଶ୍ଚିମ ଓଡ଼ିଶାର ସମ୍ବଲପୁର ସମେତ ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର ଓ ସୋନପୁର ଜିଲାର ଅବସରପ୍ରାପ୍ତ ଯବାନମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶତାଧିକ ଫାଇଲ ପଡିରହିଥିବା ବେଳେ ଅବସରପ୍ରାପ୍ତ ସେନା କର୍ମଚାରୀ ଅଫିସକୁ ଆସି ନିରାଶ ହୋଇ ଫେରିଯାଉଛନ୍ତି।

ସେମାନେ ଆହୁରି ଅଭିଯୋଗ କରିଛନ୍ତି, ଦେଶର ସୁରକ୍ଷା ଓ ଆଇନ ଶୃଙ୍ଖଳାରେ ଯବାନଙ୍କ ଅବଦାନ ରହିଛି। ହେଲେ ଅବସର ନେବା ପରେ ସରକାର ସେମାନଙ୍କ ପ୍ରତି ଅବହେଳା କରୁଛନ୍ତି। କେବଳ ନାରାରେ ଜୟ ଯବାନ ଜୟ କିଷାନ ବୋଲି କୁହାଯାଉଛି। ଗୋଟିଏ କାମ ପାଇଁ ବାରମ୍ବାର ଶତାଧିକ କିଲୋମିଟର ଦୂରରୁ ଅଫିସ ଆସିବାକୁ ପଡୁଛି। ହେଲେ କାମ ନ ହେବାରୁ ପୁଣି ଫେରିବାକୁ ପଡୁଛି। ଅବସର ନେବା ପରେ ପେନ୍‌ସନ କାମ, ମେଡିକାଲ ଭତ୍ତା, ଶିଶୁମାନଙ୍କ ଭତ୍ତା ଓ ଅନ୍ୟାନ୍ୟ କାମ ଏହି ଅଫିସରୁ ପରିଚାଳନା ହୋଇଥାଏ। ଏହି ଅଫିସରୁ ଅନୁମୋଦନ ପରେ କାମ ହୋଇଥାଏ। ହେଲେ ମାସ ମାସ ଧରି ଫାଇଲ ପଡିରହୁଛି। ଅଫିସକୁ ଆସିଲେ କେତେବେଳେ ଖୋଲା ରହୁଛି ତ କେତେବେଳେ ବନ୍ଦ ରହୁଛି। ସ୍ଥାୟୀ ଅଧିକାରୀ ନିଯୁକ୍ତି ଦିଆଯାଇ ନାହିଁ। କାମ ଅନୁସାରେ ୩ଜଣ କିରାଣି ଓ ୨ ଜଣ ପିଅନର ଆବଶ୍ୟକ ରହିଛି। ହେଲେ କିରାଣି ପଦ ଖାଲି ପଡିଛି। ତେଣୁ କାମ ଆଗେଇ ପାରୁନାହିଁ। ସୋନପୁର ଜିଲାରୁ ଆସିଥିବା ଆଲୋକ ପଣ୍ଡା କହିଛନ୍ତି, ପୂର୍ବରୁ ୨ଥର ଅଫିସ ଆସି ଫେରି ଯାଇଥିଲି। ଆଜି ମଧ୍ୟ କେହି ଅଧିକାରୀ ଏପର୍ଯ୍ୟନ୍ତ ଆସିନାହାନ୍ତି। ଜଣେ ତଳିଆ କର୍ମଚାରୀ ଅଫିସ ଖୋଲି ବସିଛନ୍ତି। ତେଣୁ କାମ ହେବ କି ନାହିଁ ତାହା ଜଣାପଡି ନାହିଁ । ସେହିପରି ସୁନ୍ଦରଗଡ଼ ଜିଲାରୁ ଆସିଥିବା ଜଣେ ଯବାନ କହିଛନ୍ତି, ଭତ୍ତା କାମ ପାଇଁ ବାରମ୍ବାର ଅଫିସ ଆସିବାକୁ ପଡୁଛି। ସକାଳୁ ଆସିଲେ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଅସ୍ଥାୟୀ ଭାବେ ଜଣେ ଅଧିକାରୀ ଅଛନ୍ତି। ତେଣୁ କାମ ଠିକ୍ ଭାବେ ହୋଇ ପାରୁନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ୧୯୮୮ ମସିହାରେ ଜିଲା ସୈନିକ ବୋର୍ଡ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା। ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ଏହି ବୋର୍ଡର ମୁଖ୍ୟ ଓ ଅବସରପ୍ରାପ୍ତ କିରାଣି ଅଫିସ କାମ କରିବା ନିୟମ ରହିଛି। ହେଲେ ସରକାର ନିଯୁକ୍ତି ଦେଉ ନାହାନ୍ତି। ମୁଖ୍ୟ ଅଧିକାରୀ ପଦ ୨୦୧୮ ମସିହାରୁ ଖାଲି ପଡିଛି। ଜିଲା ପ୍ରଶାସନର ଜଣେ ଡେପୁଟି କଲେକ୍ଟର ପାହ୍ୟାର ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବ୍ୟସ୍ତବହୁଳ କାର୍ଯ୍ୟରୁ ସମୟ ବାହାର କରି ସେ ଏହି ଦାୟିତ୍ୱ ନିର୍ବାହ କରୁଛନ୍ତି। ତେଣୁ ଏଭଳି ସମସ୍ୟା ହେଉଛି। ଏ ସମ୍ପର୍କରେ ଏଡିଏମ୍ ଉମାକାନ୍ତ ରାଜ କହିଛନ୍ତି, ସ୍ୱତନ୍ତ୍ର ବୋର୍ଡ ଗଠନ କରି ଏହାର ପରିଚାଳନା ହୋଇଥାଏ। ସରକାର ନିଯୁକ୍ତି ଦିଅନ୍ତି ନାହିଁ। ସୈନିକ ବୋର୍ଡ ଗଠନ କରି ନିଯୁକ୍ତି ଦେବା କ୍ଷମତା ରହିଛି, ହେଲେ କରୁନାହାନ୍ତି। ଅନ୍ୟପଟେ କମ୍ ଦରମା ଓ ଠିକ୍ ସମୟରେ ନ ମିଳିବା ନେଇ ପୂର୍ବରୁ ଅଭିଯୋଗ ହୋଇଛି। ଗୃହ ବିଭାଗ କେବଳ ତଦାରଖ କରିଥାଏ। ଯବାନମାନଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଜଣେ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇ କାମ କରାଯାଉଛି ବୋଲି ସେ କହିଥିଲେ।

# ଏକା ସାଙ୍ଗରେ ୩ ଇଞ୍ଜେକ୍ସନ ଦେବାରୁ ଶିଶୁ ମୃତ

ଦଶମନ୍ତପୁର, ୨୭।୧୦( ଡି.ଏନ.ଏ.)

**ଡାକ୍ତର କହିଲେ, ଇଞ୍ଜେକ୍ସନ ଶିଶୁ ମୃତ୍ୟୁର କାରଣ ନୁହେଁ**

ଏକା ସାଙ୍ଗରେ ୩ଟି ଇଞ୍ଜେକ୍ସନ ଦେବାରୁ ଏକ ୨ମାସର ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ଏପରି ଅଭାବନୀୟ ଘଟଣା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ. ମାଲକାନଗିରି ପଞ୍ଚାୟତର କେ. ମାଳିଗୁଡା ଗ୍ରାମରେ ଦେଖିବାକୁ ମିଳିଛି। ମୃତ ଶିଶୁପୁତ୍ର ଜଣକ ହେଲେ ଗ୍ରାମର ବାଲି ଗୌଡଙ୍କ ପୁଅ ଧନେଶ। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ସ୍ୱାସ୍ଥ୍ୟ ବିଭାଗର ଟିମ୍‌କୁ ଘେରାଉ କରିଛନ୍ତି।

ଖବରରୁ ଜଣାପଡିଛି, ବ୍ଲକର ବିଭିନ୍ନ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏବେ ଶିଶୁଙ୍କୁ ବିଭିନ୍ନ ଟିକା ପ୍ରଦାନ କରାଯାଉଛି। ବୁଧବାର କେ. ମାଳିଗୁଡା ଗ୍ରାମରେ କେତେକ ଶିଶୁଙ୍କୁ ଟିକା ପ୍ରଦାନ କରାଯାଇଥିଲା। ବାଲିଙ୍କ ପୁଅ ଧନେଶ ମଧ୍ୟ ଟିକା ନେଇଥିଲେ। ତାଙ୍କୁ ସ୍ୱାସ୍ଥ୍ୟକର୍ମୀମାନେ ୩ଟି ଟିକା ଦେଇଥିଲେ। ତେବେ ଟିକା ନେବାର କିଛି ସମୟ ପରେ ଧନେଶଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ମାଳିଗୁଡା ଗ୍ରାମରେ ପହଞ୍ଚିଥିଲେ। ତାଙ୍କୁ ଉତ୍ତ୍ୟକ୍ତ ଲୋକେ ଘେରାଉ କରିଥିଲେ। ଆମ ଶିଶୁପୁତ୍ରକୁ ଦିଅ, ତୁମେ ଇଞ୍ଜେକ୍ସନ ଦ୍ୱାରା ମାରିଦେଲ ବୋଲି କହି ପାଟି କରିଥିଲେ। ପରେ ସରପଞ୍ଚ ଓ ଅନ୍ୟ କେତେ ଜଣ ବ୍ୟକ୍ତି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସିଏଚଓ ସ୍ୱାଗତିକା ନାୟକ ଶିଶୁକୁ ଦେଇଥିବା ଟିକା ସମ୍ପର୍କରେ ପରିବାର ଲୋକଙ୍କୁ ବୁଝାଇଥିଲେ। ସେ କହିଥିଲେ ଯେ, ଶିଶୁମାନଙ୍କ ସ୍ୱାସ୍ଥ୍ୟ ଭଲ ରହିବା ନେଇ ରୋଗ ପ୍ରତିଷେଧକ ଟିକା ଦେଉଛୁ। ଦେଢ ବର୍ଷରୁ ସାଢ଼େ ଦୁଇ ବର୍ଷ ମଧ୍ୟରେ ଥିବା ଶିଶୁଙ୍କୁ ଓପିଭି-୧ , ରଟା-୧, ପେଣ୍ଟା-୧, ଆଇପିଭି ଏବଂ ପିସିଭି ଭଳି ଟିକା ଓ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥାଏ। ଏହାଦ୍ୱାରା ଶିଶୁମାନଙ୍କୁ ଆଉ କୌଣସି ରୋଗ ଆକ୍ରମଣ କରିବ ନାହିଁ। ମାତ୍ର ଇଞ୍ଜେକ୍ସନ ଦ୍ୱାରା ଶିଶୁଙ୍କ ମୃତ୍ୟୁ ହୋଇନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଯଦି ଶିଶୁଙ୍କୁ ଶୁଆଇ ସ୍ତନ୍ୟପାନ କରାଇଲେ ହଠାତ୍ ଗଳାରେ କ୍ଷୀର ଲାଗିଯିବ, ସେଥିରେ ଶିଶୁମାନେ ଅଣନିଃଶ୍ୱାସୀ ହୋଇ ମୃତ୍ୟୁ ହେବା ସମ୍ଭାବନା ରହିଛି ବୋଲି ସେ କହିଥିଲେ। ଏସମ୍ପର୍କରେ ପୋଡ଼ାଗଡ଼ ଡାକ୍ତର ପ୍ରିୟରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ବୁଧବାର କେ. ମାଳିଗୁଡା ଗ୍ରାମ ସହ ଗରଡାମୁଣ୍ଡ ଗ୍ରାମରେ ୧୪ ଜଣ ଶିଶୁ ଓ ୩ ଜଣ ଗର୍ଭବତୀ ମହିଳାଙ୍କୁ ଟିକା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଅନ୍ୟ କାହାର କିଛି ସମସ୍ୟା ହୋଇନାହିଁ। ସମ୍ପୃକ୍ତ ଗ୍ରାମର ଶିଶୁଟିର ଟିକା ନେବା ଦ୍ୱାରା ମୃତ୍ୟୁ ହୋଇନାହିଁ। ଅନ୍ୟ କୌଣସି କାରଣ ହୋଇ ଥାଇପାରେ। ମୃତଦେହ ବ୍ୟବଚ୍ଛେଦ ପରେ ଘଟଣା ସ୍ପଷ୍ଟ ହେବ ବୋଲି ଡାକ୍ତର ମିଶ୍ର କହିଥିଲେ। ଅନ୍ୟ ପକ୍ଷରେ ଶିଶୁର ମା' ସୁକାନ୍ତି କହିଛନ୍ତି, ଏକାସଙ୍ଗେ ୩ଟି ଇଞ୍ଜେକ୍ସନ ଦେବାକୁ ମୁଁ ମନା କରୁଥିଲି। ସ୍ୱାସ୍ଥ୍ୟକର୍ମୀ ମୋ କଥା ଶୁଣିଲେନାହିଁ। ବୟସ ଅନୁସାରେ ଶିଶୁମାନଙ୍କୁ ୩ଟି ଟିକା ଏକା ସାଙ୍ଗରେ ଦେବା ନିୟମ ରହିଛି କହି ଦେଲେ। ମୋ ଛୁଆ ଭଲ ଥିଲା, ଟିକା ନେବାରୁ ମୃତ୍ୟୁ ହେଲା। ଟିକା ନେବାରୁ ଯଦି ମୃତ୍ୟୁ ହୋଇନାହିଁ, ତେବେ କେଉଁ କାରଣରୁ ମୃତ୍ୟୁ ହେଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

# ମମିତା ବଡ଼ବାପାଙ୍କ ବୟାନ ରେକର୍ଡ

ବଲାଙ୍ଗୀର ଅଫିସ, ୨୭।୧୦

**▪ ଜବତ ସାମଗ୍ରୀ କୋର୍ଟରେ ପେସ୍ କରାଗଲା**

**ମମିତା ମେହେର ହତ୍ୟା ମାମଲା**



ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ଶୁଣାଣି ପ୍ରକ୍ରିୟାରେ ଗୁରୁବାର କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ମୃତାଙ୍କ ବଡ଼ବାପା କୌଶିକ ମେହେରଙ୍କ ବୟାନ ରେକର୍ଡ କରାଯାଇଛି। ଏହି ଶୁଣାଣି ପ୍ରକ୍ରିୟା ପାଇଁ ଦୁଇ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ରାଧେଶ୍ୟାମ ଚଣ୍ଡିଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଗୁରୁବାର ଶୁଣାଣି ପ୍ରକ୍ରିୟାରେ ତିନିଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯିବାକୁ ନୋଟିସ ହୋଇଥିଲା। ତେବେ ତିନି ସାକ୍ଷୀଙ୍କ ମଧ୍ୟରୁ କେବଳ କୌଶିକଙ୍କ ବୟାନ ରେକର୍ଡ ହୋଇଛି। କୌଶିକଙ୍କୁ ଉଭୟ ପକ୍ଷର ଓକିଲ ଜେରା କରିଥିଲେ। ପ୍ରତିପକ୍ଷ ଓକିଲ ଦୁର୍ଗା ପାଢ଼ୀ ସାକ୍ଷୀ କୌଶିକଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ପୋଲିସ ପକ୍ଷରୁ କୋର୍ଟରେ ମମିତା ହତ୍ୟା ଘଟଣାରେ ଜବତ ହୋଇଥିବା ବିଭିନ୍ନ ସାମଗ୍ରୀ ପେସ୍ କରାଯାଇଥିଲା। ଶୁକ୍ରବାର ଅନ୍ୟମାନଙ୍କ ବୟାନ ରେକର୍ଡ କରାଯିବ ବୋଲି ଜଣାପଡିଛି। କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲରେ ଅଧ୍ୟକ୍ଷା ଭାବେ କାର୍ଯ୍ୟରତ ଥିବା ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗାଁର ମମିତା ମେହେର ଗତବର୍ଷ ଅକ୍ଟୋବର ୮ ତାରିଖରୁ ନିଖୋଜ ହୋଇଯାଇଥିଲେ। ତାଙ୍କୁ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ଅପହରଣ କରିନେଇ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ଗୋବିନ୍ଦଙ୍କୁ ଟିଟିଲାଗଡ ବାରାକ୍‌ରେ ପଚରାଉଚରା କରିବାକୁ ରଖିଥିବାବେଳେ ସେଠାରୁ ଅକ୍ଟୋବର ୧୭ରେ ସେ ଫେରାର ହୋଇଯାଇଥିଲେ। ପରେ ୧୯ ତାରିଖରେ ବଙ୍ଗୋମୁଣ୍ଡା ଥାନା ବୁଢ଼ୀପଦର ଗାଁର ଏକ ଆଖୁ କିଆରିରୁ ତାଙ୍କୁ ଗିରଫ କରାଯାଇଥିଲା। ଏହାପରେ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡିଙ୍କୁ ଗିରଫ କରାଯାଇଥିଲା। ମମିତାଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ମହାଲିଙ୍ଗଠାରେ ନିର୍ମାଣାଧୀନ ଷ୍ଟାଡିୟମରେ ମୃତଦେହକୁ ପୋଡ଼ି ପୋତି ଦେଇଥିବା ଜଣାପଡିଥିଲା। ଏହି ମାମଲାରେ ଗିରଫ ୨ଅଭିଯୁକ୍ତ କଣ୍ଟାବାଞ୍ଜି ଜେଲରେ ଅଛନ୍ତି। ମାମଲାର ବିଚାର ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି।

# ନଭେମ୍ବରରେ ପାଣିକୋଇଲି ଟୋଲ୍ ପ୍ଲାଜା ସ୍ଥାନାନ୍ତର

ଯାଜପୁର ଅଫିସ,୨୭।୧୦



**▪ ଲିଜ୍ ଅବଧି ସରିବା ପରେ ବି ଏନ୍‌ଏଚ୍‌ଏଆଇ ନୀରବ**
**▪ ଟୋଲ ଅର୍ଥ ହେରାଫେରି ଆଶଙ୍କା**
**▪ ସ୍ଥାନାନ୍ତର ନିଷ୍ପତ୍ତିକୁ ୬ ବର୍ଷ ବିତିଲା**

ଏନଏଚ୍‌ଏଆଇ(ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ) ଅଧୀନରେ ଥିବା ଯାଜପୁର ଜିଲା ପାଣିକୋଇଲି ଟୋଲ ପ୍ଲାଜା ସ୍ଥାନାନ୍ତର ନିଷ୍ପତ୍ତିକୁ ୬ ବର୍ଷ ବିତିଛି। ଏପରିକି ଟୋଲ ଆଦାୟ ଦାୟିତ୍ୱରେ ଥିବା ରଞ୍ଜୋର ଡେଭଲପମେଣ୍ଟ ପ୍ରା.ଲିଃ. ଠିକାସଂସ୍ଥାର ଲିଜ୍ ଅବଧି ଗୁରୁବାର ଶେଷ ହୋଇଛି। କିନ୍ତୁ ଭଦ୍ରକ-ଯାଜପୁର ସୀମାନ୍ତବର୍ତ୍ତୀ ନେଉଳିଆଠାରେ ନବନିର୍ମିତ ଟୋଲପ୍ଲାଜାକୁ ସ୍ଥାନାନ୍ତର କରିବାକୁ ଏନଏଚ୍‌ଏଆଇ କର୍ତ୍ତୃପକ୍ଷ ଦିନ ଗଡ଼ାଇ ଚାଲିଛନ୍ତି। ଆଗକୁ ନୂତନ ଟେଣ୍ଡର ହେବା ପର୍ଯ୍ୟନ୍ତ ଦୈନିକ ପ୍ରାୟ ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟୋଲ ଆଦାୟ ଅର୍ଥକୁ ହେରାଫେରି କରିବାକୁ ଏହା ଏକ ଚକ୍ରାନ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ପାଣିକୋଇଲି ଟୋଲପ୍ଲାଜା ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସ୍ଥାନାନ୍ତର ହେବ ବୋଲି ଏନଏଚ୍‌ଏଆଇ ପକ୍ଷରୁ ସୂଚନା ମିଳିଛି।

ଯାଜପୁର ଜିଲା ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ପାଣିକୋଇଲି ଓ ୫୩ନଂ. ଜାତୀୟ ରାଜପଥର ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତର ନିଷ୍ପତ୍ତି ୬ ବର୍ଷ ହେଲା ଅସମାହିତ ହୋଇରହିଛି। ଅବଧି ସରିବାର ପ୍ରାୟ ଅଢେଇ ମାସ ପରେ ପାଣିକୋଇଲି ଟୋଲପ୍ଲାଜାକୁ ନେଇ ୨୦୨୦ ଅଗଷ୍ଟ ୬ ରେ ଟେଣ୍ଡର ହୋଇଥିଲା। ଏହି ଅଢେଇ ମାସ ଏନଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହୋଇଥିଲାବେଳେ ଠିକାସଂସ୍ଥା ସାହାକାର ପ୍ରାଇଭେଟ ଲିଃ କେବଳ ପରିଚାଳନା କରିଥିଲା। ସେତେବେଳେ ଉକ୍ତ ଠିକାସଂସ୍ଥାକୁ ପରିଚାଳନା ଖର୍ଚ୍ଚ ପ୍ରଦାନ କରି ବାକି ଟୋଲ ଆଦାୟର ସିଂହଭାଗ ଅର୍ଥ ମିଳିମିଶି ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଏକ ନୂତନ ଠିକାସଂସ୍ଥାକୁ ଦୈନିକ ୩୨ଲକ୍ଷ ୭୨ ହଜାର ଟଙ୍କାରେ ଲିଜ୍ ଦେଇଥିବା ସୂଚନା ମିଳିଥିଲା। ଅନୁରୂପ ଭାବେ ବର୍ତ୍ତମାନ ମଧ୍ୟ ଟେଣ୍ଡର ପ୍ରକ୍ରିୟାକୁ ବିଳମ୍ବିତ କରି ଟୋଲ ଆଦାୟ ଅର୍ଥକୁ ବାଟମାରଣା କରିବାକୁ ଚକ୍ରାନ୍ତ ଚାଲିଥିବା କୁହାଯାଉଛି। ତେଣୁ ନେଉଳିଆ ଟୋଲ ପ୍ଲାଜା ନିର୍ମାଣ ଶେଷ ହୋଇ ସାରିଥିଲେ ହେଁ ଜାଣିଶୁଣି ସେଠାକୁ ସ୍ଥାନାନ୍ତର କରାଯାଉନାହିଁ। ଯେତେଦିନ ଟେଣ୍ଡର ପ୍ରକ୍ରିୟା ଘୁଞ୍ଚିବ ସେତେଦିନ ପର୍ଯ୍ୟନ୍ତ ଟୋଲ ଆଦାୟର ବିପୁଳ ଅର୍ଥ ସମ୍ପୃକ୍ତ କେତେଜଣ ଅଧିକାରୀଙ୍କ ପକେଟକୁ ଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଏନ୍‌ଏଚ୍‌ଏଆଇର ଗାଇଡ୍‌ଲାଇନ ଅନୁଯାୟୀ ଗୋଟିଏ ଟୋଲଗେଟରୁ ଅନ୍ୟ ଟୋଲ୍‌ଗେଟର ଦୂରତା ଅତିକମରେ ୬୦ କିଲୋମିଟର ହେବା ଆବଶ୍ୟକ। କିନ୍ତୁ ୧୬ନଂ. ଜାତୀୟ ରାଜପଥ, ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଏବଂ ପାଣିକୋଇଲି-କେନ୍ଦୁଝର ୨୦ନଂ. ଜାତୀୟ ରାଜପଥରେ ୪ଟି ଟୋଲପ୍ଲାଜା ରହିଛି। ସେଥିମଧ୍ୟରୁ ଯାଜପୁର ଜିଲାର ପାଣିକୋଇଲି ଓ ଶ୍ରୀରାମପୁରରେ ୨ଟି ଟୋଲପ୍ଲାଜା କାମ କରୁଛି। କେବଳ ୧୬ନଂ. ଏନଏଚରେ ୪୭ କିମି ଦୂରତା ମଧ୍ୟରେ ପାଣିକୋଇଲି ଓ ବନ୍ଧାଲୋ ଟୋଲପ୍ଲାଜା ରହିଛି। ଭୁବନେଶ୍ୱରଠାରୁ ଯାଜପୁର ଜିଲାଦେଇ ପ୍ରସିଦ୍ଧ ଘଟଗାଁ ତାରିଣୀ ମନ୍ଦିରକୁ ଗଲେ ମଙ୍ଗୁଳି, ପାଣିକୋଇଲି ଓ ଆନନ୍ଦପୁର ନିକଟସ୍ଥ ୩ ଟୋଲପ୍ଲାଜା ଅତିକ୍ରମ କରିବାକୁ ପଡୁଛି। ତେଣୁ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଆଇ) ପକ୍ଷରୁ ମଙ୍ଗୁଳି ଟୋଲପ୍ଲାଜାକୁ ବନ୍ଧାଲୋ, ପାଣିକୋଇଲି ଟୋଲପ୍ଲାଜାକୁ ଭଦ୍ରକ ଜିଲା ନେଉଳିଆ ଏବଂ ଶ୍ରୀରାମପୁର ଟୋଲପ୍ଲାଜାକୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇକୁ ସ୍ଥାନାନ୍ତର କରିବାକୁ ୨୦୧୬ ଜୁଲାଇରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ପରିବହନ କମିଶନର ତାଙ୍କ ପତ୍ରସଂଖ୍ୟା ୧୧୦୬୩/୧୯।୭।୨୦୧୬ରେ ୱାର୍କସ ସେକ୍ରେଟାରୀଙ୍କୁ ପତ୍ର ଲେଖିଥିଲେ। ଏହି ପତ୍ର ଜାରି ହେବାର ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ନିଜର ସ୍ୱାର୍ଥସାଧନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଏହି କ୍ରମରେ ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି।

ଏ ସଂକ୍ରାନ୍ତରେ ଏନଏଚ୍‌ଏଆଇ ବାଲେଶ୍ୱର ଡିଭିଜନର ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତର କରାଯିବ। ଟେଣ୍ଡର ହେବା ପର୍ଯ୍ୟନ୍ତ ପୁରୁଣା ସଂସ୍ଥା ପରିଚାଳନା କରିବ। ଏଥିରେ କୌଣସି ହେରାଫେରିର ସମ୍ଭାବନା ନାହିଁ।

# ଅପରେଶନ ଲୋଟସ୍ ଫେଲ୍

## କେସିଆର୍‌ଙ୍କୁ ହଟାଇବାକୁ ଭାଜପାର ଷଡ଼ଯନ୍ତ୍ର: ଟିଆର୍‌ଏସ୍

- ଫାର୍ମ ହାଉସ୍‌ରୁ ବିପୁଳ ଅର୍ଥ ଜବତ
- ୩ ଭାଜପା ଏଜେଣ୍ଟ ଗିରଫ
- ଅଭିଯୋଗକୁ ଖଣ୍ଡନ କଲେ କେନ୍ଦ୍ରମନ୍ତ୍ରୀ ରେଡ୍ଡୀ


କେ. ଚନ୍ଦ୍ରଶେଖର ରାଓ


ଜି. କିଶନ ରେଡ୍ଡୀ

ହାଇଦ୍ରାବାଦ/ନୂଆଦିଲ୍ଲୀ,୨୭।୧୦

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସରକାରକୁ ଭାଙ୍ଗି ରାଜ୍ୟରେ କ୍ଷମତାସୀନ ହେବା ପାଇଁ ଭାଜପା ପକ୍ଷରୁ ଚାଲିଥିବା 'ଅପରେଶନ ଲୋଟସ୍' ଫେଲ୍ ମାରିଛି। ଟିଆର୍‌ଏସ୍ ବିଧାୟକମାନଙ୍କୁ ପ୍ରଲୋଭନ ଦେଖାଇଥିବା ଭାଜପା ଏଜେଣ୍ଟମାନଙ୍କୁ ତେଲଙ୍ଗାନା ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମାତ୍ର ୪ ଜଣ ଟିଆର୍‌ଏସ୍ ବିଧାୟକ ଭାଜପାରେ ସାମିଲ ହୋଇଗଲେ କେସିଆର୍ ସରକାରଙ୍କ ପତନ ଘଟିବ କି ବୋଲି ସେ ପ୍ରଶ୍ନ କରିଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ କେସିଆର୍ ଉଦ୍ୟମ ଆରମ୍ଭ କରିଛନ୍ତି। ଏହାକୁ ଦେଖି ଆସନ୍ତା ବର୍ଷ ଡିସେମ୍ବରରେ ହେବାକୁ ଥିବା ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଶାସକ ଟିଆର୍‌ଏସ୍‌କୁ ହଟାଇବା ପାଇଁ ଭାଜପା ପକ୍ଷରୁ ଜୋର୍‌ଦାର୍ ପ୍ରୟାସ ଜାରି ରହିଛି। ଏହି କ୍ରମରେ ଟିଆର୍‌ଏସ୍‌ର ୪ ବିଧାୟକଙ୍କୁ ଅର୍ଥଲୋଭ ଦେଖାଇ ଦଳ ବିରୋଧରେ ବିଦ୍ରୋହ ଘଟାଇବାକୁ ସେମାନଙ୍କୁ ପ୍ରବର୍ତ୍ତାଯାଇଥିଲା। ମୁନୁଗୋଡ୍ ବିଧାନସଭା ଉପନିର୍ବାଚନକୁ ସପ୍ତାହେ ବାକି ଥିବାବେଳେ ତେଲଙ୍ଗାନା ପୋଲିସ ବୁଧବାର ରାତିରେ ହାଇଦ୍ରାବାଦ ନିକଟସ୍ଥ ଏକ ଫାର୍ମହାଉସ୍‌ରୁ ବିପୁଳ ଅର୍ଥ ଜବତ କରିଛି। ଟିଆର୍‌ଏସ୍‌ର ୪ ବିଧାୟକଙ୍କୁ ଦଳ ଛାଡ଼ିବା ପାଇଁ ଭାଜପା ଏଜେଣ୍ଟମାନେ ଏହି ଅର୍ଥ ପ୍ରଦାନର ପ୍ରଲୋଭନ ଦେଖାଇଥିଲେ ବୋଲି ପୋଲିସ କହିଛି। ୪ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ୧୦୦ କୋଟି ଟଙ୍କା ଯଚାଯାଇଥିଲା। ଅବଶିଷ୍ଟ ୩ ବିଧାୟକଙ୍କୁ ୫୦ କୋଟି ଟଙ୍କା ଲେଖାଏ ଦିଆଯିବ ବୋଲି ଭାଜପା ଏଜେଣ୍ଟମାନେ ପ୍ରତିଶ୍ରୁତି ଦେଇଥିବା ଟିଆର୍‌ଏସ୍ ପକ୍ଷରୁ ଅଭିଯୋଗ ଅଣାଯାଇଛି। ଅନ୍ୟପକ୍ଷେ ଭାଜପା କହିଛି, ଶିକାର ଉଦ୍ୟମର ଅଭିଯୋଗ ହେଉଛି ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ପ୍ରାୟୋଜିତ ଏକ ରାଜନୈତିକ ଡ୍ରାମା।

ଟିଆର୍‌ଏସ୍ ବିଧାୟକ ପାଇଲଟ୍ ରୋହିତ୍ ରେଡ୍ଡୀଙ୍କ ମୋଇନାବାଦର ଅଜିଜ୍‌ନଗରସ୍ଥିତ ଫାର୍ମ ହାଉସ୍‌ରେ ଚଢ଼ାଉ ବେଳେ ହରିୟାଣାର ଫରିଦାବାଦସ୍ଥିତ ଏକ ମନ୍ଦିରରେ ପୂଜକ ଥିବା ଦିଲ୍ଲୀର ସତୀଶ ଶର୍ମା (୩୩) ଓରଫ୍ ରାମଚନ୍ଦ୍ର ଭାରତୀ, ଆନ୍ଧ୍ରପ୍ରଦେଶର ତିରୁପତି ସନ୍ଥ ଡି. ଶ୍ୟାମାଜୀ ଏବଂ ହାଇଦ୍ରାବାଦ ବ୍ୟବସାୟୀ ନନ୍ଦକୁମାର ସେଠାରେ ଉପସ୍ଥିତ ଥିଲେ। ଫାର୍ମହାଉସ୍‌ରେ ଥିବା ଏକ କାର୍‌ରୁ ୧୫ କୋଟି ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତମାନେ ବିଧାୟକ ପାଇଲଟଙ୍କ ସମେତ ବି. ହର୍ଷବର୍ଦ୍ଧନ ରେଡ୍ଡୀ, ଜି. ବାଲରାଜୁ ଏବଂ ରେଗାକାନ୍ତ ରାଓଙ୍କ ସହ ଯୋଗାଯୋଗରେ ଥିଲେ ବୋଲି ପୋଲିସ କହିଛି। ସାଇବରାବାଦ ପୋଲିସ କମିଶନର ଷ୍ଟିଫେନ୍ ରବୀନ୍ଦ୍ର ଗଣମାଧ୍ୟମକୁ କହିଛନ୍ତି, ଟିଆର୍‌ଏସ୍ ବିଧାୟକମାନଙ୍କଠାରୁ ସୂଚନା ପାଇ ଉକ୍ତ ଫାର୍ମ ହାଉସ୍‌ରେ ଚଢ଼ାଉ କରାଯାଇଥିଲା। ଫାର୍ମ ହାଉସ୍‌ରେ ଥିବା ୩ ଜଣ ବ୍ୟକ୍ତି ସେମାନଙ୍କୁ ଟଙ୍କା, ଠିକା କାମ ଓ ଉଚ୍ଚ ପଦବୀ ଲୋଭ ଦେଖାଇ ଶାସକ ଦଳରେ ବିଦ୍ରୋହ ଘଟାଇବାକୁ ପ୍ରବର୍ତ୍ତାଉଥିଲେ। ପ୍ରକାଶ ଯେ, ଆସନ୍ତା ନଭେମ୍ବର ୩ରେ ମୁନୁଗୋଡ୍ ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବଚନ ହେବ। ସ୍ଥାନୀୟ ବିଧାୟକ କୋମାଟିରେଡ୍ଡୀ ରାଜଗୋପାଳ ରେଡ୍ଡୀ କିଛି ମାସ ତଳେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ସେ ଏହି ଉପନିର୍ବାଚନରେ ଟିଆର୍‌ଏସ୍‌ର ପୂର୍ବତନ ବିଧାୟକ କୁସୁକୁନ୍ତଲା ରେଡ୍ଡୀ ଏବଂ କଂଗ୍ରେସ ପ୍ରାର୍ଥୀ ପଲ୍ଲବୀ ଶ୍ରାବନ୍ତୀ ରେଡ୍ଡୀଙ୍କ ବିରୋଧରେ ଲଢ଼ୁଛନ୍ତି।

ଟିଆର୍‌ଏସ୍ ସୋସିଆଲ ମିଡିଆ ଆବାହକ ଏମ୍. କ୍ରିଶଙ୍କ ଟୁଇଟ୍ କରିଛନ୍ତି, କେସିଆର୍‌ଙ୍କ ବିରୋଧରେ ଏହା ଭାଜପାର ବଡ଼ ନେତାମାନଙ୍କର ଏକ ଷଡ଼ଯନ୍ତ୍ର। ଟୁଇଟରରେ ସେ ଗିରଫ ଅଭିଯୁକ୍ତମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ଏକ ଫଟୋକୁ ଶେୟାର କରିଛନ୍ତି। ଭାଜପା ନେତା ତଥା ଦଳର ଜାତୀୟ ଉପାଧ୍ୟକ୍ଷ ଡି.କେ. ଅରୁଣା କହିଛନ୍ତି, ଏହା ହେଉଛି ଟିଆର୍‌ଏସ୍ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଆଉ ଏକ ଡ୍ରାମା।

# କେନ୍ଦ୍ରଠାରୁ ଶ୍ୱେତପତ୍ର ଦାବିକଲା କଂଗ୍ରେସ

### କଶ୍ମୀରୀ ପଣ୍ଡିତଙ୍କ ସମସ୍ୟା


ପଓ୍ୱନ ଖେରା

ନୂଆଦିଲ୍ଲୀ,୨୭।୧୦(ପି.ଟି.)

ଦକ୍ଷିଣ କଶ୍ମୀରର ଶୋପିଆନ୍ ଜିଲାରୁ କଶ୍ମୀରୀ ପଣ୍ଡିତମାନଙ୍କ ଗଣପଳାୟନ ଘଟଣାରେ କଂଗ୍ରେସ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଛି। ୮ ବର୍ଷ ଶାସନରେ କଶ୍ମୀରର ସଂଖ୍ୟାଲଘୁମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଭାଜପା ନେତୃତ୍ୱାଧୀନ ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ କଂଗ୍ରେସ ଦାବି କରିଛି। ଉପତ୍ୟକାରେ କଶ୍ମୀରୀ ପଣ୍ଡିତମାନଙ୍କୁ ଟାର୍ଗେଟ କିଲିଂ କରାଯାଉଥିବାରୁ ମୋଦି ସରକାର ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି। ନିକଟରେ ଆତଙ୍କବାଦୀମାନେ କଶ୍ମୀରୀ ପଣ୍ଡିତ ଓ ଅନ୍ୟମାନଙ୍କୁ ଏକାଧିକ ଥର ଟାର୍ଗେଟ ଆକ୍ରମଣ କଲେଣି। ତେଣୁ ଭୟରେ ଶୋପିଆନ୍‌ର ଚୌଧରୀଗୁଣ୍ଡ୍ ଗ୍ରାମରୁ ୧୦ କଶ୍ମୀରୀ ପଣ୍ଡିତ ପରିବାର ଜମ୍ମୁ ପଳାଇଛନ୍ତି। ସେମାନଙ୍କର ଉପତ୍ୟକାକୁ ଫେରିବା ଯୋଜନା ନାହିଁ ବୋଲି ଏହି ସଂଖ୍ୟାଲଘୁ ସଦସ୍ୟମାନେ କହିଛନ୍ତି। କଶ୍ମୀରୀ ପଣ୍ଡିତ କର୍ମଚାରୀମାନଙ୍କୁ ସେମାନଙ୍କ ଇଚ୍ଛା ବିରୋଧରେ କାର୍ଯ୍ୟକୁ ଫେରିବା ଲାଗି ଧମକ ଦିଆଯାଉଛି। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୩୦ କଶ୍ମୀରୀ ପଣ୍ଡିତଙ୍କୁ ଟାର୍ଗେଟ କିଲିଂ କରାଗଲାଣି ବୋଲି କଂଗ୍ରେସ ଗଣମାଧ୍ୟମ ବିଭାଗ ମୁଖ୍ୟ ପଓ୍ୱନ ଖେରା କହିଛନ୍ତି। ଏହା ଉପରେ ମୋଦି ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ କଶ୍ମୀରୀ ପଣ୍ଡିତମାନଙ୍କ ଗଣପଳାୟନ ଖବରକୁ ଶୋପିଆନ୍ ପ୍ରଶାସନ ଖଣ୍ଡନ କରିଛି।

# ଆଜିଠୁ ଜମିବ ପ୍ରଚାର

### ଧାମନଗର ମୁହାଁ ୩ ଦଳର ନେତା



ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଧାମନଗର ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କୁ ଟିକେଟ ନ ମିଳିବା ପରେ ସେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହା ବର୍ତ୍ତମାନ ଶାସକ ଦଳ ଲାଗି ମୁଣ୍ଡବିନ୍ଧାର କାରଣ ପାଲଟିଛି। ସେପଟେ ମାଳମାଳ ବିଜେଡି ନେତା ବୁଲି ପ୍ରଚାର ଚଳାଇଥିବା ବେଳେ ଭାଜପା ଏଥିରେ ପଛରେ ପଡ଼ିବାକୁ ଚାହୁଁନାହିଁ। ଅନ୍ୟପଟେ ଆସନ୍ତା ୩୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କ ଲାଗି ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ପ୍ରଚାର କାର୍ଯ୍ୟ ଜୋର୍‌ଦାର ଚଳାଇଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ପ୍ରଚାର କରିବାକୁ କେନ୍ଦ୍ରମନ୍ତ୍ରୀମାନେ ଶୁକ୍ରବାରଠାରୁ ମଇଦାନକୁ ଓହ୍ଲାଇବେ। ନିର୍ବାଚନ ଲାଗି ଆଉ ମାତ୍ର ୫ ଦିନ ଥିବାବେଳେ ପ୍ରଚାର ମଇଦାନରେ ପ୍ରବଳ ଭିଡ଼ ଜମିବାକୁ ଯାଉଛି। ଶୁକ୍ରବାର ଠାରୁ ଦୁଇଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାରକୁ ଓହ୍ଲାଇବେ। ଆଗକୁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ଏମ୍‌ପି ଜୁଏଲ ଓରାମ ଓ ଅନ୍ୟ ବରିଷ୍ଠ ନେତାମାନେ ପ୍ରଚାରକରିବାକୁ ଆସିବେ। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯାଜପୁର ଜିଲାର ଯେଉଁ ବିଜେଡି ନେତାମାନେ ଚକ୍ରାନ୍ତ କରି ଭଦ୍ରକରେ ହେବାକୁ ଥିବା ମେଡିକାଲ କଲେଜକୁ ତାଙ୍କ ଜିଲାକୁ ନେଇଯାଇଥିଲେ ଏବେ ସେମାନେ ଧାମନଗରରେ ଅଛନ୍ତି। ଧାମନଗରରେ ସେମାନେ ବିଜେଡିର ନିର୍ବାଚନ ପରିଚାଳନା କରୁଛନ୍ତି। ସେହିଭଳି ବୈତରଣୀରେ ଭଦ୍ରକବାସୀଙ୍କୁ ବନ୍ୟା ମୁହଁକୁ ଠେଲିଦେଇ ଯାଜପୁର ଜିଲାର ନଦୀବନ୍ଧକୁ ସଶକ୍ତ କରିଥିବା ବିଜେଡି ନେତାମାନଙ୍କୁ ଏବେ ଧାମନଗରବାସୀ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

# ରାମକୃଷ୍ଣଙ୍କ ମୃତ୍ୟୁର ତଦନ୍ତ ଦାବିରେ ଯୋଗାଣ ମନ୍ତ୍ରୀ ଅଟକ


ଜମ୍ମୁ ଫେରିଘାଟଠାରେ ଗ୍ରାମବାସୀ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଗାଡ଼ିକୁ ଅଟକାଇଛନ୍ତି।

### ପୋଲିସ-ମହିଳାଙ୍କ ମଧ୍ୟରେ ଠେଲାପେଲା

କେନ୍ଦ୍ରାପଡ଼ା ଅଫିସ/ ମହାକାଳପଡ଼ା, ୨୭।୧୦(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଜମ୍ମୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଜମ୍ମୁ ଗ୍ରାମର ରାମକୃଷ୍ଣ ମଣ୍ଡଳଙ୍କ ମୃତ୍ୟୁ ଗତ ୧୧ ତାରିଖରେ ହୋଇଥିଲା। ଏହି ମୃତ୍ୟୁ ଘଟଣାରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗୁରୁବାର ହଟହଟା ହୋଇଛନ୍ତି। ଠିକ୍ ତଦନ୍ତ କରାଯିବା ଦାବିରେ ଶତାଧିକ ମହିଳାପୁରୁଷ ମନ୍ତ୍ରୀ ନାୟକଙ୍କୁ ଜମ୍ମୁ ଘାଟଠାରେ ଭେଟିବାକୁ ଚାହିଁଥିଲେ। ତେବେ ସମର୍ଥକ ଏଥିରେ ବାଧା ଦେବାରୁ ମହିଳାମାନେ ଗାଡି ଅଟକ ରଖି ଆଗରେ ଧାରଣା ଦେଇଥିଲେ। ଫଳରେ ମନ୍ତ୍ରୀ ନାୟକ ଗାଡି ଛାଡି ଜଣେ ବ୍ୟକ୍ତିଙ୍କ ବାଇକ୍‌ରେ ସ୍ଥାନ ଛାଡିଥିଲେ। ମନ୍ତ୍ରୀଙ୍କ ଗାଡି ପ୍ରାୟ ଅଧଘଣ୍ଟା ଅଟକି ରହିଥିଲା। ଏହାକୁ ନେଇ ପୋଲିସ ଓ ମହିଳାଙ୍କ ମଧ୍ୟରେ ଉଚବାଚରୁ ଠେଲାପେଲା ହୋଇଥିଲା। ଜିଲା ପୋଲିସର ହସ୍ତକ୍ଷେପ ପରେ ସେଠାରୁ ଗାଡି ମୁକୁଳି ଥିଲା।

ଜମ୍ମୁ ଗାଁର ରାମକୃଷ୍ଣଙ୍କୁ ହତ୍ୟା କରାଯାଇଥିବା ନେଇ ବାପା ସୌମେନ୍ଦ୍ର ଜମ୍ମୁ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଏଥିରେ ମୃତକଙ୍କ ସ୍ତ୍ରୀ, ତାଙ୍କ ଭାଇ, ସ୍ଥାନୀୟ ଅଞ୍ଚଳର ରାଜନେତା ଆଦିଙ୍କ ସମ୍ପର୍କ ରହିଥିବାରୁ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ଫଳରେ ଗ୍ରାମବାସୀ ୩ ଦିନ ମୃତଦେହ ରଖି ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ପରେ ମୃତଦେହକୁ ପରିବାର ଓ ଗାଁ ଲୋକ ସଂସ୍କାର କରିଥିଲେ। ସନ୍ଦେହରେ ଥିବା ଅଭିଯୁକ୍ତଙ୍କୁ ଥାନା ପକ୍ଷରୁ ଜେରା କରାଯାଉ ନ ଥିବା ଦର୍ଶାଇ ମନ୍ତ୍ରୀ ନାୟକଙ୍କୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବିପତ୍ର ଦେବାକୁ ଜମ୍ମୁ ଗ୍ରାମବାସୀ ଚେଷ୍ଟା କରିଥିଲେ। ତେବେ ସମର୍ଥକମାନେ ମନ୍ତ୍ରୀଙ୍କୁ ଦାବିପତ୍ର ଦେବାରେ ବାଧା ସୃଷ୍ଟି କରିବାରୁ ପ୍ରାୟ ୪୫ ମିନିଟ୍ ଧରି ଏହି ବିରୋଧ ପ୍ରଦର୍ଶନ କରାଯାଇଥିଲା। ପରେ ପୋଲିସ ସୁରକ୍ଷାରେ ମନ୍ତ୍ରୀ ନାୟକ ସୁନିତି ଓ ତନ୍ତିଆପାଳ ଅଞ୍ଚଳକୁ ଯାଇ ପଦଯାତ୍ରା କରିଥିଲେ।

# ଆଚରଣବିଧି ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

### ଧାମନଗର ଉପନିର୍ବାଚନ

- ୨୦୦୬ କେସ୍‌ରେ ହୋଇଛି କାର୍ଯ୍ୟାନୁଷ୍ଠାନ: ମୁଖ୍ୟ ନିର୍ବାଚନ ଅଧିକାରୀ


ସୁଶୀଲ କୁମାର ଲୋହାନୀ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ନିମନ୍ତେ ବିଭିନ୍ନ ରାଜନୈତିକ ଦଳମାନଙ୍କ ଦ୍ୱାରା ପ୍ରଚାର କାର୍ଯ୍ୟ ଖୁବ୍ ଜୋରରେ ଚାଲିଛି। ଇତିମଧ୍ୟରେ ରାଜନୈତିକ ଦଳମାନଙ୍କ ଦ୍ୱାରା ନିର୍ବାଚନ ପ୍ରଚାର ସମୟରେ ଆଦର୍ଶ ଆଚରଣବିଧିର ଉଲ୍ଲଂଘନ ହେଉଥିବା ନେଇ ଅନେକ ଅଭିଯୋଗ ଆସୁଛି। ସେମାନଙ୍କ ବିରୋଧରେ ଆଇନ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଜଣାଇଛନ୍ତି। ନିର୍ବାଚନ ସମୟରେ ଭୋଟରମାନଙ୍କୁ ଟଙ୍କା ଦେଇ ଭୋଟଦେବା ପାଇଁ ପ୍ରବର୍ତ୍ତାଇବା କିମ୍ବା ଭୋଟରଙ୍କୁ ନିୟମିତ ଭୟଭୀତ କରାଇ ଭୋଟଦେବା ପାଇଁ ବାଧ କରିବା ହେଉଛି ଜଘନ୍ୟ ଅପରାଧ। ଏସବୁ କାର୍ଯ୍ୟରେ ଯେକୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳର କର୍ମକର୍ତ୍ତା କିମ୍ବା ପ୍ରାର୍ଥୀ ଏଥିରେ ସମ୍ପୃକ୍ତ ଥିବାର ପ୍ରମାଣ ମିଳିଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଆସନ୍ତା ଉପନିର୍ବାଚନ ପାଇଁ ସମସ୍ତ ପ୍ରାର୍ଥୀ, ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଆଦର୍ଶ ଆଚରଣବିଧିକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଉପଦେଶ ଦେଇଛନ୍ତି। ଏହାର ବ୍ୟତିକ୍ରମ ହେଲେ ନିଶ୍ଚିତ ଭାବେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି। ନାଗରିକମାନେ ନିଜ ମୋବାଇଲ୍ ମାଧ୍ୟମରେ ଭିଡିଓ ଚିତ୍ର ଉତ୍ତୋଳନ କରି ସମ୍ପୃକ୍ତ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଲେ ୧୦୦ ମିନିଟ୍ ମଧ୍ୟରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ତରଫରୁ ବିଧାନସଭା ନିର୍ବାଚନମଣ୍ଡଳୀ ସହ ସମଗ୍ର ଜିଲାରେ ଆଦର୍ଶ ଆଚରଣବିଧିର କଡ଼ାକଡ଼ି ପାଳନ ନିମନ୍ତେ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରିବା ସହ ଏନ୍‌ଫୋର୍ସମେଣ୍ଟ ଟିମ୍ ଲଗାଯାଇଛି। ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଗାଡ଼ିର ଅପବ୍ୟବହାର, ଡାକବାଜି ଯନ୍ତ୍ର ବ୍ୟବହାର ଆଇନର ଉଲ୍ଲଂଘନ କରିବା, ବେଆଇନ ଭାବେ ସଭାସମିତି କରିବା, ଭୋଟରଙ୍କୁ ଟଙ୍କା ଦେଇ ନିଜ ସପକ୍ଷରେ ଭୋଟଦେବା ପାଇଁ ପ୍ରବର୍ତ୍ତାଇବା ଇତ୍ୟାଦି ବାବଦରେ ଏ ପର୍ଯ୍ୟନ୍ତ ମୋଟ ୧୦୨ଟି ଅଭିଯୋଗ ଗ୍ରହଣ କରାଯାଇ କାର୍ଯ୍ୟାନୁଷ୍ଠାନ ହୋଇଛି। ଥାନାରେ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରି ଜନସାଧାରଣ ଓ ବ୍ୟକ୍ତିଗତ କୋଠାବାଡ଼ିଗୁଡ଼ିକୁ ବିକୃତ କରି ନିର୍ବାଚନ ପ୍ରଚାର (ପେଣ୍ଟିଂ) କରିବା ଅଭିଯୋଗରେ ୧୬୧୪ଟି କେସ୍ ଜିଲା ପ୍ରଶାସନ ନଜରକୁ ଆସିଛି। ସେହିପରି ଜନସାଧାରଣ ଓ ବ୍ୟକ୍ତିଗତ ସମ୍ପତ୍ତି ଯଥା କୋଠାବାଡ଼ିଗୁଡ଼ିକରେ ପୋଷ୍ଟର,ବ୍ୟାନର, କାନ୍ଥରେ ଲେଖିବା ଇତ୍ୟାଦି ଅଭିଯୋଗରେ ୨୦୦୬ ଗୋଟି କେସ୍ ଧରାପଡ଼ିବା ସହ ଉଲ୍ଲଂଘନକାରୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଲୋହାନୀ ପ୍ରକାଶ କରିଛନ୍ତି। ଜିଲା ପୋଲିସ ପ୍ରଶାସନ ଦ୍ୱାରା ଚଢ଼ାଉ କରାଯାଇ ୬୩୯ ଅସ୍ତ୍ରଶସ୍ତ୍ର ଜବତ କରାଯିବା ସହ ସିଆର୍‌ପିସି ଧାରା ୧୦୭ ଓ ୧୧୬ ଅନୁସାରେ ୨୦୧୧ ଜଣଙ୍କୁ ଅଟକ ରଖାଯାଇଛି ଓ ୧୯୬ ଜଣଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି ଲୋହାନୀ କହିଛନ୍ତି।

# ପ୍ରଚାର ମଇଦାନରେ ପିସିସି ସଭାପତି


ରୋଡ୍‌ଶୋ'ରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ କଂଗ୍ରେସ ନେତାମାନେ।

ଭଦ୍ରକ ଅଫିସ, ୨୭।୧୦

ଧାମନଗର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ନିର୍ବାଚନୀ ମାହୋଲ ସେତେ ସରଗରମ ହେଉଛି। ପ୍ରଚାର କ୍ଷେତ୍ରରେ ବିଜେଡି ଓ ଭାଜପା ବହୁ ଆଗରେ ଥିବାବେଳେ ପଛରେ ପଡ଼ିଥିବା କଂଗ୍ରେସ ଗତ ଦୁଇଦିନ ଧରି ପ୍ରଚାରକୁ ଜୋର୍‌ଦାର କରିଛି। ଦଳୀୟ ପ୍ରାର୍ଥୀ ହରେକୃଷ୍ଣ ସେଠୀ ଘରକୁ ଘର ବୁଲି ପ୍ରଚାର କରୁଥିବା ବେଳେ ଗୁରୁବାର ପିସିସି ସଭାପତି ଶରତ ପଟ୍ଟନାୟକ ମଇଦାନକୁ ଓହ୍ଲାଇଛନ୍ତି।

ତିହିଡ଼ି ବ୍ଲକରୁ ପ୍ରଚାର ଆରମ୍ଭ କରିଥିବା ବେଳେ ପିସିସି ସଭାପତିଙ୍କ ସହ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜଟଣୀ ବିଧାୟକ ସୁରେଶ ରାଉତରାୟ, ବିଧାୟକ ସନ୍ତୋଷ ସିଂ ସାଲୁଜା, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ବନ୍ଦିତା ପରିଡ଼ା, ପୂର୍ବତନ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଭଦ୍ରକ ଜିଲା ସଭାପତି ସୁବ୍ରତ ଦାସ, ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି ପ୍ରମୁଖ ସାମିଲ ଥିଲେ। ସେମାନେ ତିହିଡ଼ି ବ୍ଲକର କାଁପଡ଼ା ପଞ୍ଚାୟତରୁ ପ୍ରଚାର ଆରମ୍ଭ କରି ତଳଗୋପବିନ୍ଧା, ବାରୋ, ଶ୍ୟାମସୁନ୍ଦରପୁର, ଗୁଆମାଳ, ଅଚକ ଆଦି ପଞ୍ଚାୟତରେ ରୋଡ୍‌ଶୋ' ସହ କେତେକ ସ୍ଥାନରେ ପଦଯାତ୍ରା କରି ଦଳୀୟ ପ୍ରାର୍ଥୀ ହରେକୃଷ୍ଣଙ୍କ ପାଇଁ ଭୋଟ୍ ମାଗିଥିଲେ। ଶେଷରେ ବାରୋଠାରେ ଅନୁଷ୍ଠିତ ନିର୍ବାଚନୀ ବୈଠକରେ ଉଭୟ ବିଜେଡି ଓ ଭାଜପାକୁ କଟୁ ସମାଲୋଚନା କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍ ଦେଇ ଜିତାଇବାକୁ କଂଗ୍ରେସ ନେତାମାନେ ନିବେଦନ କରିଥିଲେ।

# ୨ ମନ୍ତ୍ରୀଙ୍କୁ କଳାପତାକା

ଆଠଗଡ଼,୨୭।୧୦(ସ୍ୱ.ପ୍ର.)

ଆଠଗଡ଼ ରାଜ୍ୟ ସଡ଼କ ପରିବହନ ନିଗମର ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଲୋକାର୍ପଣ ପାଇଁ ଗୁରୁବାର ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ଓ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆସୁଥିବାବେଳେ କଂଗ୍ରେସ ପକ୍ଷରୁ କଳାପତାକା ପ୍ରଦର୍ଶନ କରିବାକୁ ଉଦ୍ୟମ କରାଯାଇଛି। ଉଭୟ ମନ୍ତ୍ରୀ ଶୋଭାଯାତ୍ରାରେ ଆସୁଥିବାବେଳେ ଆଠଗଡ଼-ଚାନ୍ଦବାଲି ଛକ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଟକ ଜିଲା ଯୁବ କଂଗ୍ରେସ ଉପ-ସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମୀମାନେ କଳାପତାକା ଦେଖାଇବାକୁ ଚେଷ୍ଟା କରିଥିଲେ। ଏଣୁ ଉଭୟ କଂଗ୍ରେସ ଏବଂ ବିଜେଡି କର୍ମୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପୋଲିସ ହସ୍ତକ୍ଷେପ ପରେ ଉଭୟ ପକ୍ଷ ଶାନ୍ତ ପଡ଼ିଥିଲେ। ଏହି ସମୟରେ ପୋଲିସ ମନୋରଞ୍ଜନଙ୍କ ସମେତ ସାନଭାଇ ଜ୍ଞାନରଞ୍ଜନ ଓ ତାଙ୍କ ୨ ସହଯୋଗୀଙ୍କୁ କାବୁ କରି ଥାନାରେ ଅଟକ ରଖିବା ପରେ ସନ୍ଧ୍ୟାରେ ଛାଡିଦେଇଥିବା ଥାନା ଅଧିକାରୀ ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି।

# ସିଇସିଙ୍କୁ ଫେରାଦ ହେଲା ବିଜେଡି

## 'ଉପନିର୍ବାଚନରେ ଭାଜପାର ବେନିୟମ ଟଙ୍କା ବଣ୍ଟା ରୋକାଯାଉ'

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)


ବିଜେଡି ପ୍ରତିନିଧି ଦଳ ଗୁରୁବାର ନୂଆଦିଲ୍ଲୀଠାରେ ସିଇସିଙ୍କୁ ଭେଟିବାକୁ ଯାଉଛନ୍ତି।

ଧାମନଗର ଉପନିର୍ବାଚନ ନେଇ ବିଜେଡି ଏବଂ ଭାଜପା ପରସ୍ପର ମଧ୍ୟରେ ଦୋଷ ଲଦାଲଦି ପର୍ବ ଜାରି ରଖିଛନ୍ତି। ବୁଧବାର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଭାରତୀୟ ନିର୍ବାଚନ ଆୟୋଗ(ସିଇସି)ଙ୍କ ନିକଟରେ ଫେରାଦ ହୋଇ ଶାସକ ଦଳ ଧାମନଗରରେ ଲୋକଙ୍କୁ ଟଙ୍କା ବାଣ୍ଟୁଥିବାର ପ୍ରଲୋଭନ ଦେଖାଉଛି ବୋଲି ଅଭିଯୋଗ କରିଥିଲା। ଏଭଳି ସମୟରେ ଗୁରୁବାର ବିଜେଡିର ଏକ ପ୍ରତିନିଧି ଦଳ ଭାରତୀୟ ନିର୍ବାଚନ ଆୟୋଗଙ୍କ ପାଖରେ ଫେରାଦ ହୋଇ ଭାଜପା ବିରୋଧରେ ଅଭିଯୋଗ କରିଛି।

ବିଜେଡି ଟିମ୍ ଅଭିଯୋଗ କରିଛି ଯେ, ଭାଜପା ନେତା ଓ କର୍ମୀ ଧାମନଗର ଉପନିର୍ବାଚନରେ ଟଙ୍କା କାରବାର କରୁଛନ୍ତି। ଅନ୍ୟପଟେ ଭାଜପା ଜଣେ ମହିଳାଙ୍କ ଜରିଆରେ ଟଙ୍କା ବାଣ୍ଟିବାର ଭିଡିଓ ଓ ଫଟୋ ତିଆରି କରି ଏହା ବିଜେଡି କରୁଛି ବୋଲି ଅଭିଯୋଗ କରୁଛି। ଏହାସହ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଭାଜପା ଯେପରି ଅପମାନ କରୁଛି ତାହା ନିନ୍ଦନୀୟ। ମିଛ ଭିଡିଓ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମରେ ତାହା ପ୍ରଚାର କରୁଛି। ଏହି ଭିଡିଓ ଦେଖାଇ ମିଶନ ଶକ୍ତି ମହିଳା ଟଙ୍କା ବାଣ୍ଟୁଥିବା ଅଭିଯୋଗ କରିଛନ୍ତି। ଭାଜପା ବହୁଳ ମାତ୍ରାରେ ଟଙ୍କା ବାଣ୍ଟି ଧାମନଗର ଉପନିର୍ବାଚନ ଜିତିବାର ପ୍ରୟାସ କରୁଛି। ଯେତେବେଳେ ଧାମନଗର ଉପନିର୍ବାଚନ ହାରୁଥିବା ନେଇ ଭାଜପା ନେତାମାନେ ସୁରାକ ପାଇଲେ ଏବେ ବିପୁଳ ଅର୍ଥ କାରବାର ଆରମ୍ଭ କରିଛନ୍ତି। ଅନ୍ୟପଟେ ୨୦୨୨ ପଞ୍ଚାୟତ ଓ ଅର୍ବାନ ନିର୍ବାଚନରେ ଭାଜପାର ବିପୁଳ ଅର୍ଥ ଜବତ କରାଯାଇଥିଲା। ସ୍ଥାନୀୟ ପ୍ରଶାସନ ବିରୋଧରେ ଭାଜପା ମିଛ ଦୋଷ ଅଜାଡ଼ି ସେମାନଙ୍କୁ ଭୟଭୀତ କରାଇବାକୁ ଚେଷ୍ଟା କରୁଛି। ପ୍ରାୟ ସବୁ ନିର୍ବାଚନରେ ଭାଜପା ପକ୍ଷରୁ ଏହିଭଳି ଉଦ୍ୟମ ଆରମ୍ଭ ହୋଇଛି। ଭାଜପା ଯେଉଁ ମିଛ ଭିଡିଓ ପ୍ରସାର କରି ଏସ୍‌ଏଚ୍‌ଜି ମହିଳାଙ୍କୁ ଅପମାନିତ କରୁଛି ଏହାକୁ ରୋକାଯାଉ। ଧାମନଗରରେ ଭାଜପା ଲୋକଙ୍କ ମତ ପରିବର୍ତ୍ତନ ଲାଗି ବେନିୟମ ଭାବେ ଯେପରି ଅର୍ଥ କାରବାର ନ କରେ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। ସ୍ଥାନୀୟ ପ୍ରଶାସନ ଯେପରି ବିନା ଭୟରେ ନିଜର କାର୍ଯ୍ୟ କରିବ ସେଥିପ୍ରତି ଧ୍ୟାନଦେବାକୁ ବିଜେଡି ପ୍ରତିନିଧି ଦଳ ଦାବି କରିଛି।

# ମିଥ୍ୟା ମାମଲା କରି ଦଳୀୟ କର୍ମୀଙ୍କୁ ହଇରାଣ କରାଯାଉଛି: ଭାଜପା

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଭଦ୍ରକ ଜିଲା ଧାମନଗର ଉପନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାସକ ଦଳ ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରି ଆସୁଛି। ଏହାସତ୍ତ୍ୱେ ସ୍ଥାନୀୟ ଜିଲାପାଳ ଓ ବିଧାନସଭା ନିର୍ବାଚନ ଅଧିକାରୀ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଭାଜପାର ୯୩୨ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କୁ ମିଥ୍ୟା ନୋଟିସ ଦେଇ ପୋଲିସ ପ୍ରଶାସନ ମାନସିକ ନିର୍ଯ୍ୟାତନା ଦେଉଛି। ଉପନିର୍ବାଚନ ଜିତିବା ପାଇଁ ସରକାରୀ କଳକୁ ଖୋଦ୍ ଶାସକ ଦଳର ମନ୍ତ୍ରୀ, ବିଧାୟକ, ନେତାମାନେ ଅପବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ମିଥ୍ୟା ମାମଲା, ମିଥ୍ୟା ନୋଟିସ ଦେଇ ପୋଲିସ ଭୟଭୀତ କରାଉଛି ବୋଲି ଶୁକ୍ରବାର ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଜଣାଇଛି।



କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ହକି ଦଳର ଅଭ୍ୟାସ।

## ବୋପାନ୍ନା-ମିଡଲକୁପ୍ ଯୋଡ଼ି କ୍ୱାର୍ଟରରେ

**ଭିଏନା, ୨୭।୧୦ (ପି.ଟି.):** ଭାରତର ରୋହନ ବୋପାନ୍ନା ଓ ତାଙ୍କ ଡଚ୍ ପାର୍ଟନର ମାଟ୍ୱେ ମିଡଲକୁପ୍ ଏର୍ଷ୍ଟ ବ୍ୟାଙ୍କ ଓପନ ଟେନିସ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ଆର୍ଜେଣ୍ଟିନାର ପେଡ୍ରୋ କାଚିନ୍ ଓ ଡିଏଗୋ ସ୍କ୍ୱାର୍ଜମାନଙ୍କୁ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଇଣ୍ଡୋ-ଡଚ୍ ଯୋଡ଼ି ୬-୧, ୬-୩ରେ କାଚିନ୍ ଓ ସ୍କ୍ୱାର୍ଜମାନଙ୍କୁ ପରାସ୍ତ କରିଛନ୍ତି। ବୋପାନ୍ନା ଓ ମିଡଲ୍‌କୁପ୍ କ୍ୱାର୍ଟରଫାଇନାଲରେ ଆନ୍ଦ୍ରେସ୍ ମୋଲ୍‌ଟେନି ଓ ସାଣ୍ଟିଆଗୋ ଗୋଞ୍ଜାଲେଜ୍‌ଙ୍କୁ ଭେଟିବେ। ଆର୍ଜେଣ୍ଟିନା-ମେକ୍ସିକାନ ଯୋଡ଼ି ମାଲ୍‌ଟେନି ଓ ଗୋଞ୍ଜାଲେଜ୍ ଅନ୍ୟ ଏକ ମ୍ୟାଚରେ ଦ୍ୱିତୀୟ ସିଡ୍ ୱେସ୍‌ଲେ କୁଲ୍‌ହଫ୍ ଓ ନିଲ୍ ସ୍କୁପ୍‌ସ୍କିଙ୍କୁ ୭-୬ (୬), ୭-୫ରେ ହରାଇ ଦେଇଛନ୍ତି। ବୋପାନ୍ନା ଓ ମିଡଲକୁପ୍ ସିଜନରେ ସେମାନଙ୍କ ତୃତୀୟ ଟାଇଟଲ ଚଳିତ ମାସ ପ୍ରଥମ ଭାଗରେ ତେଲ୍ ଅଭିଭରେ ଜିତିଥିଲେ। ୪୨ ବର୍ଷୀୟ ଭାରତୀୟ ଏହି ସିଜନରେ ନିଜ ଦେଶର ରାମ୍‌କୁମାର ରମାନାଥନଙ୍କୁ ସାଥୀ କରି ଏହି ସିଜନରେ ଆଡିଲେଡ୍ ଓ ପୁଣେରେ ଟାଇଟଲ ହାସଲ କରିଛନ୍ତି।

# ଭାରତ ଆଜି ନ୍ୟୁଜିଲାଣ୍ଡକୁ ଭେଟିବ



ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର କୋଚ୍ ଗ୍ରାହାମ ରିଡ୍ ଓ ଅଧିନାୟକ ହରମନପ୍ରୀତ ସିଂ।

**ଭୁବନେଶ୍ୱର, ୨୭।୧୦:** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ସେମାନଙ୍କ ଉଦ୍‌ଘାଟନୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବେ। ଏଥି ସହିତ ଦଳ ଏହାର ବିଶ୍ୱକପ୍ ପ୍ରସ୍ତୁତି ଆରମ୍ଭ କରିବ। ଭାରତ ରବିବାର ଏହାର ପରବର୍ତ୍ତି ମ୍ୟାଚ ସ୍ପେନ୍ ବିପକ୍ଷରେ ଖେଳିବ। ପରେ ରିଟର୍ନ କାର୍ଯ୍ୟସୂଚୀରେ ଦଳ ନଭେମ୍ବର ୪ରେ ନ୍ୟୁଜିଲାଣ୍ଡ ଏବଂ ନଭେମ୍ବର ୬ରେ ସ୍ପେନ୍ ସହ ମୁକାବିଲା କରିବ। ପ୍ରୋ-ଲିଗ୍‌ରେ ଖେଳିବାକୁ ଥିବା ୪ଟି ଗେମ୍ ଏବଂ ଆସନ୍ତା ମାସରେ ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଗତ ଦୁଇ ସପ୍ତାହ ଦ୍ୱାରା ଆମେ ଜୋର୍‌ଦାର ପ୍ରସ୍ତୁତି ଚାଲିଥିଲା ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହମ ରିଡ୍ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଶ୍ରେଷ୍ଠ ହକି ଖେଳିବା ଆମର ମୂଳ ଲକ୍ଷ୍ୟ ରହିବ। ଆକ୍ରମଣ କ୍ଷମତାରେ ଉନ୍ନତି ଅଣାଯାଇଛି। ଏହି ଅବସରରେ ଆଗାମି ମ୍ୟାଚଗୁଡ଼ିକ ଲାଗି ଅଧିନାୟକ ମନୋନୀତ ହୋଇଥିବା ହରମନପ୍ରୀତ ସିଂ କହିଛନ୍ତି ଦଳ ଗତ ସିଜନ ତୁଳନାରେ ଏଥର ଆହୁରି ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବ। ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ଗତ ସିଜନରେ ଭାରତ ତୃତୀୟ ସ୍ଥାନ ଅଧିକାର କରିଥିଲା।

# କୋଭିଡ୍ ପଜିଟିଭ ସତ୍ତ୍ୱେ ଖେଳିପାରନ୍ତି ୱେଡ୍

**ମେଲବୋର୍ନ, ୨୭।୧୦(ପି.ଟି.):** ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପୂର୍ବରୁ ଅଷ୍ଟ୍ରେଲୀୟ ଉଇକେଟକିପର ମାଥ୍ୟୁ ୱେଡ୍ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ୧୫ ଜଣିଆ ଅଷ୍ଟ୍ରେଲିଆ ଦଳରେ ଜଣେ ମାତ୍ର ଉଇକେଟକିପର। ତାଙ୍କ ନିକଟରେ କରୋନାର ସାମାନ୍ୟ ଲକ୍ଷଣ ଦେଖାଦେଇଛି। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ସେ ଇଂଲଣ୍ଡ ବିପକ୍ଷରେ ଖେଳିବେ ବୋଲି ଆଶା କରାଯାଉଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିୟମାନୁସାରେ ପଜିଟିଭ ସତ୍ତ୍ୱେ ଜଣେ ମ୍ୟାଚ୍ ଖେଳିପାରିବ। ୱେଡ୍ କିନ୍ତୁ ଗୁରୁବାର ଅପରାହ୍ନରେ ଅଷ୍ଟ୍ରେଲିଆର ଅତିରିକ୍ତ ଇନ୍‌ଡୋର ସେସନରେ ଅନୁପସ୍ଥିତ ଥିଲେ।

# 'ମହିଳା ଆଇପିଏଲ୍ ଗେମ୍ ଚେଞ୍ଜର ହୋଇପାରେ'

**ନୂଆଦିଲ୍ଲୀ, ୨୭।୧୦ (ପି.ଟି.)**

ମହିଳା କ୍ରିକେଟରଙ୍କ ମ୍ୟାଚ୍ ଫି' ପୁରୁଷଙ୍କ ସହ ସମାନ କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଯେଉଁ ନିଷ୍ପତ୍ତି ନେଇଛି ତାହା ସ୍ୱାଗତଯୋଗ୍ୟ। ମାର୍ଚ୍ଚରେ ମହିଳା ଆଇପିଏଲ୍‌ରେ ତାହା ପ୍ରତିଫଳିତ ହେବ ବୋଲି ଆଶା କରାଯାଏ। ଏଣିକି ମହିଳା ଖେଳାଳିମାନେ ପ୍ରତିଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ପାଇଁ ୬ ଲକ୍ଷ ଟଙ୍କା ଲେଖାଏ ପାଇବେ। ବର୍ତ୍ତମାନ ସେମାନଙ୍କର ଯାହାଥିଲା ତା'ଠାରୁ ୬ଗୁଣା ଅଧିକ। ଏଣିକି ମହିଳା କ୍ରିକେଟରମାନେ ଏକ ଟେଷ୍ଟ ମ୍ୟାଚ

**ପୁରୁଷ-ମହିଳା ସମାନ ପାଉଣା ପ୍ରସଙ୍ଗ**

ପିଛା ୧୫ ଲକ୍ଷ ଟଙ୍କା ଲେଖାଏ ପାଇବେ। ପୂର୍ବରୁ ସେମାନେ ଏ ବାବଦରେ ୪ ଲକ୍ଷ ଟଙ୍କା ଲେଖାଏ ପାଉଥିଲେ। ଭାରତରେ ମହିଳା କ୍ରିକେଟ ପ୍ରତି ଲୋକପ୍ରିୟତା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଯଦି ପୁରୁଷ ଓ ମହିଳା ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ଅବା କେନ୍ଦ୍ରୀୟ ଚୁକ୍ତି କଥା ବିଚାରକୁ ନିଆଯାଏ ତେବେ ସେଥିରେ ଅନେକ ତାରତମ୍ୟ ରହିଛି। 'ଏ' କାଟେଗୋରିରେ ଜଣେ ପୁରୁଷ କ୍ରିକେଟର ୫ କୋଟି ଟଙ୍କାର ଚୁକ୍ତି କରୁଥିବା ବେଳେ ସେ କ୍ଷେତ୍ରରେ ମହିଳାଙ୍କର ମାତ୍ର ୫୦ ଲକ୍ଷ ଟଙ୍କା ରହିଛି। ବିସିସିଆଇ ଭବିଷ୍ୟତରେ ଏଥିପ୍ରତି ଧ୍ୟାନ ଦେବ ବୋଲି ଆଶା ପ୍ରକାଶ କରି କହିଛନ୍ତି ପୂର୍ବତନ ଭାରତୀୟ ମହିଳା ପେସ୍ ବୋଲର ଅମିତା ଶର୍ମା। ଅମିତା ଦେଶ ପାଇଁ ୫ ଟେଷ୍ଟ,୧୧୬ ଅନ୍ତର୍ଜାତୀୟ ଦିନିକିଆ ଓ ୪୧ ଟି୨୦ ଖେଳିଛନ୍ତି। ମହିଳା କ୍ରିକେଟର ହାତଗଣତି କେତେଜଣ ବର୍ଦ୍ଧିତ ହାରରେ ମ୍ୟାଚ୍ ଫି' ପାଇବେ। ଏକ୍ଷେତ୍ରରେ ପୂର୍ବତନ ଖେଳାଳି ଓ ଅଧିନାୟିକାମାନେ ଆସନ୍ତା ମହିଳା ଆଇପିଏଲ୍‌କୁ ଗେମ୍ ଚେଞ୍ଜର ରୂପେ ଦେଖିବାକୁ ଚାହୁଁଛନ୍ତି। ପୁରୁଷ ଓ ମହିଳା ମ୍ୟାଚ ଫି'କୁ ସମାନ କରାଯାଇଥିବାରୁ ବିସିସିଆଇକୁ ବଧେଇ ଜଣାଇଛନ୍ତି ଭାରତୀୟ ମହିଳା କ୍ରିକେଟର ପୂର୍ବତନ ଅଧିନାୟିକା ଡାଏନା ଇଦୁଲ୍‌ଜୀ। ମହିଳା ଆଇପିଏଲ୍ ଆସୁଛି। ଏଥିରେ ଜାତୀୟ ଖେଳାଳିଙ୍କ ବ୍ୟତୀତ ବହୁ ଘରୋଇ ଖେଳାଳି ଅଂଶଗ୍ରହଣ କରିବେ। ବହୁ ଖେଳାଳିଙ୍କର ହୁଏତ ଭାଗ୍ୟରେ ପରିବର୍ତ୍ତନ ଘଟିପାରେ। ପାରିଶ୍ରମିକ ବୃଦ୍ଧି ଦ୍ୱାରା ସେମାନଙ୍କଠାରୁ ଅଧିକ ପ୍ରତ୍ୟାଶା ରହିବା ସ୍ୱାଭାବିକ। ଖେଳାଳିମାନେ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଲାଗି ଚେଷ୍ଟିତ ହେବେ। ମହିଳା ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ଅତି କମ୍‌ରେ ୫ଟି ଦଳ ଭାଗ ନେବେ। ପ୍ରତିଟି ଦଳରେ ୧୮ଜଣ ଲେଖାଏ ଖେଳାଳି ରହିବେ। ତନ୍ମଧ୍ୟରେ ୧୨ ଭାରତୀୟ ଓ ୬ ବିଦେଶୀ ରହିବେ। ମୋଟ ଉପରେ ୬୦ ଜଣ ଘରୋଇ ଖେଳାଳି ଅଂଶଗ୍ରହଣ କରିବେ। ବିସିସିଆଇ ତରଫରୁ ଏ ପର୍ଯ୍ୟନ୍ତ ସର୍ବନିମ୍ନ ବେସ୍ ପ୍ରାଇସ୍ ଘୋଷଣା କରାଯାଇ ନାହିଁ। କିନ୍ତୁ ଏକ ସିଜନରେ ଜଣେ ଖେଳାଳି ଅତିକମ୍‌ରେ ୫ ଲକ୍ଷ ଟଙ୍କା ଆୟ କରିପାରିବ, ଯଦିଓ ଏହା ଆଇପିଏଲ୍ ରାଶି ସହ ତୁଳନୀୟ ନୁହେଁ। ଜଣେ ଘରୋଇ ମହିଳା କ୍ରିକେଟର ୧୦ ହଜାର ଟଙ୍କାରୁ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରିପାରିବ, ଯାହାକି ବଡ଼ ଫରକ ଆଣିଦେଇପାରିବ। ମହିଳା ଆଇପିଏଲ୍ ଗେମ୍ ଚେଞ୍ଜର ହେବ ବୋଲି ଅନ୍ୟ ଜଣେ ପୂର୍ବତନ ଅଧିନାୟିକା ଶାନ୍ତା ରଙ୍ଗାସ୍ୱାମୀ କହିଛନ୍ତି। ବିସିସିଆଇର ଏହା ଏକ ଐତିହାସିକ ନିଷ୍ପତ୍ତି ବୋଲି ପୂର୍ବତନ ଅଧିନାୟିକା ମିଥାଲି ରାଜ ପ୍ରକାଶ କରିଛନ୍ତି। ମହିଳା କ୍ରିକେଟ ପାଇଁ ଶୁଭ ଲକ୍ଷଣ। ଦେଶରେ ମହିଳା କ୍ରିକେଟରଙ୍କ ସଂଖ୍ୟା ବୃଦ୍ଧି ପାଇବ।

## 'ମହିଳା କ୍ରିକେଟରେ ନୂଆ ସକାଳ'

ବିସିସିଆଇର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ପୂର୍ବତନ ମହିଳା କ୍ରିକେଟର ତଥା ଅଧିନାୟିକା ମିଥାଲି ରାଜ୍। ଏହା ଏକ ଐତିହାସିକ ନିଷ୍ପତ୍ତି ଏବଂ ମହିଳା କ୍ରିକେଟ ପାଇଁ ନୂତନ ସକାଳ ଆରମ୍ଭ ବୋଲି ସେ କହିଛନ୍ତି। ମହିଳା କ୍ରିକେଟ ଆଗକୁ ବଢୁଥିବା ବେଳେ ଏହି ନିଷ୍ପତ୍ତି ଓ ମହିଳା ଆଇପିଏଲ୍ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ମିଥାଲି। ଏହା ସହିତ ମହିଳା କ୍ରିକେଟର ଏକ ଅଂଶ ଭାବରେ ମୁଁ



ବିସିସିଆଇ ସଭାପତି ରୋଜର ବିନ୍ନି ଏବଂ ସମ୍ପାଦକ ଜୟ ଶାହାଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି ବୋଲି ସେ କହିଛନ୍ତି। ୨୦୧୭ରେ ଭାରତୀୟ ଦଳ ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିବା ପରଠାରୁ ହିଁ ମହିଳା କ୍ରିକେଟ ଅଗ୍ରଗତି କରି ଚାଲିଛି। ନିକଟରେ ଭାରତୀୟ ଦଳ ଶ୍ରୀଲଙ୍କାରେ ଅନୁଷ୍ଠିତ ଏସିଆ କପ୍ ବିଜୟୀ ହୋଇଥିବା ବେଳେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରଥମ ସଂସ୍କରଣରେ ରୌପ୍ୟ ପଦକ ହାସଲ କରିଥିଲା।

# ରାଜ୍ୟସ୍ତରୀୟ ସିନିୟର ହକି: ଭଦ୍ରକର ବୃହତ୍ ବିଜୟ

**ଭୁବନେଶ୍ୱର,୨୭।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଛି ରାଜ୍ୟସ୍ତରୀୟ ସିନିୟର ହକି ଚାମ୍ପିୟନଶିପ୍। ୩୧ ତାରିଖ ଯାଏଁ ଏହି ଟୁର୍ନାମେଣ୍ଟଟି ଖେଳାଯିବ। ଉଦ୍‌ଘାଟନୀ ଦିବସରେ ୮ମ୍ୟାଚ ଖେଳାଯାଇଥିବା ବେଳେ ଭଦ୍ରକ ଓ ଓଡ଼ିଶା ସେକ୍ରେଟେରିଆଟ ବୃହତ ବିଜୟ ହାସଲ କରିଛନ୍ତି। ଭଦ୍ରକ ୧୦-୦ରେ କନ୍ଧମାଳକୁ ଓ ଓଡ଼ିଶା ସେକ୍ରେଟେରିଆଟ ୭-୦ରେ କଳାହାଣ୍ଡିକୁ ପରାସ୍ତ କରିଛି। ଅନ୍ୟ ମ୍ୟାଚ ଗୁଡିକରେ ନବରଙ୍ଗପୁର ୨-୦ରେ ଯାଜପୁର, ନୟାଗଡ ୪-୦ରେ ପୁରୀ, ଗଞ୍ଜାମ ୪-୦ରେ କୋରାପୁଟ, ମାଲକାନଗିରି




୩-୦ରେ ରାୟଗଡା, ସୁବର୍ଣ୍ଣପୁର ୧-୦ରେ କେନ୍ଦ୍ରାପଡା ଓ ଓଡ଼ିଶା ପୋଲିସ ୬-୦ରେ ଅନୁଗୋଳକୁ ପରାସ୍ତ କରିଛି। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଆଥଲେଟିକ୍ସ ଆସୋସିଏସନ୍ ସାଧାରଣ ସମ୍ପାଦକ ଆଶୀର୍ବାଦ ବେହେରା, କିଟ୍ କ୍ରୀଡା ମହା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ ଓ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ହକି ଆମର ପ୍ରାଥମିକତା ରହିଛି। ଜାତୀୟ ଚାମ୍ପିୟନଶିପ୍ ବିଜୟୀ ଅନେକ ଖେଳାଳି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବାରୁ ଏହା ଯୁବ ଖେଳାଳି ମାନଙ୍କୁ ଆକୃଷ୍ଟ କରିବ ବୋଲି ଦିଲ୍ଲୀପ ତିର୍କି କହିଛନ୍ତି। ୨୨ ଜିଲ୍ଲା ଓ ୨ଟି ଏକାଡେମୀର ୩୫୦ରୁ ଅଧିକ ଖେଳାଳି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ରାଜ୍ୟ କ୍ରୀଡା ଓ ଯୁବ ସେବା ବ୍ୟାପାର ମନ୍ତ୍ରଣାଳୟକୁ ଧନ୍ୟବାଦ ଜଣାଇଛନ୍ତି କିଟ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ।

## ଫୁରସତ



# ଡିମାଣ୍ଡରେ ଟ୍ରାଭେଲ ଟାୱାର

**ଲଣ୍ଡନ**

**୨ ବର୍ଷ ପାଇଁ ସରିଛି ବୁକିଂ**

ବ୍ରିଟେନର ସବୁଠାରୁ ଲୋକପ୍ରିୟ ଟାୱାରରେ ଛୁଟି ମନାଇବାକୁ ଲୋକଙ୍କ ଭିତରେ ବେଶ୍ କ୍ରେଜ୍ ଦେଖିବାକୁ ମିଳେ। ୱେୟାରହାମ୍‌ରେ ଥିବା ଏହି ଟାୱାରର ନାଁ ହେଉଛି 'କ୍ଲାଭେଲ୍ ଟାୱାର'। ଏହାର ସବୁଠୁ ବଡ଼ ସ୍ୱତନ୍ତ୍ରତା ହେଉଛି ଛୁଟିରେ ଏଠାକୁ ଆସିବାକୁ ଚାହୁଁଥିଲେ ପର୍ଯ୍ୟଟକଙ୍କୁ ବହୁ ଆଗରୁ ବୁକିଂ କରିବାକୁ ପଡ଼େ। ୪ ମହଲା ବିଶିଷ୍ଟ ଏହି ବୃତ୍ତାକାର ଟାୱାରର ବେଶ୍ ଚାହିଦା ଯୋଗୁ ଏଠାରେ ଟିକେଟ୍ ମିଳିବା ମଧ୍ୟ ସହଜ ହୋଇ ନ ଥାଏ। ଏବେ ବି ଏହି ଟାୱାର ସମ୍ପୂର୍ଣ୍ଣ ଭାବେ ବୁକ୍ ହୋଇସାରିଛି। ୨୦୨୫ ପର୍ଯ୍ୟନ୍ତ କୌଣସି ପର୍ଯ୍ୟଟକ କ୍ଲାଭେଲ ଟାୱାର ବୁକ୍ କରିବା କଷ୍ଟକର।

୧୮୩୦ରେ କ୍ଲାଭେଲ ଟାୱାର ନିର୍ମିତ ହୋଇଥିଲା। ଏହା ପ୍ରସିଦ୍ଧ ଲେଖକ ପିଡି ଜେମ୍ସ ଏବଂ ଥୋମାସ୍ ହାର୍ଡିଙ୍କ ଘର ଥିଲା। ଐତିହାସିକ କୋଠାର ଯତ୍ନ ନେଉଥିବା ଲ୍ୟାଣ୍ଡମାର୍କ ଟ୍ରଷ୍ଟ ଏହାର ପରିଚାଳନା ତଥା ତଦାରଖ କରିଥାଏ। ଚଳିତବର୍ଷ ଏହାର ନବୀକରଣ କରାଯାଇଛି। ଏହି ଟାୱାରରେ ରୁମ୍ ବୁକିଂ ପାଇଁ ପ୍ରତିବର୍ଷ ଲୋକଙ୍କୁ ଦୀର୍ଘ ଅପେକ୍ଷା କରିବାକୁ ପଡ଼ିଥାଏ। ଯଦି ଆପଣ ୪ ରାତି ପର୍ଯ୍ୟନ୍ତ ଟାୱାରରେ ରୁହନ୍ତି, ତେବେ ଆପଣଙ୍କୁ ୫୮୦ ପାଉଣ୍ଡ ଅର୍ଥାତ୍ ପ୍ରାୟ ୫୫୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ଅର୍ଥରେ ଏକ ଡବଲ ବେଡ୍‌ରୁମ୍‌ରେ ଦୁଇଜଣ ରହିପାରିବେ। ଏଥିରେ ଓଭନ ଏବଂ ଏକ ଇଲେକ୍ଟ୍ରିକ୍ ହବ୍ ଅଛି। ସେଠାକୁ ଲୋକେ ନିଜ ପୋଷା କୁକୁରକୁ ମଧ୍ୟ ନେଇ ଯାଇପାରିବେ। ଟାୱାରରେ ପହଞ୍ଚିବା ପାଇଁ ଅତିଥିମାନଙ୍କୁ ୧୦ ମିନିଟ୍ ଚାଲିବାକୁ ପଡ଼ିବ। ଟାୱାରର ତୃତୀୟ ମହଲାରୁ ଆପଣ ସମୁଦ୍ରର ଚମତ୍କାର ଦୃଶ୍ୟ ଦେଖିବାକୁ ପାଇବେ। ଟାୱାର ଚାରିପଟ ବାତାବରଣ ହିଁ ଏହାର ଚାହିଦାକୁ ବହୁଗୁଣ କରିଛି। ଗତ ବର୍ଷ ଅନ୍‌ଲାଇନରେ ମାତ୍ର ୩୦୦ ସେକେଣ୍ଡରେ ସମଗ୍ର ୬ ମାସ ପାଇଁ ସ୍ଲଟ୍ ବିକ୍ରି ହୋଇଯାଇଥିଲା। ଲ୍ୟାଣ୍ଡମାର୍କ ଟ୍ରଷ୍ଟର ଜଣେ ମୁଖପାତ୍ର କହିଛନ୍ତି, ଏହି ସ୍ଥାନଟି ସମ୍ପୂର୍ଣ୍ଣ ଭିନ୍ନ। ବେଡ୍‌ରେ ଶୋଇଥିବାବେଳେ ମଧ୍ୟ ଆପଣ ଏଠାରୁ ସମୁଦ୍ରର ଦୃଶ୍ୟ ଦେଖିପାରିବେ।


ରକୁଲ ପ୍ରୀତ ସିଂ

# ବାଣ ବଦଳରେ ୫ ଶହ ଟଙ୍କା ଜାଳିବାକୁ କହିଥିଲେ ବାପା

**ମୁମ୍ବାଇ:** ଦୀପାବଳିରେ ବାଣ ନ ଫୁଟାଇବା ପାଇଁ ଅଭିନେତ୍ରୀ ରକୁଲ ପ୍ରୀତ ସିଂଙ୍କୁ ତାଙ୍କ ବାପା ଅଭିନବ ଉପାୟରେ ଶିକ୍ଷା ଦେଇଥିଲେ। ବାଣ ଫୁଟାଇବାର ମାନେ ସିଧାସଳଖ ଟଙ୍କା ଜାଳିବା ବୋଲି ରକୁଲଙ୍କୁ ପିଲାଦିନେ ବୁଝାଯାଇଥିଲା ବୋଲି ଅଭିନେତ୍ରୀ ଜଣକ ନିକଟରେ ପ୍ରକାଶ କରିଛନ୍ତି। ପିଲାଦିନ କଥା ମନେପକାଇ ରକୁଲ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ମାତ୍ର ୯ ବର୍ଷ ବୟସରେ ଶେଷଥର ପାଇଁ ବାଣ ଫୁଟାଇଥିଲେ। ୫ମ ଶ୍ରେଣୀ ପରଠାରୁ ସେ ଅଦ୍ୟାବଧି କେବେ ବାଣ ଫୁଟାଇନାହାନ୍ତି। ଶେଷଥର ଯେବେ ବାଣ ଫୁଟାଇବାକୁ ଇଚ୍ଛା ହୋଇଥିଲା, ସେତେବେଳେ ତାଙ୍କ ବାପା ରକୁଲଙ୍କୁ ଏକ ୫୦୦ ଟଙ୍କିଆ ନୋଟ୍ ଦେଇ ତାହାକୁ ଜାଳିବାକୁ କହିଥିଲେ। ଏହା ଶୁଣି ରକୁଲ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାହିଁକି ଟଙ୍କା ଜାଳିବି ବୋଲି ରକୁଲ ତାଙ୍କ ବାପାଙ୍କୁ ପଚାରିଥିଲେ। ଉତ୍ତରରେ ବାପା କହିଥିଲେ, ବାଣ ଓ ଟଙ୍କା ଜାଳିବା ସମାନ କଥା। ପରେ ବାପାଙ୍କ ସହ ଦୋକାନକୁ ଯାଇ ମିଠା କିଣିବା ସହ ତାହାକୁ ବାଣ୍ଟିଥିଲେ। ଏହା ତାଙ୍କୁ ବେଶ୍ ଖୁସି ଦେଇଥିଲା ବୋଲି ରକୁଲ କହିଛନ୍ତି। ଡକ୍ଟର ଜି ଫିଲ୍ମରେ ରକୁଲଙ୍କୁ ଦେଖିବାକୁ ମିଳିଥିଲା। ଗତ ୨୫ ତାରିଖରେ ରିଲିଜ ହୋଇଥିବା ଇନ୍ଦ୍ର କୁମାରଙ୍କ 'ଥ୍ୟାଙ୍କ୍ ଗଡ୍'ରେ ମଧ୍ୟ ରକୁଲ ଅଭିନୟ କରିଛନ୍ତି। ଏଥିରେ ଅଜୟ ଦେବଗନ୍ ଏବଂ ସିଦ୍ଧାର୍ଥ ମାଲ୍‌ହୋତ୍ରା ମୁଖ୍ୟ ଭୂମିକାରେ ରହିଛନ୍ତି।

# ସୁନ୍ଦରୀ ପ୍ରତିଯୋଗିତାରେ ମାରପିଟ

**ନ୍ୟୁୟର୍କ:** ଆମେରିକାର ନ୍ୟୁୟର୍କରେ ମିସ୍ ଶ୍ରୀଲଙ୍କା ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଶେଷହେବାରେ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି। ଏଥିରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ମାଡପିଟ୍ ହେଉଥିବାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ପାର୍ଟି ପରେ ଏଠାରେ ମାଡ଼ପିଟ୍ ଆରମ୍ଭ ହୋଇଥିଲା। ଏଥିରେ କେତେଜଣ ଆହତ ହୋଇଛନ୍ତି। ନ୍ୟୁୟର୍କର ଷ୍ଟାଟେନ୍ ଦ୍ୱୀପର ଭାଣ୍ଡେରବିଟ୍‌ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୧୪ ପ୍ରତିଯୋଗୀଙ୍କ ସହ ୩୦୦ରୁ ଊର୍ଦ୍ଧ୍ୱ ଅତିଥି ଯୋଗ ଦେଇଥିଲେ। ପ୍ରତିଯୋଗିତାର ଶେଷରେ ମିସ୍ ଶ୍ରୀଲଙ୍କା ନ୍ୟୁୟର୍କ ଆଞ୍ଜେଲିଆ ଗୁନାଶେକାରାଙ୍କୁ ବିଜେତା ଘୋଷଣା କରାଯାଇଥିଲା। ଏହା ପରେ ପାର୍ଟିର ଆୟୋଜନ





ମିସ୍ ଶ୍ରୀଲଙ୍କା ନ୍ୟୁୟର୍କ ଆଞ୍ଜେଲିଆ ଗୁନାଶେକାରା

ହୋଇଥିଲା। ସେହି ସମୟରେ ସେଠାରେ କେତେଜଣ ପ୍ରତିଯୋଗୀ ଓ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ଭିତରେ ପାଟିତୁଣ୍ଡ ସହ ମାଡ଼ପିଟ୍ ଆରମ୍ଭ ହୋଇଯାଇଥିଲା। ତେବେ ଗଣ୍ଡଗୋଳର ପ୍ରକୃତ କାରଣ ଜଣାପଡ଼ିନାହିଁ। ମାଡପିଟ୍‌ରେ କୌଣସି ପ୍ରତିଯୋଗୀ ସାମିଲ ନ ଥିଲେ ବୋଲି ପ୍ରତିଯୋଗିତାର ଜଣେ ଆୟୋଜକ ସୁଜାନି ଫର୍ନାଣ୍ଡୋ କହିଛନ୍ତି।

**ହ୍ରାସ ପାଉଛି ନିଯୁକ୍ତି ସଂଖ୍ୟା**

ନୂଆଦିଲ୍ଲୀ: ଚଳିତ ବର୍ଷ ଅଗଷ୍ଟ ମାସରେ ଦେଶରେ ସଂଗଠିତ ନିଯୁକ୍ତି ସଂଖ୍ୟା ହ୍ରାସ ପାଇଛି। ଏପରିକି ସରକାରଙ୍କ ବିଭିନ୍ନ ସଂସ୍ଥା ପକ୍ଷରୁ ଜାରି କରାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ବିଶେଷ କରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ), କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ଏବଂ ଜାତୀୟ ପେନସନ୍ ସ୍କିମରେ ମଧ ଏହି ମାସରେ କମ୍ ସଂଖ୍ୟକ ନୂଆ କର୍ମଚାରୀ ଯୋଡ଼ି ହୋଇଛନ୍ତି। ସେହିଭଳି ଗତ ଜୁଲାଇରେ ୧୮.୨ ଲକ୍ଷ ନୂଆ ସଦସ୍ୟ ଇପିଏଫ୍‌ଓରେ ଯୋଡ଼ି ହୋଇଥିଲେ ହେଲେ ଅଗଷ୍ଟରେ ସେମାନଙ୍କ ସଂଖ୍ୟା ୭.୧% ହ୍ରାସ ପାଇ ୧୬.୯ ଲକ୍ଷ ହୋଇଛି।

# ଟିଏମ୍‌ସି ସହ ହିରୋର ଦ୍ୱିପାକ୍ଷିକ ସହଭାଗିତା



ନୂଆଦିଲ୍ଲୀ,୨୭।୧୦

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା 'ହିରୋ ମୋଟୋକର୍ପ' ଖୁବ୍‌ଶୀଘ୍ର ଫିଲିପାଇନ୍ସ ବଜାରରେ ମଧ ତା'ର ଉପସ୍ଥିତି ଜାହିର କରିବାକୁ ଯାଉଛି। କାରଣ କଲମ୍ବିଆନ ଗ୍ରୁପ୍ ଅଫ୍ କମ୍ପାନୀଗୁଡ଼ିକର ଏକ ଅଂଶ ଟେରାଫିର୍ମା ମୋଟର୍ସ କର୍ପୋରେଶନ (ଟିଏମ୍‌ସି) ତଥା ଅନ୍ୟତମ ଅଗ୍ରଣୀ ଏବଂ ଅଭିଜ୍ଞ ଅଟୋମୋବାଇଲ ଗୋଷ୍ଠୀ ହିରୋ ମୋଟୋକର୍ପ ସହ ମିଳିତ ହୋଇଛନ୍ତି। ଫଳରେ କମ୍ପାନୀର ବିଭିନ୍ନ ମଡେଲକୁ ଫିଲିପାଇନ୍ସ ବଜାରରେ ଉପଲବ୍ଧ କରାଇବା ନେଇ ଉଭୟଙ୍କ ମଧ୍ୟରେ ସହଯୋଗ ରହିବ ବୋଲି ଜଣାପଡ଼ିଛି। ସେହିଭଳି ଏହି ଦ୍ୱିପାକ୍ଷିକ ସହଭାଗିତାର ଏକ ଅଂଶ ଭାବେ ଟିଏମ୍‌ସି ଫିଲିପାଇନ୍ସରେ ହିରୋ ମୋଟୋକର୍ପ ମୋଟରସାଇକେଲର ସ୍ୱତନ୍ତ୍ର ଏକତ୍ରକାରୀ ଏବଂ ବିତରକ ହେବ ବୋଲି କୁହାଯାଇଛି।

ଏ ସମ୍ପର୍କରେ ହିରୋ ମୋଟୋକର୍ପର ଗ୍ଲୋବାଲ ବିଜ୍‌ନେସର ମୁଖ୍ୟ ସଞ୍ଜୟ ଭାନ୍ କହିଛନ୍ତି, ଆମେ ସର୍ବଦା ବିଶ୍ୱ ବଜାରରେ ନୂତନ ସୁଯୋଗ ଅନୁସନ୍ଧାନ କରୁଛୁ। ଏପରିକି ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ପ୍ରବେଶ କରିବା ପାଇଁ ଟିଏମ୍‌ସି ସହ ଆମର ସହଭାଗିତା ଏହି ବିସ୍ତାର ରଣନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେହିଭଳି ଟିଏମ୍‌ସିର ଚେୟାରମ୍ୟାନ ବି.ଏନ୍. ଭେନିଡୋ ସାନ୍‌ଭିକ୍ଟୋରସ ସନ୍ତୋଷ କହିଛନ୍ତି, ହିରୋ ମୋଟୋକର୍ପ ବିଶ୍ୱର ୧୦୦ ମିଲିୟନରୁ ଅଧିକ ଗ୍ରାହକଙ୍କ ପାଇଁ ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ ପାର୍ଟନର। ଟିଏମ୍‌ସି ହେଉଛି ଏକ ଗ୍ରାହକକୈନ୍ଦ୍ରିକ ଅଟୋମୋବାଇଲ କମ୍ପାନୀ। ଏହା ଫିଲିପାଇନ୍ସରେ ମୂଲ୍ୟ ଆଧାରିତ ଉତ୍ପାଦ ଏବଂ ସେବା ଜାରି ରଖିଛି।

# 'ମୁଦ୍ରାନୀତିରେ ହୋଇପାରେ ବଡ଼ ପରିବର୍ତ୍ତନ'

ନୂଆଦିଲ୍ଲୀ,୨୭।୧୦




■ବଢ଼ିପାରେ ଋଣ ସୁଧହାର
■ନଭେମ୍ବର ୩ରେ ଜରୁରୀ ଏମ୍‌ପିସି ବୈଠକ ଡାକିବେ ଆର୍‌ବିଆଇ

ଚଳିତ ବର୍ଷ ନଭେମ୍ବର ୩ରୁ ମୁଦ୍ରାନୀତି କମିଟି (ଏମ୍‌ପିସି)ର ଅତିରିକ୍ତ ବୈଠକ ହେବାକୁ ଯାଉଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ କୁହାଯାଇଛି। ଏପରିକି ଆର୍‌ବିଆଇ ଏମ୍‌ପିସିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ (ଏମର୍ଜେନ୍ସି) ବୈଠକ ପାଇଁ ଆହ୍ୱାନ କରାଯାଇଛି। କାରଣ ଏମ୍‌ପିସିଙ୍କ ନିୟମିତ ବୈଠକ ୨୦୨୨ ଡିସେମ୍ବର ୫ରୁ ୭ ମଧ୍ୟରେ ହେବା ଯୋଜନା ରହିଥିଲା। ତେବେ ତା'ର ଯଥେଷ୍ଟ ପୂର୍ବରୁ ଆର୍‌ବିଆଇ ଏହି ଏମ୍‌ପିସି ବୈଠକ ପାଇଁ ଆହ୍ୱାନ କରିବା ସବୁ ବର୍ଗଙ୍କ ପାଇଁ ଆଶଙ୍କା ସୃଷ୍ଟି କରିଛି ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା କଥା, ଯେକୌଣସି ସମୟରେ ଏକ ବଡ଼ଧରଣର ପରିବର୍ତ୍ତନ ସପକ୍ଷରେ ଆର୍‌ବିଆଇ ଘୋଷଣା କରିପାରେ ବା କିଛି ଦୃଢ଼ ପଦକ୍ଷେପ ଗ୍ରହଣ କରିବ ବୋଲି ଆଶା କରାଯାଉଛି। ସେହିଭଳି ଆର୍‌ବିଆଇଙ୍କ ଏହି ବୈଠକରେ ଖୁଚୁରା ମୁଦ୍ରାସ୍ଫୀତି ୬%ରୁ ଉପରେ ରହିବା ଯୋଗୁ ଆଗାମୀ ଶୀତକାଳୀନ ଅଧିବେଶନରେ ସରକାର ବିରୋଧୀଙ୍କୁ ଦେବାକୁ ଥିବା ଜବାବ ନେଇ ମଧ ବିସ୍ତୃତ ଆଲୋଚନା ହୋଇପାରେ ବୋଲି ଆକଳନ କରାଯାଇଛି। ଅପରପକ୍ଷରେ ଆର୍‌ବିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିନିୟମ ୧୯୩୪ର ଧାରା ୪୫ ଜେଡ୍‌ଏନ୍‌ରେ ଥିବା ପ୍ରାବଧାନ ଅନୁସାରେ ଏମ୍‌ପିସିର ଏହି ବିଶେଷ ବୈଠକ ଡକାଯାଇଛି। ସେହିପରି ପୂର୍ବ ଏମ୍‌ପିସି ବୈଠକ ଚଳିତ ବର୍ଷ ସେପ୍ଟେମ୍ବର ୨୮ରୁ ୩୦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେହି ଅନୁସାରେ ପରବର୍ତ୍ତୀ ବୈଠକ ଆସନ୍ତା ଡିସେମ୍ବର ୫ରୁ ୭ ମଧ୍ୟରେ ହେବା କାର୍ଯ୍ୟକ୍ରମ ରହିଥିଲା। ତେବେ କେତେକ ଜରୁରୀ ଆହ୍ୱାନ ଯୋଗୁ ଆର୍‌ବିଆଇ ପକ୍ଷରୁ ମାସକ ପୂର୍ବରୁ ଏହି ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ପାଇଁ ଆହ୍ୱାନ କରାଯାଇଛି। ଗତ ମାସ (ସେପ୍ଟେମ୍ବର) ୩୦ ତାରିଖରେ ଶେଷ ହୋଇଥିବା ଏମ୍‌ପିସି ବୈଠକରେ ନୀତିଗତ ରେପୋ ହାର ୫୦ ଆଧାର ଅଙ୍କ (ବିପିଏସ୍) ପର୍ଯ୍ୟନ୍ତ ବଢ଼ାଯାଇଥିଲା। ରେପୋ ହାର ୫.୯% ହୋଇଯାଇଥିଲା। ଫଳରେ ସବୁ ପ୍ରକାର ଋଣ ହାର ମହଙ୍ଗା ହୋଇଯାଇଥିଲା। ତେବେ ନଭେମ୍ବର ୩ରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଜରୁରୀ ଏମ୍‌ପିସି ବୈଠକରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ଆର୍‌ବିଆଇ କଡ଼ା ନୀତି ଆପଣେଇ ପାରନ୍ତି। ଫଳରେ ପୁଣି ଥରେ ଋଣ ସୁଧହାର ବୃଦ୍ଧି ହେବାର ଆଶଙ୍କା ରହିଛି ବୋଲି ଆକଳନ କରାଯାଉଛି।

ଜନ୍ମଦିନର ଶୁଭେଚ୍ଛା



ନୀଲମ ବନଛୋର
ଗ୍ରାମ: ଲଇଡାଗୁଣା, ଗ୍ରା.ପ.- ତେଲି ତିଲେଇମାଲ, ଥାନା- କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
୪ର୍ଥତମ ଜନ୍ମଦିନ ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା । ପରିବାରବର୍ଗ
ଜନ୍ମ ତା୨୮।୧୦।୨୦୧୮ ମଃ
ଧ-୧୮୫୪

# ଟାଟା-ଏୟାରବସ୍ ମଧ୍ୟରେ ରାଜିନାମା

ନୂଆଦିଲ୍ଲୀ,୨୭।୧୦

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ସହଯୋଗୀ ସଂସ୍ଥା ଟାଟା ଆଡଭାନ୍ସ ସିଷ୍ଟମ ଲିମିଟେଡ୍ (ଟିଏସ୍‌ଏଲ୍) ୟୁରୋପିୟାନ ଆଭିଏଶନ ସଂସ୍ଥା ଏୟାରବସ୍ ସହ ଏକ ରାଜିନାମା ସ୍ୱାକ୍ଷର ହୋଇଯାଇଛି। ଉକ୍ତ ରାଜିନାମା ଅନୁଯାୟୀ ଉଭୟ ସଂସ୍ଥାର ଗୁଜରାଟର ଭଦୋଦରାଠାରେ ଭାରତୀୟ ବାୟୁସେନା ପାଇଁ ସି-୨୯୫ ଏୟାରକ୍ରାଫ୍ଟ ନିର୍ମାଣ କରିବେ ବୋଲି କୁହାଯାଇଛି। ଏପରିକି ଏ ନେଇ ଟାଟା ଏବଂ ଏୟାରବସ୍ ସହ ଏକ ଡିଲ୍ ମଧ ହୋଇଛି। ଏହା ଜରିଆରେ ବାୟୁସେନା ପାଇଁ ଅତ୍ୟାଧୁନିକ ଏୟାରକ୍ରାଫ୍ଟ ନିର୍ମାଣ କରାଯିବ। ପ୍ରଥମଥର ପାଇଁ ଏୟାରବସ୍ ସହ ଚୁକ୍ତି କରି ଟାଟା ଗୁଜରାଟରେ ସି-୨୯୫ ଏୟାରକ୍ରାଫ୍ଟ ଭାରତରେ ନିର୍ମାଣ କରିବ ବୋଲି ଜଣାପଡିଛି। ସେହିପରି ଗୁଜରାଟର ଭଦୋଦରାରେ ଗୋଟିଏ ପ୍ଲାଣ୍ଟରେ ଏହି ସି-୨୯୫ ଏୟାରକ୍ରାଫ୍ଟ ନିର୍ମାଣ କରାଯିବ ବୋଲି ଟାଟା ପକ୍ଷରୁ କୁହାଯାଉଛି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅକ୍ଟୋବର ୩୦ରେ ଏହି ପ୍ଲାଣ୍ଟର ଶିଳାନ୍ୟାସ କରିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଉକ୍ତ ସୂଚନା ଅନୁସାରେ ଟାଟା ଏବଂ ଏୟାରବସ୍ ମିଳିତ ଭାବେ ବାୟୁସେନା ପାଇଁ ମୋଟ ୪୦ଟି ଏୟାରକ୍ରାଫ୍ଟ ନିର୍ମାଣ କରିବେ ବୋଲି ରାଜିନାମା ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବରରେ ଭାରତ ୨୧ ହଜାର କୋଟି ଟଙ୍କାର ଏକ ଚୁକ୍ତି କରିଥିଲା।

# ଓଏସ୍‌ଏଚ୍‌ସିର ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



କଳିକେଶ ନାରାୟଣ ସିଂଦେଓ

ଭୁବନେଶ୍ୱର,୨୭।୧୦

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା (ଓଏସ୍‌ଏଚ୍‌ସି) ର ନୂତନ ଅଧ୍ୟକ୍ଷ ଭାବେ କଳିକେଶ ନାରାୟଣ ସିଂଦେଓ ଗୁରୁବାର ଯୋଗଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଏସ୍‌ଏଚ୍‌ସିର ପରିଚାଳନା ନିର୍ଦ୍ଦେଶିକା ସାଗରିକା ପଟ୍ଟନାୟକ, ସଂସ୍ଥାର ସଚିବ ରଶ୍ମିତାରାଣୀ ତରାସିଆ, ଅର୍ଥ ଉପଦେଷ୍ଟା ତଥା ମୁଖ୍ୟ ହିସାବ ଅଧିକାରୀ ପୁଷ୍ପାଞ୍ଜଳି ତ୍ରିପାଠୀ, ମୁଖ୍ୟଯନ୍ତ୍ରୀ ଲୋକନାଥ ପ୍ରସାଦ ମହାପାତ୍ରଙ୍କ ସମେତ ଓଏସ୍‌ଏଚ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ସଂସ୍ଥାର କର୍ମଚାରୀ ସଂଘ, ୱାର୍କର୍ସ ୟୁନିୟନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସିଂଦେଓଙ୍କୁ ସ୍ୱାଗତ କରିଥିଲେ। ସରକାର ଯେଉଁ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି ତା'ର ସଫଳତା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ସହ ସରକାରଙ୍କ ଆଭିମୁଖ୍ୟ ପୂରଣ ତାଙ୍କର ଏକମାତ୍ର ଲକ୍ଷ୍ୟ ବୋଲି ସିଂଦେଓ ମତବ୍ୟକ୍ତ କରିଛନ୍ତି।

# ସରକାରଙ୍କ ନଜରରେ ଡିଟିଏଚ୍ କମ୍ପାନୀ

ନୂଆଦିଲ୍ଲୀ,୨୭।୧୦

ସାରା ଦେଶରେ ଡାଇରେକ୍ଟ-ଟୁ-ହୋମ୍ (ଡିଟିଏଚ୍) ସେବା ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକର ହିସାବ ଖାତାର ଅଡିଟ୍ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଥିବା ଜଣାପଡ଼ିଛି। କାରଣ ଉକ୍ତ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ଲାଇସେନ୍ସ ଫିଁକୁ ନେଇ ସରକାର ସନ୍ଦେହ ପ୍ରକାଶ ସହ ଉକ୍ତ କମ୍ପାନୀଗୁଡ଼ିକର କାରବାର ଉପରେ ନଜରରେ ରଖିଛନ୍ତି। ସେହିଭଳି ଡିଟିଏଚ୍ କମ୍ପାନୀଗୁଡ଼ିକୁ ନେଇ ଦୀର୍ଘଦିନରୁ ଯେଉଁ ବିବାଦ ଲାଗି ରହିଛି, ତା'ର ସମାଧାନ ସହ ଉକ୍ତ କମ୍ପାନୀଗୁଡ଼ିକର ଖାତା ଅଡିଟ୍ କରିବା ଲାଗି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି)ଙ୍କୁ ମଧ ଏକ ଚିଠି ଲେଖାଯାଇଛି। ବିଶେଷକରି ଉକ୍ତ କମ୍ପାନୀଗୁଡ଼ିକର ଏକ ପୂର୍ଣ୍ଣାଙ୍ଗ ଅଡିଟ୍ କରିବାକୁ ସିଏଜିଙ୍କୁ ଉକ୍ତ ଚିଠିରେ କୁହାଯାଇଛି।




ଭୁବନେଶ୍ୱର ଉତ୍କଳ ହସ୍ପିଟାଲ ପରିସରରେ ସ୍ତନକର୍କଟ ସଚେତନତା ମାସ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ହସ୍ପିଟାଲର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୭।୧୦

ଭାରତୀୟ ଶେୟାର ମାର୍କେଟ ପ୍ରତିଦିନ ଆଶା ଓ ଆଶାଙ୍କା ମଧ୍ୟରେ ଶେଷ ହେଉଛି। ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସରେ ଷ୍ଟକ୍ ବଜାର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୧୩ (୨୧୨.୮୮) ପଏଣ୍ଟ ବଢ଼ି ୫୯,୭୫୭ (୫୯,୭୫୬.୮୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ ୮୧ (୮୦.୬୦) ପଏଣ୍ଟ ବୃଦ୍ଧି ଘଟି ୧୭,୭୩୭ (୧୭,୭୩୬.୯୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ଦଲାଲ ଷ୍ଟ୍ରିଟ୍‌ରେ ବ୍ୟାଙ୍କ, ଆଇଟି, ଏଫ୍‌ଏମ୍‌ସିଜି ଏବଂ ଅଟୋଶିଳ୍ପ ଓ ମେଟାଲ ଭଳି କ୍ଷେତ୍ରର ନିବେଶକଙ୍କ ପାଇଁ ବଜାର ଫଳାଫଳ ଭଲ ରହିଥିଲା। ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ପ୍ରଭାବ ଶେୟାର ବଜାରର କାରବାର ଉପରେ ପଡୁଛି।

# ଫୁଡ୍ ଷ୍ଟାର୍ଟଅପ୍‌କୁ ବଳ ଯୋଗାଉଛି ସ୍ୱିଗି

ଭୁବନେଶ୍ୱର,୨୭।୧୦

କୋଭିଡ୍ ପୂର୍ବରୁ ଅଳ୍ପ ବହୁତେ କାରବାର କରୁଥିବା ଫୁଡ୍ ଷ୍ଟାର୍ଟଅପ୍ (ରେଷ୍ଟୁରାଣ୍ଟ)ଗୁଡ଼ିକ କୋଭିଡ୍ ପରେ (ବର୍ତ୍ତମାନ) ଏକ ପ୍ରକାର ବନ୍ଦ ହୋଇଯାଉଛି। କାରଣ ବ୍ୟସ୍ତବହୁଳ ଜୀବନ ମଧ୍ୟରେ ହୋଟେଲ ଓ ରେଷ୍ଟୁରାଣ୍ଟକୁ ଯିବା ମଧ ଏକ ପ୍ରକାର କଷ୍ଟକର ବ୍ୟାପର ହୋଇପଡ଼ିଛି। ଫଳରେ ସବୁ ବର୍ଗର ଗ୍ରାହକ ଅନ୍‌ଲାଇନରେ ଖାଦ୍ୟ ମଗାଉଛନ୍ତି। ବିଶେଷକରି ଅନ୍‌ଲାଇନରେ ଖାଦ୍ୟ ମଗାଇବା ଯୋଗୁ ଅଫ୍‌ଲାଇନରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ କ୍ଷତିରେ ପଡ଼ିବା ସହ ବ୍ୟବସାୟ ବନ୍ଦ କରିବାକୁ ବାଧ୍ୟ ହେଉଥିଲେ। ହେଲେ ସେହିଭଳି ଫୁଡ୍ ଷ୍ଟାର୍ଟଅପ୍‌ଗୁଡ଼ିକୁ ପୁନର୍ବାର କାର୍ଯ୍ୟକ୍ଷମ କରାଇବା ଲାଗି ଅନ୍‌ଲାଇନ ଖାଦ୍ୟଯୋଗାଣକାରୀ ପ୍ଲାଟ୍‌ଫର୍ମ ସ୍ୱିଗି ବନ୍ଦ ପଡ଼ିଥିବା ଅଥବା ଆବଶ୍ୟକତା ଅନୁଯାୟୀ ବ୍ୟବସାୟ ହେଉ ନ ଥିବା ଫୁଡ୍ ଷ୍ଟାର୍ଟଅପ୍‌ଗୁଡ଼ିକୁ ବଳ ଯୋଗାଉଛି। ସେହିଭଳି ଆଜି ଛୋଟ ଛୋଟ ସହରଗୁଡ଼ିକ ଅନ୍‌ଲାଇନରେ ଖାଦ୍ୟ ଅର୍ଡର କରିବାର ଧାରା ସହ ମେଟ୍ରୋ ସହରଗୁଡ଼ିକ ସହିତ ଯୋଗ ଦେଇଛନ୍ତି। ବିଶେଷକରି ସ୍ୱିଗି ମାଧ୍ୟମରେ ସ୍ଥାନୀୟ ରେଷ୍ଟୁରାଣ୍ଟଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସୁଯୋଗ ତଥା କ୍ଷତିରେ ଚାଲୁଥିବା ବ୍ୟବସାୟକୁ ସମୃଦ୍ଧ କରିବାରେ ସ୍ୱିଗି ସହଯୋଗ କରୁଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଏକ ଆଇଟି କ୍ୟାମ୍ପସ ପରିସରରେ ଥିବା ଗରମ ମସଲା ନାମକ ଏକ ରେଷ୍ଟୁରାଣ୍ଟ କୌଣସି କାରଣବଶତଃ ବନ୍ଦ ହେବା ଉପରେ ଥିଲା। ହେଲେ ସ୍ୱିଗି ମାଧ୍ୟମରେ ପ୍ରତିଦିନ ୪ ଗୁଣା ଅର୍ଡର ପାଇବା ସହ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ମଧ କାରବାର ଜାରି ରଖିଛି। ଏ ସମ୍ପର୍କରେ ଗରମ ମସଲାର ମାଲିକ ଦେବଜାନି ସାହୁ କହିଛନ୍ତି, 'ସ୍ୱିଗି ଆମକୁ ଛୋଟ ଛୋଟ ଅର୍ଡର ଦେବାରେ ସାହାଯ୍ୟ କଲା। ଏପରିକି ଅନ୍‌ଲାଇନ ଭିଡ଼ର ଫାଇଦା ଅଫ୍‌ଲାଇନରେ ମଧ ଦେଖିବାକୁ ମିଳିଲା। କାରଣ ଅନ୍‌ଲାଇନ ଯୋଗୁ ରେଷ୍ଟୁରାଣ୍ଟରେ ଭିଡ଼ ବଢ଼ିବା ଫଳରେ ଅଫ୍‌ଲାଇନ ଗ୍ରାହକଙ୍କ ସଂଖ୍ୟା ମଧ ଧୀରେ ଧୀରେ ବୃଦ୍ଧି ପାଉଛି। ସେହିପରି ନିରାଶ ମଧ୍ୟରେ କାରବାର କରୁଥିବା ବେଳେ ସ୍ୱିଗି ସହଯୋଗ ଯୋଗାଇବାର ଭରସା ନିଶ୍ଚିତ କରିବାଠାରୁ ମେନୁ ମୂଲ୍ୟ ଓ ବିବରଣୀକୁ ଅପ୍‌ଡେଟ୍ କରିବା ସହିତ ପରିବେଷିତ ଖାଦ୍ୟର ଫଟୋଚିତ୍ର ଆମକୁ ଅଧିକ ଲୋକପ୍ରିୟ କରିବାରେ ଲାଗିଲା।

# ମୁଥୁଟ୍ ଗ୍ରୁପ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମ




ନୂଆଦିଲ୍ଲୀ,୨୭।୧୦

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମୁଥୁଟ୍ ଗ୍ରୁପ୍‌ର ସହଯୋଗୀ ସଂସ୍ଥା 'ମୁଥୁଟ୍ ଫାଇନାନ୍ସ'ର ନୂତନ କର୍ପୋରେଟ କାର୍ଯ୍ୟାଳୟ 'ଏମ୍.ଜି.ଜର୍ଜ ମୁଥୁଟ୍ ଟାୱାର-୨' ନୂଆଦିଲ୍ଲୀର ଅଲକାନନ୍ଦାଠାରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି.ମୁରଲୀଧରନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ପୋଲିସ କମିଶନର ରବିନ ହାଇବୁ, ମୁଥୁଟ ଗ୍ରୁପ୍‌ର ଅଧ୍ୟକ୍ଷ ଜର୍ଜ ଜ୍ୟାକବ ମୁଥୁଟ, ଏମ୍‌ଡି ଜର୍ଜ ଆଲେକଜାଣ୍ଡର ମୁଥୁଟ୍ , ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଜର୍ଜ ଥୋମାସ ମୁଥୁଟ୍ ଏବଂ ଆଲେକ୍‌ଜାଣ୍ଡର ଜର୍ଜ ମୁଥୁଟ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଗ୍ରୁପ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଜାରି ରହିଥିବା ପ୍ରୋଜେକ୍ଟ ଆସିଆନା ସମ୍ପର୍କରେ ମଧ ଏକ ବଡ ଘୋଷଣା କରାଯାଇଛି। ଏପରିକି ସିଏସ୍‌ଆର୍ ଅଧୀନରେ ଶେଷ ହୋଇଥିବା ୨୦ଟି ମୁଥୁଟ୍ ଆସିଆନା ଘର ହରିୟାଣାର ରେୱାରିସ୍ଥିତ ଘାଟଲ ମହାନିୱାସର ଅବହେଳିତ ଓ ଅସହାୟ ଲୋକଙ୍କୁ ଯୋଗାଇ ଦିଆଯାଇଛି। ବିଶେଷକରି ପ୍ରୋଜେକ୍ଟ ଆସିଆନା ଅଧୀନରେ ୨୦୦ରୁ ଅଧିକ ଘର ମଧ ନିର୍ମାଣ ହୋଇସାରିଛି।

ଏ ସମ୍ପର୍କରେ ମୁଥୁଟ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଜର୍ଜ ଯାକବ ମୁଥୁଟ୍ କହିଛନ୍ତି, କମ୍ପାନୀର ସମ୍ପ୍ରସାରଣ ଯୋଜନା ଅନ୍ତର୍ଗତରେ ଏଭଳି ଏକ ଅତ୍ୟାଧୁନିକ ୫ମହଲା ବିଶିଷ୍ଟ କାର୍ଯ୍ୟାଳୟର ଉଦ୍‌ଘାଟନ କରାଯାଇଛି। ଷ୍ଟେଟ ଅଫ୍ ଆର୍ଟ ସୁବିଧା ଏବଂ ଗ୍ରୀନ୍ ଗ୍ଲାସ୍ ଭିତ୍ତିଭୂମି ମଧ୍ୟରେ ଏଥିରେ ସାମିଲ ରହିଛି। ସେହିପରି ମୁଥୁଟ୍ ଆସିଆନା ପ୍ରକଳ୍ପ ହେଉଛି ଗ୍ରୁପ୍‌ର ଏକ ଉତ୍ତମ ପଦକ୍ଷେପ,ଯାହା ଆମ ହୃଦୟର ଅତି ନିକଟତର ପ୍ରକଳ୍ପ ଭାବେ ପରିଗଣିତ ହୋଇଛି। ସେହିଭଳି ଦେଶରେ ଆମ ଗ୍ରୁପ୍‌ର ଉତ୍ତର,ପୂର୍ବ ଏବଂ ପଶ୍ଚିମ ଭାରତ ଦ୍ୱାରା ପ୍ରଦର୍ଶିତ ତ୍ୱରିତ ଅଭିବୃଦ୍ଧି ପାଇଁ ମଧ ଆମେ ବେଶ୍ ଗର୍ବିତ।

# ସଚେତନତାରୁ ସୁସ୍ଥ ହେବେ ସ୍ତନକର୍କଟ ରୋଗୀ




ଭୁବନେଶ୍ୱର,୨୭।୧୦

ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ କଟକ ପକ୍ଷରୁ ସ୍ତନ କର୍କଟ ସଚେତନତା ମାସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପକ୍ଷରୁ ଭଦ୍ରକଠାରେ ଏକ ୱାକାଥନ ଏବଂ ମାଗଣା ସ୍ତନ କର୍କଟ ପରୀକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ବିଶେଷକରି ଆରୋଗ୍ୟମ ରାଜୀବ ମେଡିକେୟାର ଭଦ୍ରକ, ଭଦ୍ରକ ମହିଳା ମହାବିଦ୍ୟାଳୟ,ଭଦ୍ରକ ସରକାରୀ କଲେଜ ଏବଂ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲ ସହ ସହଭାଗିତାରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚଳିତ ବର୍ଷ ସ୍ତନ କର୍କଟ ସଚେତନତା ମାସ ପାଳନର ବିଷୟବସ୍ତୁ-'ଲଜ୍ଜାକୁ ନା କୁହନ୍ତୁ'କୁ ମନ ମଧ୍ୟରେ ରଖି ଭଦ୍ରକ କଚେରି ରୋଡ୍‌ଠାରୁ ସହିଦ ଭବନ ପର୍ଯ୍ୟନ୍ତ ପୂର୍ବାହ୍ନ ୮ଟାରେ ୱାକାଥନ ଆୟୋଜନ କରାଯାଇଥିଲା। ୱାକାଥନ ପରେ ରାଜୀବ ମେଡିକେୟାରଠାରେ ଏକଦିବସୀୟ ମାଗଣା ସ୍ତନକର୍କଟ ଯାଞ୍ଚ ଶିବିରର ମଧ ଆୟୋଜନ କରାଯାଇଥିଲା। ସ୍ତନକର୍କଟ ପରୀକ୍ଷଣର ଗୁରୁତ୍ୱ, ଭ୍ରାନ୍ତଧାରଣା ଦୂରକରିବା ଏବଂ ଆବଶ୍ୟକସ୍ଥଳେ ଡାକ୍ତରୀ ସହାୟତା ଲୋଡ଼ିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଚରମ୍ପା ରେଳଷ୍ଟେଶନ, ଆଇ ଲଭ୍ ଭଦ୍ରକ ସେଲ୍‌ଫି ଜୋନ୍ ଏବଂ ସହିଦ ସ୍ମୃତି ଭବନ, ଭଦ୍ରକକୁ ଗୋଲାପି ରଙ୍ଗର ଆଲୋକରେ ସୁସଜ୍ଜିତ କରାଯାଇଥିଲା। ସ୍ତନ କର୍କଟ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ବନ୍ତ ଛକ, ଭଦ୍ରକ ଏବଂ ଆଇ ଲଭ୍ ଭଦ୍ରକ ସେଲ୍‌ଫି ଜୋନ୍‌ଠାରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା।

ଏ ସମ୍ପର୍କରେ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ସିନିୟର ରେଡିଏସନ ଅଙ୍କୋଲୋଜିଷ୍ଟ ଡା. ରଞ୍ଜିତ କର କହିଥିଲେ, ସ୍ତନ କର୍କଟ ଭାରତରେ ସର୍ବାଧିକ ପରିଲକ୍ଷିତ ହେଉଥିବା କର୍କଟ ରୋଗ ମଧ୍ୟରେ ଅନ୍ୟତମ। ବିଶେଷକରି ସ୍ତନ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପରିପ୍ରେକ୍ଷୀର ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଉକ୍ତ କାର୍ଯ୍ୟକ୍ରମ ପୂର୍ବରୁ ଭଦ୍ରକରେ ୨ଦିନ ଧରି ଏକ ଭ୍ୟାନ୍ ପରିକ୍ରମା କରିବା ସହ ସ୍ତନ କର୍କଟ ସମ୍ପର୍କିତ ସାମାଜିକ ଭ୍ରାନ୍ତଧାରଣା ଦୂରପାଇଁ ସଚେତନତାର ବାର୍ତ୍ତା ପ୍ରଚାର ଓ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୧୮।୧୦।୨୦୨୨
ସନ୍ଦୀପ କୁମାର ମହାନ୍ତି
ସମସ୍ତଙ୍କୁ ପରକରି ଶେଷ ନିଃଶ୍ୱାସ ନେଇ ଚାଲିଗଲେ ଆରପାରିକୁ। ସୃଷ୍ଟି ହେଲା ବିରାଟ ଶୂନ୍ୟସ୍ଥାନ। ଯାହା ଭରଣା ହେବା କଷ୍ଟ। ବନ୍ଧୁ ପରିଜନ, ସାଙ୍ଗସାଥୀ, ପୁଅ, ଝିଅ ଉପସ୍ଥିତ... ଜଗନ୍ନାଥଙ୍କ ପାଖରେ ଆମେ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ସଦ୍‌ଗତି ହେଉ।
ଧ-୧୮୬୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଉମାବତୀ ତ୍ରିପାଠୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ପୁଅ କଲ୍‌ଦି ତୋ ବାପା ପାଖକୁ ନେଇଯା କାର୍ତ୍ତିକ ମାସରେ ସତକୁ ସତ ବୋଉତୁ ଚାଲିଗଲୁ, କାର୍ତ୍ତିକ ମାସରେ
ଆବିର୍ଭାବ: ୧୯୩୬ (ଅଳାଁ ନବମୀ)
ତିରୋଧାନ: ୧୮।୧୦।୨୦୨୨
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ, ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ପୁତ୍ର: ଲକ୍ଷ୍ମୀନାରାୟଣ, ରବି ନାରାୟଣ ଓ ସମସ୍ତ ଜ୍ୱାଇଁ: ବିଜୟ, ସୁନୀଲ, ଆଦିତ୍ୟ, ସୁରେଶ, ବସନ୍ତ, ଝିଅ: ରୁନୁ, ଝୁନୁ, ଲକ୍ଷ୍ମୀ, ସୁରୁ ଓ ଇତି, ନାତି ଓ ନାତୁଣୀ: ନିତୁ, ସୋନି, ରୋନି, ମିତୁ, ରିତୁ, ଲିଜା, ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୨୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



୰ ସରସ୍ୱତୀ ସିଂହ
ଓଟିଏମ୍ କଲୋନୀ, ଚୌଦ୍ୱାର
ତିରୋଧାନ - ୧୮ /୧୦/୨୦୨୨
ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମର ପୁରକୁ ଗ୍ଲଲିଗଲ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ, କର୍ତ୍ତବ୍ୟ ନିଷ୍ଠା ଆମର ସର୍ବଦା ପାଥେୟ ହେଉ । ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
ତୁମର ଶୋକସନ୍ତପ୍ତ :
ସ୍ୱାମୀ, ପୁତ୍ର/ପୁତ୍ରବଧୂ
ଝିଅ/ଜ୍ୱାଇଁ, ନାତି/ନାତୁଣୀ
ଓ ବନ୍ଧୁ ଏବଂ ଆତ୍ମୀୟସ୍ୱଜନ ।
ଧ-୧୮୫୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଡା. ବିପ୍ର ଚରଣ ନାୟକ
୦୪.୦୮.୧୯୩୮ - ୦୮.୧୧.୨୦୨୧
ବାପା, ଆଜକୁ ଠିକ୍ ଏକ ବର୍ଷ ହେଲା ଆପଣ ଆମକୁ ଚିରଦିନ ପାଇଁ ଛାଡ଼ି ଦିବ୍ୟଧାମକୁ ଚାଲିଗଲେ। ସୃଷ୍ଟିର ଏହି ନିଷ୍ଠୁର ସତ୍ୟ ଆମ୍ଭମାନଙ୍କୁ ବାକ୍‌ଶୂନ୍ୟ କରି ଦେଇଛି। ସୃଷ୍ଟିର ଏହି ନିୟମ ଅଲଘଂନୀୟ ତଥାପି ଏ ଅବୁଝାମନ ବୁଝୁନି। ଆପଣଙ୍କ ଅପ୍ରତ୍ୟାଶିତ ବିୟୋଗରେ ଆମ୍ଭମାନଙ୍କ ଜୀବନରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଓ କ୍ଷତ ରହିଯାଇଛି ଏବଂ ରହିବ। ଆପଣଙ୍କର ଅହେତୁକ ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ, ଅସୀମ ଧୈର୍ଯ୍ୟ ସହନଶୀଳତା, ସ୍ୱାଭିମାନ, ପ୍ରେରଣା ଓ ମାର୍ଗଦର୍ଶନ ଆମପାଇଁ ଚିରପାଥେୟ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭମାନଙ୍କର ଶୋକ ସନ୍ତପ୍ତ ଓ ଅଶ୍ରୁପୂର୍ଣ୍ଣ ପ୍ରାର୍ଥନା ଅନାଦି ଅନନ୍ତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ସମର୍ପଣ କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ ଓ ବନ୍ଧୁବାନ୍ଧବ
ଧ-୭୩୮୭

# ଏସୀୟ ମହିଳା କ୍ରିକେଟ୍‌ରେ ଭାରତର ଆଧିପତ୍ୟ



ନିର୍ମଳ କୁମାର ମିଶ୍ର



ଅନ୍ତର୍ଜାତୀୟ ଦୃଶ୍ୟପଟରେ ମହିଳା କ୍ରିକେଟର ଗୁରୁତ୍ୱ ବଢ଼ିଛି। ସେହି ଅନୁସାରେ ଦେଖିବାକୁ ଗଲେ ଭାରତରେ ମଧ୍ୟ ମହିଳା କ୍ରିକେଟ ବହୁ ଆଗକୁ ବଢ଼ିଛି। ମହିଳା ଏସିଆ କପ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛି ଭାରତ। ଏ ପର୍ଯ୍ୟନ୍ତ ଖେଳାଯାଇଥିବା ୮ଟି ସଂସ୍କରଣ ମଧ୍ୟରୁ ୭ ଥର ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି। ଏକଦା ମହିଳା କ୍ରିକେଟର ଆଦୌ ଗୁରୁତ୍ୱ ନ ଥିବା ବେଳେ ଗତ କିଛି ବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଏବଂ ବିଭିନ୍ନ ଦେଶର କ୍ରିକେଟ ବୋର୍ଡମାନେ ଏହାକୁ ପ୍ରାଧାନ୍ୟ ଦେବାରୁ ଅନେକ ଖ୍ୟାତିସମ୍ପନ୍ନ ଖେଳାଳି ସୃଷ୍ଟି ହୋଇ ପାରିଛନ୍ତି। ବିଭିନ୍ନ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ ଆରମ୍ଭ ହୋଇଛି। ଏହା ସହିତ କ୍ରିକେଟର ୩ଟି ଫର୍ମାଟରେ ମଧ୍ୟ ପ୍ରତିଯୋଗିତା ହେଉଛି। ମହିଳାମାନେ ପ୍ରତିଯୋଗିତା ଗୁଡ଼ିକରେ ଚୟନକର୍ତ୍ତା, ଭାଷ୍ୟକାର, ମ୍ୟାଚ ରେଫରି ଏବଂ ଅମ୍ପାୟରର ଦାୟିତ୍ୱ ମଧ୍ୟ ସଫଳତାର ସହ ନିର୍ବାହ କରୁଥିବାର ଦେଖାଯାଉଛି। ଯାହାକି କ୍ରିକେଟ ପରି ଏକ ଲୋକପ୍ରିୟ ଖେଳର ଗୁରୁତ୍ୱ ବଢାଇଛି।

ଏସିଆନ କାଉନସିଲ୍ ଅଫ୍ କ୍ରିକେଟ ଫର ଓମେନ୍ସ ଆନୁକୂଲ୍ୟରେ ପ୍ରତି ୨ବର୍ଷରେ ମହିଳା ଏସିଆ କପ୍ ଆୟୋଜନ ହେଉଛି। ଏଥିପାଇଁ ଆଇସିସି ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ କରୁଛି। ୨୦୦୪ରୁ ଆରମ୍ଭ ହୋଇଥିବା ମହିଳା ଏସିଆ କପ୍‌ର ପ୍ରଥମ ୪ଟି ସଂସ୍କରଣ ଏକଦିବସୀୟ ଫର୍ମାଟରେ ଖେଳାଯାଇଥିବା ବେଳେ ୨୦୧୨ରୁ ଏହା ଟି୨୦ ଫର୍ମାଟରେ ଅନୁଷ୍ଠିତ ହେଉଛି। ୨୦୦୪ରେ ପ୍ରଥମ ସଂସ୍କରଣ ଶ୍ରୀଲଙ୍କାଠାରେ ଖେଳାଯାଇଥିଲା। ଏଥିରେ ୨ଟି ଦଳ ଭାରତ ଓ ଶ୍ରୀଲଙ୍କା ଅଂଶ ଗ୍ରହଣ କରିଥିଲେ। ୫ ମ୍ୟାଚ ବିଶିଷ୍ଟ ଏକଦିବସୀୟକୁ ଭାରତୀୟ ଦଳ ୫-୦ରେ ଜିତିଥିଲା। ୨୦୦୬ରେ ଏହା ପାକିସ୍ତାନରେ ଆୟୋଜିତ ହୋଇଥିଲା। ଭାରତ ସହିତ ଶ୍ରୀଲଙ୍କା ଏବଂ ପାକିସ୍ତାନ ଏଥିରେ ଯୋଗ ଦେଇଥିଲେ। ଫାଇନାଲରେ ଶ୍ରୀଲଙ୍କାକୁ ୯୭ ରନ୍‌ରେ ହରାଇ ଭାରତ ୨ୟଥର ପାଇଁ ଚାମ୍ପିୟନ ହୋଇଥିଲା। ୨୦୦୬ରେ ଭାରତରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ଫାଇନାଲରେ ଭାରତଠାରୁ ୮ ଉଇକେଟରେ ପରାସ୍ତ ହୋଇଥିଲା। ୨୦୦୮ରେ ଶ୍ରୀଲଙ୍କାକୁ ବିଶାଳ ରନ୍ ବ୍ୟବଧାନରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା।

୨୦୧୨ଠାରୁ ଏହା ଟି୨୦ ଫର୍ମାଟକୁ ପରିବର୍ତ୍ତିତ ହୋଇଥିଲା। ୨୦୧୨ରେ ଚାଇନା ଏହାର ଆୟୋଜକ ହୋଇଥିଲା ଏବଂ ଭାରତ ଫାଇନାଲରେ ପାକିସ୍ତାନକୁ ୧୯ ରନ୍‌ରେ ହରାଇ ଟାଇଟଲ ବଜାୟ ରଖିଥିଲା। ୨୦୧୬ରେ ଥାଇଲାଣ୍ଡ ଏହାର ଆୟୋଜକ ହୋଇଥିଲା ସେଠାରେ ମଧ୍ୟ ଭାରତ ଫାଇନାଲରେ ପାକିସ୍ତାନକୁ ୧୭ ରନ୍‌ରେ ପରାସ୍ତ କରିଥିଲା। ମାତ୍ର ୨୦୧୮ରେ ମାଲେସିଆରେ ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ବାଂଲାଦେଶ ୩ ଉଇକେଟରେ ବିଜୟୀ ହୋଇ ଭାରତର ବିଜୟ ଧାରାରେ ପ୍ରତିବନ୍ଧକ ଲଗାଇଥିଲା। କୋଭିଡ ପାଇଁ ୨ ବର୍ଷ ପ୍ରତିଯୋଗିତାର ଆୟୋଜନରେ ବ୍ରେକ୍ ଲାଗିଥିବାବେଳେ ୨୦୨୨ରେ ବାଂଲାଦେଶଠାରେ ଖେଳାଯାଇଥିବା ଟୁର୍ନାମେଣ୍ଟର ଫାଇନାଲରେ ଭାରତ ଶ୍ରୀଲଙ୍କାକୁ ୮ ଉଇକେଟରେ ପରାସ୍ତ କରି ପୁଣି ଟ୍ରଫି ମଣ୍ଡନ ଧାରାକୁ ଫେରିଛି।

**ଏସିଆ କପ୍ ମହିଳା କ୍ରିକେଟର ଅଷ୍ଟମ ସଂସ୍କରଣ ନିକଟରେ ବାଂଲାଦେଶରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ଭାରତ ସପ୍ତମ ଥରପାଇଁ ଚାମ୍ପିୟନ ହୋଇଛି। ଏସୀୟ କ୍ରିକେଟରେ ଭାରତୀୟ ମହିଳା ଦଳର ଆଧିପତ୍ୟ ଅବ୍ୟାହତ ରହିଥିବା ଏଥିରୁ ପ୍ରମାଣ ମିଳିଛି...**

ଟୁର୍ନାମେଣ୍ଟର ଗତ ସଂସ୍କରଣରେ ମୋଟ ୭ଟି ଦେଶ ଯୋଗ ଦେଇଥିବା ବେଳେ ୨୪ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ଭାରତ ସହିତ ଆୟୋଜକ ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ୟୁଏଇ, ଥାଇଲାଣ୍ଡ ଏବଂ ମାଲେସିଆ ଯୋଗଦେଇଥିଲେ। ଭାରତୀୟ ମହିଳା ଦଳ ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ୪୫ ରନ୍‌ରେ ହରାଇଥିବା ବେଳେ ୨ୟ ମ୍ୟାଚରେ ମାଲେସିଆକୁ ଡିଏଲ ପଦ୍ଧତିରେ ୩୦ ରନ୍‌ରେ ପରାସ୍ତ କରିଥିଲା। ୩ୟ ମ୍ୟାଚରେ ୟୁଏଇକୁ ୧୦୪ରନ୍‌ରେ ହରାଇଥିଲେ ହେଁ ପରବର୍ତ୍ତୀ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦୀ ପାକିସ୍ତାନଠାରୁ ୧୩ରନ୍‌ରେ ହାରି ଯାଇଥିଲା। ତେବେ ୫ମ ମ୍ୟାଚରେ ବାଂଲାଦେଶକୁ ୫୯ ରନ୍‌ରେ ଏବଂ ୬ଷ୍ଠ ମ୍ୟାଚରେ ଥାଇଲାଣ୍ଡକୁ ୯ ଉଇକେଟରେ ହରାଇ ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା।

ଭାରତ ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟରେ ମୋଟ ୬ଟି ମ୍ୟାଚ ଖେଳି ୫ ବିଜୟ, ୧ ପରାଜୟ ସହ ୧୦ ପଏଣ୍ଟ ପାଇଥିଲା। ପାକିସ୍ତାନ ୧୦ ପଏଣ୍ଟ ସହ ୨ୟ, ଶ୍ରୀଲଙ୍କା ୮ ପଏଣ୍ଟ ସହ ୩ୟ ଏବଂ ଥାଇଲାଣ୍ଡ ୬ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଥିଲା। ପ୍ରଥମ ସେମିଫାଇନାଲରେ ଭାରତ ୭୪ ରନ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଥିବା ବେଳେ ରୋମାଞ୍ଚକର ୨ୟ ସେମିରେ ଶ୍ରୀଲଙ୍କା ମାତ୍ର ୧ ରନରେ ପାକିସ୍ତାନକୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ମାତ୍ର ଫାଇନାଲରେ ଭାରତ ଶୋଚନୀୟ ଭାବେ ଶ୍ରୀଲଙ୍କାକୁ ହରାଇ ବିଜୟ ମୁକୁଟ ପିନ୍ଧିଥିଲା। ଚାମ୍ପିୟନ ଭାରତୀୟ ଦଳ ଟ୍ରଫି ସହ ପୁରସ୍କାର ଆକାରରେ ୧୬ଲକ୍ଷ ୪୮ହଜାର ଟଙ୍କା ପାଇଥିଲା। ଶ୍ରୀଲଙ୍କା ୧୦ଲକ୍ଷ ୩୦ହଜାର ଟଙ୍କା ସହ ରନର ଅପ୍ ପୁରସ୍କାର ପାଇଥିଲା।

ଭାରତ ପକ୍ଷରୁ ଜେମିମା ରୋଡ୍ରିଗ୍ସେଜ ଟୁର୍ନାମେଣ୍ଟରେ ସର୍ବାଧିକ ୨୧୭ ରନ୍ ସ୍କୋର କରିଥିଲେ। ବ୍ୟକ୍ତିଗତ ସର୍ବାଧିକ ସ୍କୋର ଶ୍ରୀଲଙ୍କାର ହର୍ଷିତା ମାଧବୀ (୮୧ରନ୍)ଙ୍କ ନାମରେ ରହିଥିଲା। ରୋଡ୍ରିଗ୍ସେଜ ସର୍ବାଧିକ ୨ଟି ଅର୍ଦ୍ଧଶତକ ହାସଲ କରିଥିବାବେଳେ ଶେଫାଳୀ ବର୍ମା ସର୍ବାଧିକ ୬ଟି ଛକା ମାରିଥିଲେ। ଭାରତୀୟ ବୋଲର ଦୀପ୍ତି ଶର୍ମା ଏବଂ ଶ୍ରୀଲଙ୍କାର ଇନୋକା ରାନାୱିରା ୧୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଗୋଟିଏ ଇନିଂସରେ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ ପାକିସ୍ତାନର ଓମାଇମା ସୋହେଲ (୫/୧୩)।

ଅନ୍ୟ ପକ୍ଷରେ ଦେଖିବାକୁ ହେଲେ ଓଡ଼ିଶା ମହିଳା ସିନିୟର କ୍ରିକେଟ ଦଳ ଗତ କିଛି ବର୍ଷ ହେବ ବିସିସିଆଇ ଦ୍ୱାରା ଆୟୋଜିତ ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରୁଥିଲେ ମଧ୍ୟ ଜାତୀୟ ଦଳରେ ସ୍ଥାନ ପାଇବା ପାଇଁ ତାହା ପର୍ଯ୍ୟାପ୍ତ ହୋଇନାହିଁ। ଓଡ଼ିଶା ଦଳରେ ଅନେକ ଖ୍ୟାତି ସମ୍ପନ୍ନ ଏବଂ ପ୍ରତିଭାବାନ ମହିଳା ଖେଳାଳି ଅଛନ୍ତି। ସେମାନଙ୍କ ମଧ୍ୟରେ ମାଧୁରୀ ମେହେଟା, ସରିତା ମେହେର, ମଧୁସ୍ମିତା ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ବନଲତା ମଲିକ, ସୁଜାତା ମଲିକ, ସୁଶ୍ରୀ ଦିବ୍ୟଦର୍ଶିନୀ, କାଜଲ ଜେନା, ରୋଶନାରା ପରବିନ ଅନ୍ୟତମ। ଗତ କିଛି ବର୍ଷ ହେବ ଓଡ଼ିଶା କ୍ରିକେଟ ଆସୋସିଏଶନ ମହିଳା କ୍ରିକେଟକୁ ବେଶ୍ ଗୁରୁତ୍ୱ ଦେଉଛି। ବଛାବଛା ଖେଳାଳିଙ୍କୁ ନେଇ ଓଡ଼ିଶା ଓମେନ୍ସ ପ୍ରିମିୟର ଲିଗ୍ ଆୟୋଜନ କରୁଛି। ଏଥିରୁ ଭଲ ଖେଳାଳି ମଧ୍ୟ ସୃଷ୍ଟି ହୋଇଛନ୍ତି। ଇତି ମଧ୍ୟରେ ଓଡ଼ିଶା ଟି୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ସରିଛି। ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁଶ୍ରୀ ପ୍ରିୟଦର୍ଶିନୀ, ସରିତା ମେହର, ମାଧୁରୀ ମେହେଟା ପ୍ରମୁଖ ଘରୋଇ ସିଜନ୍‌ରେ ଭଲ ପ୍ରଦର୍ଶନ କରି ସୁଯୋଗ ଅପେକ୍ଷାରେ ରହିଛନ୍ତି।

# ଅଜାତଶତ୍ରୁ ରୋଜର ବିନ୍ନି

ବିଶ୍ୱର ଧନଶାଳୀ କ୍ରିକେଟ ବୋର୍ଡ ବିସିସିଆଇ। ବିଶ୍ୱର ସବୁଠାରୁ ପ୍ରଭାବଶାଳୀ କ୍ରିକେଟ ବୋର୍ଡ ଅନେକାଂଶରେ କ୍ରିକେଟ ସମ୍ପର୍କିତ ସମସ୍ତ ନିଷ୍ପତ୍ତିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିୟନ୍ତ୍ରଣ ମଧ୍ୟ କରିଥାଏ। କିଏ ଏହାର ମୁଖ୍ୟ ହେବ ତା ଉପରେ ସମଗ୍ର ବିଶ୍ୱର ନଜର ରହିଥାଏ। ଏହା ମଧ୍ୟରେ ସିସିଆଇର ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି ୬୭ ବର୍ଷୀୟ ରୋଜର ବିନ୍ନି। କେବଳ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ନୁହନ୍ତି ବରଂ ଜଣେ ଭଦ୍ର କ୍ରିକେଟର ଯାହାଙ୍କ ବ୍ୟକ୍ତିତ୍ୱ ପଡିଆ ଭିତରେ ଓ ବାହାରେ ସର୍ବଦା ନିର୍ବିବାଦୀୟ। ୮୦ଦଶକରେ ଯଦି ବିସିସିଆଇ ପକ୍ଷରୁ ଜେଣ୍ଟଲମ୍ୟାନ କ୍ରିକେଟର ଭାବରେ ଏକ ପୁରସ୍କାର ପ୍ରଦାନ କରାଯାଇଥାନ୍ତା ତେବେ ରୋଜର ମାଇକେଲ ହମ୍ଫ୍ରେ ବିନ୍ନି ନିଶ୍ଚୟ ଏହି ପୁରସ୍କାର ହାସଲ କରିଥାନ୍ତେ। ନିର୍ବିବାଦୀୟ ବ୍ୟକ୍ତିତ୍ୱ ରଖିଥିବା ଏହି ମିଷ୍ଟଭାଷୀ କ୍ରିକେଟରଙ୍କୁ ଅଜାତଶତ୍ରୁ ବୋଲି ମଧ୍ୟ କୁହାଯାଇଥାଏ। କର୍ଣ୍ଣାଟକ ଦଳରେ ଗୁଣ୍ଡାପ୍ପା ବିଶ୍ୱନାଥ, ଏରାପଲ୍ଲୀ ପ୍ରସନ୍ନା, ସୟଦ କିରମାନୀ, ବ୍ରିଜେଶ ପଟେଲ ଓ ଏଭି ଜୟପ୍ରକାଶଙ୍କ ସହିତ ସେ ବନ୍ଧୁ ରହିଥିଲେ। ସ୍କଟିଶ ମୂଳ ବାସିନ୍ଦା ରୋଜର ଜଣେ ଆଙ୍ଗ୍ଲୋ ଇଣ୍ଡିଆନ୍। କର୍ଣ୍ଣାଟକ ପାଇଁ ରଣଜୀ ଖେଳିବା ସହିତ ଜାତୀୟ ଦଳ ପାଇଁ ୨୭ ଟେଷ୍ଟ ଓ ୭୨ଟି ଦିନିକିଆ ଖେଳିଛନ୍ତି। ୨୧ ନଭେମ୍ବର ୧୯୭୯ରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ଓ ୬ ଡିସେମ୍ବର ୧୯୮୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ। ସଂଯୋଗ ବଶତଃ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ କ୍ରିକେଟ ଷ୍ଟାଡିୟମରେ ବିନ୍ନି ନିଜ କ୍ୟାରିୟରର ପ୍ରଥମ ଓ ଅନ୍ତିମ ଟେଷ୍ଟ ମ୍ୟାଚ ଖେଳିଥିଲେ। ୧୯୮୩ ବିଶ୍ୱକପ ଦଳର କପିଲ ଦେବ ଦଳର ଷ୍ଟ୍ରାଇକ ବୋଲର ରହିଥିବା ବେଳେ ପ୍ରାୟ୭-୮ ବର୍ଷ ଧରି ମଦନ ଲାଲ ଓ ବିନ୍ନି ସହଯୋଗୀ ବୋଲର ରହିଥିଲେ। ଅନ୍ୟ ସାଥୀ ଖେଳାଳିଙ୍କ ପରି ବିନ୍ନି କେବେ ଗର୍ବ କରନ୍ତି ନାହିଁ। ତାଙ୍କର ସରଳତା ହିଁ ତାଙ୍କୁ ପ୍ରସିଦ୍ଧି ଆଣି ଦେଇଥିଲା। ୬ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳକାୟ ଶରୀରର ଅଧିକାରୀ ବିନ୍ନି ନିଜ ସୁଇଙ୍ଗ ବୋଲିଂ ପାଇଁ ପ୍ରସିଦ୍ଧ। ଇଂଲଣ୍ଡରେ ଦର୍ଶକ ମାନେ ମଜାରେ ତାଙ୍କୁ ଜ୍ୟାକ ଫ୍ରୁଟ(ପଣସ) ବୋଲି ମଧ୍ୟ ଡାକିଥାନ୍ତି। ୧୯୮୬ ହେଡିଂଲି ଟେଷ୍ଟରେ ଦିଲ୍ଲୀପ ଭେଙ୍ଗସରକାରଙ୍କ ଶତକ ସମସ୍ତଙ୍କ ମନେଥିବା ବେଳେ ଏହି ଟେଷ୍ଟରେ ବିନ୍ନିଙ୍କ ଅବଦାନ ମଧ୍ୟ କିଛି କମ୍ ନଥିଲା। କର୍ଣ୍ଣାଟକ ପାଇଁ ଓପନ କରୁଥିବା ତଥା ସଞ୍ଜୟ ଦେଶାଇଙ୍କ ସହିତ ୧୯୭୭-୭୮ ସିଜନରେ ୪୫୧ ରନର ଓପନିଙ୍ଗ ଭାଗୀଦାରିର ରେକର୍ଡ ବିନ୍ନିଙ୍କ ନାମରେ ଥିବା ବେଳେ ଭାରତୀୟ ଦଳରେ ତାଙ୍କୁ ୮ ଓ ୯ ନମ୍ବରରେ ସୁଯୋଗ ମିଳୁଥିଲା। ତାରକା ଖଚିତ ଟପ୍ ଓ ମିଡିଲ ଅର୍ଡରରେ ବିନ୍ନିଙ୍କୁ ନିମ୍ନକ୍ରମରେ ବ୍ୟାଟିଂ ମିଳୁଥିଲା। ତାଙ୍କ ବୋଲିଂରେ ପେସ୍‌ର ଅଭାବ ଓ ଉପ ମହାଦେଶର ଟର୍ନିଙ୍ଗ ଟ୍ରାକ୍ କାରଣରୁ ବିନ୍ନିଙ୍କ ଟେଷ୍ଟ ରେକର୍ଡ ଏତେ ଭଲ ନ ଥିଲା। ୨୭ ଟେଷ୍ଟରୁ ସେ ମାତ୍ର ୪୭ ଉଇକେଟ ନେବାରେ ସମର୍ଥ ହୋଇଥିଲେ। ଇଡେନ୍ ଗାର୍ଡେନ୍ସରେ ପାକିସ୍ତାନ ବିପକ୍ଷରେ ୬/୫୬ର କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିଥିଲେ ବିନ୍ନି। ତେବେ ଅନେକଙ୍କୁ ଜଣା ନ ଥିବ ଏହି ସୁନୀଲ ଗାଭାସ୍କରଙ୍କ ସହିତ ସେ ନିଜର ଅନ୍ତିମ ଟେଷ୍ଟ ଖେଳିଥିଲେ। ଟର୍ନିଂ ଟ୍ରାକରେ ଗାଭାସ୍କରଙ୍କ ୯୬ ରନ୍ କ୍ରିକେଟ ଜଗତରେ ଆଲୋଡନ ଖେଳାଇ ଦେଇଥିବା ବେଳେ ବିନ୍ନିଙ୍କୁ ଏହି ମ୍ୟାଚରେ ମାତ୍ର ୩ ଓଭର ବୋଲିଂର ସୁଯୋଗ ମିଳିଥିଲା। ଗାଭାସ୍କର ଅବସର ଘୋଷଣା କରିଥିବା ବେଳେ ବିନ୍ନିଙ୍କୁ ଏହି ମ୍ୟାଚ ପରେ ଭାରତୀୟ ଦଳରୁ ବାଦ୍ ଦିଆଯାଇଥିଲା। ଟେଷ୍ଟରେ ଏତେଟା ସଫଳତା ମିଳି ନଥିଲେ ହେଁ ଦିନିକିଆ ଏବଂ ଆଇସିସି ଟୁର୍ନାମେଣ୍ଟ ଗୁଡିକରେ ବିନ୍ନିଙ୍କ ରେକର୍ଡ ବେଶ ସ୍ୱତନ୍ତ୍ର। ପ୍ରଥମ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହିଥିବା ବିନ୍ନି ୧୯୮୩ରେ ୧୮ ଉଇକେଟ ସହ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ରହିଥିଲେ। ଏହ ବ୍ୟତୀତ ଅଷ୍ଟ୍ରେଲିଆରେ ଖେଳା ଯାଇଥିବା ୧୯୮୫ରେ ୱାର୍ଲ୍ଡ ସିରିଜ କ୍ରିକେଟ ଚାମ୍ପିୟନଶିପରେ ମଧ୍ୟ ୧୭ ଉଇକେଟ ହାସଲ କରିଥିଲେ। ବିନ୍ନ ବଲ୍ ସୁଇଁ କରିବାରେ ମାହିର ଥିବା ବେଳେ ବିଦେଶୀ ପିଚରେ ତାଙ୍କୁ ମିଳୁଥିଲା ଅପାର ସଫଳତା। ତେବେ ସେ ସମୟର ଫ୍ଲାଟ ଭାରତୀୟ ଟ୍ରାକରେ ଏହି କିମ୍ବଦନ୍ତୀ ଅଲରାଉଣ୍ଡରଙ୍କୁ ଏତେଟା ସଫଳତା ମିଳି ନ ଥିଲା। ଭାରତରେ ଆୟୋଜିତ ୧୯୮୭ କ୍ରିକେଟ ବିଶ୍ୱକପରେ ଜିଓଫ୍ ମାର୍ଶ ଓ ଡେଭିଡ୍ ବୁନଙ୍କ ପରି ଖେଳାଳି ତାଙ୍କ ବିପକ୍ଷରେ ରନ୍ ସଂଗ୍ରହ କରିବା ସହ ତାଙ୍କ କ୍ୟାରିୟର ଶେଷ କରି ଦେଇଥିଲେ। ୧୯୮୭ରେ ବିନ୍ନିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଥିଲେ ହେଁ ଏହାପରେ କିଛବର୍ଷ ଧରି ସେ ରଣଜୀ ଟ୍ରଫି ଖେଳିବା ଜାରି ରଖିଥିଲେ। ଏହି ସମୟରେ ବିନ୍ନିଙ୍କ ତତ୍ତ୍ୱାବଧାନରେ ରାହୁଲ ଦ୍ରାବିଡ୍, ଜାଭାଗଲ ଶ୍ରୀନାଥ ଓ ଭେଙ୍କଟେଶ ପ୍ରସାଦଙ୍କ ପରି ଖେଳାଳି ଜାତୀୟ ଦଳରେ ସାମିଲ ହୋଇଥିଲେ। ଏପରିକି ଦ୍ରାବିଡ୍ ଏକ ପୁରୁଣା ସାକ୍ଷାତକାରରେ ବିନ୍ନିଙ୍କୁ ବେଶ ପ୍ରଶଂସା କରିଥିଲେ। ଏକ ଟୁର ପରେ ବିନ୍ନି ନିଜ ଜର୍ସି ଦ୍ରାବିଡଙ୍କୁ ପ୍ରଦାନ କରିଥିଲେ। ଜଣେ ଯୁବ ଖେଳାଳି ଭାବରେ ଏହା ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ବେଶ୍ ସହାୟକ ହୋଇଥିଲା ବୋଲି ଦ୍ରାବିଡ ପ୍ରକାଶ କରିଥିଲେ।

ମାତ୍ର ୪୫ ବର୍ଷ ବୟସରେ ୨୦୦୦ ମସିହାରେ ତାଙ୍କୁ ଭାରତୀୟ ୧୯ ବର୍ଷରୁ କମ ଦଳର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଯୁବରାଜ ସିଂ, ମହମ୍ମଦ କୈଫ୍ ଓ ରୀତିନ୍ଦର ସିଂ ସୋଢିଙ୍କ ପରି ଖେଳାଳି ଏହି ଦଳର ସଦସ୍ୟ ରହିଥିଲେ। ତେବେ ନିଜେ ପ୍ରଚ୍ଛଦପଟରେ ରହି ଯୁବରାଜ ଓ କୈଫଙ୍କ ପରି ଖେଳାଳିଙ୍କୁ ଷ୍ଟାରଡମ ସହିତ ପରିଚିତ କରିଥିଲେ। ୧୯ ବର୍ଷରୁ କମ ବିଶ୍ୱକପରେ ଭାରତ ନିଜର ପ୍ରଥମ ଟ୍ରଫି ଏହି ଟୁର୍ନାମେଣ୍ଟରେ ହିଁ ଜିତିଥିଲା। ଏହାପରେ ସେ ବେଙ୍ଗଲ ରଣଜୀ ଦଳର କୋଚ୍ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଜଣେ କୋଚ୍ ଭାବରେ ମଧ୍ୟ ବିନ୍ନି ବେଶ ଭଦ୍ର ଥିଲେ। ଅନ୍ୟ ଉପରେ ନିଜର ବ୍ୟକ୍ତିତ୍ୱକୁ କେବେହେଁ ଲଦିବାକୁ ସେ ପ୍ରୟାସ କରନ୍ତି ନାହିଁ। ୨୦୧୨ରେ ବିନ୍ନି ଜାତୀୟ ଦଳର ଚୟନକର୍ତ୍ତା ରହିଥିଲେ। ତେବେ ୩ ବର୍ଷର କାର୍ଯ୍ୟକାଳ ପରେ ଦ୍ୱୈତ ସ୍ୱାର୍ଥ ମାମଲାରେ ତାଙ୍କୁ ପଦ ହରାଇବାକୁ ପଡିଥିଲା। ରୋଜର ବିନ୍ନିଙ୍କ ପୁଅ ଷ୍ଟୁଆର୍ଟ ବିନ୍ନି ଜଣେ ଉପଯୋଗୀ ଅଲରାଉଣ୍ଡର ମଧ୍ୟ ଥିଲେ। ଚୟନକର୍ତ୍ତା ଥିଲେ ହେଁ କେବେ ଏହାର ଫାଇଦା ଉଠାଇ ନିଜ ପୁଅକୁ ଦଳରେ ସାମିଲ କରିନଥିଲେ। ବିନ୍ନିଙ୍କ ପୂର୍ବତନ ଟିମମେଟ୍ ସୁନୀଲ ଗାଭାସ୍କର ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଯେଉଁ ସମୟରେ ଚୟନ କମିଟିରେ ଷ୍ଟୁଆର୍ଟଙ୍କ ସମ୍ପର୍କରେ ଆଲୋଚନା ହୁଏ ରୋଜର ଉକ୍ତ ଆଲୋଚନାରେ ଅଂଶଗ୍ରହଣ କରୁ ନ ଥିବା ନେଇ ଗାଭାସ୍କର ନିଜ କଲମ୍‌ରେ ଉଲ୍ଲେଖ କରିଥିଲେ। ବିନ୍ନି କର୍ଣ୍ଣାଟକ କ୍ରିକେଟ ଆସୋସିଏଶନର ସଭାପତି ଥିବା ସମୟରେ ଭୂତପୂର୍ବ ସମ୍ପାଦକ ସନ୍ତୋଷ ମେନନଙ୍କୁ ପରିଚାଳନାର ପୂର୍ଣ୍ଣ ଅଧିକାର ପ୍ରଦାନ କରିଥିଲେ। ସନ୍ତୋଷଙ୍କ ପରଲୋକ ପରେ ବିଗତ କିଛି ମାସ ମଧ୍ୟରେ ବିନ୍ନି ପ୍ରଶାସନିକ ପରିଚାଳନାରେ ନିଜକୁ ଅଧିକ ଜଡିତ ରଖିଥିଲେ। ପ୍ରଶାସନିକ କ୍ୟାରିୟର ପାଇଁ ଆହୁରି ୩ ବର୍ଷ ବାକି ଥିବା ବେଳେ ବନ୍ଧୁ ବ୍ରିଜେଶ ପଟେଲ ଓ ଏନ୍ ଶ୍ରୀନିବାସନଙ୍କ ସହାୟତାରେ ବିସିସିଆଇ ସଭାପତି ପଦ ପାଇଁ ଆବେଦନ କରିଥିଲେ।

**–ସରୋଜ ଜେନା**

**ବିନ୍ନିଙ୍କ ବ୍ୟକ୍ତିତ୍ୱ ପଡିଆ ଭିତରେ ଓ ବାହାରେ ସର୍ବଦା ନିର୍ବିବାଦୀୟ। ସେ ବଲ୍‌କୁ ସୁଇଂ କରିବାରେ ମାହିର ଥିବା ବେଳେ ବିଦେଶୀ ପିଚରେ ତାଙ୍କୁ ମିଳୁଥିଲା ଅପାର ସଫଳତା। ତେବେ ଭାରତର ଫ୍ଲାଟ ଟ୍ରାକରେ ଏହି କିମ୍ବଦନ୍ତୀ ଅଲରାଉଣ୍ଡର ଏତେଟା ସଫଳ ହୋଇ ନ ଥିଲେ...**





### ସଂକ୍ଷେପରେ ବିନ୍ନିଙ୍କ କ୍ୟାରିୟର

| | ଟେଷ୍ଟ | ଦିନିକିଆ |
|---|---|---|
| ମ୍ୟାଚ | ୨୭ | ୭୨ |
| ରନ୍ | ୮୩୦ | ୬୨୯ |
| ଆଭରେଜ | ୨୩.୦୬ | ୧୬.୧୩ |
| ଶତକ/ଅର୍ଦ୍ଧଶତକ | ୦/୫ | ୦/୧ |
| ସର୍ବାଧିକ ସ୍କୋର | ୮୩ | ୫୭ |
| ଉଇକେଟ | ୪୭ | ୭୭ |
| ବୋଲିଂ ଆଭରେଜ | ୩୨.୬୪ | ୨୯.୩୫ |
| ୫ ଉଇକେଟ ସଫଳତା | ୨ | ୦ |
| ଶ୍ରେଷ୍ଠ ବୋଲିଂ | ୮/୧୦୧ | ୪/୨୯ |
| କ୍ୟାଚ୍ | ୧୧ | ୧୨ |
| ୧୯୮୩ କ୍ରିକେଟ ବିଶ୍ୱକପ୍ | | ୧୮ ଉଇକେଟ |
| ୧୯୮୫ ୱାର୍ଲ୍ଡ ସିରିଜ କ୍ରିକେଟ ଚାମ୍ପିୟନଶିପ | | ୧୭ ଉଇକେଟ |



ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଆରମ୍ଭ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ ବେଳେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# କଳିଙ୍ଗରେ ଓଏଫ୍‌ସିର କ୍ରମାଗତ ବିଜୟ

**ଭୁବନେଶ୍ୱର,୨୭।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କ୍ରମାଗତ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗତ ମ୍ୟାଚରେ କେରଳ ବ୍ଲାଷ୍ଟର୍ସଙ୍କୁ ପରାସ୍ତ କରିଥିବା ଓଏଫ୍‌ସି ଦ୍ୱିତୀୟ ମ୍ୟାଚରେ ସୁନୀଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫ୍‌ସିକୁ ୧-୦ରେ ପରାସ୍ତ କରିଛି। ଓଏଫ୍‌ସି ୪-୩-୩ କମ୍ବିନେଶନ ସହିତ ପଡିଆକୁ ଓହ୍ଲାଇଥିବା ବେଳେ ବିଏଫ୍‌ସି ୪-୨-୪ କମ୍ବିନେଶନରେ ଓହ୍ଲାଇଥିଲା। ୪ ଫରୱାର୍ଡଙ୍କ ସହିତ ବିଏଫ୍‌ସି ଆରମ୍ଭରୁ ଘନଘନ ଆକ୍ରମଣ କରିଥିଲା। ତେବେ ଓଡ଼ିଶା ଗୋଲକିପର ଅମରିନ୍ଦର ସିଂ କିଛି ଚମତ୍କାର ସେଭ୍ କରିଥିଲେ। ୧୪ ତମ ମିନିଟରେ ଓଏଫ୍‌ସିର ଡିଏଗୋ ମରିସିଓଙ୍କ ନିକଟରେ ବଲ ରହିଥିବା ବେଳେ ବିଏଫ୍‌ସିର ଡି ସମ୍ପୂର୍ଣ୍ଣ ଖାଲିଥିଲା। ମରିସିଓ ବିଏଫ୍‌ସି ଗୋଲ କିପର ଗୁରପ୍ରୀତଙ୍କୁ ପରାସ୍ତ କରି ପାରିନଥିଲେ। ମ୍ୟାଚର ୩୩ତମ ମିନିଟରେ ଓଏଫ୍‌ସି ଫରୱାର୍ଡ ନନ୍ଦ କୁମାର ଦଳ ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ମ୍ୟାଚରେ ୫୪ ପ୍ରତିଶତ ସମୟ ବଲ୍ ବିଏଫ୍‌ସି ନିୟନ୍ତ୍ରଣରେ ରହିଥିଲା। ଏହାପରେ ବିଏଫ୍‌ସି ପକ୍ଷରୁ ଗୋଲ ପରିଶୋଧର ଉଦ୍ୟମ କରାଯାଇଥିଲେ ହେଁ ଏହା ସମ୍ଭବ ହୋଇନଥିଲା। ଏହି ବିଜୟ ସହିତ ୪ ମ୍ୟାଚରୁ ୩ ବିଜୟ ସହିତ ଓଏଫ୍‌ସି ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ପହଞ୍ଚିଛି। ନଭେମ୍ବର ୫ ତାରିଖରେ ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ହାଇଦ୍ରାବାଦ ଏଫ୍‌ସିକୁ ଭେଟିବ।

### ଦର୍ଶକଙ୍କ ଭିଡ

କଳିଙ୍ଗ ଷ୍ଟାଡିୟମକୁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ମ୍ୟାଚ୍ ଫେରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଯୋଗ ଦେଇଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ ବେଙ୍ଗାଲୁରୁ ଏଫ୍‌ସି (ବିଏଫ୍‌ସି) ମଧ୍ୟରେ ଖେଳା ଯାଇଥିବା ମ୍ୟାଚରେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହା ସହିତ ୫ଟି ସଚିବ ଭି. କେ. ପାଣ୍ଡିଆନ ମଧ୍ୟ ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଥିଲେ। ଉଭୟ ଖେଳାଳିଙ୍କ ସହିତ ପରିଚିତ ହେବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହା ସହିତ ଗୁରୁବାର ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ରହିଥିଲେ ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀ। ବିଏଫ୍‌ସିର ଅଧିନାୟକ ରହିଥିବା ଛେତ୍ରୀଙ୍କୁ ଦେଖିବା ପାଇଁ ଷ୍ଟାଡିୟମର ଇଷ୍ଟ ଷ୍ଟାଣ୍ଡଟି ଦର୍ଶକରେ ଭରପୂର ହୋଇଯାଇଥିଲା। କିସ୍/କିଟ୍ ସ୍କୁଲର ବହୁ ସଂଖ୍ୟକ ଛାତ୍ରୀଛାତ୍ର ମଧ୍ୟ ଯୋଗ ଦେଇ ମ୍ୟାଚର ମଜା ନେଇଥିଲେ। ଓଏଫ୍‌ସି ଦଳକୁ ଉତ୍ସାହିତ କରିବା ଲାଗି ଓଡ଼ିଶା... ଓଡ଼ିଶା ନାରାରେ ଷ୍ଟାଡିୟମ ପ୍ରକମ୍ପିତ ହୋଇଥିଲା।

# ଆମେରିକୀୟ ଫୁଟବଲରେ ମହିଳାଙ୍କୁ ସମାନ ମ୍ୟାଚ୍ ଫି

**ନ୍ୟୁୟର୍କ,୨୭।୧୦**

କ୍ରୀଡାରେ ସମାନ ଖେଳକୁ ନେଇ ସମାନ ପାଉଣା ଉପରେ ଦୀର୍ଘ ବର୍ଷ ଧରି ବିତର୍କ ଜାରି ରହିଛି। ଦୀର୍ଘ ବର୍ଷର ଆଲୋଚନା ପରେ ମଧ୍ୟ କେବଳ କିଛି ହାତଗଣତି ଟୁର୍ନାମେଣ୍ଟ ବ୍ୟତୀତ ଅନ୍ୟ କେଉଁଥିରେ ବିଶେଷ ପରିବର୍ତ୍ତନ ଦେଖା ଦେଇ ନାହିଁ। ବିଶ୍ୱର ଅଧିକାଂଶ ଟୁର୍ନାମେଣ୍ଟରେ ପୁରୁଷ ଏବଂ ମହିଳା ଖେଳାଳିଙ୍କ ପାଉଣା ଭିନ୍ନ ହୋଇଥାଏ। ଏପରି କି ଦରମା ଏବଂ ଚୁକ୍ତିନାମା ମଧ୍ୟ ଭିନ୍ନ ଅଟେ। ନ୍ୟାଶନାଲ ବାସ୍କେଟ ବଲ୍ ଆସୋସିଏଶନ(ଏନ୍‌ବିଏ)ରେ ପୁରୁଷ ବୃତ୍ତିଗତ ଖେଳାଳିଙ୍କ ହାରାହାରି ବାର୍ଷିକ ଦରମା ୫୦,୦୦୦ ଡଲାର୍ ପାଖାପାଖି ଥିବାବେଳେ ମହିଳାମାନଙ୍କ ପାଇଁ ଏହା ପ୍ରାୟ ୩୬,୦୦୦ ଡଲାର୍ ରହିଛି। ସେହିଭଳି ଏଟିପି ଏବଂ ଡବ୍ଲୁଟିଏ ଦ୍ୱାରା ପରିଚାଳିତ ପ୍ରମୁଖ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟରେ ସମାନ ଦରମା ରହିଛି। ପୁରୁଷ ଟେନିସ୍ ତାରକାମାନେ ଗ୍ରାଣ୍ଡସ୍ଲାମରେ ଖେଳିବା ପାଇଁ ଯେଉଁ ଟଙ୍କା ପାଇଥାନ୍ତି ତାହା ମହିଳା ଖେଳାଳିଙ୍କ ପ୍ୟାକେଜ୍‌ଠାରୁ ଯଥେଷ୍ଟ ଅଧିକ ଅଟେ। ଏ କ୍ଷେତ୍ରରେ କେବଳ ୟୁଏସ୍ ଓପନ ଏକମାତ୍ର ବ୍ୟତିକ୍ରମ। ୟୁଏସ୍ ଓପନରେ ପୁରୁଷ ଓ ମହିଳା ବିଜେତାଙ୍କୁ ସମାନ ପୁରସ୍କାର ରାଶି ମିଳିଥାଏ। କ୍ରିକେଟରେ କେବଳ ନ୍ୟୁଜିଲାଣ୍ଡ ଓ ଭାରତ ସମାନ ପାଉଣା ନିୟମ ଲାଗୁ କରିଥିବା ବେଳେ ପ୍ରଥମ ଦେଶ ଭାବରେ ଫୁଟବଲରେ ଆମେରିକା ମଧ୍ୟ ସମାନ ନିୟମ କରି ଉଦାହରଣ ସୃଷ୍ଟି କରିଥିଲା। ଆମେରିକୀୟ ଜାତୀୟ ଫୁଟବଲ ଦଳର ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ସମାନ ମ୍ୟାଚ୍ ଫି ପ୍ରଦାନ କରାଯାଇଥାଏ ଯାହାକୁ ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ର ଲାଗୁ କରି ନାହାନ୍ତି। ୨୦୨୧ରେ ଆମେରିକୀୟ ଫୁଟବଲରେ ଏହି ନିୟମ ଲାଗୁ କରାଯାଇଥିବା ବେଳେ ଧୀରେ ଧୀରେ ଅନ୍ୟ କ୍ରୀଡାରେ ମଧ୍ୟ ଏହା ଲାଗୁ କରାଯିବ। ଭାରତରେ ମଧ୍ୟ କ୍ରୀଡା ସହିତ ଜଡିତ ମହିଳାଙ୍କୁ ସମାନ ପରସ୍ଥିତିର ସାମ୍ନା କରିବାକୁ ପଡିଥାଏ। ଫୁଟବଲ ଲିଗ୍ ଇଣ୍ଡିଆନ୍ ସୁପର ଲିଗ୍‌ରେ ପୁରସ୍କାର ରାଶି ୭୦ ଲକ୍ଷଟଙ୍କା ରହିଥିବା ବେଳେ ଓମେନ୍ସ ଲିଗ୍‌ରେ ପୁରସ୍କାର ରାଶି ମାତ୍ର ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ।

# ପାକିସ୍ତାନକୁ ୧ ରନ୍‌ରେ ହରାଇଲା ଜିମ୍ବାୱେ

**ପର୍ଥ, ୨୭।୧୦ (ପି.ଟି.)**

ଚଳିତ ଟି୨୦ ବିଶ୍ୱକପ୍‌ରେ ଗୁରୁବାର ପାକିସ୍ତାନ ବିପକ୍ଷରେ ଜିମ୍ବାୱେ ଏକ ରନ୍‌ରେ ରୋମାଞ୍ଚକ ବିଜୟ ହାସଲ କରିଛି। ଜିମ୍ବାୱେ ଦ୍ୱାରା ଧାର୍ଯ୍ୟ ୧୩୧ ରନର ବିଜୟ ଲକ୍ଷ୍ୟକୁ ପିଛା କରିବା ବେଳେ ପାକିସ୍ତାନ ଦଳର ନିୟମିତ ଉଇକେଟ ପତନ ଘଟିବାରେ ଲାଗିଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୨୯ରନ କରିବାରେ ସମର୍ଥ ହୋଇଥିଲା। ପାକିସ୍ତାନ ଜନ୍ମିତ ଅଲ୍‌ରାଉଣ୍ଡର ସିକନ୍ଦର ରାଜା ମ୍ୟାଚର ଗତିପଥ ବଦଳାଇ ଦେଇଥିଲେ। ସେ ତାଙ୍କ ୪ ଓଭର ବୋଲିଂରେ ୨୫ରନ ଦେଇ ୩ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ।। ଶାନ ମାସୁଦ (୪୪ରନ), ଶାଦବ ଖାଁ (୧୭) ଓ ହାଇଦର ଅଲି ତାଙ୍କ ବୋଲିଂର ଶିକାର ହୋଇଥିଲେ। ଡାହାଣ ହାତି ପେସର ବ୍ରାଡ୍ ଇଭାନ୍ସ (୨/୨୫), ବ୍ଲେସିଂ ମୁଜାରାବାନୀ (୧/୧୮) ଓ ଲ୍ୟୁକ୍ ଜଙ୍ଗୱି (୧/୧୦) ମଧ୍ୟ ଉଇକେଟ ଅକ୍ତିଆର କରିଥିଲେ। ସୁପର-୧୨ ପର୍ଯ୍ୟାୟରେ ପାକିସ୍ତାନ ଏପର୍ଯ୍ୟନ୍ତ ଖେଳିଥିବା ଦୁଇଟି ମ୍ୟାଚରେ ପରାଜିତ ହୋଇଛି। ପୂର୍ବରୁ ଭାରତ ବିପକ୍ଷରେ ଅନ୍ୟ ଏକ ରୋମାଞ୍ଚକ ମ୍ୟାଚରେ ଦଳ ୪ ଉଇକେଟରେ ପରାଜିତ ହୋଇଥିଲା। ସମାନ ସଂଖ୍ୟକ ମ୍ୟାଚ ଖେଳିଥିବା ଜିମ୍ବାୱେର ଏହା ହେଉଛି ପ୍ରଥମ ବିଜୟ। ପୂର୍ବରୁ ବର୍ଷାରେ ଧୋଇଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ଦଳ ପଏଣ୍ଟ ବଣ୍ଟାଆରା କରିଥିଲା।



ଶାନ୍ ମାସୁଦଙ୍କ ଉଇକେଟ୍ ପତନ ପରେ ଉଲ୍ଲସିତ ଶିକନ୍ଦର ରାଜା।

**ସଂକ୍ଷିପ୍ତ ସ୍କୋର**

**ଜିମ୍ବାୱେ ଇନିଂସ:** ୨୦ ଓଭରରେ ୧୩୦/୮ (ସିନ୍ ୱିଲିୟମ୍ସ-୩୧ ; ଶଦାବ ଖାନ୍-୩/୨୩, ମହମ୍ମଦ ୱାସିମ୍-୪/୨୪)। **ପାକିସ୍ତାନ ଇନିଂସ:** ୨୦ ଓଭରରେ ୧୨୯/୮ (ଶାନ୍‌ମାସୁଦ-୪୪ ;ଶିକନ୍ଦରରାଜା-୩/୨୫, ବ୍ରାଡ୍ ଇଭାନ୍ସ-୨/୨୫)।



ଶତକୀୟ ଇନିଂସ୍ ଅବସରରେ ରିଲି ରୋଷୋ।

# ରୋଷୋଙ୍କ ଶତକରେ ଜିତିଲା ଦକ୍ଷିଣ ଆଫ୍ରିକା

**ସିଡ୍‌ନୀ,୨୭।୧୦**

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି ଦକ୍ଷିଣ ଆଫ୍ରିକା। ଜିମ୍ବାୱେ ବିପକ୍ଷ ମ୍ୟାଚରେ ବର୍ଷା କାରଣରୁ ପଏଣ୍ଟ ବାଣ୍ଟିଥିବା ଦକ୍ଷିଣ ଆଫ୍ରିକା ୧୦୪ ରନରେ ବାଂଲାଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ରିଲି ରୋଷୋଙ୍କ ଶତକ ବଳରେ ୨୦୫ ରନ କରିଥିବା ବେଳେ ବାଂଲାଦେଶ ମାତ୍ର ୧୦୧ ରନରେ ଅଲଆଉଟ ହୋଇଥିଲା। ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଟେମ୍ବା ବାଭୁମା ମାତ୍ର ୨ ରନ୍ କରି ପ୍ୟାଭିଲିୟନ ଫେରିଥିବା ବେଳେ ଦ୍ୱିତୀୟ ଉଇକେଟରେ ରିଲି ରୋଷୋ(୧୦୯) ଏବଂ କ୍ୱିଣ୍ଟନ୍ ଡି'କକ୍(୬୩) ଯୋଗ କରିଥିଲେ ୧୬୮ ରନ୍। ୫୬ ବଲ ଖେଳିଥିବା ରୋଷୋ ୭ ଚୌକା ଓ ୮ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଡି କକ୍ ୩୮ ବଲ ଖେଳି ୭ ଚୌକା ଓ ୩ ଛକା ମାରିଥିଲେ। ବାଂଲାଦେଶ ପକ୍ଷରୁ ସାକିବ୍ ଅଲ ହସନ୍ ୨ ଉଇକେଟ ନେଇଥିବା ବେଳେ ଟାସ୍କିନ ଅହମ୍ମଦ, ଆଫିଫ୍ ହୋସେନ୍ ଓ ହସନ ମେହମୁଦ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୦୬ ରନ ପିଛା କରୁଥିବା ବାଂଲାଦେଶ ୧୬.୩ ଓଭରରେ ୧୦୧ ରନରେ ଅଲଆଉଟ ହୋଇଥିଲା। ଲିଟନ୍ ଦାଶ ସର୍ବାଧିକ ୩୪ ରନ କରିଥିବା ବେଳେ ସୌମ୍ୟ ସରକାର ୧୫ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆନରିଚ୍ ନର୍ଜେ ସର୍ବାଧିକ ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାବରେଜ୍ ସାମ୍ସି ୩ ଉଇକେଟ ନେଇଥିଲେ। ରିଲି ରୋଷୋଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୨୦୫/୫ (ରିଲି ରୋଷୋ-୧୦୯, କ୍ୱିଣ୍ଟନ ଡି'କକ୍-୬୩, ଏଡେନ୍ ମାରକ୍ରମ-୧୦, ସାକିବ୍ ଅଲ୍ ହାସାନ- ୨/୩୩, ଆଫିଫ ହୋସେନ୍-୧/୧୧, ହସନ ମେହମୁଦ-୧/୩୬)। ବାଂଲାଦେଶ ୧୬.୩ ଓଭରରେ ୧୦୧/ଅଲଆଉଟ (ଲିଟନ୍ ଦାଶ-୩୪,ସୌମ୍ୟ ସରକାର-୧୫, ମେହିଦୀ ହସନ-୧୧, ଆନରିଚ୍ ନର୍ଜେ-୪/୧୦, ଟାବରେଜ୍ ସାମ୍ସି-୩/୨୦, କାଗିସୋ ରବାଡା-୧/୨୪)।

# ୩ରୁ ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ନାମେଣ୍ଟ

## ଅଂଶଗ୍ରହଣ କରିବେ ୮ ରାଜ୍ୟ

**ଢେଙ୍କାନାଳ ଅଫିସ/ଅନୁଗୋଳ ଅଫିସ, ୨୭।୧୦:** ଶିଳ୍ପ ଜିଲା ଅନୁଗୋଳ, ଢେଙ୍କାନାଳକୁ ଫେରିବ ଫୁଟବଲ ଫିଭର। ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍), 'ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ' ଏବଂ ଜିଲା କ୍ରୀଡା ସଂସଦର ମିଳିତ ସହଯୋଗରେ ନଭେମ୍ବର ୩ରୁ ୮ ତାରିଖ ଯାଏ ଅନୁଷ୍ଠିତ ହେଉଥିବା 'ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ନାମେଣ୍ଟ' କ୍ରୀଡ଼ାପ୍ରେମୀଙ୍କ ପାଇଁ ଏହି ସୁଯୋଗ ଆଣିଦେଇଛି। ପ୍ରତିଯୋଗିତାରେ ୮ ରାଜ୍ୟ ଅଂଶଗ୍ରହଣ କରିବେ। ଢେଙ୍କାନାଳ ଷ୍ଟାଡିୟମଠାରେ ଏହାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଅନୁଗୋଳରେ ୨ ସେମିଫାଇନାଲ ଖେଳାଯିବାକୁ ଥିବାବେଳେ ତାଳଚେରରେ ଫାଇନାଲ ମ୍ୟାଚ୍ ଆୟୋଜନ କରାଯିବାକୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ହୋଇଛି। ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରେ ସ୍ଥାନୀୟ ସୂର୍ଯ୍ୟମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି 'ଆମେ ଓଡ଼ିଆ ସଙ୍ଗଠନ' ସମ୍ପାଦକ ସଂଗ୍ରାମ ପାତ୍ର। ଏହି ଅବସରରେ ପ୍ରତିଯୋଗିତାର ଲୋଗୋ ଓ ଜର୍ସି ଉନ୍ମୋଚନ କରାଯାଇଛି।

# ଭାରତର ଦ୍ୱିତୀୟ ବିଜୟ

**ସିଡ୍‌ନୀ,୨୭।୧୦**

ଷ୍ଟାର ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଟି୨୦ ବିଶ୍ୱକପ୍‌ର ସୁପର-୧୨ରେ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇଛି ଭାରତ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ସୂର୍ଯ୍ୟକୁମାରଙ୍କ ବ୍ୟତୀତ ରୋହିତ ଶର୍ମା ଓ ବିରାଟ କୋହଲି ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିବାବେଳେ ନେଦରଲାଣ୍ଡକୁ ୫୬ ରନରେ ପରାସ୍ତ କରିଛି ଭାରତ। ଏହା ସହିତ ଗ୍ରୁପ୍ ବି'ର ପଏଣ୍ଟ ଟେବଲ ଶୀର୍ଷରେ ମଧ୍ୟ ଦଳ ପହଞ୍ଚିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨ ଉଇକେଟରେ ୧୭୯ ରନ୍ ସଂଗ୍ରହ କରିଥିଲା। କେ. ଏଲ୍. ରାହୁଲ ପୁନର୍ବାର ବିଫଳ ହେବା ସହିତ ମାତ୍ର ୯ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଅଧିନାୟକ ରୋହିତ ଶର୍ମା(୫୩) ଓ ବିରାଟ କୋହଲି(୬୨*) ଙ୍କ ମଧ୍ୟରେ ୭୩ ରନର ଭାଗୀଦାରି ହୋଇଥିଲା। ଦଳୀୟ ସ୍କୋର ୮୪ ରନରେ ରୋହିତ ପ୍ୟାଭିଲିୟନ୍ ଫେରିଥିଲେ। ୩୯ ବଲ ଖେଳିଥିବା ରୋହିତ ୪ ଚୌକା ଓ ୩ ଛକା ମାରିଥିଲେ। ଏହାପରେ କ୍ରିଜ୍‌ରେ ଯୋଗ ଦେଇଥିଲେ ସୂର୍ଯ୍ୟକୁମାର ଯାଦବ। ମାତ୍ର ୨୫ ବଲ ଖେଳି ସେ ୫୧ ରନ କରିଥିବା ବେଳେ ଚତୁର୍ଥ ଉଇକେଟରେ କୋହଲିଙ୍କ ସହିତ ୪୮ ବଲରେ ୯୫ ରନ୍ ଯୋଡିଥିଲେ। କୋହଲିଙ୍କ ଇନିଂସରେ ୩ ଚୌକା ଓ ୨ ଛକା ସାମିଲ ଥିବା ବେଳେ ସୂର୍ଯ୍ୟକୁମାର ମାରିଥିଲେ ୭ ଚୌକା ଓ ୧ ଛକା। ନେଦରଲାଣ୍ଡ ପକ୍ଷରୁ ଫ୍ରେଡ୍ କ୍ଲାସେନ୍ ଓ ଭାନ୍ ମିକେରାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।





ସ୍କୁପ୍ ଶଟ୍ ଖେଳୁଛନ୍ତି ସୂର୍ଯ୍ୟକୁମାର ଯାଦବ।

୧୮୦ ରନର ପିଛା କରୁଥିବା ନେଦରଲାଣ୍ଡକୁ ଭାରତୀୟ ବୋଲର ଆରମ୍ଭରୁ ଚାପରେ ରଖିଥିଲେ। ଭାରତର ଭୁବନେଶ୍ୱର କୁମାର ୩ ଓଭରରୁ ୨ ମେଡେନ ସହିତ ୨ ଉଇକେଟ ନେଇଥିଲେ। ଟିମ୍ ପ୍ରିଙ୍ଗଲ ସର୍ବାଧିକ ୨୦ ରନ୍ କରିଥିବା ବେଳେ କଲିନ୍ ଆକରମ୍ୟାନ ୧୭ ରନ୍ କରିଥିଲେ। ଭୁବନେଶ୍ୱରଙ୍କ ବ୍ୟତୀତ ଅକ୍ଷର ପଟେଲ, ଆର. ଅଶ୍ୱିନ ଓ ଅର୍ଶଦୀପ ସିଂ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ନେଦରଲାଣ୍ଡ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୨୩ ରନ କରିଥିଲା। ସୂର୍ଯ୍ୟକୁମାର ଯାଦବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୭୯/୨( ବିରାଟ କୋହଲି-୬୨*, ରୋହିତ ଶର୍ମା-୫୩, ସୂର୍ଯ୍ୟକୁମାର ଯାଦବ-୫୧*, ଫ୍ରେଡ୍ କ୍ଲାସେନ-୧/୩୩, ଭାନ୍ ମିକେରାନ-୧/୩୨)। ନେଦରଲାଣ୍ଡ ୨୦ ଓଭରରେ ୧୨୩/୯ (ଟିମ୍ ପ୍ରିଙ୍ଗଲ-୨୦, କଲିନ୍ ଆକରମ୍ୟାନ୍-୧୭,ମ୍ୟାକ୍ସେ ଓଡୋଡ୍-୧୬, ଭୁବନେଶ୍ୱର କୁମାର-୨/୯, ଅକ୍ଷର ପଟେଲ ୨/୧୮, ଆର. ଅଶ୍ୱିନ-୨/୨୧, ଅର୍ଶଦୀପ ସିଂ-୨/୩୭)।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଟାଙ୍କିରେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଯାଁଳା,୨୭।୧୦(ଡି.ଏନ୍.ଏ.): ପାଣି ଟାଙ୍କିରେ ପଡ଼ିଯିବାରୁ ଗୁରୁବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଇନ୍‌ଫୋଭ୍ୟାଲି ଥାନା ଅଧୀନ ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ପାର୍ବତୀ ସ୍ୱାଇଁ(୯୭)। ସୂଚନା ମୁତାବକ, ଭୋର ୪ଟାରେ ପାର୍ବତୀ ଶୌଚ କରିବାକୁ ବାହାରକୁ ଯାଇଥିବା ବେଳେ ଘର ନିକଟରେ ଥିବା ଏକ ଟାଙ୍କିରେ ପଡି ଯାଇଥିଲେ। ୫ଟାରେ ପାର୍ବତୀ ତାଙ୍କ ରୁମରେ ନ ଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ଖୋଜାଖୋଜି କରିବା ପରେ ପାର୍ବତୀ ଟାଙ୍କିରେ ଭାସୁଥିବା ଦେଖିଥିଲେ। ଏହା ପରେ ଟାଙ୍କିରୁ ତାଙ୍କୁ ଉଦ୍ଧାର କରାଯାଇଥିଲା।

### ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ, ୨ଗିରଫ




ନିରାକାରପୁର,୨୭।୧୦(ଡି.ଏନ୍.ଏ.): ଜଙ୍କିଆ ଥାନା ପୋଲିସ ବେଆଇନ ଭାବେ ଚାଲାଣ ହେଉଥିବା ଦୁଇଟି ମାଙ୍କଡ଼ା ପଥର ବୋଝେଇ ଟ୍ରକ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ସରପାରୀ ଗ୍ରାମର ପ୍ରଭାକର ସାହୁ(୩୭) ଓ ଚୌଦ୍ୱାର ଥାନା ଇନ୍ଦ୍ରଣୀପାଟଣା ସାହିର ବାବୁ ଦାସ(୨୮)। ଏନେଇ ଥାନାରେ ଦୁଇଟି ମାମଲା (ନଂ.୩୬୧, ୩୬୨/୨୨)ରୁଜୁ ହୋଇଛି। ବୁଧବାର ରାତିରେ ପ୍ରଭାକର ଓ ବାବୁଙ୍କୁ ଗୁରୁବାର ସକାଳେ ଓଲସିଂହ ଅଞ୍ଚଳରୁ ମାଙ୍କଡ଼ା ପଥର ବୋଝେଇ ଗାଡି ସହ ଧରାପଡ଼ିଥିଲେ ବୋଲି ତଦନ୍ତକାରୀ ଅଧିକାରୀ ବେଣୁଧର ରାୟ କହିଛନ୍ତି।

### ବିଦ୍ୟୁତ୍ ଆଘାତରେ ହୋଇଥିଲା ହାତୀର ମୃତ୍ୟୁ
### ଯୁବକ ଗିରଫ

ନିରାକାରପୁର,୨୭।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ରେଞ୍ଜ୍ ଅଧୀନ ପଟିଆ କୋଦାଳପଲ୍ଲୀ ଗ୍ରାମରୁ ଗତ ସୋମବାର ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଥିଲା। ବ୍ୟବଚ୍ଛେଦ ପରେ ଉକ୍ତ ଜଙ୍ଗଲରେ ଜେସିବି ସାହାଯ୍ୟରେ ଗାତ ଖୋଳାଯାଇ ବନ ବିଭାଗ ପକ୍ଷରୁ ପୋତିଦିଆଯାଇଥିଲା। ଗୁରୁବାର କୌଣସି ସୂତ୍ରରୁ ଖବରପାଇ ଟାଙ୍ଗୀ ଓ ପଟିଆ ବନ କର୍ମଚାରୀ ଉକ୍ତ ଗ୍ରାମର ଅରୁଣ ପ୍ରଧାନଙ୍କୁ ଉଠାଇ ଆଣି ଘଟଣା ସମ୍ପର୍କରେ ପଚରାଉଚୁରା କରିଥିଲେ। ତେବେ ସେ ବିଛାଇଥିବା ବିଦ୍ୟୁତ୍ ତାରରେ ହାତୀର ମୃତ୍ୟୁ ଘଟିଥିଲା ବୋଲି ଅରୁଣ ସ୍ୱୀକାର କରିଥିବା ଟାଙ୍ଗୀ ଫରେଷ୍ଟର ରାକେଶ ପଣ୍ଡା କହିଛନ୍ତି। ଏହା ପରେ ତାଙ୍କୁ ଗିରଫ କରାଯିବା ସହ ଏକ ମାମଲା (ନଂ.୮/୨୨)ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଶ୍ୱେତପତ୍ର ଜାରିକରି ସରକାର ନୀରବ

**ଖୋର୍ଦ୍ଧା ଅଫିସ,୨୭।୧୦:**

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ ବିରୋଧରେ ୧୮୧୭ ମସିହାରେ ଓଡ଼ିଆ ପାଇକଙ୍କ ଦ୍ୱାରା କରାଯାଇଥିବା ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଘୋଷଣା କରାଯାଇପାରିବ ନାହିଁ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି.କିଶନ ରେଡ୍ଡୀ ଗତବର୍ଷ ରାଜ୍ୟ ସଭାରେ ବିଜେଡି ସଦସ୍ୟ ପ୍ରଶାନ୍ତ ନନ୍ଦ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଥିଲେ। ଭାରତୀୟ ଐତିହାସିକ ଅନୁସନ୍ଧାନ ପରିଷଦ(ଆଇସିଏଚଆର)ରୁ ମିଳିଥିବା ରିପୋର୍ଟକୁ ଆଧାର କରି ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ଯୁଦ୍ଧ ବୋଲି କୁହାଯାଇପାରିବ ନାହିଁ ତଥା ଓଡ଼ିଶାର ଅନୁରୋଧକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଥିଲା କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ। ଏହାକୁ ନେଇ ଐତିହ୍ୟ ଗବେଷକ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ପାଇକ ସଙ୍ଗଠନ, ସାମାଜିକ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ବିଧାନସଭାରେ ପ୍ରଶ୍ନ ଉଠିବା ପରେ ରାଜ୍ୟ ସରକାର ଶ୍ୱେତପତ୍ର ଜାରି କରିଥିଲେ। ପୁଣି ଥରେ ସମ୍ପୂର୍ଣ୍ଣ ତଥ୍ୟଭିତ୍ତିକ ରିପୋର୍ଟ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟରେ ଦାଖଲ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଥିଲା। ଏହାକୁ ଏକ ବର୍ଷ ବିତିବାକୁ ବସିଥିବା ବେଳେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି। ଏନେଇ ବିଭିନ୍ନ ପାଇକ ସଙ୍ଗଠନ, ବୁଦ୍ଧିଜୀବୀ, ଗବେଷକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରସଙ୍ଗ

### ପୁଣି ଥରେ ବିଚାର କରାଯାଉ

ଇଂରେଜ କବଳରୁ ଏ ଜାତିକୁ ମୁକ୍ତ ଲାଗି ଖୋର୍ଦ୍ଧା ମାଟିର ବୀର ଓଡ଼ିଆ ପାଇକମାନେ ବୀରତ୍ୱ ସହ ଲଢ଼େଇ କରିଥିଲେ। ମାତୃଭୂମି ସୁରକ୍ଷା ଲାଗି ବଳିଦାନ ଦେଇଥିଲେ। ସେମାନଙ୍କ ବୀରତ୍ୱ, ଶୌର୍ଯ୍ୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ୧୮୧୭ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ରାଜ୍ୟ ଓ କେନ୍ଦ୍ର ସରକାର ଐତିହାସିକ, ଗବେଷକଙ୍କ ସହ ଆଲୋଚନା କରି ପୁଣି ଥରେ ଏହା ଉପରେ ବିଚାର କରିବା ଆବଶ୍ୟକ।

**–ଡ.ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**

### ପାଇକ ବୀରଙ୍କ ପ୍ରତି କୁଠାରାଘାତ

ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ବିଦ୍ରୋହର ସ୍ମୃତିଚିହ୍ନ ସ୍ୱରୂପ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏନ୍‌ସିଆରଟି ପାଠ୍ୟପୁସ୍ତକରେ ମଧ୍ୟ ଏହା ସ୍ଥାନ ପାଇଛି। ତେବେ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରି ବ୍ରିଟିଶ ବିରୋଧରେ ଲଢ଼ି ଆତ୍ମବଳି ଦେଇଥିବା ପାଇକ ବୀରଙ୍କ ପ୍ରତି କୁଠାରାଘାତ କରିଛନ୍ତି।

**–କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ, ସମ୍ପାଦକ କଳିଙ୍ଗ ପାଇକ ସଙ୍ଗଠନ**

### ବ୍ରିଟିଶ ସରକାର ମଥା ନୁଆଁଇଥିଲେ

୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ ହୋଇଥିଲା। ୧୮୧୭ ମସିହାରେ ବକ୍ସିଙ୍କ ନେତୃତ୍ୱରେ ଏହା ଉଗ୍ରରୂପ ଧାରଣ କରିଥିଲା। ଚାରିଆଡେ ପାଇକବୀର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହାର ଭୟାବହତା ଉପରେ ଇଂରେଜ ଐତିହାସିକ ଜର୍ଜ ଟଏନବି ତାଙ୍କଦ୍ୱାରା ଲିଖିତ ଓଡ଼ିଶା ଇତିହାସ ପୁସ୍ତକରେ ନିଜେ ସ୍ୱୀକାର କରିଛନ୍ତି। ଏହି ବିଦ୍ରୋହ ଏପରି ରୂପ ଧାରଣ କରିଥିଲା ଯେ, ସେହି ସମୟରେ ବ୍ରିଟିଶ ଥରହର ହୋଇଉଠିଥିଲା।

**–ପ୍ରାଧାପକ ଗୋପାଳ କୃଷ୍ଣ ଦାସ, ଗବେଷକ**

### ତଥ୍ୟ ସମ୍ବଳିତ ରିପୋର୍ଟ ଦିଆଯାଉ

ପାଇକ ବିଦ୍ରୋହ ଥିଲା ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ। ପାଇକଙ୍କ ଯୋଗୁ ଏ ମାଟି ଧନ୍ୟ ହୋଇଛି। ଦ୍ୱିଶତ ବାର୍ଷିକୀ ଅବସରରେ ସାରା ଦେଶ ପାଇକ ବିଦ୍ରୋହ ସମ୍ପର୍କରେ ଜାଣିବାର ସୁଯୋଗ ପାଇଥିଲେ। ବ୍ରିଟିଶ ବିରୋଧରେ କେବଳ ଏହା ଏକ ସଂଗ୍ରାମ ନ ଥିଲା ବରଂ ଦେଶମାତୃକା ପ୍ରତି ରହିଥିବା କର୍ତ୍ତବ୍ୟର ଭାବକୁ ପ୍ରକାଶ କରେ। ତେଣୁ ରାଜ୍ୟ ସରକାର ତଥ୍ୟ ସମ୍ବଳିତ ରିପୋର୍ଟ କେନ୍ଦ୍ର ସଂସ୍କୃତି ବିଭାଗକୁ ପ୍ରଦାନ କରନ୍ତୁ। ଯାହା ଦ୍ୱାରା ପାଇକ ବିଦ୍ରୋହ ମହତ୍ୱ ବୃଦ୍ଧି ପାଇବ।

**–ଶକ୍ତିଶଙ୍କର ମିଶ୍ର, ବୁଦ୍ଧିଜୀବୀ**

### ଗୌରବ ବୃଦ୍ଧି ପାଇବ

ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା। ଏଜାତି ପାଇକ ବୀରଙ୍କ ବୀରତ୍ୱ ପାଇଁ ସର୍ବଦା ସେମାନଙ୍କ ନିକଟରେ ଚିର ଋଣୀ ହୋଇ ରହିବ। ଏହି ଐତିହାସିକ ସଂଗ୍ରାମ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷାରେ ଲିପିବଦ୍ଧ ହୋଇରହିବ। କେନ୍ଦ୍ର ଏହାକୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା କୋଟି କୋଟି ଓଡ଼ିଆଙ୍କୁ ଆଘାତ ଲାଗିଛି। ଏ ସମ୍ପର୍କରେ ଆଲୋଚନା ହେବା ଆବଶ୍ୟକ। ସମସ୍ତ ଗବେଷକ, ଐତିହାସିକ, ବୁଦ୍ଧିଜୀବୀ, ଲେଖକମାନେ ଏକାଠି ହୋଇ ତଥ୍ୟ ସମ୍ବଳିତ ରିପୋର୍ଟ ପ୍ରସ୍ତୁତ କରିବାକୁ ପଡିବ, ଯଦ୍ୱାରା ଏହାର ଗୌରବ ବୃଦ୍ଧି ପାଇବ।

**–ଅଜିତ୍ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ**

### ମାନ୍ୟତା ଦେଇ ମନା କଲେ

୧୮୧୭ ରେ ମାତୃଭୂମିର ସୁରକ୍ଷା ଏବଂ ବ୍ରିଟିଶ ସାମ୍ରାଜ୍ୟର ମୂଳୋତ୍ପାଟନ ଲାଗି ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ, ଐତିହାସିକ ସଂଗ୍ରାମ ରହିଥିଲା। ଏହାର ୨ଶହ ବର୍ଷ ପୂର୍ତ୍ତି ଅବସରରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଏହାକୁ ଏକ ସ୍ୱରରେ ସ୍ୱୀକାର କରିଥିଲେ। ତତ୍କାଳୀନ ରାଷ୍ଟ୍ରପତି ପାଇକ ବୀରଙ୍କ ବୀରତ୍ୱର ପ୍ରଶଂସା କରିଥିଲେ। ଏବେ ପୁଣି କେନ୍ଦ୍ର ସରକାର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ମନା କରୁଛନ୍ତି।

**–ଭୀମସେନ ପ୍ରଧାନ, ଶିକ୍ଷାବିତ୍**

### ଏକ ଗୌରବମୟ ଇତିହାସ

୧୮୦୪ରେ ଜୟୀ ରାଜଗୁରୁ ପରେ ୧୮୧୭ରେ ବକ୍ସିଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧରେ ପାଇକମାନେ ସଂଗ୍ରାମ କରିଥିଲେ। ଶତାଧିକ ପାଇକ ଏଥିରେ ସାମିଲ ହୋଇଥିବାରୁ ଏହାକୁ ବିଦ୍ରୋହ ବୋଲି କୁହାଯାଇଥିଲା। ୧୮୫୭ ମସିହାରେ ସିପାହୀ ବିଦ୍ରୋହ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଦିନ ଧରି ଚାଲିଥିବା ଏହି ସଂଗ୍ରାମ ବ୍ରିଟିଶ ସରକାରଙ୍କ ଥରହର କରିଦେଇଥିଲା। ଏହି ଦୃଷ୍ଟିକୋଣରୁ ପାଇକ ବିଦ୍ରୋହ ହେଉଛି ଏକ ସ୍ୱାଧୀନତା ଆନ୍ଦୋଳନର ଗୌରବମୟ ଇତିହାସ। ପୁଣି ଥରେ ଏହାର ତର୍ଜମା ଆବଶ୍ୟକତା ରହିଛି।

**–ଦିଲୀପ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ**

### ଯୁବପିଢ଼ିଙ୍କ ପ୍ରେରଣାର ଉତ୍ସ

ପାଇକଙ୍କ ବୀରତ୍ୱର ଗାଥା, ଶୌର୍ଯ୍ୟ ଆଗରେ ବ୍ରିଟିଶ ସରକାର ମଥା ନୁଆଇଁବାକୁ ବାଧ ହୋଇଥିଲେ। ଆଗାମୀ ଯୁବପିଢିଙ୍କ ପାଇଁ ଏହା ପ୍ରେରଣାର ଉତ୍ସ। ସ୍ୱାଧୀନତା ଆନ୍ଦୋଳନର ଏହି ମହାନ୍ ସଂଗ୍ରାମକୁ କେନ୍ଦ୍ର ସରକାର ପ୍ରଥମ ଯୁଦ୍ଧର ମାନ୍ୟତା ଦେବା ଲାଗି ପ୍ରତ୍ୟାଖ୍ୟାନ କରିଛନ୍ତି। ୨ଶହ ବର୍ଷ ପୂର୍ତ୍ତି ବର୍ଷ ଅବସରରେ ଏହାକୁ ସ୍ୱୀକାର କରିଥିବା ବେଳେ ଏବେ ପୁଣି ମନା କରିବାର ଅର୍ଥ କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ପ୍ରତ୍ୟାଖ୍ୟାନ କରି ପୁଣି ଥରେ ଓଡ଼ିଆଙ୍କ ଅସ୍ମିତା ପ୍ରତି କୁଠାରାଘାତ କରିଛନ୍ତି।

**–ପ୍ରଭାତ ମିଶ୍ର, ବରିଷ୍ଠ ଖବରଦାତା**

### ପୁନର୍ଲିଖନର ଆବଶ୍ୟକତା ରହିଛି

ପାଇକ ବିଦ୍ରୋହ ବ୍ରିଟିଶ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମର ମୂଳଦୁଆ ପକାଇଥିଲା। ପାଇକଙ୍କ ବୀରତ୍ୱ, ସୌର୍ଯ୍ୟ ଆଗରେ ବ୍ରିଟିଶ ମଥା ନୁଆଇଥିଲେ। ନିଜ ମାଟିର ସୁରକ୍ଷା ପାଇଁ ପାଇକଙ୍କ ବଳିଦାନ, ତ୍ୟାଗ, ନିଷ୍ଠା ଅତୁଳନୀୟ। ଏହା ଏକ ଜାତୀୟତାବୋଧକୁ ପ୍ରମାଣ କରେ। ପାଇକ ବିଦ୍ରୋହ ସମ୍ପର୍କରେ ପୁଣି ଥରେ ପୁନର୍ଲିଖନର ଆବଶ୍ୟକତା ରହିଛି।

**–ନରେନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ**

ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଉତ୍ସବକୁ ଉଦ୍‌ଘାଟନ କରି ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପାଇକ ବୀରଙ୍କ ବୀରତ୍ୱକୁ ପ୍ରଶଂସା କରିଥିଲେ। ଓଡ଼ିଶା ଏକ ବୀରମାଟି ବୋଲି ସମ୍ବୋଧିତ କରିଥିଲେ। ଏବେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ କେନ୍ଦ୍ର ପଛଘୁଞ୍ଚା ଦେଉଛି। ତତ୍କାଳୀନ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ତତ୍କାଳୀନ ପେଟ୍ରୋଲିୟମ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏହାର ଦ୍ୱିଶତ ବାର୍ଷିକୀ ଉତ୍ସବ ପାଳନ ଅବସରରେ ଏହାକୁ ସର୍ବସମ୍ମତି କ୍ରମେ ସ୍ୱୀକୃତି ଦେଇଥିବା ବେଳେ ରାଜ୍ୟ ସଭାରେ ଏହାକୁ ଅଗ୍ରାହ୍ୟ କରିବା ଓଡ଼ିଆଙ୍କ ସ୍ୱାଭିମାନ ଏବଂ ଅସ୍ମିତା ପ୍ରତି କୁଠାରାଘାତ।

**–ଅବ୍ୟକ୍ତ ହରିହର ଖାଡଙ୍ଗା, ଯୁବନେତା**



କୃଷ୍ଣପ୍ରସାଦ: ଇପିଙ୍ଗ ଶ୍ୟାମାକାଳୀ ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

## ଶ୍ୟାମାକାଳୀ ପୂଜାରେ ନୃତ୍ୟ ପ୍ରତିଯୋଗିତା

**କୃଷ୍ଣପ୍ରସାଦ,୨୭।୧୦(ଡି.ଏନ୍.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତ ଇପିଙ୍ଗ ଶ୍ୟାମାକାଳୀ ପୂଜା କମିଟି ଆନୁକୂଲ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କମିଟି ସଭାପତି ସୁବ୍ରତ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟିର ଉପଦେଷ୍ଟା ନୀଳାଚଳ ପାଣିଗ୍ରାହୀ, ସମ୍ପାଦକ ଅଜିତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କାଳନ୍ଦୀ ଚରଣ ବାରିକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଦେବାଶିଷ ପାତ୍ରଙ୍କ ନେତୃତ୍ୱରେ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## 'ଦଳର ସଙ୍ଗଠନକୁ ସୁଦୃଢ଼ କର'




ସମ୍ମିଳନୀରେ ଯୋଗଦେଇଥିବା ଏଏପିର ନେତା ଓ କର୍ମୀମାନେ।

**ନିର୍ବାଚନମଣ୍ଡଳୀ ସ୍ତରୀୟ ଏଏପିର କର୍ମୀ ସମ୍ମିଳନୀ**

**ବେଗୁନିଆ,୨୭।୧୦(ଡି.ଏନ୍.ଏ.):**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଅତ୍ରିର ହଟ୍ଟକେଶ୍ୱର ମନ୍ଦିର ପରିସରରେ ଗୁରୁବାର ଆମ୍ ଆଦମୀ ପାର୍ଟି (ଏଏପି)ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାଘମାରୀ ପଞ୍ଚାୟତର ଦଳୀୟ ବରିଷ୍ଠ କର୍ମୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଖୋର୍ଦ୍ଧା ଜିଲା ଦଳୀୟ ସଭାପତି ଶୁଭାଶିଷ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ଦଳୀୟ ପ୍ରବକ୍ତା ରଙ୍ଗାଚରଣ ପ୍ରଧାନ ବକ୍ତା, ସମ୍ମାନିତ ଅତିଥିଭାବେ ଜିଲା ସାଙ୍ଗଠନିକ ସମ୍ପାଦକ ସୁନିଲ୍ ଷଡ଼ଙ୍ଗୀ, ପର୍ଯ୍ୟବେକ୍ଷକ ସମରେନ୍ଦ୍ର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦଳର ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ଆଗାମୀ ନିର୍ବାଚନ ରଣାଙ୍ଗନରେ ବେଗୁନିଆ ନିର୍ବାଚନ ମଣ୍ଡଳୀରୁ ଏଏପି ଜିତିବା ପାଇଁ ଲଢ଼େଇ କରିବ। କର୍ମୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି ବୋଲି ବେଗୁନିଆ ବ୍ଲକ ସଭାପତି କଳ୍ପତରୁ ପଣ୍ଡା କହିଥିଲେ। ବୋଲଗଡ ବ୍ଲକ ସଭାପତି ଅକ୍ଷୟ ବଳିୟାରସିଂହ ବିବରଣୀ ପ୍ରଦାନ କରିଥିଲେ। ଶେଖ୍ ଫୈଜୁଲ, କିଶୋର ସାହୁ, ଚିତ୍ତରଞ୍ଜନ ଆଚାର୍ଯ୍ୟ, କବିତା ମହାରଣା ପ୍ରମୁଖ ଦଳୀୟ କର୍ମୀ ସହଯୋଗ କରିଥିଲେ। ବ୍ଲକ ସଭାପତି ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଡିସେମ୍ବର ୧ରୁ କୋଣାର୍କରେ ଇକୋ ରିଟ୍ରିଟ୍

**ପୁରୀ ଅଫିସ,୨୭।୧୦:**

ଇକୋ ରିଟ୍ରିଟ୍‌ର ଚତୁର୍ଥ ସଂସ୍କରଣ ଆସନ୍ତା ଡିସେମ୍ବର ୧ରୁ କୋଣାର୍କରେ ଆରମ୍ଭ ହେବ। ଏନେଇ ଏକ ବୈଠକ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷର ଅଭିଜ୍ଞତା ଓ ଅନୁଭବକୁ ଆଧାର କରି ଚଳିତ ବର୍ଷର ଇକୋ ରିଟ୍ରିଟ୍‌କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପରସ୍ପର ସହ ସମନ୍ୱୟ ରଖି କାମ କରିବା, ଧାର୍ଯ୍ୟ ସମୟ ପୂର୍ବରୁ କାର୍ଯ୍ୟ ସାରିବା ଏବଂ ପର୍ଯ୍ୟଟକମାନେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଜିଲାପାଳ ପରାମର୍ଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ଏବଂ ଇ-ଫାକ୍ଟର ଏଜେନ୍ସିର ମିଳିତ ସହଯୋଗରେ ଡିସେମ୍ବର ୧ରୁ ୨୦୨୩ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଇକୋ ରିଟ୍ରିଟ୍ ଅନୁଷ୍ଠିତ ହେବ। ୭୦ଟି ଲକ୍‌ଜରି ଟେଣ୍ଟ କରାଯିବ, ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ। ଇକୋ ରିଟ୍ରିଟ୍ ସମୟରେ ଜଳକ୍ରୀଡ଼ା, ବିଚ୍ ସ୍ପୋର୍ଟସ, ଇନ୍‌ଡୋର ଗେମ୍ ଇତ୍ୟାଦି ବ୍ୟବସ୍ଥା ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ, ପାଣି, ମୋବାଇଲ ନେଟୱର୍କ, ଚିକିତ୍ସା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ, ସୁରକ୍ଷା, ୨୪ ଘଣ୍ଟିଆ ଲାଇଫ୍ ଗାର୍ଡ ବ୍ୟବସ୍ଥା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲ୍ଲୀପ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ଏବଂ ଅନ୍ୟାନ୍ୟ ବିଭାଗ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ଇକୋ ରିଟ୍ରିଟ୍‌ର ଆୟୋଜନ କରୁଥିବା ଇ-ଫାକ୍ଟରର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

## ରାଇଜିଂଷ୍ଟାରକୁ ହରାଇ ଜାଗରଣ କ୍ଲବ ବିଜୟୀ

**ଖୋର୍ଦ୍ଧା ଅଫିସ,୨୭।୧୦:**

**ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଖୋର୍ଦ୍ଧା ସ୍ପୋର୍ଟ୍ସ ଆସୋସିଏଶନ ଓ ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପାଇକ ଡିଗିରିଆ ଆଦିବାସୀ ଜାଗରଣ କ୍ଲବ ଏବଂ ତରତୁଆ ରାଇଜିଂଷ୍ଟାର ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତେବେ ପ୍ରଥମ ରାଉଣ୍ଡ ସୁଦ୍ଧା କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧର ୩୮ ମିନିଟ୍‌ରେ ଜାଗରଣ କ୍ଲବ ପକ୍ଷରୁ ମନୋଜ ସ୍ୱାଇଁ ଗୋଟିଏ ଗୋଲ ଦେଇଥିଲେ। ରାଇଜିଂଷ୍ଟାର କୌଣସି ଗୋଲ ଦେଇ ନ ପାରିବାରୁ ଜାଗରଣ କ୍ଲବ ୧-୦ ବ୍ୟବଧାନରେ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥିଭାବେ ଭେଟେରାନ ଫୁଟବଲ ଖେଳାଳି ହବିବ ବକ୍ସ ଏବଂ ଲାଲା ଧୀରେନ ପ୍ରସାଦରାୟ, ଜ୍ୟୋତି ପ୍ରକାଶ ମହାନ୍ତି, ଦାନିଏଲ ନାୟକ, କିଶୋର ଚନ୍ଦ୍ର ସେଠୀ, ଅନିଲ କୁମାର ସାହୁ, ବୀରକିଶୋର ସାହୁ, ହାସିମୁଦ୍ଦିନ ଖାଁ, ଗୋକୁଳା ନନ୍ଦ ସାମନ୍ତସିଂହାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ମୁକୁନ୍ଦପ୍ରସାଦ ମିଳନ ୟୁଥ କ୍ଲବ ଏବଂ ବେଣାପଞ୍ଜୁରୀ ଫ୍ରେଣ୍ଡସ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ କହିଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ଗିରିଗୋବର୍ଦ୍ଧନ ପୂଜା ଉତ୍ସବ ଆରମ୍ଭ

**ବୋଲଗଡ଼/ଜଟଣୀ, ୨୭।୧୦(ଡି.ଏନ୍.ଏ.):**

ବୋଲଗଡ଼ ବ୍ଲକ ଦେଉଳି ଗ୍ରାମର ଗିରି ଗୋବର୍ଦ୍ଧନ ପୂଜା ଉତ୍ସବ ବୁଧବାର ରାତିରୁ ଆରମ୍ଭ ହୋଇଛି। ୧୭୦ ବର୍ଷ ଧରି ଏହି ପୂଜା ଚାଲି ଆସୁଥିବା ବେଳେ ଦେଉଳି ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ହୋଇଥାଏ। ଗିରି ଗୋବର୍ଦ୍ଧନ ମନ୍ଦିର ପରିସରରେ ଗୁରୁବାର ଠାରୁ ଯାତ୍ରା ମହୋତ୍ସବର ପରିବେଷଣ ଦେଖିବାକୁ ମିଳିଥିବା ବେଳେ ସ୍ଥାନୀୟ ଲୋକେ ପରିବାର ସହ ଏଠାରେ ଠାକୁରଙ୍କ ଦର୍ଶନ କରିଥିଲେ। ଏଥିସହ ଯାତ୍ରାରେ ବୁଲାବୁଲି କରିଥିଲେ। ଘରକରଣା ସାମଗ୍ରୀ, ଖାଦ୍ୟ ଷ୍ଟଲ ସହ ଦୋଳି ଓ ସ୍ପ୍ରିଙ୍ଗ ଜମ୍ପିଙ୍ଗ ଖେଳର ବ୍ୟବସ୍ଥା ଆକର୍ଷଣ କରୁଛି। ଦେଉଳି ଗ୍ରାମ ବଡସାହି ସ୍ଥିତ ଭାଗବତ ଦେବ ଠାକୁର ମଠସାହି ସ୍ଥିତ ଶ୍ରୀଚୈତନ୍ୟଦେବ ଠାକୁର, ଦାସସାହି ସ୍ଥିତ ଦଧିବାମନଦେବ ଠାକୁର ଓ ଗିରିଗୋବର୍ଦ୍ଧନ ପଡିଆସ୍ଥିତ ରାଧାମାଧବ ଦେବ ଠାକୁରଙ୍କ ବିଗ୍ରହ ଚଉଦୋଳ ବିମାନରେ ପୂଜା ପାଉଥିବା ବେଳେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଭୋଗ ଲାଗି କରାଯାଉଛି। ଠାକୁରଙ୍କୁ ଦର୍ଶନ ପାଇଁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଏଠାରେ ଦିନରେ ରାମ ନାଟକ ହେଉଥିବା ବେଳେ ରାତିରେ ଅପେରା ପରିବେଷଣ କରାଯାଉଛି। ରବିବାର ପର୍ଯ୍ୟନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ବହୁ ପଞ୍ଚାୟତ ପ୍ରତିନିଧି ଠାକୁରଙ୍କୁ ଦର୍ଶନ କରିଥିଲେ।

ଜଟଣୀରେ ବସବାସ କରୁଥିବା ମାରୱାଡି ସମ୍ପ୍ରଦାୟ ପକ୍ଷରୁ ଗିରିଗୋବର୍ଦ୍ଧନ ପୂଜା ଏବଂ ଅର୍ଣ୍ଣକୁଟ ମହୋତ୍ସବ ପାଳିତ ହୋଇଯାଇଛି। ଚଳିତ ବର୍ଷ ସୂର୍ଯ୍ୟ ପରାଗ ପଡିଥିବାରୁ ଗୁରୁବାର ଏହି ଉତ୍ସବ ଗୋପୀନାଥ ମନ୍ଦିର କମିଟି ଏବଂ ମାରୱାଡି ସମ୍ପ୍ରଦାୟ ପକ୍ଷରୁ ପାଳନ କରାଯାଇଥିଲା। କମିଟି ସଭାପତି ମହେଶ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଖୋର୍ଦ୍ଧା, ଜଟଣୀ ଏବଂ ଭୁବନେଶ୍ୱର ଅଞ୍ଚଳର ବହୁ ମାରୱାଡି ପରିବାରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର ବହୁ ଜନସାଧାରଣ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଦୀପ ଅଗ୍ରୱାଲ, ଉପ ସଭାପତି ଶଙ୍କର ପ୍ରସାଦ ଅଗ୍ରୱାଲ, ଅଧିବକ୍ତା ବିଶ୍ୱନାଥ ଯୋଶୀ, ଶ୍ୟାମସୁନ୍ଦର ଅଗ୍ରୱାଲ, ସଜନ ଅଗ୍ରୱାଲ, ରୋହତାଶ ପଲିବାଲାଙ୍କ ସମେତ ମାରୱାଡି ଯୁବ ମଞ୍ଚ ଜଟଣୀ ସିଟି, କର୍ମା ଗ୍ରୁପ, ଜୟ ଗୋପେଶ୍ୱର ସଂଘ, ମାରୱାଡି ମହିଳା ସମିତ ଏବଂ ସ୍ଥାନୀୟ ଅଞ୍ଚଳ ବହୁ ସାମାଜିକ ଅନୁଷ୍ଠାନ ସହଯୋଗ କରିଥିଲେ। ଉକ୍ତ ପୂଜା ଏବଂ ଅର୍ଣ୍ଣକୁଟ ମହୋତ୍ସବରେ ବହୁ ଶ୍ରଦ୍ଧାଳୁ ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ।



ପୂଜା ପାଉଥିବା ଠାକୁର।

## ସଂକ୍ଷେପରେ

### ବିଶ୍ୱ ଅକ୍ୟୁପେଶନାଲ ଥେରାପି ଦିବସ ପାଳିତ

**କଣ୍ଟାପଡା,୨୭।୧୦(ଡି.ଏନ୍.ଏ.):** କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟ ଅଧୀନ କଟକ ଜିଲା କଣ୍ଟାପଡା ବ୍ଲକ ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରଠାରେ ବିଶ୍ୱ ଅକ୍ୟୁପେଶନାଲ ଥେରାପି ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏସ୍‌ଭି ନିର୍‌ତାରରେ ଚିକିତ୍ସିତ ହେଉଥିବା ଦିବ୍ୟାଙ୍ଗମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ଏହି ବିଭାଗରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅକ୍ୟୁପେଶନାଲ ଥେରାପି ସଚେତନତା ଉପରେ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରାଯିବା ସହ ଦିବ୍ୟାଙ୍ଗଙ୍କ ମଧ୍ୟରେ ଫ୍ୟାନ୍ସିଡ୍ରେସ୍, ମ୍ୟୁଜିକ ଚେୟାର, ସଙ୍ଗୀତ ଓ ମାର୍ଶଲ ଆର୍ଟ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିର୍‌ତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ମୁଖ୍ୟ ଅତିଥି, ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର, ବିଭାଗୀୟ ମୁଖ୍ୟ ଅନୁରୂପା ସେନାପତି ଓ ପ୍ରସ୍ଥେଟିକ ଆଣ୍ଡ୍ ଅର୍ଥୋଟିକ ବିଭାଗର ମୁଖ୍ୟ ଶ୍ରୀକାନ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ।

### ୩୦ରେ ଛଟ୍ ପୂଜା

**କଟକ ଅଫିସ,୨୭।୧୦:** କଟକ ମହାନଗର ଛଟ୍ ପୂଜା ସମିତି ପକ୍ଷରୁ ଆସନ୍ତା ୩୦ ଓ ୩୧ ତାରିଖ ଦୁଇଦିନ ଧରି ଛଟ୍ ପୂଜା ଦେବୀଗଡ଼ା ପୁରୀଘାଟଠାରେ ଅନୁଷ୍ଠିତ ହେବ। ଏହି ଦୁଇଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରିବେ। ଏହାପରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ପୂଜା ଅଧିକ ମାତ୍ରାରେ ଉତ୍ତର ଭାରତରେ ପାଳନ କରାଯାଉଛି। ଉକ୍ତ ପୂଜା ୨୦୧୫ଠାରୁ କଟକରେ ପାଳନ କରାଯାଇ ଆସୁଛି ବୋଲି ସମିତି ପକ୍ଷରୁ ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଶୈଳେଶ କୁମାର ବର୍ମା ସୂଚନା ଦେଇଛନ୍ତି। ଉକ୍ତ ସମ୍ମିଳନୀରେ ମନୋଜ ବର୍ମା, ମୁକୁନ୍ଦ ସିହ୍ନା, ଡ. ସଞ୍ଜୟ ସଞ୍ଜନ, ରାଜନାଥ ଚତୁର୍ବେଦୀ, ସୁନୀଲ ଶର୍ମା, ନିଖିଲ ସାହା, ରାମମୂର୍ତ୍ତି ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

### କଟକ ଚଣ୍ଡୀମନ୍ଦିର ବିକାଶ କାର୍ଯ୍ୟ ତଦାରଖ କଲେ ଆର୍‌ଡିସି, ସିଡିଏ ଅଧ୍ୟକ୍ଷ

**କଟକ ଅଫିସ, ୨୭।୧୦:** କଟକ ଚଣ୍ଡୀମନ୍ଦିର ବିକାଶ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଗୁରୁବାର କାର୍ଯ୍ୟର ଅଗ୍ରଗତି ନେଇ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ ଗୁରୁବାର ଚଣ୍ଡୀମନ୍ଦିରରେ ପହଞ୍ଚି ପ୍ରକଳ୍ପ କାର୍ଯ୍ୟର ତଦାରଖ କରିଥିଲେ। ସେଠାରେ ଭଙ୍ଗାଯାଇ ଜିନିଷପତ୍ର ସ୍ଥାନାନ୍ତର କରାଯାଇଛି। ସେହିପରି ପାଣି ପାଇପ ଲାଇନ ସ୍ଥାନାନ୍ତର, ବିଦ୍ୟୁତ୍ ତାର ଟଣା ଓ ଡାଇଭରସନ୍ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ପୁରୁଣା ପ୍ରକଳ୍ପ ଭଙ୍ଗାଯିବା ପୂର୍ବରୁ ସୂଚାରୁରୂପେ ସାମଗ୍ରୀ ସ୍ଥାନାନ୍ତର କରାଯିବା ପରେ ପ୍ରଶାସନ ଗୁରୁତ୍ୱ ଦେଉଛି ବୋଲି ସାମଲ କହିଛନ୍ତି। ପ୍ରକଳ୍ପ କାର୍ଯ୍ୟ ତଦାରଖ ସମୟରେ ଓବିସିସିର ମୁଖ୍ୟଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଚଣ୍ଡୀମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ ଉପସ୍ଥିତ ଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଖୁଣ୍ଟୁଣୀ,୨୭।୧୦(ଡି.ଏନ୍.ଏ.):** ଆଠଗଡ଼ ବ୍ଲକ ବିଜେଡି ପକ୍ଷରୁ କଣ୍ଡରେଇ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସତ୍ୟନାରାୟଣପୁରଠାରୁ ଏହି ପଦଯାତ୍ରା ବାହାରି ଅନନ୍ତପୁର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁଅ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ କହିଥିଲେ। ଏହି ପଦଯାତ୍ରାରେ ଆଠଗଡ଼ ବ୍ଲକ ୨ନଂ.ଜୋନ୍‌ର ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ସମିତିସଭ୍ୟ ବିଶ୍ୱନାଥ ପୂର୍ତ୍ତି, ପଞ୍ଚାୟତ ସଭାପତି ହୃଷୀକେଶ ପରିଡା, ବିଜୁ ମହିଳା ସଭାନେତ୍ରୀ ପ୍ରଣତି ନାୟକ, ଡିଜିଟାଲ ସେକ୍ରେଟାରୀ ରିନ୍‌ଜିନା ରାଉତ, ବର୍ଷା ରଣା, ଆଠଗଡ଼ ବ୍ଲକ ବିଜେଡି ସଭାପତି ବିନୋଦ ମାଝି, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# କାଳୀମେଢ଼ ଭସାଣି ପାଇଁ ଟ୍ରାଫିକ କଟକଣା

**କଟକ ଅଫିସ,୨୭।୧୦**

ନିର୍ଦ୍ଧାରିତ ସୂଚୀ ଅନୁଯାୟୀ କଟକ ସହରରେ କାଳୀମେଢ ଭସାଣି ୨୮ ତାରିଖରୁ ଆରମ୍ଭ ହୋଇ ଦୁଇ ଦିନ ବ୍ୟାପୀ ଚାଲିବ। ଭସାଣି ସମୟରେ ଜନସାଧାରଣଙ୍କ ସୁବିଧା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଭସାଣି ପାଇଁ ୨୮ ତାରିଖ ସକାଳ ୭ଟାଠାରୁ ୨୯ ତାରିଖ ସବୁ ମେଢ଼ ବିସର୍ଜନ ଶେଷ ହେବା ଯାଏ କଟକଣା ବଳବତ୍ତର ରହିବ। ଏ ନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଗୁରୁବାର କଟକ ଡିସିପି ପିନାକ ମିଶ୍ରଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ମେଢ଼ଗୁଡ଼ିକ କଲେଜ ଛକଠାରୁ ବକ୍ସିବଜାର, ତିନିକୋଣିଆ ବଗିଚା ଦେଇ ଚାନ୍ଦିନୀଚୌକ ଛକ ପର୍ଯ୍ୟନ୍ତ, ଚୌଧୁରୀବଜାର ଛକରୁ ପୂର୍ଣ୍ଣ ସାହୁ ଛକ, ମାରୱାଡି ପଟି ଓ ଫିରିଙ୍ଗିବଜାର ଦେଇ ଦେବୀଗଡ଼ା ପର୍ଯ୍ୟନ୍ତ, ଚଣ୍ଡୀ ଛକରୁ ଶେଖ୍‌ବଜାର, ମହମ୍ମଦିଆ ବଜାର ରାସ୍ତା ଦେଇ ଚାନ୍ଦିନୀଚୌକ ଛକ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାରେ କୌଣସି ଯାନବାହନ ଯିବାକୁ ଦିଆଯିବ

**୨୮ରୁ ୨୯ ବିସର୍ଜନ ଶେଷ ଯାଏ କଟକଣା ବଳବତ୍ତର**

ନାହିଁ। କିନ୍ତୁ ମୁଖ୍ୟ ରାସ୍ତାର ଛକଗୁଡ଼ିକରେ ମେଢ଼ ଯାଉ ନ ଥିବା ସମୟରେ ଗୋଟିଏ ପଟରୁ ଅନ୍ୟ ପଟକୁ ଟ୍ରାଫିକ ନିର୍ଦ୍ଦେଶ ଅନୁଯାୟୀ ଯାନବାହନ ଯିବାକୁ ଦିଆଯିବ।

କଲେଜ ଛକ ପାଖ ସିଡିଏ ମାର୍କେଟ କମ୍ପ୍ଲେକ୍ସ ଛକଠାରୁ କୌଣସି ଯାନ ସିଧାସଳଖ ରାଣୀହାଟ ହିନ୍ଦ୍ ସିନେମା ଆଡ଼କୁ ଯାଇପାରିବ ନାହିଁ। ସେଗୁଡ଼ିକ ବମ୍ବେ ହୋଟେଲ ଛକ ଦେଇ ଯୋବ୍ରା ଆନିକଟ ଛକ ଦିଗରେ ଯାଇପାରିବ। ସେହିପରି ବମ୍ବେ ହୋଟେଲ ଛକଠାରୁ କୌଣସି ଯାନ କଲେଜ ଛକ ଆଡକୁ କିମ୍ବା ସିଡିଏ ମାର୍କେଟ କମ୍ପ୍ଲେକ୍ସ ଛକ ଆଡ଼କୁ ଆସିପାରିବ ନାହିଁ। ମାଲଗୋଦାମ ଷ୍ଟେଟ୍ ବ୍ୟାଙ୍କ ପଟୁ କୌଣସି ଯାନ ପିଲିଗ୍ରୀମ ରୋଡ୍ ଦେଇ କଲେଜ ଛକ ଆଡ଼କୁ ଆସିପାରିବ ନାହିଁ। ସେଗୁଡ଼ିକ ମାଲଗୋଦାମ ଭିତର ରାସ୍ତାରେ ଯାଇ ଓଏମ୍‌ପି ଫ୍ଲାଏ ଓଭର ବ୍ରିଜ ଦେଇ ଯିବ। ମୋଚିସାହି ଛକରୁ କୌଣସି ଯାନ ରାଣୀହାଟ ହାଇସ୍କୁଲ ଦେଇ ହିନ୍ଦ୍ ସିନେମା ହଲ୍ ଆଡ଼କୁ ଯାଇପାରିବ ନାହିଁ। ସେଗୁଡ଼ିକ ଡା. ତେଜେଶ୍ୱର ରାଓ ଛକ ଦେଇ କେନାଲ କୂଳ ରାସ୍ତାରେ ଯୋବ୍ରାକୁ ଯାଇପାରିବ। ମେଢ଼ଗୁଡ଼ିକ ରାଣୀହାଟ ଛକ ଅତିକ୍ରମ କରୁଥିବା ସମୟରେ ବଜ୍ରକବାଟି ଛକଠାରୁ କୌଣସି ଯାନ ରାଣୀହାଟ ଆଡ଼କୁ ଯାଇପାରିବ ନାହିଁ। ସେଗୁଡ଼ିକ କେଶରପୁର ବ୍ରିଜ ଦେଇ ବକ୍ସିବଜାର ଓ ମଙ୍ଗଳାବାଗ ଆଡ଼କୁ ଯିବ। ମେଢ଼ଗୁଡ଼ିକ ମଙ୍ଗଳାବାଗ ଛକ ଅତିକ୍ରମ କରୁଥିବା ସମୟରେ କାଠଗୋଲା ଛକଠାରୁ କୌଣସି ଯାନ ମଙ୍ଗଳାବାଗ ଆଡ଼କୁ ଆସିପାରିବ ନାହିଁ। ଭିଜିଲାନ୍ସ ଗଡ଼ା କିମ୍ବା ମାତାମଠ ପଟରୁ କୌଣସି ଯାନ ସିଧାସଳଖ ହାୱଡ଼ା ମୋଟର ଛକ ଆଡ଼କୁ ଆସିପାରିବ ନାହିଁ। ହୋଟେଲ ଗିନର ଛକଠାରୁ କୌଣସି ଯାନ ମଣି ସାହୁ ଛକ କିମ୍ବା ମସ୍ତାନ ଦରଘା ଛକ ଆଡ଼କୁ ଯାଇପାରିବ ନାହିଁ। ମେରିଆ ବଜାର ବ୍ରିଜପଟୁ କୌଣସି ଯାନ ପ୍ରଭାତ ସିନେମା ହଲ୍ ଆଡ଼କୁ ଆସିପାରିବ ନାହିଁ। ହାତୀପୋଖରୀ ଛକ ପଟୁ କୌଣସି ଯାନ ଜେଲରୋଡ୍ ଆଡ଼କୁ ଆସିପାରିବ ନାହିଁ। ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ପାଖରୁ କୌଣସି ଯାନ ପଢ଼ିଆରୀ ପାଠାଗାର ଓ ଗୌରୀଶଙ୍କର ପାର୍କ ଆଡ଼କୁ ଆସିପାରିବ ନାହିଁ। ସେହିପରି ଧର୍ମଶାଳା ଛକ ପାଖରୁ କୌଣସି ଯାନ ଗୌରୀଶଙ୍କର ପାର୍କ ଓ ଉତ୍କଳିକା ଛକ ଆଡ଼କୁ ଯାଇପାରିବ ନାହିଁ। ହାଇକୋର୍ଟ ଛକରୁ କୌଣସି ଯାନ ବାଲୁବଜାର ଆଡ଼କୁ କିମ୍ବା ବାଲୁବଜାର ପଟୁ ସିଧା ଚୌଧୁରୀ ବଜାର ଆଡ଼କୁ ଯାଇପାରିବ ନାହିଁ। ମ୍ୟୁନିସିପାଲିଟି ଅଫିସ ପୁରୁଣା ଗେଟ୍ ପଟୁ କୌଣସି ଯାନ ପୂର୍ଣ୍ଣ ସାହୁ ଛକ ଆଡ଼କୁ ଆସିପାରିବ ନାହିଁ। ନନ୍ଦୀସାହି ଛକ ପଟୁ ଯାନଗୁଡିକ ଆପଣଙ୍କ ହୋଟେଲ ଛକ ଦେଇ ପୂର୍ଣ୍ଣ ସାହୁ ଛକକୁ ଆସିପାରିବ ନାହିଁ। ତଳତେଲେଙ୍ଗା ବଜାର ପଞ୍ଚମୁଖୀ ଚଉରା ଛକରୁ ଯାନଗୁଡିକ ନୃସିଂହନାଥ ମଠ ରାସ୍ତାରେ କାଠଯୋଡ଼ି ବନ୍ଧ ରାସ୍ତାକୁ ଯାଇପାରିବ ନାହିଁ। ଖାନ୍‌ନଗର ଛକରୁ ଓ ବ୍ଲୁ ଲାଗୁନ ହୋଟେଲ ଛକ ପଟୁ କୌଣସି ଯାନ କାଠଯୋଡ଼ି ରିଂବନ୍ଧରେ ପୁରୀଘାଟଗଡ଼ା ଆଡ଼କୁ ଯାଇପାରିବ ନାହିଁ। ଏହି ନିୟମାବଳୀ ପୋଲିସ, ଅଗ୍ନିଶମ, ଅବକାରୀ, ଆମ୍ବୁଲାନ୍ସ ଗାଡ଼ି ପ୍ରତି ଲାଗୁହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏହି ବ୍ୟବସ୍ଥାକୁ ସଫଳ ଭାବରେ କାର୍ଯ୍ୟକାରୀ କରାଇବାକୁ କମିଶନରେଟ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।



କଟକ ମେହେନ୍ଦିପୀର ଅଞ୍ଚଳରେ ବିହାରୀ ସମ୍ପ୍ରଦାୟ ମହିଳାଙ୍କ ଦ୍ୱାରା ଗୁରୁବାର ଅନୁଷ୍ଠିତ ଗିରିଗୋବର୍ଦ୍ଧନ ପୂଜା।

## ୨୦୧୩ ପୂର୍ବର କର୍ମଚାରୀଙ୍କ ସମସ୍ୟା ସମାଧାନ ଦାବି

**କଟକ ଅଫିସ, ୨୭।୧୦**

ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ସଂକ୍ରାନ୍ତରେ ଗତ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏନେଇ ୧୬ ତାରିଖରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଦୁଃଖର ବିଷୟ, ୨୦୧୩ ପୂର୍ବରୁ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅସ୍ଥାୟୀ, ଡାଟା ଏଣ୍ଟ୍ରି ଅପରେଟର, ଲେଡି ମାଟ୍ରୋନ ଏବଂ ଆଉଟସୋର୍ସିଂ କର୍ମଚାରୀଙ୍କ ନିମନ୍ତେ କୌଣସି ନିଷ୍ପତ୍ତି ହୋଇନାହିଁ। ଏହାକୁ ନେଇ ଉକ୍ତ କର୍ମଚାରୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଣୁ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଦାବି କରାଯାଇଛି। ସମିତି ପକ୍ଷରୁ ଏ ସମ୍ପର୍କିତ ଏକ ଚିଠି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଅନ୍ୟପକ୍ଷରେ କର୍ମଚାରୀଙ୍କ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି**

ଉପରୋକ୍ତ ସମସ୍ୟା ଉପରେ ସମିତିର କେନ୍ଦୁଝରଠାରେ ଆସନ୍ତା ନଭେମ୍ବର ୧୯ ଓ ୨୦ ତାରିଖରେ ହେବାକୁ ଥିବା ସମ୍ମିଳନୀରେ ଆଲୋଚନା କରାଯିବ। ଭବିଷ୍ୟତ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ସହ ଜୁଲାଇରୁ ୪ ପ୍ରତିଶତ ମହଙ୍ଗା ଭତ୍ତା ସହିତ ୧୮ ମାସର ବକେୟା ମହଙ୍ଗା ଭତ୍ତା ଘୋଷଣା କରିବାକୁ ସମିତି ପକ୍ଷରୁ ମାଛୁଆବଜାରସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଲିଙ୍ଗରାଜ ମହାନ୍ତି ଦାବି କରିଛନ୍ତି। ଉକ୍ତ ସମ୍ମିଳନୀରେ ସମିତିର କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସାହୁ, ସୁଦର୍ଶନ ପ୍ରଧାନ, ଉପ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, କାହ୍ନୁ ଚରଣ ମଲ୍ଲିକ, ବିଶ୍ୱମୋହନ ମହାପାତ୍ର, ବିମଳ ରାଉତ, ବିକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।





ବିଭିନ୍ନ ଦାବି ନେଇ ଓଲ୍ଡ ବଏଜ ଆସୋସିଏଶନ ପକ୍ଷରୁ ଗୁରୁବାର କଟକ ବକ୍ସିବଜାରସ୍ଥିତ ମଦ୍ରାସା ସୁଲତାନିଆ ପରିସରରେ ବିକ୍ଷୋଭ।

## ବାଲି ଚୋରାଚାଲାଣ, ୩ ଟ୍ରାକ୍ଟର ଜବତ

**ଫୁଲନଖରା,୨୭।୧୦(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ କୁଆଖାଇ ନଦୀର ପ୍ରତାପ ନଗରୀସ୍ଥିତ ଏକ ବେଆଇନ ବାଲିଘାଟରୁ ବୁଧବାର ବିଳମ୍ବିତ ରାତିରେ ବାଲି ଚୋରା ଚାଲାଣ ବେଳେ ପୋଲିସ ୩ ଟ୍ରାକ୍ଟର ଜବତ କରିଛି। ଏହି ଘଟଣାରେ ଜଣେ ଚାଳକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରାଯାଇଥିବାବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଗିରଫ ଚାଳକ ହେଲେ ଏହି ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମର କାର୍ତ୍ତିକ ସିଂ। ଏ ନେଇ ଥାନାରେ ଏକ ମାମଲା(ନଂ.୪୭୭/୨୨) ରୁଜୁ ହୋଇଛି।

## ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରସାର ସମ୍ପର୍କିତ କର୍ମଶାଳା

**କଟକ ଅଫିସ, ୨୭।୧୦**

କଟକ ମହାନଗର ନିଗମ(ସିଏମ୍‌ସି) ସମ୍ମିଳନୀ କକ୍ଷରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସଂକ୍ରାନ୍ତ ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ସ୍ଥିରୀକୃତ ହୋଇଥିବା ଯୋଜନାଗୁଡ଼ିକ ଯେପରି ସହଜରେ କାର୍ଯ୍ୟକାରୀ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା। ବିଶେଷକରି ସହଯୋଗ ଓ ସହଭାଗିତା ଭିତିରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଉପସ୍ଥିତ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାରପ୍ରସାର ନେଇ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟକ୍ରମକୁ ସମୀକ୍ଷା କରାଯାଇଥିଲା। ଏହାଛଡା ରାଷ୍ଟ୍ରୀୟ ବାଲ୍ ସୁରକ୍ଷା କାର୍ଯ୍ୟକ୍ରମ ଉପରେ କର୍ମଶାଳାରେ ଆଲୋକପାତ କରାଯାଇଥିଲା। ଏଥିରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ପୌରୋହିତ୍ୟ କରିଥିଲେ। ସିଏମ୍‌ସି ଅତିରିକ୍ତ କମିଶନର ଅନାମ ପାତ୍ର ଓ ସହରରେ ଥିବା ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କ ସମେତ ୧୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାଲିଯାତ୍ରା: ଖାଦ୍ୟ ପ୍ୟାକେଟ୍, ପାଣି ବୋତଲରେ ଲାଗିବ କ୍ୟୁଆର କୋଡ୍

**କଟକ ଅଫିସ,୨୭।୧୦**

ଚଳିତବର୍ଷ କଟକ ବାଲିଯାତ୍ରାରେ ବିକ୍ରି ହେବାକୁ ଥିବା ଖାଦ୍ୟ ପ୍ୟାକେଟ, ପାଣି ଓ ଜୁସ୍ ବୋତଲରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସ୍ୱୀକୃତିପ୍ରାପ୍ତ ସ୍ୱତନ୍ତ୍ର କ୍ୟୁଆର୍ କୋର୍ଡ ରହିବ। ଅପରପକ୍ଷେ ବାଲିଯାତ୍ରାରୁ ଯେଉଁ ବର୍ଜ୍ୟବସ୍ତୁ ବାହାରିବ, ତାହାକୁ ପୃଥକୀକରଣ କରାଯାଇ ପୁନଃ ବ୍ୟବହାର ପାଇଁ ବ୍ୟବସ୍ଥା କରାଯିବ। ବାଲିଯାତ୍ରାର ତଳ ଓ ଉପର ପଡିଆ ସମେତ ଆଖପାଖ ୫୦୦ ମିଟର ପରିଧିକୁ ବର୍ଜ୍ୟବସ୍ତୁ ନିୟନ୍ତ୍ରଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ବାଲିଯାତ୍ରାରେ ପ୍ଲାଷ୍ଟିକ ଫେରସ୍ତ କଲେ ଟଙ୍କା ମିଳିବା ନେଇ କ୍ୟୁଆର୍ କୋଡ୍ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସିଏମ୍‌ସି ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥା ସହ ଚୁକ୍ତିନାମା ସ୍ୱାକ୍ଷରିତ କରିଛି। ବାଲିଯାତ୍ରା ଉପର ଓ ତଳପଡିଆ ସହ ଏହାର ୫ଶହ ମିଟର ପରିଧି ମଧ୍ୟରେ ଥିବା ଡିଷ୍ଟ୍ରିବ୍ୟୁଟର, ରିଟେଲର ଏବଂ ହୋଲସେଲରମାନେ ନିଜ ସାମଗ୍ରୀରେ ସିଏମ୍‌ସି ପକ୍ଷରୁ ସ୍ୱୀକୃତିପ୍ରାପ୍ତ କ୍ୟୁଆର୍ କୋଡ୍ ଲଗାଇବେ। ସିଏମ୍‌ସି ସହ ଚୁକ୍ତିନାମା ସ୍ୱାକ୍ଷରିତ କରିଥିବା ସଂସ୍ଥା ଡିଷ୍ଟ୍ରିବ୍ୟୁଟର, ରିଟେଲର ଓ ହୋଲସେଲରମାନଙ୍କୁ କ୍ୟୁଆର୍ କୋଡ୍ ଯୋଗାଇଦେବ। ଏନେଇ ଗୁରୁବାର ସିଏମ୍‌ସି ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରେ ଅବଗତ କରାଯାଇଛି।

## 'ପ୍ରାଚୀନ ନୌବାଣିଜ୍ୟ ଗାଥାକୁ ଉଜ୍ଜୀବିତ କରିଛି ବାଲିଯାତ୍ରା'

**କଟକ ଅଫିସ, ୨୭।୧୦**

ଭାଇଚାରାର ସହର କଟକ। ସଂସ୍କୃତି ଓ ପରମ୍ପରା ପାଇଁ ଏହି ସହର ପ୍ରସିଦ୍ଧି ଲାଭ କରିଛି। ପ୍ରାଚୀନ ନୌବାଣିଜ୍ୟ ଗାଥାକୁ ଉଜ୍ଜୀବିତ କରି ରଖିବାରେ କଟକ ବାଲିଯାତ୍ରା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ ସାମଲ କହିଛନ୍ତି। ବାଲିଯାତ୍ରା ସଚେତନତା ଅଭିଯାନର ଦ୍ୱାଦଶ ଦିବସରେ ଗୁରୁବାର ସନ୍ଧ୍ୟାରେ ମହାନଦୀ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିଏ ଅଧ୍ୟକ୍ଷ ସାମଲ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଚଳିତବର୍ଷ ବାଲିଯାତ୍ରାରେ ବହୁସଂଖ୍ୟକ ଲୋକଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିସହ ବାଲିଯାତ୍ରାକୁ ସ୍ୱଚ୍ଛ

**ବାଲିଯାତ୍ରା ସଚେତନତା ଅଭିଯାନ**

ଓ ସରସ ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ସହ ସନ୍ଧ୍ୟାରେ ମହାନଦୀ ଆଳତି କରାଯାଉଛି। ଏହି କାର୍ଯ୍ୟକ୍ରମରେ ସିଡିଏ ଅଧ୍ୟକ୍ଷ ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା କଳା ଓ ସଂସ୍କୃତି ସଂଘ ଉପସଭାପତି ଜ୍ଞାନପ୍ରିୟ କାନୁନ୍‌ଗୋ, କଲେକ୍ଟୋରିଏଟ୍ ଷ୍ଟାଫ୍ କମିଟି ସଭାପତି ବିଶ୍ୱମୋହନ ମହାପାତ୍ରଙ୍କ ସମେତ ଅନେକ ବିଭାଗର ଅଧିକାରୀ, ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଓ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

# ଗୋଟିଏ ସ୍ଥାନରେ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, ଗୁରୁଦ୍ୱାର

**କଟକ ଅଫିସ, ୨୭।୧୦**

ଭାଇଚାରାର ସହର କଟକ। ଏଠାକାର ଐତିହ୍ୟ ବିଷୟରେ ଲୋକଙ୍କୁ ଜଣାଇବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରୟାସ କରାଯାଇଛି। ଚଳିତବର୍ଷ ବାଲିଯାତ୍ରାରେ 'କଟକ ଇନ୍ କଟକ' ମୁଖ୍ୟ ଆକର୍ଷଣ ହେବାକୁ ଯାଉଛି। ଏହି ଥିମ୍ ଜରିଆରେ ବାଲିଯାତ୍ରା ପଡିଆର ଏକ ସ୍ଥାନରେ କଟକର ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ ଓ ଗୁରୁଦ୍ୱାର ସହ ହାଇକୋର୍ଟର ପ୍ରତିକୃତି ସ୍ଥାନ ପାଇବ। ଏବେ ସେଠାରେ ଶିଖରପୁରର ଗୁରୁଦ୍ୱାର ଓ ଧବଳେଶ୍ୱର ମନ୍ଦିର ଢାଞ୍ଚାରେ ପ୍ରତିକୃତି ନିର୍ମାଣ ଚାଲିଛି। ଏଥିସହ ମିଶନରୋଡସ୍ଥିତ ବାପ୍ଟିଷ୍ଟ ଚର୍ଚ୍ଚ ଓ ଦରଘାବଜାରର କଦମ୍ ରସୁଲ୍ ମସଜିଦ୍ ଆକୃତିର ପ୍ରତିକୃତି ମଧ୍ୟ ଦେଖିବାକୁ ମିଳିବ। କଟକ ଇନ୍ କଟକ ନାଁରେ ହେଉଥିବା ଏହି ସ୍ପେଶାଲ ଏନ୍‌କ୍ଲୋଜରର ପ୍ରବେଶ ପଥରେ ହାଇକୋର୍ଟର ପ୍ରତିକୃତି ରହିବ।



ବାଲିଯାତ୍ରା ପଡ଼ିଆରେ ଧବଳେଶ୍ୱର ମନ୍ଦିରର ପ୍ରତିକୃତି ନିର୍ମାଣ ଚାଲିଛି।

ଏହିଭଳି ଭାବେ କଟକ ଜିଲାର ପ୍ରମୁଖ ପୀଠ ସ୍ଥାନ ପାଇବ। ଭୁବନେଶ୍ୱରର ସୁଚିତ୍ରା ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଏହି ଥିମ୍ ପାର୍କ ତିଆରି କରୁଛି। ରାଜ୍ୟର ଜଣାଶୁଣା ସ୍ଥପତି, ଚିତ୍ରକର, ବି.କେ. ଆର୍ଟ କଲେଜ ଓ ବାଣୀବିହାରର ଛାତ୍ରମାନେ ଏହି

**କଟକର ଐତିହ୍ୟ ବିଷୟରେ ଜଣାଇବା ପାଇଁ ପ୍ରୟାସ**

ପ୍ରକଳ୍ପକୁ ସୁନ୍ଦର ରୂପରେଖ ଦେଉଛନ୍ତି। ମହାନଦୀ କୂଳରେ ଥିବା ପ୍ରାୟ ୪୦୦ ବଡ ଗଛ ଭିତରେ ଏହି ଥିମ୍ ପାର୍କ ତିଆରି ହେଉଛି। ଏହାଛଡା ଲୋକଙ୍କ ବସିବା ପାଇଁ ଗଛମୂଳରେ ପ୍ରଶାସନ ପକ୍ଷରୁ ପିଣ୍ଡି ନିର୍ମାଣ କରାଯାଉଛି। ବାଲିଯାତ୍ରାରେ ବୁଲିବାବେଳେ କେହି ଥକିପଡିଲେ ଉକ୍ତ ପିଣ୍ଡିରେ ବସି ବିଶ୍ରାମ ନେଇପାରିବେ। ଚଳିତବର୍ଷ ବାଲିଯାତ୍ରାରେ ଅଧିକ ଦୋଳି ବ୍ୟବସାୟୀ ଆସିଥିବାରୁ ଏଥିପାଇଁ ଅଧିକ ସ୍ଥାନ ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିସହ ବଲିଉଡ୍ ନାଇଟ୍-ଏଥରର ମୁଖ୍ୟ ଆକର୍ଷଣ ପାଲଟିବ। ବଲିଉଡ୍‌ର ପ୍ରାୟ ୧୫ଜଣ ନାମୀଦାମୀ କଣ୍ଠଶିଳ୍ପୀ ବାଲିଯାତ୍ରା ପଡିଆରେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିବେ।



କଟକ ବାଲିଯାତ୍ରା ପଡିଆ ନିକଟ ମହାନଦୀ କୂଳରେ ଗୁରୁବାର ଅନୁଷ୍ଠିତ ଆଳତି କାର୍ଯ୍ୟକ୍ରମରେ ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଅନ୍ୟମାନେ।





କଟକ ମହାନଗର ନିଗମର ୨୪ନଂ. ୱାର୍ଡରେ ବିଜେଡି ପକ୍ଷରୁ ଗୁରୁବାର ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରା।




୨୭।୧୦।୨୦୨୨

| | |
|---|---|
| ୪,୪୭,୮୨୬ ଟଙ୍କା | |
| ସୁନା | ୨୧.୨୦୦ ଗ୍ରାମ |
| ରୁପା | ୪୪.୫୦୦ ଗ୍ରାମ |

# ସେକ୍ସ ର୍ୟାକେଟ୍‌ର ପର୍ଦ୍ଦାଫାଶ



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।



ଜବତ କାର୍ ଓ ବାଇକ୍।

## ମାଷ୍ଟରମାଇଣ୍ଡ ସମେତ ୬ ଗିରଫ

- ଆପତ୍ତିଜନକ ସାମଗ୍ରୀ, ୪ ଗାଡ଼ି, ଟଙ୍କା, ମୋବାଇଲ ଜବତ
- ଜଣେ ଦେହଜୀବୀ ଉଦ୍ଧାର, ଧରାପକେଇଲା ମାତୃଶକ୍ତି ଟିମ୍

ପୁରୀ ଅଫିସ,୨୭।୧୦

ପୁରୀ ବାସେଲିସାହି ଥାନା ଅନ୍ତର୍ଗତ ପାଇକସାହିରେ କିଛିଦିନ ହେବ ଚାଲିଥିବା ସେକ୍ସ ର୍ୟାକେଟର ପର୍ଦ୍ଦାଫାଶ ହୋଇଛି। ପୁରୀ ପୋଲିସର 'ମାତୃଶକ୍ତି' ସ୍ୱେଚ୍ଛାସେବୀଙ୍କ ଯୋଗୁ ଏହି ବେଆଇନ କାର୍ଯ୍ୟ ଧରାପଡ଼ିଛି। ବାସେଲିସାହି ଥାନା ପୋଲିସ ଏହି ଘଟଣାରେ ମାଷ୍ଟରମାଇଣ୍ଡଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ପୁରୀର ମୁକ୍ତାମଣି ରଣସିଂହ, ତାଙ୍କ ସ୍ତ୍ରୀ ସୁନିତା ଦାସ, ଗ୍ରାହକ ତଥା ଗଞ୍ଜାମ ଜିଲାର ବାସିନ୍ଦା ଶ୍ରୀକାନ୍ତ ସ୍ୱାଇଁ, ପିଣ୍ଟୁ ବାରିକ, ପୁରୀର ଏସ୍. ମହେଶ ଏବଂ ସୁନିଲ କୁମାର ମହାପାତ୍ର। ଘଟଣାସ୍ଥଳରୁ କିଛି ଆପତ୍ତିଜନକ ସାମଗ୍ରୀ, ଔଷଧ, ଗୋଟିଏ କାର୍, ବୁଲେଟ୍, ୨ ବାଇକ୍, ନଗଦ ୫ ହଜାର ଟଙ୍କା, ୫ଟି ମୋବାଇଲ ଫୋନ୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୬୫/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାସ୍ଥଳରୁ ଜଣେ ଦେହଜୀବୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ଦୁଇଜଣ ଫେରାର୍ ହୋଇଯାଇଛନ୍ତି। ବାସେଲିସାହି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ ଏହି ସୂଚନା ଦେଇଛନ୍ତି।

ସିଟି ଡିଏସ୍‌ପି କହିଛନ୍ତି, ଗତ ୩ମାସ ହେବ ସୁନିତା ଓ ତାଙ୍କ ସ୍ୱାମୀ ମୁକ୍ତାମଣି ପାଇକସାହିରେ ଜଣଙ୍କ ଘର ଭଡ଼ା ନେଇ ରହୁଥିଲେ। କିଛିଦିନ ରହିବା ପରେ ସେମାନେ ବେଆଇନ ଭାବେ ଯୁବତୀମାନଙ୍କୁ ଆଣି ସେଠାରେ ସେକ୍ସ ର୍ୟାକେଟ୍ ଚଳାଉଥିଲେ। ନିୟମିତ ଭାବେ ନୂଆ ଦେହଜୀବୀ ଓ ଗ୍ରାହକ ଆସୁଥିଲେ। ଏ ସମ୍ପର୍କରେ 'ମାତୃଶକ୍ତି' ସ୍ୱେଚ୍ଛାସେବୀ ଟିମ୍ ଜାଣିବା ପରେ ପୋଲିସକୁ ଖବର ଦେଇଥିଲା। ବୁଧବାର ବିଳମ୍ବିତ ରାତିରେ ଉକ୍ତ ଭଡ଼ାଘର ଆଗରେ ୫ଟି ବାଇକ ସମେତ କାର୍ ରହିଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଦୁଇଜଣ ଦେହଜୀବୀ ଓ ଘର ମାଲିକଙ୍କ ସମ୍ପର୍କୀୟ ଯୁବକ ଜଣକ ଫେରାର୍ ହୋଇଯାଇଥିଲେ। ତେବେ ସେଠାରୁ ସୁନିତାଙ୍କ ସମେତ ୬ଜଣଙ୍କୁ ଗିରଫ କରାଯାଇଥିଲା। ଏଥିସହ ଜଣେ ଦେହଜୀବୀଙ୍କୁ ଉଦ୍ଧାର କରି ଥାନାକୁ ଅଣାଯାଇଥିଲା।



ଜବତ ମୋବାଇଲ ଓ ଅନ୍ୟ ସାମଗ୍ରୀ।

# ମୃତକଙ୍କ ନାଁରେ ଭତ୍ତା ହଡ଼ପ

କୋଣାର୍କ,୨୭।୧୦(ଡି.ଏନ୍.ଏ.)

କୋଣାର୍କ ଥାନା ଅନ୍ତର୍ଗତ ଅବଦାନ ପଞ୍ଚାୟତରେ ୩ବର୍ଷ ଧରି ମୃତବ୍ୟକ୍ତିଙ୍କ ନାମରେ ଆସୁଥିବା ବାର୍ଦ୍ଧକ୍ୟ ଭତ୍ତାକୁ ଚଞ୍ଚକତା ଭାବେ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏହାର ଠିକ୍ ତଦନ୍ତ କରାଯାଇ ଭତ୍ତା ହଡ଼ପ କରିଥିବା ବ୍ୟକ୍ତି ଓ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ, ବୁଦ୍ଧିଜୀବୀ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ସରକାରୀ ନିୟମ ଅନୁସାରେ ଜଣେ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କ ମୃତ୍ୟୁ ପରେ ସେହି ସ୍ଥାନରେ ଉକ୍ତ ପଞ୍ଚାୟତର ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବା ପାଇଁ ନିର୍ଦ୍ଦେଶନାମା ରହିଛି। ମାତ୍ର ଅବଦାନ ପଞ୍ଚାୟତରେ ୩ବର୍ଷ ଧରି ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ୨୦୧୯ ଠାରୁ ଅଦ୍ୟାବଧି ଏହି ପଞ୍ଚାୟତର ବିଭିନ୍ନ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ୫୦ଜଣ ହିତାଧିକାରୀଙ୍କ ମୃତ୍ୟୁ ହୋଇଗଲାଣି। ଅଥଚ ଏହି ୩ ବର୍ଷ ମଧ୍ୟରେ ତତ୍କାଳୀନ ଅଧିକାରୀଙ୍କ ଜାଣତରେ କେତେଜଣ ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ଏହି ଭତ୍ତା ଚଳୁ କରାଯାଇଛି ବୋଲି ଜଣେ ବ୍ୟକ୍ତି ଆର୍‌ଟିଆଇ ଦ୍ୱାରା ମଗାଯାଇଥିବା ତଥ୍ୟ ଦ୍ୱାରା ଜଣାପଡ଼ିଛି। ଏହାକୁ ନେଇ ଗ୍ରାମବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ ଏହାର ଖୁବ୍‌ଶୀଘ୍ର ତଦନ୍ତ କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ କାକଟପୁର ବିଡିଓ ତୁଷାରଜ୍ୟୋତି ରଞ୍ଜନ କୁହନ୍ତି, ଘଟଣା ସମ୍ବନ୍ଧରେ ଅନୁଧ୍ୟାନ କରିବା ସହ ବ୍ୟକ୍ତିଗତ ଭାବେ ତଦନ୍ତ କରିବି। ଅବଦାନ ପଞ୍ଚାୟତର ଭତ୍ତା ରେଜିଷ୍ଟର ଜବତ କରି ତଦାରଖ କରିବା ସହ ଘଟଣା ସତ୍ୟ ହୋଇଥିଲେ ଏଥିରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି।

# ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅଚଳାବସ୍ଥା

- ବହୁ ପଦବୀ ଖାଲି
- ଅଫିସ୍ କାର୍ଯ୍ୟ ବାଧାପ୍ରାପ୍ତ

ନିମାପଡ଼ା,୨୭।୧୦(ଡି.ଏନ୍.ଏ.)

ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଫିସରେ କର୍ମଚାରୀ ଓ ବରିଷ୍ଠ ଅଧିକାରୀଙ୍କ ଅଭାବ ଯୋଗୁ ଏବେ ଅଚଳାବସ୍ଥା ଦେଖାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ହେଲେ ମଧ୍ୟ ଏହି ବିଭାଗର ନିମାପଡ଼ା ଡିଭିଜନ୍‌ରେ ପ୍ରାୟ ବର୍ଷେ ହେଲା ଡିଭିଜନାଲ୍ ଆକାଉଣ୍ଟାସ୍ ଅଫିସର (ଡି.ଓ.) ପଦବୀ ଖାଲି ପଡିଛି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ(ସବ୍‌ଡିଭିଜନ୍) ଉପଖଣ୍ଡ କାର୍ଯ୍ୟାଳୟରେ କେହି ହେଲେ ସ୍ଥାୟୀ ସବ୍‌ଡିଭିଜନାଲ୍ ଅଫିସର(ଏସ୍‌ଡିଓ) ନ ଥିବାବେଳେ ଏହି ପଦବୀଟି ଦୀର୍ଘ ୭ ମାସ ହେବ ଖାଲି ପଡିଛି। ଉପଖଣ୍ଡ କାର୍ଯ୍ୟାଳୟରେ କେହି ହେଲେ ହେଡ୍‌କ୍ୱାର୍ଟରେ ସହକାରୀ ଯନ୍ତ୍ରୀ (ଜେଇ) ନାହାନ୍ତି। ଏହି ସହକାରୀ ଯନ୍ତ୍ରୀ ପଦବୀଟି ଦୀର୍ଘ ୨ ମାସ ହେଲା ଖାଲି ପଡିଥିବାରୁ ଅଫିସ କାର୍ଯ୍ୟ ବହୁଳ ଭାବେ ବାଧାପ୍ରାପ୍ତ ହେଉଛି। ଏଥିସହ ଉନ୍ନୟନ ଓ ନୂତନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଘୋର ଅନ୍ତରାୟ ସୃଷ୍ଟି ହେଉଛି। ଠିକାଦାରଙ୍କ ବିଲ୍ ଓ କାଗଜପତ୍ର କାର୍ଯ୍ୟ ହେବାରେ ବହୁ ଅସୁବିଧା ହେଉଥିବାରୁ ଠିକାଦାର ଓ ଏଜେନ୍ସିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। ଏ ଦିଗରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ, ସଚିବ, ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦେଇ ଖାଲି ପଡିଥିବା ପଦବୀଗୁଡିକ ପୂରଣ କରାଯିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ସଂକ୍ଷେପରେ

### ଶିକ୍ଷକ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପୂର୍ବରୁ ଦଲାଲ ସକ୍ରିୟ

କୋଣାର୍କ,୨୭।୧୦(ଡି.ଏନ୍.ଏ.): ତୃତୀୟ ପର୍ଯ୍ୟାୟ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ଦଲାଲମାନେ ସକ୍ରିୟ ହୋଇଉଠିଛନ୍ତି। ସେମାନଙ୍କ ସହ ଶିକ୍ଷା ବିଭାଗର କେତେଜଣ କର୍ମଚାରୀ ହାତ ମିଳାଇଥିବା କୁହାଯାଉଛି। ଦଲାଲମାନେ ଆଶାୟୀଙ୍କୁ ନିଶ୍ଚିତ ନିଯୁକ୍ତିର ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଦାବି କରୁଛନ୍ତି। କୋଣାର୍କ, କାକଟପୁର, ଅସ୍ତରଙ୍ଗ, ଗୋପ ଓ ନିମାପଡ଼ା ପ୍ରଭୃତି ଅଞ୍ଚଳରେ ଏଭଳି ଘଟଣା ଚାଲିଛି। ରାଜ୍ୟରେ ସ୍କୁଲ ରୂପାନ୍ତରଣ ପରେ ତୃତୀୟ ପର୍ଯ୍ୟାୟରେ ହାଇସ୍କୁଲ ଶିକ୍ଷକ ନିଯୁକ୍ତି ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ରାଜ୍ୟରେ ଖାଲିପଡ଼ିଥିବା ୭୫୪୦ ପଦବୀ ପୂରଣ ନିଯୁକ୍ତି ସଂକ୍ରାନ୍ତ ଲାଗି ଏ ପର୍ଯ୍ୟନ୍ତ ବିଧିବଦ୍ଧ ଅନୁମୋଦନ ମିଳିନାହିଁ। ସୂଚନା ମୁତାବକ, ତୃତୀୟ ପର୍ଯ୍ୟାୟ ନିଯୁକ୍ତି ପାଇଁ ବିଜ୍ଞାପନ ନଭେମ୍ବର ସୁଦ୍ଧା ପ୍ରକାଶ ପାଇବାକୁ ଥିବାବେଳେ ଏହାର ସୁଯୋଗ ନେଇ ଦଲାଲମାନେ ସକ୍ରିୟ ହୋଇଉଠିଛନ୍ତି। ସେମାନେ ଆଶାୟୀ ପ୍ରାର୍ଥୀମାନଙ୍କଠାରୁ ୧୨ରୁ ୧୫ଲକ୍ଷ ଟଙ୍କା ଦାବି କରୁଥିବାବେଳେ ଅଗ୍ରିମ ୭୦-୮୦ ପ୍ରତିଶତ ଟଙ୍କା ମାଗୁଛନ୍ତି। ଅବଶିଷ୍ଟ ଟଙ୍କା ନିଯୁକ୍ତିପତ୍ର ପାଇବା ପରେ ଦେବାକୁ କହୁଛନ୍ତି। ଏଥିପ୍ରତି ସ୍କୁଲ ଓ ଗଣଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଶ୍ୟାମାକାଳୀ ପୂଜାରେ ନୃତ୍ୟ ପ୍ରତିଯୋଗିତା

କୃଷ୍ଣପ୍ରସାଦ,୨୭।୧୦(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତ ଇପିଙ୍ଗ ଶ୍ୟାମାକାଳୀ ପୂଜା କମିଟି ଆନୁକୂଲ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କମିଟି ସଭାପତି ସୁବ୍ରତ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟିର ଉପଦେଷ୍ଟା ନୀଳାଚଳ ପାଣିଗ୍ରାହୀ, ସମ୍ପାଦକ ଅଜିତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କାଳନ୍ଦୀ ଚରଣ ବାରିକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଦେବାଶିଷ ପାତ୍ରଙ୍କ ନେତୃତ୍ୱରେ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# 'ବିକାଶ ନାମରେ ଭୋଗସ୍ଥଳୀ ନ ହେଉ ଶ୍ରୀକ୍ଷେତ୍ର'

- ଜାନୁୟାରୀ ୬ରେ ଶ୍ରୀମହୋଦଧି ନିତ୍ୟ ସନ୍ଧ୍ୟା ଆରତି ବାର୍ଷିକ ମହୋତ୍ସବ

ପୁରୀ ଅଫିସ, ୨୭।୧୦



ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ।

ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ଆରମ୍ଭ ହୋଇଥିବା ତୀର୍ଥରାଜ ଶ୍ରୀମହୋଦଧି ନିତ୍ୟ ସନ୍ଧ୍ୟା ଆରତିର ୧୭ତମ ବାର୍ଷିକ ମହୋତ୍ସବ ଆସନ୍ତା ଜାନୁଆରୀ ୬ ତାରିଖ ପୌଷ ପୂର୍ଣ୍ଣିମା ତିଥିରେ ହେବ। ଏ ନେଇ ପ୍ରଥମ ପ୍ରସ୍ତୁତି ବୈଠକ ଗୁରୁବାର ଗୋବର୍ଦ୍ଧନ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହୋଦଧି ଆରତି ସଞ୍ଚାଳନ ସମିତିର ଅଧ୍ୟକ୍ଷ ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ ବୈଠକରେ ସ୍ୱାଗତ ଭାଷଣ ଦେଇଥିଲେ। ଚଳିତ ବର୍ଷର ପ୍ରସ୍ତୁତି ସମ୍ବନ୍ଧରେ ସୂଚନା ଦେଇ ସଞ୍ଚାଳନ ସମିତି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ କହିଥିଲେ, ଗଜପତି ମହାରାଜା, ରାଷ୍ଟ୍ରପତି, ରାଜ୍ୟପାଳ, କେନ୍ଦ୍ର ମନ୍ତ୍ରୀ, ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା, ସନାତନ ସମ୍ପ୍ରଦାୟର ସନ୍ଥ ମହନ୍ତ, ୩୦ଟି ଦେଶର ୬୦୦ ବିଦେଶୀ ଭକ୍ତଙ୍କ ସମେତ ସମଗ୍ର ଦେଶରୁ ୧୦ହଜାର ଭକ୍ତ ଏହି ମହୋତ୍ସବରେ ଯୋଗଦେବାର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମ ଆୟୋଜନରେ ଓମ୍ ପରିବାର, ପୀଠ ପରିଷଦ, ଆଦିତ୍ୟବାହିନୀ ଓ ଆନନ୍ଦବାହିନୀର ୫ହଜାର ସ୍ୱେଚ୍ଛାସେବୀ ଯୋଗଦେବେ।

ସ୍ୱର୍ଗଦ୍ୱାରଠାରୁ ଦିଗ୍‌ବାରେଣୀ ଛକ ପର୍ଯ୍ୟନ୍ତ ଦୁଇ କିଲୋମିଟର ବିସ୍ତୀର୍ଣ୍ଣ ବେଳାଭୂମିରେ ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ଏକସଙ୍ଗେ ସମୂହ ସମୁଦ୍ର ଆରତି ଆୟୋଜନ କରାଯିବ। ଏହି ଅବସରରେ ଶଙ୍କରାଚାର୍ଯ୍ୟ କହିଥିଲେ, ପୁରୀ ସମଗ୍ର ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ ଭାବେ ସ୍ଥାପିତ ହେଉ। ତୀର୍ଥସ୍ଥଳୀ ବିକାଶ ନାମରେ ଭୋଗସ୍ଥଳୀ ନ ହେଉ। ଆଧ୍ୟାତ୍ମିକ ଓ ପର୍ଯ୍ୟାବରଣ ଦୃଷ୍ଟିରୁ ଅଶ୍ଳୀଳ ମନୋରଞ୍ଜନର କେନ୍ଦ୍ର ନ ହେଉ। ଏହି ଦୃଷ୍ଟି ଶ୍ରୀମହୋଦଧି ଭଗବାନଙ୍କ ନିତ୍ୟ ସନ୍ଧ୍ୟା ଆରତି ବିଗତ ୧୭ ବର୍ଷ ଧରି ହୋଇ ଆସୁଛି। ଏହି କାର୍ଯ୍ୟକ୍ରମରେ ଗଜପତି ମହାରାଜା, ରାଜ୍ୟ ସରକାର, ରାଜ୍ୟପାଳ, ଗଣମାଧ୍ୟମ ସମସ୍ତ ସହଯୋଗ କରିଆସୁଛନ୍ତି। ବୈଠକ ପରିଚାଳନାରେ ପଣ୍ଡିତ ମାତୃପ୍ରସାଦ ମିଶ୍ର, ପ୍ରଭୁ ମହାନ୍ତି, ଅରୁଣ ମହାନ୍ତି, ଶୁଭେନ୍ଦୁ ସ୍ୱାଇଁ, ମହେଶ ସାହୁ, ଚିତ୍ରାନନ୍ଦ ମହାନ୍ତି, ତନ୍ମୟ ଚାଟାର୍ଜୀ, ଚିନ୍ମୟୀ ଦେଓ, ସୁରେଶ ସିଂ, ହୃଷିକେଶ ବ୍ରହ୍ମଚାରୀ, ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଏବିଭିପି, ସେବା ପକ୍ଷରୁ ରକ୍ତଦାନ ଶିବିର

ପୁରୀ ଅଫିସ, ୨୭।୧୦

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଏବଂ ସେବା ସଙ୍ଗଠନ ସମ୍ପର୍କର ମିଳିତ ଆନୁକୂଲ୍ୟରେ ଶ୍ରୀବିହାର ପରିସରରେ ଗୁରୁବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହାକୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ଜୟଶଙ୍କର ଯୋଶୀ ଯୋଗଦେଇଥିଲେ। ଏବିଭିପିର ପ୍ରାନ୍ତ କୋଷାଧ୍ୟକ୍ଷ ସୌମେନ୍ଦ୍ର ଦାସ ଏବଂ ସେବାର୍ଥେ ବିଦ୍ୟାର୍ଥୀର ଜିଲା ସଂଯୋଜକ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନେ ରକ୍ତ ଦାନ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡା. ଦୀପକ ସାହୁ, ମନୋରଞ୍ଜନ ଭୋଇ, ବିରଞ୍ଚି ନାରାୟଣ ବିଶ୍ୱାଳ, ଅମିତ୍ ପାଢ଼ୀ, ଅରୁଣ ମହାନ୍ତି ସହାୟତା କରିଥିଲେ। ଏବିଭିପି ଜିଲା ପ୍ରମୁଖ ସସ୍ମିତା ବି. ନାୟକ, ରାକେଶ ମିଶ୍ର, ତାରା ପ୍ରସାଦ ଦାଶ, ଦେବାଶିଷ ଶତପଥୀ, ସାଗରିକା ସାହୁ, ବିସ୍ମୟ ରଞ୍ଜନ ପଟ୍ଟନାୟକ, ବାସୁଦେବ ସେନାପତି, ଶିବାନନ୍ଦ ପାଢ଼ୀ, ସୁରେଶ ହାତୀ, ହିମାଂଶୁ ଶେଖର ଷଡ଼ଙ୍ଗୀ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମା' ଭାଗବତୀଙ୍କ ପୀଠରେ ସରିଲା କାଳୀପୂଜା



ଅସ୍ତରଙ୍ଗ,୨୭।୧୦(ଡି.ଏନ୍.ଏ.)

ଅସ୍ତରଙ୍ଗ ଗ୍ରାମର ମା' ଭାଗବତୀଙ୍କ ପୀଠରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମା କାଳୀଙ୍କ ପୂଜା ମହା ଆଡ଼ମ୍ବରରେ ଶେଷ ହୋଇଯାଇଛି। କର୍ତ୍ତା, କର୍ତ୍ତି ଭାବେ ସୁବ୍ରତ ପରିଡା, ସହଧର୍ମିଣୀ ମମତା ପରିଡା ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଗ୍ରାମର ମହିଳା ଓ ପୁରୁଷମାନେ ମା'ଙ୍କ ପୀଠରେ ସମୂହ ଦୀପଦାନ କରିଥିଲେ। ପାରମ୍ପରିକ ରୀତିରେ ପୂଜା ବିଧି ସମାପନ କରାଯାଇଥିଲା। ତିନି ଦିନ ବ୍ୟାପି ପୂଜାରେ ଗ୍ରାମବାସୀ ଓ ଭଗବତୀ କ୍ଲବର ସମସ୍ତ ସଭ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷ ଦିନରେ ମା'ଙ୍କ ପୀଠରେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପୂଜାର୍ଚ୍ଚନା କରିଥିଲେ। ପୂଜା କାର୍ଯ୍ୟରେ ସୂର୍ଯ୍ୟକାନ୍ତ ନାୟକ, ହିମାଂଶୁ ନାୟକ, ବାବାଜୀ ବେହେରା, ରାମଚନ୍ଦ୍ର, ପଦ୍ମନାଭ ବେହେରା, ବୁଲୁ ବିଶାଳ, କାହ୍ନୁ ପରିଡା, ରମେଶ ପରିଡା, ପବିତ୍ର ବେହେରା, ଚନ୍ଦ୍ରମଣି ବେହେରା, କଳ୍ପନା ନାୟକ, ଚଗଲି ଓଝା, ମନୋସ୍ୱିନୀ ନାୟକ, ସଂଯୁକ୍ତା ବେହେରା, ସରିତା ସାଇଁ ଉପସ୍ଥିତ ଥିଲେ।

### ଆୟୁଷ ଡାକ୍ତର ସଂଘର ସ୍ଥାୟୀ ନିଯୁକ୍ତି ଦାବି

ଭୁବନେଶ୍ୱର,୨୭।୧୦(ବ୍ୟୁରୋ): ରାଜ୍ୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ କରାଯାଇ ଥିବାବେଳେ ୨୦୦୭ ମସିହାରୁ ସ୍ୱାସ୍ଥ୍ୟ ବିଭାଗର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ନିଯୁକ୍ତି ପାଇଥିବା ୧୪୮୫ଜଣ ଆୟୁଷ ଡାକ୍ତରଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ନିୟମିତ କରାଯାଇ ନାହିଁ। ଏ ନେଇ ବାରମ୍ବାର ଦାବି ଉପସ୍ଥାପନ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ଏହାର ପ୍ରତିବାଦରେ ଆୟୁଷ ଡାକ୍ତର ସଂଘ ପକ୍ଷରୁ ଆସନ୍ତା ୪ରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ଏକ ର୍ୟାଲିର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି। ସଂଘ ପକ୍ଷରୁ ଶୁକ୍ରବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସରକାରଙ୍କ ଏପରି ପାତରଅନ୍ତର ନୀତିକୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହ ଓଡ଼ିଶାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦୀର୍ଘ ୧୫ବର୍ଷ ହେଲା ଠିକାରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନଙ୍କୁ ଯଥାଶୀଘ୍ର ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସଂଘ ଦାବି କରିଛି। ସଂଘ ସଭାପତି ଡା.ଲୋଟସ ମିଶ୍ରଙ୍କ ନେତୃତ୍ୱରେ ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ଉପସଭାପତି ଡା. ଅୟସକାନ୍ତ ମହାନ୍ତି, କୋଷାଧ୍ୟକ୍ଷ ଡା. ସୂର୍ଯ୍ୟନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ।

## ଭଡ଼ା ବୃଦ୍ଧି ସ୍ଥଗିତ ପାଇଁ ଏଏପିର ଦାବି



ବାଇକ୍ ଓ ସାଇକେଲ ଷ୍ଟାଣ୍ଡ ଭଡ଼ା ବୃଦ୍ଧି ପ୍ରତିବାଦରେ ଦାବିପତ୍ର ଦେବାକୁ ଆସିଥିବା ଏଏପି ସଦସ୍ୟ।

ପୁରୀ ଅଫିସ, ୨୭।୧୦

ପୁରୀ ରେଳଷ୍ଟେଶନ ଅଧୀନ ବାଇକ୍ ଓ ସାଇକେଲ ଷ୍ଟାଣ୍ଡ ପକ୍ଷରୁ କରାଯାଇଥିବା ଭଡ଼ା ବୃଦ୍ଧିକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୁରୀ ଶାଖା ପକ୍ଷରୁ ବିରୋଧ କରାଯାଇଛି। ଏହି ଭଡ଼ାବୃଦ୍ଧିକୁ ସ୍ଥଗିତ ରଖିବା ଲାଗି ଏଏପି ପକ୍ଷରୁ ଗୁରୁବାର ପୁରୀ ରେଳଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ନିକଟକୁ ଏକ ଦାବିପତ୍ର ପଠାଯାଇଛି। ଏଏପି ଅଭିଯୋଗ କରିଛି ଯେ, ବାଇକ୍ ଓ ସାଇକେଲ ଷ୍ଟାଣ୍ଡରେ ପ୍ରତିଦିନ ସହସ୍ରାଧିକ ବ୍ୟକ୍ତି ନିଜ ବାଇକ୍ ଓ ସାଇକେଲ ରଖି କାର୍ଯ୍ୟକ୍ଷେତ୍ରକୁ ଯାଇଥାନ୍ତି। ତେବେ ପୂର୍ବରୁ ୧୨ ଘଣ୍ଟା ପାଇଁ ୬ ଟଙ୍କା ଭଡ଼ା ଥିବାବେଳେ ତାହା ବଢ଼ି ଏବେ ୩୬ ଟଙ୍କା ହୋଇଛି। ଏହା ସମସ୍ତଙ୍କ ପାଇଁ ଏକ ବଡ଼ ଆର୍ଥିକ ବୋଝ। ତେଣୁ ବର୍ଦ୍ଧିତ ଭଡ଼ାକୁ ସ୍ଥଗିତ ରଖାଯାଉ ବୋଲି ଏଏପି ଦାବି କରିଛି। ରେଳ ବିଭାଗ ଆସନ୍ତା ଦୁଇ ଦିନ ଭିତରେ ଦାବି ପୂରଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଏଏପି କହିଛି। ଦାବିପତ୍ର ପ୍ରଦାନ ସମୟରେ ଏଏପିର ପୁରୀ ଜିଲା ଆବାହକ ସଞ୍ଜୀବ ମହାନ୍ତିଙ୍କ ସହ ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି, ସମୀର ସାମନ୍ତରାୟ, ପ୍ରକାଶ ପ୍ରଧାନ, ରଶ୍ମିରଞ୍ଜନ ରାଉତରାୟ, ଅନିଲ କୁମାର ସେନାପତି, ପାର୍ବତୀ ପ୍ରଧାନ ଏବଂ ଜୟନ୍ତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ରରେ ପ୍ରଭୁ ଯମେଶ୍ୱରଙ୍କ ଆରାଧନା

- ଭାଇଙ୍କ ଶୁଭ ମନାସିଲେ ଭଉଣୀ
- ଭ୍ରାତୃ ଦ୍ୱିତୀୟା ପାଳିତ

ପୁରୀ ଅଫିସ, ୨୭।୧୦



ଭ୍ରାତୃ ଦ୍ୱିତୀୟା ଅବସରରେ ହବିଷିଆଳିମାନେ ଯମ ଦେବତାଙ୍କୁ ପୂଜା କରୁଛନ୍ତି।

କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିକୁ ଶ୍ରୀକ୍ଷେତ୍ରରେ ଭ୍ରାତୃ ଦ୍ୱିତୀୟା ଭାବେ ପାଳନ କରାଯାଇଥାଏ। ଗୁରୁବାର ଭାତୃ ଦ୍ୱିତୀୟା ତିଥିରେ ପୁରୀ ହରଚଣ୍ଡୀ ସାହିର ଯମେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ରୀତିନୀତି ଅନୁଷ୍ଠିତ ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ଏହି ଦିନ ପ୍ରଭୁ ଯମେଶ୍ୱର ତଥା ଯମ ଦେବତାଙ୍କ ଉପାସନା ଓ ଦର୍ଶନ କଲେ ମୃତ୍ୟୁବେଳକୁ ଯମ ଯାତନା ମିଳି ନ ଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଯମୁନା ତାଙ୍କ ଭାଇ ଯମରାଜଙ୍କୁ ଏହି ଦିନ ମିଷ୍ଟାନ୍ନ ଖୁଆଇଥିବାର ପୌରାଣିକ ମତବାଦ ରହିଛି। ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ମଧ୍ୟରୁ ଅଗ୍ରଜ ପ୍ରଭୁ ଯମେଶ୍ୱରଙ୍କ ମନ୍ଦିରରେ ଗୁରୁବାର ସମସ୍ତ ରୀତିନୀତି ହୋଇଥିଲା। ହବିଷିଆଳି ଓ ଶ୍ରଦ୍ଧାଳୁମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ପ୍ରଭୁ ଯମେଶ୍ୱରଙ୍କୁ ଭଉଣୀମାନେ ଆରାଧନା କରି ନିଜ ଭାଇଙ୍କ ଶୁଭ ମନାସିବା ସହ ସେମାନଙ୍କ ଆୟୁଷ ବୃଦ୍ଧି କାମନା କରିଥିଲେ। ଯମଙ୍କ ମୂର୍ତ୍ତି ନିକଟରେ ବେଣ୍ଟମୁଆଁ, କଦଳୀ, ଖଇକୋରା ଆଦି ଭୋଗ ଲଗାଯାଇଥିଲା। ହବିଷିଆଳିମାନେ ସ୍ୱର୍ଗପ୍ରାପ୍ତି ଆଶାରେ ପ୍ରଭୁ ଯମେଶ୍ୱରଙ୍କୁ ଦର୍ଶନ କରିବା ସହ ମନ୍ଦିର ପରିସରସ୍ଥ ଅଶ୍ୱତ୍ଥ ବୃକ୍ଷମୂଳେ ନିଶୁଣି ଚିତ୍ର ଆଙ୍କି ଆରାଧନା କରିଥିଲେ। ସେବାୟତ ପରିବାରଗୁଡ଼ିକରେ ସ୍ୱତନ୍ତ୍ର ପରମ୍ପରା ଅନୁଯାୟୀ ଭଉଣୀମାନେ ଭାଇଙ୍କ ଶୁଭ ମନାସିବା ସହ ମିଷ୍ଟାନ୍ନ ଖୁଆଇ ସନ୍ତୁଷ୍ଟ କରୁଥିବା ଦେଖିବାକୁ ମିଳିଥିଲା।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ କମିଶନର

ଖୋର୍ଦ୍ଧା ଅଫିସ/ଜଟଣୀ, ୨୭।୧୦(ଡି.ଏନ୍.ଏ.):

ରାଜ୍ୟ ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ନିମନ୍ତ ୩୦ ଜିଲା ପାଇଁ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ଦେଇଛନ୍ତି। ସମସ୍ତ କାର୍ଯ୍ୟର ସମୀକ୍ଷା ନିମନ୍ତେ ସମସ୍ତ ଜିଲା ଗସ୍ତ କରିବାକୁ ଅଧିକାରୀଙ୍କୁ ସରକାର ପରାମର୍ଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ଖୋର୍ଦ୍ଧା ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗର ଅଗ୍ରଗତି, ଉନ୍ନୟନ ମୂଳକ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟାନ କୃଷି, ଜଳସେଚନ, ଯୋଗାଣ, ପେନସନ ଯୋଜନା, ନିର୍ମାଣ ଶ୍ରମିକ ସହାୟତା, ଛାତ୍ରବୃତ୍ତି ପ୍ରଦାନ, ଶିଶୁ ସୁରକ୍ଷା, ମିଶନ ଶକ୍ତି, ଓଡିଶା ଜୀବିକା ମିଶନ, ଜିଲା ଶିଳ୍ପ କେନ୍ଦ୍ର, ମତ୍ସ୍ୟପାଳନ, କୁକୁଡା ଚାଷ, ବିଦ୍ୟୁତ୍ ଯୋଗାଣ, ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ବିଭିନ୍ନ ନିର୍ମାଣ କାର୍ଯ୍ୟ ଆଦି ସମ୍ପର୍କରେ ସମୀକ୍ଷା କରିବା ସହ ବିଭିନ୍ନ ଲୋକାଭିମୁଖୀ ଯୋଜନା ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ।



ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ଓ ଅନ୍ୟମାନେ।

ଲୋକଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦିଅ, ସେବା ମନୋଭାବ ଓ ଲୋକଙ୍କ ହୃଦୟ ଜିଣିଲେ ସମ୍ମାନ ହାସଲ ସହ ଯୋଜନାର ସଫଳ ରୂପାୟନ ହୋଇ ପାରିବ ବୋଲି କହିଥିଲେ। ଜିଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସମୀକ୍ଷା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ମେଡିକାଲରେ ଉପଲବ୍ଧ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ସରକାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଲାଗି ପରାମର୍ଶ ଦେଇଥିଲେ। ସୁନେତ୍ର ଅଭିଯାନ ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୨ଲକ୍ଷ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ୩ ହଜାର ଦୁଇ ଶହ ପିଲାଙ୍କୁ ଚଷମା ପ୍ରଦାନ କରାଯାଇଛି। ଉକ୍ତ ଅଭିଯାନକୁ ଶାସନ ସଚିବ ପ୍ରଶଂସା କରିଥିଲେ। ସେହିପରି ବାଣପୁରରେ ଏକ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିବା ବେଳେ ବାଲୁଗାଁରେ ଅନ୍ୟ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ଖୁବଶୀଘ୍ର କାର୍ଯ୍ୟ କରିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ କହିଥିଲେ। ଜିଲାରେ ୨୫୫୪ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ଥିବା ବେଳେ ସେଥିରୁ ୧୯୯୭ଟି କେନ୍ଦ୍ର ନିଜସ୍ୱ ଗୃହରେ ଚାଲୁଛି। କେତେକ କେନ୍ଦ୍ରର ଜାଗା ଚିହ୍ନଟ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ବେଳେ ଅନ୍ୟଗୁଡିକର ନିର୍ମାଣ କାର୍ଯ୍ୟ ଜାରି ରହିଛି। ସମସ୍ତ କେନ୍ଦ୍ରରେ ଗ୍ୟାସ ଚୁଲ୍ଲା ବ୍ୟବହାର କରାଯାଉଥିବା ବେଳେ ଆନୁଷଙ୍ଗିକ ବ୍ୟବସ୍ଥା ସୁଦୃଢ଼ କରିବାକୁ ପଦକ୍ଷେପ ନିଆଯାଉଛି। ଅଙ୍ଗନୱାଡି କେନ୍ଦ୍ରଗୁଡିକ ଭିତ୍ତିଭୂମି ସୁଦୃଢ ଉପରେ ଗୁରୁତ୍ୱ ଦେବା ସହ ସମସ୍ତ କେନ୍ଦ୍ର ସବିଶେଷ ତଥ୍ୟ ପ୍ରଦାନ କରିବାକୁ ଅଙ୍ଗନୱାଡି ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦେବାକୁ ସଚିବ ପରାମର୍ଶ ଦେଇଛନ୍ତି। ପ୍ରଥମ ଦୁଇ ପର୍ଯ୍ୟାୟରେ ୧୧୯ଟି ହାଇସ୍କୁଲକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇଛି। ତୃତୀୟ ପର୍ଯ୍ୟାୟରେ ଅନ୍ୟ ୧୦୩ ବିଦ୍ୟାଳୟକୁ ସାମିଲ କରାଯିବ। ଗୃହ ନିର୍ମାଣରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଶର୍ମା ପାତ୍ରପଡା ସ୍ଥିତ ଶିଶୁ ସୁରକ୍ଷା କେନ୍ଦ୍ର, ଭୁବନେଶ୍ୱର ସ୍ଥିତ ଭଗବାନପୁର ଅଙ୍ଗନୱାଡି କେନ୍ଦ୍ର, ଜଟଣୀ ବିଜ୍ଞାପିତ ଅଞ୍ଚଳରେ ଥିବା ଗୋଶାଳା, ଶ୍ମଶାନ ଘାଟି, ବେଣାପଞ୍ଜାରୀ ସ୍ଥିତ ମିଶନ ଶକ୍ତି ଗୃହ ଓ ସ୍ୱୟଂ ସହାୟକ ଗୋଷ୍ଠୀ ପରିଦର୍ଶନ କରି ସେମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ପାଇଁ ପ୍ରେରଣାର ଉତ୍ସ ପାଲଟିବାକୁ ପରାମର୍ଶ ଦେଇଥିଲେ। ବିକ୍ରି କରୁଥିବା ସାମଗ୍ରୀର ଗୁଣବତ୍ତା, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଏହା ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ବିଭିନ୍ନ ଆନୁଷଙ୍ଗିକ ଭିତ୍ତିଭୂମିର ଯାଞ୍ଚ କରିଥିଲେ। ପସୂତି ଓ ଶିଶୁ ୱାର୍ଡ ବୁଲିବା ସହ ଉପଲବ୍ଧ ସେବା ସମ୍ପର୍କରେ ସିଡିଏମଓ ଏବଂ ମେଡିକାଲ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ମେଡିକାଲରେ ସ୍ୱଚ୍ଛତା, ରୋଗୀଙ୍କୁ ଉତ୍ତମ ସେବା, ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱ ଦେଇଥିଲେ।

## ସଂକ୍ଷେପରେ

### ଛାତ୍ରଙ୍କ ମୃତଦେହ ଜବତ

ଯାଁଳା, ୨୭।୧୦ (ଡି.ଏନ୍.ଏ.): ତମାଣ୍ଡୋ ଥାନା କଳିଙ୍ଗନଗର ଅଞ୍ଚଳର ଜଣେ ଛାତ୍ରଙ୍କ ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ସେ ହେଲେ ପ୍ରଭୁଦତ୍ତ ରଥ(୧୫)। ସୂଚନା ଅନୁଯାୟୀ କଳିଙ୍ଗନଗର ଅଞ୍ଚଳରେ ରାକେଶ ରଥ ପରିବାର ସହ ରୁହନ୍ତି। ବୁଧବାର ସନ୍ଧ୍ୟା ୬ଟା ରେ ପ୍ରଭୁଦତ୍ତ ଟ୍ୟୁଶନରୁ ଘରକୁ ଆସିଥିଲେ। ପରବର୍ତ୍ତୀ ସମୟରେ ପାଠ ପଢିବା ପାଇଁ ଏକ ରୁମକୁ ଯାଇଥିଲେ। ରାତି ୮ଟା ୩୦ରେ ଖାଇବା ପାଇଁ ତାଙ୍କ ମା’ ଡାକିଥିଲେ ମଧ ସେ ଶୁଣି ନ ଥିଲେ। ଏଥିସହ କବାଟ ଭିତର ପଟୁ ବନ୍ଦ ରହିଥିଲା। ପରିବାର ଲୋକେ ଡାକି ଥିଲେ ମଧ ଉତ୍ତର ନ ମିଳିବାରୁ ଉକ୍ତ ଘରର କବାଟ ଭାଙ୍ଗିଥିଲେ। ପ୍ରଭୁଦତ୍ତ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ‘ବିକାଶ ନାମରେ ଭୋଗସ୍ଥଳୀ ନ ହେଉ ଶ୍ରୀକ୍ଷେତ୍ର’



ପୁରୀ ଅଫିସ, ୨୭।୧୦: ପୁରୀ ଗୋର୍ବଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ଆରମ୍ଭ ହୋଇଥିବା ତୀର୍ଥରାଜ ଶ୍ରୀମହୋଦଧି ନିତ୍ୟ ସନ୍ଧ୍ୟା ଆରତିର ୧୭ତମ ବାର୍ଷିକ ମହୋତ୍ସବ ଆସନ୍ତା ଜାନୁଆରୀ ୬ ତାରିଖ ପୌଷ ପୂର୍ଣ୍ଣିମା ତିଥିରେ ହେବ। ଏ ନେଇ ପ୍ରଥମ ପ୍ରସ୍ତୁତି ବୈଠକ ଗୁରୁବାର ଗୋବର୍ଦ୍ଧନ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହୋଦଧି ଆରତି ସଞ୍ଚାଳନ ସମିତିର ଅଧକ୍ଷ ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ ବୈଠକରେ ସ୍ୱାଗତ ଭାଷଣ ଦେଇଥିଲେ। ଚଳିତ ବର୍ଷର ପ୍ରସ୍ତୁତି ସମ୍ବନ୍ଧରେ ସୂଚନା ଦେଇ ସଞ୍ଚାଳନ ସମିତି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ କହିଥିଲେ, ଗଜପତି ମହାରାଜା, ରାଷ୍ଟ୍ରପତି, ରାଜ୍ୟପାଳ, କେନ୍ଦ୍ର ମନ୍ତ୍ରୀ, ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା, ସନାତନ ସମ୍ପ୍ରଦାୟର ସନ୍ଥ ମହନ୍ତ, ୩୦ଟି ଦେଶର ୬୦୦ ବିଦେଶୀ ଭକ୍ତଙ୍କ ସମେତ ସମଗ୍ର ଦେଶରୁ ୧୦ହଜାର ଭକ୍ତ ଏହି ମହୋତ୍ସବରେ ଯୋଗଦେବାର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମ ଆୟୋଜନରେ ଓମ୍ ପରିବାର, ପୀଠ ପରିଷଦ, ଆଦିତ୍ୟବାହିନୀ ଓ ଆନନ୍ଦବାହିନୀର ୫ହଜାର ସ୍ୱେଚ୍ଛାସେବୀ ଯୋଗଦେବେ। ସ୍ୱର୍ଗଦ୍ୱାରଠାରୁ ଦିଗ୍‌ବାରେଣୀ ଛକ ପର୍ଯ୍ୟନ୍ତ ଦୁଇ କିଲୋମିଟର ବିସ୍ତୀର୍ଣ୍ଣ ବେଳାଭୂମିରେ ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ଏକସଙ୍ଗେ ସମୂହ ସମୁଦ୍ର ଆରତି ଆୟୋଜନ କରାଯିବ। ଏହି ଅବସରରେ ଶଙ୍କରାଚାର୍ଯ୍ୟ କହିଥିଲେ, ପୁରୀ ସମଗ୍ର ବିଶ୍ୱର ଆଧାତ୍ମିକ ରାଜଧାନୀ ଭାବେ ସ୍ଥାପିତ ହେଉ। ତୀର୍ଥସ୍ଥଳୀ ବିକାଶ ନାମରେ ଭୋଗସ୍ଥଳୀ ନ ହେଉ। ଆଧାତ୍ମିକ ଓ ପର୍ଯ୍ୟାବରଣ ଦୃଷ୍ଟିରୁ ଅଶ୍ଳିଳ ମନୋରଞ୍ଜନର କେନ୍ଦ୍ର ନ ହେଉ। ଏହି ଦୃଷ୍ଟିରେ ଶ୍ରୀମହୋଦଧି ଭଗବାନଙ୍କ ନିତ୍ୟ ସନ୍ଧ୍ୟା ଆରତି ବିଗତ ୧୭ ବର୍ଷ ଧରି ହୋଇ ଆସୁଛି। ଏହି କାର୍ଯ୍ୟକ୍ରମରେ ଗଜପତି ମହାରାଜା, ରାଜ୍ୟ ସରକାର, ରାଜ୍ୟପାଳ, ଗଣମାଧମ ସମସ୍ତ ସହଯୋଗ କରିଆସୁଛନ୍ତି। ବୈଠକ ପରିଚାଳନାରେ ପଣ୍ଡିତ ମାତୃପ୍ରସାଦ ମିଶ୍ର, ପ୍ରଭୁ ମହାନ୍ତି, ଅରୁଣ ମହାନ୍ତି, ଶୁଭେନ୍ଦୁ ସ୍ୱାଇଁ, ମହେଶ ସାହୁ, ବିଚିତ୍ରାନନ୍ଦ ମହାନ୍ତି, ତନ୍ମୟ ଚାଟାର୍ଜୀ, ଚିନ୍ମୟୀ ଦେଓ, ସୁରେଶ ସିଂ, ହୃଷିକେଶ ବ୍ରହ୍ମଚାରୀ, ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ମୃତକଙ୍କ ନାଁରେ ଭତ୍ତା ହଡ଼ପ

କୋଣାର୍କ,୨୭।୧୦(ଡି.ଏନ୍.ଏ.): କୋଣାର୍କ ଥାନା ଅନ୍ତର୍ଗତ ଅବଦାନ ପଞ୍ଚାୟତରେ ୩ବର୍ଷ ଧରି ମୃତବ୍ୟକ୍ତିଙ୍କ ନାମରେ ଆସୁଥିବା ବାର୍ଦ୍ଧକ୍ୟ ଭତ୍ତାକୁ ଚଞ୍ଚକତା ଭାବେ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏହାର ଠିକ୍ ତଦନ୍ତ କରାଯାଇ ଭତ୍ତା ହଡ଼ପ କରିଥିବା ବ୍ୟକ୍ତି ଓ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ, ବୁଦ୍ଧିଜୀବୀ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ସରକାରୀ ନିୟମ ଅନୁସାରେ ଜଣେ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କ ମୃତ୍ୟୁ ପରେ ସେହି ସ୍ଥାନରେ ଉକ୍ତ ପଞ୍ଚାୟତର ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବା ପାଇଁ ନିର୍ଦ୍ଦେଶନାମା ରହିଛି। ମାତ୍ର ଅବଦାନ ପଞ୍ଚାୟତରେ ୩ବର୍ଷ ଧରି ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ୨୦୧୯ ଠାରୁ ଅଦ୍ୟାବଧି ପଞ୍ଚାୟତର ବିଭିନ୍ନ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ମଧ୍ୟରୁ ୪୪୫୦ଜଣ ହିତାଧିକାରୀଙ୍କ ମୃତ୍ୟୁ ହୋଇଗଲାଣି।

## କ୍ରିଷ୍ଣା ସିଂହଙ୍କୁ ତଡିପାର ଘୋଷଣା

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ରାଜଧାନୀରେ ଅପରାଧୀଙ୍କୁ ରହିବାକୁ ଦିଆଯିବ ନାହିଁ। ବୁଧବାର ଅପରାଧୀ ସଂଗ୍ରାମ କେଶରୀଙ୍କୁ ତଡିପାର ଘୋଷଣା କରାଯାଇଥିବାବେଳେ ଗୁରୁବାର ଆଉଜଣେ ଅପରାଧୀଙ୍କୁ ତଡିପାର ନୋଟିସ କରାଯାଇଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡା ଅଞ୍ଚଳରେ ରହୁଥିବା ଅଭ୍ୟାସଗତ ତଥା ପେସାଦାର ଅପରାଧୀ କିଶନ ଓରଫ କ୍ରିଷ୍ଣା ସିଂହ। ଏକ ବର୍ଷ ପର୍ଯ୍ୟନ୍ତ କିଶନ ରାଜଧାନୀରେ ରହିପାରିବେ ନାହିଁ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ ସୂଚନାନୁସାରେ, କ୍ରିଷ୍ଣା ନାମରେ ୨୦୧୪ ରୁ ୨୦୨୨ ମଧ୍ୟରେ ଖଣ୍ଡଗିରି ଥାନାରେ ୮ଟି ଆପରାଧିକ ମାମଲା ଥିବାବେଳେ ଭରତପୁର ଥାନାରେ ୨ଟି, ଏୟାରପୋର୍ଟ ଓ ଜଟଣୀ ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ କରାଯାଇଛି। ସେ କୌଣସି ଜୀବିକା ନିର୍ବାହର ପନ୍ଥା ଅବଲମ୍ବନ ନ କରି ବିଭିନ୍ନ ପ୍ରକାର ଅପରାଧ ଘଟାଇଥାନ୍ତି। ନିରୀହ ଜନତାଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଲୁଟ୍ ଓ ଚୋରି କରିଥାନ୍ତି। ଅସାମାଜିକ ତଥା ଅପରାଧୀଙ୍କୁ ଭୁବନେଶ୍ୱର ସହରାଞ୍ଚଳ ପରିସୀମା ମଧ୍ୟରେ ଅଧିକ ଅପରାଧ ଘଟାଇବାରୁ ନିବୃତ କରିବା ନିମନ୍ତେ ଓଡ଼ିଶା ସହରାଞ୍ଚଳ ପୋଲିସ ଅଧିନିୟମ ୨୦୦୩ର ଧାରା-୪୬ (ଏ) (ବି) (ସି) (i) (ii) (iii) ଅନୁଯାୟୀ ତଡିପାର ଆଦେଶ ଜାରି କରାଯାଇଛି।





ଓଡ଼ିଶା ସେକେଣ୍ଡାରୀ ସ୍ପେଶାଲ ଏଜୁକେଶନ ଟିଚର୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ କରାଯାଉଛି।

## ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବି

ଭୁବନେଶ୍ୱର, ୨୭।୧୦ (ବ୍ୟୁରୋ)

**ଓଡ଼ିଶା ସେକେଣ୍ଡାରୀ ସ୍ପେଶାଲ ଏଜୁକେଶନ ଟିଚର୍ସ ଆସୋସିଏଶନର ଗଣଧାରଣା**

ବିଶେଷ ଆବଶ୍ୟକତା ରଖୁଥିବା ପିଲାଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପାଇଁ ୨୦୨୧ ଅକ୍ଟୋବର ୨୮ରେ ସୁପ୍ରିମ କୋର୍ଟ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଏହାକୁ ୬ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ରହିଥିଲା। ମାତ୍ର ବର୍ଷେ ବିତି ଯାଇଥିଲେ ବି ଏ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଏହାର ପ୍ରତିବାଦ କରି ଓଡ଼ିଶା ସେକେଣ୍ଡାରୀ ସ୍ପେଶାଲ୍ ଟିଚର୍ସ ଆସୋସିଏଶନ (ଓଏସ୍ଏସ୍ଇଟିଏ) ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଥିଲା। ୨ଦଫା ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଶହ ଶହ ସଂଖ୍ୟାରେ ଆଶାୟୀ ଶିକ୍ଷକମାନେ ରାଲିରେ ଆସି ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲେ। ସରକାର ବିଶେଷ ଆବଶ୍ୟକତା ରଖୁଥିବା ଦିବ୍ୟାଙ୍ଗ ପିଲାଙ୍କୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ୧୦ଟି ପିଲାରେ ଓ ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ପ୍ରତି ୧୫ଜଣରେ ଜଣେ ଲେଖାଏ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବା ଏବଂ ସମସ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ନିୟମିତ ଭାବେ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏନେଇ ସଂଘ ସଭାପତି ବୀରବର ସାମନ୍ତସିଂହାର କହିଛନ୍ତି, କେସ୍ ନଂ.ଡବ୍ଲ୍ୟୁପି (ସି) ୧୩୨/୨୦୧୬ର ଆଦେଶ ଅନୁଯାୟୀ ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ୬ ମାସ ଭିତରେ ପୂରଣ କରିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ରାଜ୍ୟ ସରକାର ଏହି ନିର୍ଦ୍ଦେଶକୁ ଅଣଦେଖା କରିବା ସହ ଏହାର ଅବମାନନା କରିଛନ୍ତି। ତେଣୁ ବାଧହୋଇ ଆମକୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡିଛି। ସରକାର ତୁରନ୍ତ ଏ ନେଇ ପଦକ୍ଷେପ ନ ନେଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସେକ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାଶ

ପୁରୀ ଅଫିସ,୨୭।୧୦

ପୁରୀ ବାସେଳିସାହି ଥାନା ଅନ୍ତର୍ଗତ ପାଇକସାହିରେ କିଛିଦିନ ହେବ ଚାଲିଥିବା ସେକ୍ସ ର୍‍ୟାକେଟର ପର୍ଦ୍ଦାଫାଶ ହୋଇଛି। ପୁରୀ ପୋଲିସର ‘ମାତୃଶକ୍ତି’ ସ୍ୱେଚ୍ଛାସେବୀଙ୍କ ପାଇଁ ଏହି ବେଆଇନ କାର୍ଯ୍ୟ ଧରାପଡ଼ିଛି। ବାସେଳିସାହି ଥାନା ପୋଲିସ ଏହି ଘଟଣାରେ ମାଷ୍ଟରମାଇଣ୍ଡ ସମେତ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ପୁରୀର ମୁକ୍ତାମଣି ରଣସିଂହ, ତାଙ୍କ ସ୍ତ୍ରୀ ସୁନିତା ଦାସ, ଗ୍ରାହକ ତଥା ଗଞ୍ଜାମ ଜିଲାର ବାସିନ୍ଦା ଶ୍ରୀକାନ୍ତ ସ୍ୱାଇଁ, ପିଣ୍ଟୁ ବାରିକ, ପୁରୀର ଏସ୍. ମହେଶ ଏବଂ ସୁନିଲ କୁମାର ମହାପାତ୍ର। ଘଟଣାସ୍ଥଳରୁ କିଛି ଆପତ୍ତିଜନକ ସାମଗ୍ରୀ, ଔଷଧ, ଗୋଟିଏ କାର୍, ବୁଲେଟ୍, ୨ ବାଇକ୍, ନଗଦ ୫ ହଜାର ଟଙ୍କା, ୫ଟି ମୋବାଇଲ ଫୋନ୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୬୫/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାସ୍ଥଳରୁ ଜଣେ ଦେହଜୀବୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ଦୁଇଜଣ ଫେରାର୍ ହୋଇଯାଇଛନ୍ତି। ବାସେଳିସାହି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ ଏହି ସୂଚନା ଦେଇଛନ୍ତି। ସିଟି ଡିଏସ୍‌ପି କହିଛନ୍ତି, ଗତ ୩ମାସ ହେବ ସୁନିତା ଓ ତାଙ୍କ ସ୍ୱାମୀ ମୁକ୍ତାମଣି ପାଇକସାହିରେ ଘର ଭଡ଼ା ନେଇ ବେଆଇନ ଭାବେ ସେକ୍ସ ର୍‍ୟାକେଟ୍ ଚଳାଉଥିଲେ।

## ପାଇଥିବା ମୋବାଇଲ ଫେରାଇଲେ ୨ ଯୁବକ



ପାଇଥିବା ମୋବାଇଲକୁ ଫେରାଉଛନ୍ତି।

ବୋଲଗଡ,୨୭।୧୦(ଡି.ଏନ୍.ଏ.):

ମୁମ୍ବାଇର କମଳ ଜୀ କିଛି ଦିନ ତଳେ ସପରିବାର ସହ ପୁରୀ ବୁଲି ଆସିଥିଲେ। ସେ ବେଳାଭୂମିରେ ବୁଲିବା ବେଳେ ତାଙ୍କର ମୋବାଇଲ ଫୋନ ପଡିଯାଇଥିଲା। ପରେ ମୋବାଇଲଟି ବାଲିରେ ପୋତି ହୋଇଯାଇଥିଲା। ତେବେ କିଛି ସମୟ ପରେ ଉକ୍ତ ମୋବାଇଲକୁ ଖୋର୍ଦ୍ଧା ଜିଲା ବୋଲଗଡ ଅଞ୍ଚଳର କ୍ଷିତୀଶ ମହାପାତ୍ର ଏବଂ ଦେବାଶିଷ ମହାପାତ୍ର ପାଇଥିଲେ। ଫୋନରେ ଚାର୍ଜ ନ ଥିବାରୁ କାହାକୁ ସମ୍ପର୍କ କରି ହେଇ ନ ଥିଲା। ପରେ ସେମାନେ ଘରକୁ ଫେରି ମୋବଇଲକୁ ଚାର୍ଜ କରି କମଳ ଜୀଙ୍କୁ ସମ୍ପର୍କ କରିଥିଲେ। ସେ ଜଣେ ବିଜିନେସ ମ୍ୟାନ ହେଇଥିବାରୁ କୋଲକାତାର ତାଙ୍କ ସହଯୋଗୀ ବିକିଙ୍କୁ ସମ୍ପର୍କ କରିଥିଲେ। ଭୁବନେଶ୍ୱରରେ ବୁଧବାର ଉକ୍ତ ମୋବାଇଲକୁ ବିକିଙ୍କୁ ପ୍ରଦାନ କରିଥିଲେ। ଦୁଇ ଯୁବକଙ୍କ ଏତାଦୃଶ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସିତ କରାଯାଇଛି।

## ଗଛରୁ ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ):

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୯ ଅଞ୍ଚଳରେ ଗୁରୁବାର ଏକ ବରକୋଳି ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ନାବାଳକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ଭଗବତୀ ବସ୍ତିର ମନୋରଞ୍ଜନ ଦାସ (୧୬)। ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ମନୋରଞ୍ଜନଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୧/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ମନୋରଞ୍ଜନ ୯ମ ଶ୍ରେଣୀରୁ ପାଠପଢ଼ା ବନ୍ଦ କରି ଦେଇଥିଲେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ଗାଈ ଚରାଇବାକୁ ଘରଠାରୁ ୮୦୦ ମିଟର ଦୂର ଏକ ପଡ଼ିଆକୁ ଯାଇଥିଲେ। ୧୧ଟା ୩୦ ବେଳକୁ ସେ ଘରକୁ ନ ଆସିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ପରେ ତାଙ୍କ ବାପା ଚାରିଆଡେ ଖୋଜାଖୋଜି କରିଥିଲେ। ମଙ୍ଗଳା ମନ୍ଦିର ନିକଟ ଏକ ବରକୋଳି ଗଛରେ ପଘା ଦ୍ୱାରା ମନୋରଞ୍ଜନ ଝୁଲୁଥିବା ସେ ଦେଖିବାକୁ ପାଇ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ ମଧ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି। ମନୋରଞ୍ଜନ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିଛି ସେନେଇ ଚର୍ଚ୍ଚା ଲାଗି ରହିଛି। ତେବେ ମନୋରଞ୍ଜନ ଘରୁ ୨୦୦୦ ଟଙ୍କା ନେଇଯିବାରୁ ବୁଧବାର ରାତିରେ ଘରେ ଝଗଡ଼ା ହୋଇଥିଲା ବୋଲି ପଡ଼ୋଶୀ ଏନେଇ ପୋଲିସକୁ କହିଛନ୍ତି। ଏହି ଝଗଡ଼ାକୁ କେନ୍ଦ୍ର କରି ମନୋରଞ୍ଜନ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ସେ କହିଛନ୍ତି।

## ପାତ୍ରପଡ଼ାରେ ଗୁପ୍ତ ସୁଡ଼ଙ୍ଗ ଠାବ

ଖୋର୍ଦ୍ଧା ଅଫିସ,୨୭।୧୦:



- ଖୋର୍ଦ୍ଧାଗଡ, ବରୁଣେଇ ପର୍ଯ୍ୟନ୍ତ ଲମ୍ବିଥିବା ଜଣାଯାଏ
- ପାଇକମାନେ ସୁରକ୍ଷା ଦୃଷ୍ଟିରୁ ସୁଡଙ୍ଗ କରୁଥିଲେ

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ପାତ୍ରପଡା ଜଗନ୍ନାଥପୁରପାଟଣା ମୌଜାରେ ଦେଖିବାକୁ ମିଳିଛି ଗୁପ୍ତ ସୁଡଙ୍ଗ। ଏହି ଗୁପ୍ତ ସୁଡଙ୍ଗ ଦେଇ ପାଇକ ବୀରମାନେ ଖୋର୍ଦ୍ଧାଗଡ ଏବଂ ବରୁଣେଇ ପାହାଡକୁ ଯାତାୟାତ କରୁଥିଲେ। ବରୁଣେଇ ପାହାଡରେ ଅବସ୍ଥିତ ମା’ବରୁଣେଇ ଓ କରୁଣେଇ ଅନ୍ୟପଟେ ଜଟିଆଣୀଙ୍କ ଆଶୀର୍ବାଦରୁ ପାଇକ ବୀରମାନେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରୁଥିଲେ। ସୁଡଙ୍ଗ ରାସ୍ତା ପାଇକ ବୀରଙ୍କ ସୁରକ୍ଷିତ ମାର୍ଗ ରହିଥିଲା ବୋଲି ଗ୍ରାମର କେତେଜଣ ବାସିନ୍ଦା କହିଛନ୍ତି।

ଏହି ଅଞ୍ଚଳ ଉକ୍ତ ସମୟରେ ଜଙ୍ଗଲରେ ପରିପୂର୍ଣ୍ଣ ରହିଥିଲା। ସେହି ସମୟରେ ପାଇକ ବୀରମାନେ ବରୁଣେଇ ଏବଂ ଗଡକୁ ସଂଯୋଗ ଲାଗି ଏହି ଗୁପ୍ତ ସୁଡଙ୍ଗ ପ୍ରସ୍ତୁତ କରିଥାଇପାରନ୍ତି। କାଳକ୍ରମେ ଏହି ସୁଡଙ୍ଗ ବନ୍ଦ ହୋଇଯାଇଥିବା ବେଳେ ସମ୍ମୁଖ ଭାଗ ପଥର ଉପରେ ସଜ୍ଜିତ ହୋଇ ଛୋଟ ଗୁମ୍ଫା ରହିଛି। ଉପର ଭାଗରେ ବଡ ପଥର ଗମ୍ବୁଜ ଆକାରରେ ରହିଛି। ଏହା ଏକ ସୁଡଙ୍ଗକୁ ଯାଇଥିବା ରାସ୍ତା ବୋଲି ଏଥିରୁ ପ୍ରମାଣ ମିଳେ। ତେବେ ଏ ସମ୍ପର୍କରେ ଅଧିକ ଆଲୋଚନା ଏବଂ ଗବେଷଣା କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ପାଇକ ବିଦ୍ରୋହକୁ ଦ୍ୱିଶତ ବାର୍ଷିକୀ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାର ଏକ ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହାର ବୀରତ୍ୱ ଗାଥା, ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଅନେକ ଆଲୋଚନା କରାଯାଇଛି। ତେବେ ପାଇକ ବିଦ୍ରୋହ ସହିତ ଜଡିତ ଏକାଧିକ ଅନାଲୋଚିତ ପ୍ରସଙ୍ଗ ଆଜି ମଧ ଗୁପ୍ତ ଭାବେ ସମାଜ ଆଢୁଆଳରେ ରହିଯାଇଛି ବୋଲି ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର ମିଶ୍ର କହିଛନ୍ତି। ପାଇକ ବିଦ୍ରୋହ ସହିତ ଜଡିତ ଅନେକ ପ୍ରସଙ୍ଗ ଏବଂ ଖୋର୍ଦ୍ଧା ଗଡର ପୁନରୁଦ୍ଧାର କରାଗଲେ ବହୁ ତଥ୍ୟ ପଦାକୁ ଆସିପାରିବ। ପାତ୍ରପଡାରେ ରହିଥିବା ସୁଡଙ୍ଗ ପରି ଗଡକୁ ସଂଯୋଗ କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ଦାବିରେ ପ୍ରାମାଣିକତା ରହିଛି। ସେଠାରୁ ବରୁଣେଇ ରାସ୍ତା ଜଙ୍ଗଲ ରହିଥିବାରୁ ପାଇକ ମାନେ ନିଜର ସୁରକ୍ଷା ପାଇଁ ସୁଡଙ୍ଗ ପ୍ରସ୍ତୁତ କରିଥାଇପାରିଥାନ୍ତି। ଖୋର୍ଦ୍ଧାଗଡର ଚାରିପାଖରେ ଅନେକ ଗଡ ସୃଷ୍ଟି ହୋଇଥିଲା। ସମସ୍ତ ଗଡ ସହିତ ଖୋର୍ଦ୍ଧାଗଡର ଗୁପ୍ତ ସଂଯୋଗ ରହିଥିଲା। ଏହାର ପୁନରୁଦ୍ଧାର କରାଗଲେ ବହୁ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସେ କହିଛନ୍ତି। ଗବେଷକ ଗୋପାଳ କୃଷ୍ଣ ଦାସ କୁହନ୍ତି, ୧୮୧୭ ମସିହା ହେଉଛି ଓଡ଼ିଶା ଇତିହାସର ଏକ ଐତିହାସିକ ଦିବସ। ବ୍ରିଟିଶ ବିରୋଧରେ ପାଇକମାନେ ଯୁଦ୍ଧ ଡାକରା ଦେଇଥିଲେ। ସୁରକ୍ଷା ଦୃଷ୍ଟିରୁ ଗୁପ୍ତ ସୁଡଙ୍ଗ ପାଇକମାନେ କରିପାରିଥାନ୍ତି। ଏହାର ପୁନରୁଦ୍ଧାର କରାଗଲେ ପାଇକ ବିଦ୍ରୋହ ସହିତ ଜଡିତ ଅନେକ ତଥ୍ୟ ପଦାକୁ ଆସିପାରିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରାସ୍ତା ପାର୍ଶ୍ୱରୁ ମୃତଦେହ ଜବତ

**ପିପିଲି,୨୭।୧୦(ସ୍ୱ.ପ୍ର.):** ପିପିଲି ପଣ୍ଡାବଜାର ନିକଟ ଓଭରବ୍ରିଜ ରାସ୍ତାପାର୍ଶ୍ୱରେ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପିପିଲି ପୋଲିସ ଜବତ କରିଛି। ଏବେ ପିପିଲିରେ ଗୁଳି ଓ ବୋମାମାଡ଼ ଘଟଣାକୁ ନେଇ ଲୋକେ ଆତଙ୍କିତ ଥିବାବେଳେ ଏକ ମୃତଦେହ ଜବତ ସାଧାରଣରେ ଚକିତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ବୟସ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହୁଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ଣରେ ପଣ୍ଡାବଜାରସ୍ଥିତ ଓଭରବ୍ରିଜ୍ ରାସ୍ତା ଦେଇ ଲୋକେ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ କେହି ପଡ଼ିଥିବା ଦେଖିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟକ୍ତି ଜଣକ ନ ଉଠିବାରୁ ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି। ଏଥିସହ ବ୍ୟକ୍ତି ଜଣକ ଏଠି କିଭଳି ଆସିଲେ ନା କେହି ହତ୍ୟା କରି ଏଠି ଫୋପାଡ଼ିଛନ୍ତି ସେନେଇ ତଦନ୍ତ ଜାରି ରହିଛି।

### ପୋଖରୀରେ ବୁଡି ବୃଦ୍ଧା ମୃତ

**କଣାସ,୨୭।୧୦(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମପଞ୍ଚାୟତ ପାଇକମରା ଗ୍ରାମର ଜଣେ ବୃଦ୍ଧାଙ୍କ ଗୁରୁବାର ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଜଣାପଡିଛି। ସେ ହେଲେ ପବନି ପ୍ରଧାନ(୬୯)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୯/ ୨୦୨୨) ରୁଜୁ କରି ତଦନ୍ତ କରୁଛନ୍ତି। ତଥ୍ୟ ନେବାରେ ଜଣାପଡିଛି, ସବୁଦିନ ପରି ପବନି ସକାଳୁ ନିକଟବର୍ତ୍ତୀ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗୋଡ ଖସିଯିବାରୁ ଗଭୀର ଜଳରେ ବୁଡି ଯାଇଥିଲେ। କିଛି ସମୟ ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ପୋଖରୀକୁ ଯାଇ ତାଙ୍କୁ ଖୋଜାଖୋଜି କରିଥିଲେ। ସେଠାରେ ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗଡିଶାଗୋଦା ଥାନା ଅଧିକାରୀ ସଞ୍ଜୟ ନାୟକ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି।

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ପୁରୀ ଅଫିସ, ୨୭।୧୦:** ପୁରୀ ପୌରାଞ୍ଚଳରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ଉପସଭାପତି ତଥା ପୂର୍ବତନ କାଉନସିଲର ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପୁରୀ ପୌରାଞ୍ଚଳର ୨, ୧୬ ଓ ୧୭ ନମ୍ବର ୱାର୍ଡରେ ଜନସମ୍ପର୍କ ପଦଯାତ୍ରା ହୋଇଥିଲା। ଏହା ମାର୍କଣ୍ଡେଶ୍ୱର ସାହି ବୁଢୀମା' ତୋଟାରୁ ବାହାରି ରାଧାଗୋବିନ୍ଦ ଲେନ୍, ହାଡ଼ଗଡ଼ିଆ ସାହି, ବଡ଼ଦାଣ୍ଡ ଓ ମିଶ୍ରସାହି ହୋଇ ବୁଢୀମା' ତୋଟାରେ ଶେଷ ହୋଇଥିଲା। ଏଥିରେ ରାଜ୍ୟ ବିଜେଡି ସମ୍ପାଦକ ଷ୍ଟାଲିନ ପରିଜା, ଜିଲା ମହିଳା ସଭାପତି ଶାନ୍ତିଲତା ପ୍ରଧାନ, ନଗର ସଭାପତି ସବ୍ୟସାଚୀ ମହାପାତ୍ର, ନଗର ମହିଳା ସଭାପତି ବିନୋଦିନୀ ଦାସ, ସଦର ଯୁବ ବିଜେଡି ସଭାପତି ବିଜୟ ମାଝୀ, ପୂର୍ବତନ କାଉନସିଲର ନାରାୟଣ ପଟ୍ଟନାୟକ, ଯୁବ ନେତା ସୁନିଲ କୁମାର ମହାନ୍ତି, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଦାଶ, ପୁଷ୍ପାଞ୍ଜଳି ରଣା, ସରୋଜ ନାୟକ, ବାବିନା ଶତପଥି, ମୁନା ସିଂ, ରମେଶ ପ୍ରହରାଜ ଏବଂ ବିନାୟକ ଦାସ ପ୍ରମୁଖ ସାମିଲ ଥିଲେ। ତେବେ ପଦଯାତ୍ରା ଆଳରେ ଦାସ ନିଜ ଶକ୍ତି ପ୍ରଦର୍ଶନ କରିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

### ଭାଟପଡ଼ା ଅଙ୍ଗନୱାଡି କେନ୍ଦ୍ରରେ ଚକ୍ଷୁ ଚିକିତ୍ସା ଶିବିର

**କଣାସ,୨୭।୧୦(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ କାଦୁଆ ଗ୍ରାମପଞ୍ଚାୟତର ଭାଟପଡା ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଗୁରୁବାର ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଦୁଃଶାସନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର ଆଇ କେୟାର ହସ୍ପିଟାଲ ସହାୟତାରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ୫୦ ଜଣ ଚକ୍ଷୁ ରୋଗୀ ଯୋଗଦେଇ ପରୀକ୍ଷାନିରୀକ୍ଷା କରିଥିଲେ। ପରେ ୧୪ ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରାଯାଇ ଭୁବନେଶ୍ୱର ନିଆଯାଇଛି। କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ସାହୁ, କୃଷ୍ଣଚନ୍ଦ୍ର ବାରିକ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ରାସ୍ତା ଦବିଗଲା, ନିର୍ମାଣ କାର୍ଯ୍ୟରେ ଦୁର୍ନୀତି

**ଗୋପ,୨୭।୧୦(ଡି.ଏନ୍.ଏ.)**



ଗୋପ ବ୍ଲକ କାର୍ଯ୍ୟାଳୟ ପରିସର ଦେଇ ଯାଇଥିବା ଏକ ରାସ୍ତା କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାଟି କିଛି ମାସ ତଳେ ଚତୁର୍ଦ୍ଦଶ ଅର୍ଥ କମିଶନ ଟଙ୍କାରେ ନିର୍ମାଣ କରାଯାଇଥିବା ବେଳେ ଏବେ ତାହା ଦବି ଖାଲ ହୋଇଯାଇଛି। ପ୍ରକାଶ ଯେ, କିଛି ମାସ ତଳେ ଗୋପ ବ୍ଲକ ପରିସର ମଧ୍ୟରେ ବର୍ଷା ପାଣି ଜମି ରହିଥିବାରୁ ପୁରୀ ଜିଲାପାଳ ସମର୍ଥ ବର୍ମା ଗସ୍ତବେଳେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ପରିସରରେ ଫେବର ବ୍ଲକ ଇଟା ପକାଯାଇ ଉକ୍ତ ରାସ୍ତା କାର୍ଯ୍ୟ କରାଯାଇଥିଲା। କିନ୍ତୁ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଏହି ରାସ୍ତାଟି ଅଳ୍ପ ଦିନରେ ଦବିଯାଇଛି। ଏହି ରାସ୍ତା କାର୍ଯ୍ୟ ନେଇ ଜଣେ ବ୍ୟକ୍ତି ସୂଚନା ଅଧିକାର ବଳରେ ମାଗିବା ପରେ ରାସ୍ତା ନିର୍ମାଣ ସମୟରେ ଦୁର୍ନୀତି ହୋଇଥିବା ଜଣାପଡ଼ିଛି।

ରାସ୍ତା ନିର୍ମାଣ ପାଇଁ ସାଢ଼େ ୬ ଲକ୍ଷ ଟଙ୍କା ସରକାରୀ ଅର୍ଥ ଆସିଥିବା ବେଳେ ଏହାକୁ ଖର୍ଚ୍ଚ କରିବାକୁ ହେଲେ ପଞ୍ଚାୟତ ସମିତି ବୈଠକରେ ଅନୁମୋଦନ ହେବାର ନିୟମ ରହିଛି। ହେଲେ ତାହା ନ କରାଯାଇ ଉକ୍ତ ଅର୍ଥ ଟଙ୍କାର ଫାଇଲ ଖୋଲାଯାଇ ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇ ଏହି ରାସ୍ତା କାର୍ଯ୍ୟ ହୋଇଥିଲା। ରାସ୍ତା ନିର୍ମାଣ ଆରମ୍ଭରୁ ବାଲି ପକାଯାଇ ଫେବର ବ୍ଲକ ଇଟା ପକାଇବାର ନିୟମ ଥିବାବେଳେ ଠିକାଦାର ମାଟି ସମାନ କରି ସିମେଣ୍ଟ ଇଟା ପକାଇ ଦେଇଥିଲେ। ଫଳରେ ନିର୍ମାଣର କିଛିଦିନ ପରେ ରାସ୍ତାରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ରାସ୍ତା ଦବିଯାଇଛି। ଫଳରେ ବ୍ଲକକୁ ଆସୁଥିବା ଲୋକମାନେ ଏହି ଗର୍ତ୍ତରେ ପଡ଼ିବାର ସମ୍ଭାବନା ରହିଛି। ଅପରପକ୍ଷେ ଗୋପରେ ବ୍ଲକ ବିଲ୍ଡିଂ ମରାମତି, ରଙ୍ଗ କାର୍ଯ୍ୟ ସହିତ ଅନ୍ୟାନ୍ୟ ଠିକାଦାରି କାର୍ଯ୍ୟରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳିଛି। ଯେଉଁ କନିଷ୍ଠଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିଲା ତାଙ୍କର ବଦଳି ହୋଇଯିବାରୁ ଅଧିକ ସନ୍ଦେହ ସୃଷ୍ଟି କରିଛି। ତେଣୁ ସମ୍ପୃକ୍ତ ସୂଚନା ଅଧିକାର କର୍ମୀ ଭିଜିଲାନ୍ସର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଏ ନେଇ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ରାସ୍ତା ଦୁର୍ନୀତି ସମ୍ପର୍କରେ ମୋ ନିକଟରେ କିଛି ସୂଚନା ନାହିଁ। ଅନ୍ୟପକ୍ଷରେ କେହି ସିମେଣ୍ଟ ଇଟା ଚୋରି କରି ନେବାକୁ ଉଦ୍ୟମ କରୁଥିବା ସମସ୍ତଙ୍କୁ ଚକିତ କରିଛି। ଉକ୍ତ ଘଟଣାର ତଦନ୍ତ ଜିଲାପାଳ କରିବାକୁ ସାଧାରଣରେ ଦାବି ହେଉଛି।

# ଡିସେମ୍ବର ୧ରୁ କୋଣାର୍କରେ ଇକୋ ରିଟ୍ରିଟ

**ପୁରୀ ଅଫିସ,୨୭।୧୦**



ଇକୋ ରିଟ୍ରିଟ୍‌ର ଚତୁର୍ଥ ସଂସ୍କରଣ ଆସନ୍ତା ଡିସେମ୍ବର ୧ରୁ କୋଣାର୍କରେ ଆରମ୍ଭ ହେବ। ଏନେଇ ଏକ ବୈଠକ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷର ଅଭିଜ୍ଞତା ଓ ଅନୁଭବକୁ ଆଧାର କରି ଚଳିତ ବର୍ଷର ଇକୋ ରିଟ୍ରିଟ୍‌କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପରସ୍ପର ସହ ସମନ୍ୱୟ ରଖି କାମ କରିବା, ଧାର୍ଯ୍ୟ ସମୟ ପୂର୍ବରୁ କାର୍ଯ୍ୟ ସାରିବା ଏବଂ ପର୍ଯ୍ୟଟକମାନେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ଏବଂ ଇ-ଫାକ୍ଟର ଏଜେନ୍ସିର ମିଳିତ ସହଯୋଗରେ ଡିସେମ୍ବର ୧ରୁ ୨୦୨୩ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଇକୋ ରିଟ୍ରିଟ୍ ଅନୁଷ୍ଠିତ ହେବ। ୭୦ଟି ଲକ୍‌ଜରି ଟେଣ୍ଟ କରାଯିବ, ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ। ଇକୋ ରିଟ୍ରିଟ୍ ସମୟରେ ଜଳକ୍ରୀଡ଼ା, ବିଚ୍ ସ୍ପୋର୍ଟସ, ଇନ୍‌ଡୋର ଗେମ୍ ଇତ୍ୟାଦି ବ୍ୟବସ୍ଥା ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ, ପାଣି, ମୋବାଇଲ ନେଟୱର୍କ, ଚିକିତ୍ସା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ, ସୁରକ୍ଷା, ୨୪ ଘଣ୍ଟିଆ ଲାଇଫ୍ ଗାର୍ଡ ବ୍ୟବସ୍ଥା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲ୍ଲୀପ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ଏବଂ ଅନ୍ୟାନ୍ୟ ବିଭାଗ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ଇକୋ ରିଟ୍ରିଟ୍‌ର ଆୟୋଜନ କରୁଥିବା ଇ-ଫାକ୍ଟରର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

**ଧାର୍ଯ୍ୟ ସମୟ ପୂର୍ବରୁ କାମ ସରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ**



ପିପିଲି ଏନ୍‌ଏସି ଅଞ୍ଚଳରେ ଗୁରୁବାର ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଉଛି।

# ଶାନ୍ତି ବଜାୟ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ପିପିଲିରେ ଗୁଳିକାଣ୍ଡ ଘଟଣା**

**ପିପିଲି,୨୭।୧୦(ସ୍ୱ.ପ୍ର./ଡି.ଏନ୍.ଏ.)**

ପିପିଲି କଲେଜ ଛାତ୍ରୀଙ୍କୁ ଅଣଛାତ୍ରଙ୍କ କମେଣ୍ଟମରା ଓ ପୂର୍ବ ଶତ୍ରୁତାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗୁଳିକାଣ୍ଡ ଘଟଣାକୁ ନେଇ ଏନ୍‌ଏସି ଅଞ୍ଚଳରେ ଉତ୍ତେଜନା ପରିସ୍ଥିତ ଲାଗିରହିଛି। ଏହି ଘଟଣାକୁ ନେଇ ଉଭୟ ପକ୍ଷର ଅଭିଯୋଗକ୍ରମେ ପିପିଲି ପୋଲିସ ୬ଟି ମାମଲା ରୁଜୁ କରିଛି। ଏହାକୁ ଭିତ୍ତିକରି ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ଆଉ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପଟେ ଏସ୍‌ପି ଡ. କନୱର ବିଶାଲ ସିଂ ଗୁରୁବାର ପିପିଲି ଆସି ଘଟଣାର ତଦାରଖ କରିବା ସଙ୍ଗେସଙ୍ଗେ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପିପିଲିରେ ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ଅପରାହ୍ଣରେ ଏନ୍‌ଏସି ଅଞ୍ଚଳ ଓ ନିକଟବର୍ତ୍ତୀ ଉଜାଣୀପଡା ଗ୍ରାମରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ୍‌ମାର୍ଚ୍ଚରେ ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ, ଡେଲାଙ୍ଗ, ସତ୍ୟବାଦୀ ଓ ବଳଙ୍ଗା ଥାନାଧିକାରୀଙ୍କ ସମେତ ୨୦ଜଣ ଅଫିସର ୫ ପ୍ଲାଟୁନ ଫୋର୍ସ ସାମିଲ ହୋଇଥିଲେ। ଏନ୍‌ଏସି ଓ ଏନ୍‌ଏସି ସଂଲଗ୍ନ ଅଞ୍ଚଳର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ପୋଲିସ ତରଫରୁ ଚେକ୍ ପୋଷ୍ଟ କରାଯାଇ ପରିସ୍ଥିତି ଉପରେ କଡ଼ା ନଜର ରଖିବା ସହ ଭୟଭୀତ ନ ହୋଇ ଚଳପ୍ରଚଳ କରିବାକୁ ଲୋକଙ୍କୁ କୁହାଯାଇଛି। ଏଥିସହିତ ନିୟମିତ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ପିପିଲି ପୋଲିସ ସହିତ ଯୋଗସୂତ୍ର ରକ୍ଷା କରି ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାରେ ଜନସାଧାରଣଙ୍କ ସହଯୋଗ କାମନା କରିଛି। ଏପରିକି ପିପିଲି ଓ ଆଖପାଖ ଅଞ୍ଚଳର ମୁରବିଙ୍କୁ ଡାକି ବିଚାର ବିମର୍ଶ କରି ଭାଇଚାରା ବଜାୟ ରଖିବାକୁ ଚେଷ୍ଟା କରାଯାଉଛି।

# ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ନିମାପଡ଼ା,୨୭।୧୦(ଡି.ଏନ୍.ଏ.)**

ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଡେଣୁଆଁ-ଆଳିପିଙ୍ଗଳ ଗ୍ରାମର ଗୁରୁପ୍ରସାଦ ସାବୁତ୍(୪୫)। ଏନେଇ ପୋଲିସ ଦଫା ୩୪୧, ୨୯୪, ୩୭୬(୨)(୩), ୫୦୬, ୩୪ରେ ଏକ ମାମଲା (ନଂ. ୩୫୮/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନିମାପଡ଼ା ମେଡିକାଲରେ ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା ପରେ ଗୁରୁପ୍ରସାଦଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ସୂଚନା ମୁତାବକ, ଗୁରୁପ୍ରସାଦ ବିବାହିତ ହୋଇଥିବା ସତ୍ତ୍ୱେ ସେ ସ୍ଥାନୀୟ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ସେ ୧୫ ଦିନ ତଳେ ଯୁବତୀଙ୍କୁ ଭୁବନେଶ୍ୱର ବିମାନବନ୍ଦର ଅଞ୍ଚଳକୁ ନେଇ ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ୨୧ ତାରିଖରେ ଯୁବତୀଙ୍କୁ ଆଣି ତାଙ୍କ ଗ୍ରାମରେ ଛାଡି କୋର୍ଟ ବିବାହ କରିବେ କହି ପଳାଇଥିଲେ। ବିବାହ କରିବାକୁ ନ ଆସିବାରୁ ଯୁବତୀ ବୁଧବାର ଗୁରୁପ୍ରସାଦଙ୍କ ଗ୍ରାମକୁ ଯାଇ ସେଠାର ମୁରବିମାନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ୍ୟ କିଛି ସମାଧାନ ହୋଇପାରି ନ ଥିଲା। ଯୁବତୀ ନିରାଶରେ ଫେରିବାବେଳେ ଗୁରୁପ୍ରସାଦ ଲୋକ ଲଗାଇ ତାଙ୍କୁ ଟଣାଓଟରା, ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଇଥିଲେ। ଏନେଇ ପୀଡିତା ବୁଧବାର ରାତିରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ହେତୁବାଦୀଙ୍କ ବିରୋଧରେ ଏତଲା

**ସୂର୍ଯ୍ୟୋପରାଗ ବେଳେ ଚିକେନ ବିରିୟାନୀ ଖାଇବା ଘଟଣା**



ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ପୁରୀ ଟାଉନ ଥାନାରେ ଏତଲା ଦିଆଯାଉଛି।

**ପୁରୀ ଅଫିସ, ୨୭।୧୦**

ହେତୁବାଦୀମାନେ ଗତ ମଙ୍ଗଳବାର ସୂର୍ଯ୍ୟୋପରାଗ ସମୟରେ ଚିକେନ୍ ବିରିୟାନୀ ଖାଇବା ସହ ବ୍ରାହ୍ମଣ ସମାଜକୁ ଆପେକ୍ଷ କରିଥିବା ଅଭିଯୋଗରେ ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଗୁରୁବାର ପୁରୀ ଟାଉନ ଥାନାରେ ହେତୁବାଦୀ ସଙ୍ଗଠନ ବିରୋଧରେ ଏତଲା ଦିଆଯାଇଛି। ମହାସଭାର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ରଥଙ୍କ ନେତୃତ୍ୱରେ ଏହି ଏତଲା ଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏତଲାରେ ଦର୍ଶାଯାଇଛି, ନିଜକୁ ହେତୁବାଦୀ କହୁଥିବା କେତେଜଣ ବ୍ୟକ୍ତି ସୂର୍ଯ୍ୟୋପରାଗ ସମୟରେ ଚିକେନ ବିରିୟାନୀ ଖାଉଥିବା ଟିଭିରେ ଦେଖିବାକୁ ମିଳିଥିଲା। ସେମାନେ ସୂର୍ଯ୍ୟୋପରାଗ ନୀତି ନିୟମକୁ ଅନ୍ଧବିଶ୍ୱାସ ବୋଲି କହିଥିଲେ। ଏପରିକି ଜଣେ ହେତୁବାଦୀ ଟିଭିରେ ବିତର୍କରେ ଭାଗ ନେଇଥିବାବେଳେ ପ୍ରତିପକ୍ଷଙ୍କ ପ୍ରତି ଅଶାଳୀନ ବ୍ୟବହାର ସହ ବ୍ରାହ୍ମଣ ଜାତିକୁ ଆକ୍ଷେପ କରିଥିଲେ। ଏହି ମନ୍ତବ୍ୟ ଓ ଆଚରଣ ସମଗ୍ର ବ୍ରାହ୍ମଣ ଜାତିକୁ ଅପମାନିତ କରିବା ସହ ଧର୍ମ ଉପରେ ବିଶ୍ୱାସ ରଖୁଥିବା ସମଗ୍ର ହିନ୍ଦୁ ସମାଜକୁ ବ୍ୟଥିତ କରିଛି। ଏଣୁ ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଦାବି କରାଯାଇଛି।

# ରାସ୍ତା ଶୋଚନୀୟ, ଯାତାୟାତରେ ସମସ୍ୟା

**କଣାସ,୨୭।୧୦(ସ୍ୱ.ପ୍ର.)**

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରଗତି ପାଇଁ ରାସ୍ତାଘାଟ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେବେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀ ଦୃଷ୍ଟି ଦେଉ ନାହାନ୍ତି। ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି। ଏପରି ଅବସ୍ଥା କଣାସ ବ୍ଲକରେ ନିର୍ମାଣ ହୋଇଥିବା ରାସ୍ତାରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, କଣାସଠାରୁ ପଣିଆପଡା ଦେଇ କୋଟକଣା ଛକରେ ନୂଆ ଜଗନ୍ନାଥ ସଡ଼କକୁ ସଂଯୋଗ କରୁଥିବା ରାସ୍ତାରେ ବଡ଼ବଡ଼ ଖାଲ ହୋଇଯାଇଛି। ସେହି ଖାଲରେ ପାଣି ଜମି ରହୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏନେଇ ଦୃଷ୍ଟି ଦେଉ ନ ଥିବା ଆଲୋଚନାର ବିଷୟ ପାଲଟିଛି। ଉକ୍ତ ରାସ୍ତା ଦେଇ ଦୈନନ୍ଦିନ କଣାସ ବ୍ଲକ, କଣାସ ତହସିଲ କାର୍ଯ୍ୟାଳୟ, କଣାସ ସବ୍‌ରେଜେଷ୍ଟ୍ରି ଅଫିସ୍, ଗ୍ରାମ୍ୟ କୃଷି କାର୍ଯ୍ୟାଳୟ, ମୁଖ୍ୟ ପଶୁଚିକିତ୍ସା କେନ୍ଦ୍ର, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମହାବିଦ୍ୟାଳୟ ଓ ବିଦ୍ୟାଳୟର କର୍ମଚାରୀ ପୁରୀ ଯାତାୟାତ କରୁଛନ୍ତି। କିଛି ଦିନ ତଳେ ପୂର୍ବତନ ବିଡିଓ ଏହି ରାସ୍ତା ଦେଇ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ରାସ୍ତା କାର୍ଯ୍ୟ ବୁଝିବା ପାଇଁ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ଥିଲେ ମଧ୍ୟ କୌଣସି କାମ କରୁ ନ ଥିବା ଅଭିଯୋଗ ହେଉଛି। ବିଭାଗରେ ୩ କନିଷ୍ଠ ଯନ୍ତ୍ରୀ ଓ ୨ ପିଅନ୍ ପୋଷ୍ଟ ଦୀର୍ଘଦିନ ହେଲା ଖାଲିପଡିଛି। ଅବଶିଷ୍ଟ ସହକାରୀ ଯନ୍ତ୍ରୀ, ୨ଜଣ କନିଷ୍ଠ ଯନ୍ତ୍ରୀ ନିୟମିତ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହିତ ରାସ୍ତାଟିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ଦାବି ହେଉଛି।



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା।

# କତାଶିଳ୍ପ କେନ୍ଦ୍ର, ଧୂପକାଠି ଶିଳ୍ପ ଦେଖିଲେ ରାଜସ୍ଥାନ ମନ୍ତ୍ରୀ

**ପିପିଲି/ ନିମାପଡ଼ା, ୨୭।୧୦(ସ୍ୱ.ପ୍ର./ଡି.ଏନ୍.ଏ.)**



ରାଜସ୍ଥାନର ମନ୍ତ୍ରୀ ରମେଶ ମୀନା ନିମାପଡ଼ାର ଗୋପୀନାଥ କତାଶିଳ୍ପ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ପିପିଲିରେ ମହିଳାମାନେ ମିଶନ ଶକ୍ତି ମାଧ୍ୟମରେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ମହିଳାମାନଙ୍କର ଏହି ବିକାଶକୁ ଦେଖିବା ପାଇଁ ଗୁରୁବାର ରାଜସ୍ଥାନ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗର କ୍ୟାବିନେଟ ମନ୍ତ୍ରୀ ରମେଶ ମୀନା ପିପିଲିରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ମନ୍ତ୍ରୀ ମୀନା ପ୍ରଥମେ ପିପିଲି ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ କାଫେରେ ପହଞ୍ଚି ମଧ୍ୟାହ୍ନଭୋଜନ କରିବା ସହିତ ସେଠାରେ ହେଉଥିବା ଖାଦ୍ୟ ପ୍ରସ୍ତୁତି ଶୈଳୀ ଦେଖିଥିଲେ। ମହିଳାମାନେ କିଭଳି ଏହା ଉପରେ ନିର୍ଭର କରି ନିଜ ପରିବାର ପ୍ରତିପୋଷଣ କରିବା ସହ କେତେ ଲାଭ ପାଉଛନ୍ତି, କେଉଁ କେଉଁ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ସେ ସମ୍ପର୍କରେ କାଫେର ସଭାନେତ୍ରୀ ସୁମିତ୍ରା ପତି ଏବଂ ସମ୍ପାଦିକା ସସ୍ମିତା ପଟ୍ଟନାୟକଙ୍କ ସହିତ ଆଲୋଚନା କରି ସମସ୍ତ କଥା ବୁଝିଥିଲେ। ଏହାପରେ ଦାଣ୍ଡମୁକୁନ୍ଦପୁର ମା' ମମତା ଉତ୍ପାଦକ ଗୋଷ୍ଠୀ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ମହିଳାମାନେ ଧୂପକାଠି, ପେପର ମାସ୍କ ଏବଂ ଟେଲରିଂ କାର୍ଯ୍ୟ କରୁଥିବା ଦେଖି ମନ୍ତ୍ରୀ ମୀନା ଖୁସି ହୋଇ ସେମାନଙ୍କୁ ପ୍ରଶଂସା କରିଥିଲେ। ମହିଳାମାନେ ପରିବାର ଚଳାଇବା ସହ ଅର୍ଥ ରୋଜଗାର କରୁଥିବା କଥା ଶୁଣିବା ସହ ମିଶନ ଶକ୍ତିର ମହିଳାମାନେ କିଭଳି ଅଧିକ ରୋଜଗାର କରିପାରିବେ ସେ ସମ୍ପର୍କରେ ସିଡିପିଓ ସ୍ନେହଲତା ପଟ୍ଟନାୟକ ଏବଂ ବିପିସି ଜୟଶ୍ରୀ ମେକାପଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ମନ୍ତ୍ରୀ ଜଗନ୍ନାଥପୁର ପଞ୍ଚାୟତକୁ ଯାଇ ମହିଳା ଜଗନ୍ନାଥ ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନେ କିଭଳି ଚାନ୍ଦୁଆ ତିଆରି କରୁଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏମ୍‌ବିକେ ମମତା ବିଶ୍ୱାଳ, ସଭାନେତ୍ରୀ ମମତା ମହାରଣା, ସମ୍ପାଦିକା ସବିତା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଡିଷ୍ଟ୍ରିକ୍ଟ ଚାଇଲ୍ଡ ଅଫିସର(ଡିସିଓ) ଜ୍ୟୋତି ଶଙ୍କର ମହାପାତ୍ର, ଜୀବିକା ମିଶନର ଜିଲା ପ୍ରକଳ୍ପ ଅଧିକାରୀ ବନଜାକାନ୍ତ ମାହାରୀ, ଏକ୍‌ଜିକ୍ୟୁଟିଭ ଆସିଷ୍ଟାଣ୍ଟ ଉପେନ୍ଦ୍ର କୁମାର ବେହେରା, ଓଏଲଏମ୍ ଜିଲା ସଂଯୋଜକ ହରପ୍ରସାଦ ମିଶ୍ର, ଡିପିସି ଆରତି ସାହୁ, ପିପିଲି ବିପିଏମ୍ ପ୍ରମୋଦିନୀ ବେହେରା, କନିଷ୍ଠଯନ୍ତ୍ରୀ ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ନିମାପଡ଼ା ବ୍ଲକ ଅନ୍ତର୍ଗତ ଭୋଗଶାଳଦା ପଞ୍ଚାୟତର ନଡଣା ଗ୍ରାମର ଗୋପୀନାଥ କତାଶିଳ୍ପ ଓ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଥିଲେ। ମନ୍ତ୍ରୀ ମୀନା କତାରେ ତିଆରି ବିଭିନ୍ନ କାରୁକାର୍ଯ୍ୟ, କଳାକୃତି ଦେଖି ଆନନ୍ଦ ପ୍ରକାଶ କରିଥିବାବେଳେ ଓଡ଼ିଶାର କତା ଶିଳ୍ପ ଓ କତା ଶିଳ୍ପୀଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଓଡ଼ିଶା ରାଜ୍ୟ ସରକାରଙ୍କ ପିଆର୍ ଓ ଡିଡବ୍ଲ୍ୟୁ ବିଭାଗର ଡାଇରେକ୍ଟର ସୁରେନ୍ଦ୍ର ମୀନା, ପୁରୀ ଜିଲା ଡିଆର୍‌ଡିଏର ସିଡିଓ କମ୍ ଇଓ ଜ୍ୟୋତିଶଙ୍କର ମହାପାତ୍ର, ଡିପିଏମ୍ ବନଜାକାନ୍ତ ମାହାରୀ, ନିମାପଡ଼ା ବିଡିଓ ବସନ୍ତ ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର (ବିପିଏମ୍) ମଧୁଛନ୍ଦା ପ୍ରଧାନ, ବିଏଲ୍‌ସି କିରଣବାଳା ଜେନା, ଜୟଶ୍ରୀ ପ୍ରଧାନ, ସବ୍ୟସାଚୀ ମହାରଣା, ଏଲ୍‌ଏସ୍‌ପି ଅମିୟ ପୌଦାର ପ୍ରମୁଖ ଯୋଗଦେଇ ମନ୍ତ୍ରୀ ଓ ପଦସ୍ଥ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସମାରୋହରେ ଗୋପୀନାଥ କତା ଶିଳ୍ପୀ, ଉତ୍ପାଦନ କେନ୍ଦ୍ରର ୬୦ ଜଣ କତାଶିଳ୍ପୀ ଯୋଗଦେଇଥିଲେ।

## ସଂକ୍ଷେପରେ

### କଟକ ଜିଲା ଛାତ୍ର କଂଗ୍ରେସ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ର ନୂତନ କମିଟି ଗଠିତ

କଟକ ଅଫିସ, ୨୭।୧୦- କଟକ ଜିଲା ଛାତ୍ର କଂଗ୍ରେସର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ କମିଟି ଗଠନ କରାଯାଇଛି। କଟକ ଜିଲା ଛାତ୍ର କଂଗ୍ରେସ ସଭାପତି ପର୍ଣ୍ଣାଶା ପଲଙ୍କ ଅଧକ୍ଷତାରେ ଗୁରୁବାର ଶକ୍ତିନଗରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପଦବୀ ପାଇଁ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ଏଥିରେ କମିଟି ସଭାପତି ଭାବେ ଶ୍ରୀରାମ ନାୟକ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ରଞ୍ଜିତ ମିଶ୍ର, ଦେବବ୍ରତ କୁଳମଣି ସେଠୀ, ଅଭିଷେକ ରାଉତରାୟ, ସାଇୟୁଷ ବେହେରା, ଦିବ୍ୟଜ୍ୟୋତି ସିହାଲ, ବିଶ୍ୱଜିତ ମିଶ୍ର ମନୋନୀତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ଫାଜିଆ ଅକ୍ତର, ସନ୍ଦୀପ ସାହୁ, ଋତୁପର୍ଣ୍ଣା ମଲ୍ଲିକ, ସତ୍ୟପ୍ରକାଶ ସାହୁ, ମହୁମିତା ବିଶ୍ୱାଳ, ମୃତ୍ୟୁଞ୍ଜୟ ସାହୁ, ଖୁସି ସିଂ ରାଜପୁତ, ସ୍ୱପନିକା ବିଶ୍ୱାଳ, ଗଣେଶ ରାଉତ, ଅଭିଜିତ ପଟ୍ଟନାୟକ, ଆଦିତ୍ୟ ମଲ୍ଲିକ, ପ୍ରୀତିଜିଷ୍ଣା ମହାଲ, ସମ୍ପାଦକ ଭାବେ ଅବିନାଶ ସେଠୀ, ରାକେଶ ସ୍ୱାଇଁ, ଆଶିଷ ନାୟକ, ଶ୍ୟାମ ଶର୍ମା, ସୋମେଶ ବେହେରା, ସାଗର ପଣ୍ଡା, ଚନ୍ଦନ ବାରିକ, କାଳୀ ଚରଣ ପ୍ରସାଦ, ସୃଷ୍ଟି ସଂଗ୍ରାମ କାଲୋ, ଦ୍ୱିତୀକୃଷ୍ଣ ସ୍ୱାଇଁ, ସ୍ୱନ୍ଦନ ମହାପାତ୍ର, ସନ୍ଦୀପ କୁମାର ନାୟକ, ଶ୍ରୀମାନ ଦାସ ମନୋନୀତ ହୋଇଛନ୍ତି। ସେହିପରି ହଷ୍ଟେଲ ସମ୍ପାଦକ ଭାବେ ସ୍ନେହଲିକା ପଟ୍ଟନାୟକ, ଡେ ସ୍କଲାର ସେକ୍ରେଟାରୀ ଯଶ ଅଗ୍ରୱାଲ ଓ ସୋସିଆଲ ମିଡିଆ ପାଇଁ ଉଦିତ ନାରାୟଣ ଦାଶ ମନୋନୀତ ହୋଇଛନ୍ତି। ଉକ୍ତ ବୈଠକରେ ଛାତ୍ର ନେତା ଡ. ବିପ୍ଳବ ଶିଳାଦିତ୍ୟ, ଶିବ ଅଗ୍ରୱାଲ, ଆଶୁତୋଷ ରାଉତ, ଦୀପକ ମହାନ୍ତି, କାମଲେନ୍ଦୁ ଆଚାର୍ଯ୍ୟ, ସତ୍ୟଜିତ ସେଠୀ, ସୁସ୍ମିତା ଜେନା, ମୃତ୍ୟୁଞ୍ଜୟ ମହାନ୍ତି, ଅମିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଡିସେମ୍ବର ୧ରୁ କୋଣାର୍କରେ ଇକୋ ରିଟ୍ରିଟ୍

ପୁରୀ ଅଫିସ,୨୭।୧୦: ଇକୋ ରିଟ୍ରିଟ୍‌ର ଚତୁର୍ଥ ସଂସ୍କରଣ ଆସନ୍ତା ଡିସେମ୍ବର ୧ରୁ କୋଣାର୍କରେ ଆରମ୍ଭ ହେବ। ଏନେଇ ଏକ ବୈଠକ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷର ଅଭିଜ୍ଞତା ଓ ଅନୁଭବକୁ ଆଧାର କରି ଚଳିତ ବର୍ଷର ଇକୋ ରିଟ୍ରିଟ୍‌କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପରସ୍ପର ସହ ସମନ୍ୱୟ ରଖି କାମ କରିବା, ଧାର୍ଯ୍ୟ ସମୟ ପୂର୍ବରୁ କାର୍ଯ୍ୟ ସାରିବା ଏବଂ ପର୍ଯ୍ୟଟକମାନେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଜିଲାପାଳ ପରାମର୍ଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ଏବଂ ଇ-ଫାକ୍ଟର ଏଜେନ୍ସିର ମିଳିତ ସହଯୋଗରେ ଡିସେମ୍ବର ୧ରୁ ୨୦୨୩ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଇକୋ ରିଟ୍ରିଟ୍ ଅନୁଷ୍ଠିତ ହେବ। ୭୦ଟି ଲକ୍‌ଜରି ଟେଣ୍ଟ କରାଯିବ, ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ। ଇକୋ ରିଟ୍ରିଟ୍ ସମୟରେ ଜଳକ୍ରୀଡ଼ା, ବିଚ୍ ସ୍ପୋର୍ଟସ, ଇନ୍‌ଡୋର ଗେମ୍ ଇତ୍ୟାଦି ବ୍ୟବସ୍ଥା ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ, ପାଣି, ମୋବାଇଲ ନେଟୱର୍କ, ଚିକିତ୍ସା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ, ସୁରକ୍ଷା, ୨୪ ଘଣ୍ଟିଆ ଲାଇଫ୍ ଗାର୍ଡ ବ୍ୟବସ୍ଥା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି।

# ରାଜ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ ଜବାବ ଦାଖଲ କଲେ ବିଡିଓ

## ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନ ଖର୍ଚ୍ଚ ପ୍ରସଙ୍ଗ

କଟକ ସଦର,୨୭।୧୦(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଉଛି। ଏହି କାମ ପାଇଁ ଯନ୍ତ୍ରୀମାନେ ବଜାରରୁ ଦରକାର ସାମଗ୍ରୀ ବାକିରେ ଆଣିଥାନ୍ତି। ବିଲ୍ ହେବା ପରେ ବକେୟା ଅର୍ଥ ପଇଠ କରାଯାଏ ବୋଲି କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା ରାଜ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ ଜବାବ ଦଖଲ କରିଛନ୍ତି। ଫଳରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ସମସ୍ତ ବିଭାଗୀୟ କାମ ବାକିରେ କରି ପରେ ବିଲ୍ କରାଯାଉଥିବା ସ୍ପଷ୍ଟ ହୋଇଯାଇଛି। ଏନେଇ ସୂଚନା ଆୟୁକ୍ତଙ୍କ କୋର୍ଟରେ ପତ୍ରସଂଖ୍ୟା ୨୬୯୪/୧୯।୧୦।୨୦୨୨ରେ ଜବାବ ଦାଖଲ କରାଯାଇଛି।

ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅନୁଦାନକୁ କିପରି ଖର୍ଚ୍ଚ କରାଯାଉଛି ସେ ସମ୍ପର୍କରେ ଜାଣିବା ପାଇଁ ସୂଚନା ଅଧିକାର କର୍ମୀ ସୁରେଶ ଜେନା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କୁ ୨୦୧୬ରେ ତଥ୍ୟ ମାଗିଥିଲେ। ହେଲେ ସମ୍ପୃକ୍ତ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ତଥ୍ୟ ଦେବାପାଇଁ ରାଜ୍ୟ ପଞ୍ଚାୟତିରାଜ ବିଭାଗର ଜନସୂଚନା ଅଧିକାରୀଙ୍କୁ ପତ୍ରସଂଖ୍ୟା ପିଏମ ଓପିଜି/ଡି/୨୦୧୬/୦୩୯୮୫୩୨ /୨୮।୧୨।୨୦୧୬ରେ ଦରଖାସ୍ତଟିକୁ ସ୍ଥାନାନ୍ତରିତ କରିଥିଲେ। ପରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପତ୍ରସଂଖ୍ୟା ୮୪୧/୧୬।୧।୨୦୧୭ରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କୁ ତଥ୍ୟ ଦେବା ପାଇଁ କହିଥିଲେ। ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ପତ୍ରସଂଖ୍ୟା୧୦୫୨/୪।୫।୨୦୧୭ରେ ଆବେଦନକାରୀଙ୍କୁ ତଥ୍ୟ ଦେବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ଅବଧି ପୂରଣ ହୋଇଯିବା ପରେ ସୂଚନା ନ ମିଳିବାରୁ ପ୍ରଥମ ଅପିଲ ପିଡି(ପ୍ରକଳ୍ପ ନିର୍ଦ୍ଦେଶକ)ଙ୍କ ପାଖରେ କରାଗଲା। ମାତ୍ର ସୂଚନା ମିଳିଲା ନାହିଁ। ଏ ନେଇ ଜେନା ରାଜ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ ଆବେଦନ କରିଥିଲେ। ରାଜ୍ୟ ସୂଚନା ଆୟୁକ୍ତଙ୍କ ଅଦାଲତ ଉକ୍ତ ମାମଲାର ଶୁଣାଣି କରି ୩୦ ଦିନ ମଧ୍ୟରେ ନିର୍ଭୁଲ ତଥ୍ୟ ଦେବା ପାଇଁ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପତ୍ରସଂଖ୍ୟା ୪୨୩୦୪/ ଓଆଇସି/୧୫।୯।୨୦୨୦ରେ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ପତ୍ରସଂଖ୍ୟା୨୪୦୩/୨୦।୯।୨୦୨୨ରେ କଟକ ସଦର ବିଡିଓ ପରିଡାଙ୍କୁ ନିର୍ଦ୍ଦେଶ ଦେବା ପରେ ଜବାବ ଦାଖଲ କରାଯାଇଥିଲା। ଓଡ଼ିଶା ସରକାରଙ୍କର ଏକ ମାତ୍ର ବିଭାଗ ଯେଉଁଠାରେ ବିଭାଗୀୟ କାମ ଯନ୍ତ୍ରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବାକିରେ କରୁଥିବା ସ୍ପଷ୍ଟ ହେଲା।

# ମାଛ ଜାଲରେ ଅଜଗର



ବଡ଼ମ୍ବା,୨୭।୧୦(ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମରେ ଏକ ଅଜଗର ମାଛ ଜାଲରେ ପସିଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ସର୍ବେଶ୍ୱର ନାଏକ ପ୍ରତିଦିନ ଜାଲ ଯୋଗେ ନିକଟସ୍ଥ ନାଳରୁ ମାଛ ଧରନ୍ତି। ବୁଧବାର ରାତିରେ ସେ ଉକ୍ତ ନାଳରେ ମାଛ ମାରିବା ପାଇଁ ଜାଲ ପକାଇ ଥିଲେ। ଗୁରୁବାର ସକାଳେ ଜାଲ ଦେଖିବାକୁ ଯାଇଥିବାବେଳେ ସେଥିରେ ଅଜଗର ସାପ ଲାଗିଥିବା ଦେଖିଥିଲେ। ଉକ୍ତ ସାପର ଲମ୍ବ ପ୍ରାୟ ୭ ଫୁଟ ହେବ। ଏହାପରେ ସର୍ବେଶ୍ୱର ସାଇକେଲ ଯୋଗେ ଜାଲ ସହ ସାପକୁ ଘୋଷାରି ଗ୍ରାମକୁ ନେଇଥିଲେ। ସେଠାରେ ବଡ଼ମ୍ବା ବନ ବିଭାଗକୁ ଖବର ଦିଆଯାଇଥିଲା। ଖବରପାଇ ବନ କର୍ମଚାରୀ ଶଙ୍ଖାମେରୀ ଗ୍ରାମରେ ପହଞ୍ଚି ସାପକୁ ଉଦ୍ଧାର କରି ସାଙ୍ଗରେ ନେଇଯାଇଛନ୍ତି। ଅପରପକ୍ଷେ ସାପଟି ଫସିବା ଯୋଗୁ ସର୍ବେଶ୍ୱରଙ୍କ ଜାଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବନ ବିଭାଗ ତରଫରୁ ତାଙ୍କୁ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଉଦ୍‌ଯାପିତ



ଶିବିରରେ ତାଲିମ ପରେ ପ୍ରମାଣପତ୍ର ପାଇଥିବା ଯୁବତୀ, ଯୁବକ, ଆଶା ଓ ଅଙ୍ଗନୱାଡି କର୍ମୀମାନେ।

ବାଙ୍କୀ,୨୭।୧୦ (ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତ ଅଧୀନ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ୭ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ବନ୍ୟା ଆଶ୍ରୟସ୍ଥଳର ସମ୍ପାଦକ ଅରୁଣ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଆର୍ତ୍ତବନ୍ଧୁ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ପରିଚାଳନା କରିଥିଲେ। ଶିବିରରେ ବନ୍ୟା, ବାତ୍ୟା ପରିଚାଳନା, ପ୍ରାଥମିକ ସହାୟତା, ସନ୍ଧାନ, ଅନୁସନ୍ଧାନ, ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ, ଯନ୍ତ୍ରପାତି ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ବନ୍ୟା ଓ ବାତ୍ୟା ସମୟରେ ରିଲିଫ ସାମଗ୍ରୀ ବଣ୍ଟନରେ ସହାୟତା, ନିଆଁ ଲିଭା କୌଶଳ, ବିପର୍ଯ୍ୟୟ ସମୟରେ ଆଘାତପ୍ରାପ୍ତ ଲୋକମାନଙ୍କୁ ସହଯୋଗ ଆଦି ସମ୍ପର୍କରେ ତାଲିମ ଦିଆଯାଇଥିଲା । ୭ଦିନ ବ୍ୟାପୀ ଏହି ଶିବିରରେ ବହୁ ଯୁବତୀ, ଯୁବକ ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ ଭୁବନେଶ୍ୱର ବେସାମରିକ ପ୍ରତିରକ୍ଷା ସଙ୍ଗଠନର ପ୍ରଶିକ୍ଷକ ମୃଗାଙ୍ଗ ଶେଖର ଛୋଟରାୟ ଓ ପ୍ରମୋଦ କୁମାର ରାଉତ ପ୍ରଶିକ୍ଷଣ ଦେଇଥିଲେ। ଅନ୍ତିମ ଦିବସରେ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

ନିଶ୍ଚିନ୍ତକୋଇଲି,୨୭।୧୦(ସ୍ୱ.ପ୍ର.)

ବିବାହ କରିବାକୁ ମନା କରିବାରୁ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଏପରି ଘଟଣା ଘଟିଛି। ଘଟଣା ସମ୍ପର୍କରେ ସମ୍ପୃକ୍ତା ଯୁବତୀଙ୍କ ପରିବାର ଲୋକେ ଜାଣିବା ପରେ ଥାନାରେ ଅଭିଯୋଗ ହୋଇଛି। ପୀଡିତାଙ୍କ ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ବାଲିଆପାଳ ଥାନା ବଡକସବ ଗ୍ରାମର ତାପସ ରଞ୍ଜନ ସାହୁ (୨୭)। ଏନେଇ ଥାନାରେ ମାମଲା (ନଂ. ୧୬୭/୨୨) ରୁଜୁ ହୋଇଛି। ଅଭିଯୋଗ ମୁତାବକ, ସମ୍ପୃକ୍ତା ଯୁବତୀ ଓ ତାପସଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ତାପସ ବିବାହ ପ୍ରତିଶ୍ରୁତି ଦେଇ ପୀଡିତାଙ୍କ ସହ ଦୀର୍ଘ ଦିନ ହେବ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତକୁ ତାପସ ମୋବାଇଲରେ କଏଦ କରି ରଖୁଥିଲେ। ସମ୍ପୃକ୍ତା ଯୁବତୀ ତାଙ୍କୁ ବିବାହ ନ କଲେ ସେ ଉକ୍ତ ଭିଡିଓକୁ ଭାଇରାଲ କରିଦେବେ କହି ବ୍ଲାକମେଲିଂ କରି ଆସୁଥିଲେ। ଏଥିରେ ପୀଡିତା ଅତିଷ୍ଠ ହୋଇପଡି ଯୁବକଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ତାପସ ପ୍ରତିଶୋଧ ପରାୟଣ ହୋଇ ଉକ୍ତ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଅଭିଯୋଗ ପରେ ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି କର୍ମୀମାନେ।

ଟିଗିରିଆ, ୨୭।୧୦(ଡି. ଏନ୍.ଏ)

ଟିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତରେ ଗୁରୁବାର ଟିଗିରିଆ ବ୍ଲକ ବିଜେଡି ତରଫରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁତ୍ର ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କର୍ମୀଙ୍କୁ ଅବଗତ କରିଥିଲେ । ଟିଗିରିଆ ବ୍ଲକ ବିଜେଡି ସଭାପତି ଅଜିତ ଧୀରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପଦଯାତ୍ରାରେ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ଅଚଳକୋଟ ପଞ୍ଚାୟତ ସରପଞ୍ଚ ରୋଜାଲିନ ବଳିଆର ସିଂହ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ରୂପା ଦଳେଇ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ଛାତ୍ର ନେତା ହିମାଂଶୁ ଶେଖର ସ୍ୱାଇଁ, ବିଜୟ ବଳିଆର ସିଂହ, ହରେନ୍ଦ୍ର ଦଳେଇ ଓ ଆଶିଷ କହଁର ପ୍ରମୁଖ ଯୋଗ ଦେଇଥିଲେ ।

# ଅଗ୍ନିକାଣ୍ଡରେ ଘର ଜଳିଗଲା



ମାହାଙ୍ଗା,୨୭।୧୦(ସ୍ୱ.ପ୍ର.)

ମାହାଙ୍ଗା ତହସିଲ ଅଧୀନ ମୂଳବସନ୍ତ ପଞ୍ଚାୟତ ଗୁଣ୍ଡୁପୁର ଗ୍ରାମର ପ୍ରମିଳା ସାମଲଙ୍କ ଚାଳଛପର ଘର ଜଳି ଘରର ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ସୂଚନ ମୁତାବକ, କୌଣସି କାରଣବଶତଃ ଗୁରୁବାର ମଧ୍ୟାହ୍ନରେ ପ୍ରମିଳାଙ୍କ ଚାଳ ଛପର ଘରେ ନିଆଁ ଲାଗି ଯାଇଥିଲା। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ଜଳି ଯାଇଛି। ଖବରପାଇ କୁଆଁପାଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ କୋଳିଅଠା ରାଜସ୍ୱ ନିରୀକ୍ଷକ କ୍ଷୀରୋଦ ଚନ୍ଦ୍ର ସାହୁ ସେଠାରେ ପହଞ୍ଚି ପ୍ରମିଳାଙ୍କୁ ପଲିଥିନ୍, ପାଲ ଦେବା ସହ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରରୁ ବିଷାକ୍ତ ସାପ ଉଦ୍ଧାର

ନିଶ୍ଚିନ୍ତକୋଇଲି,୨୭।୧୦(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନ ନରାଜପୁର ଅଙ୍ଗନୱାଡି କେନ୍ଦ୍ରର ଗୃହ ଭିତରୁ ଗୁରୁବାର ଏକ ବିଷାକ୍ତ ସାପ ଉଦ୍ଧାର ହୋଇଛି। ସୂଚନା ମୁତାବକ, ସକାଳ ସମୟରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ କେନ୍ଦ୍ର ଗୃହ ଖୋଲିଥିଲେ। ଏହି ସମୟରେ ଭିତରୁ ସାପ ଗର୍ଜନ ଶୁଣିବାକୁ ମିଳିଥିଲା। ଗୃହକୁ ପଶୁଥିବା ଶିଶୁ ଏହା ଶୁଣି ଆତଙ୍କିତ ହୋଇପଡିଥିଲେ। ଶିଶୁଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଗୃହରୁ ବାହାର କରିଥିଲେ। ଅପରପକ୍ଷେ ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଥିବା ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରରୁ ଅଳିଆ ଆବର୍ଜନା ସଫା କରାଯାଉ ନ ଥିବା କାରଣରୁ ବହୁ ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ସମସ୍ୟା ସୃଷ୍ଟି ହେଉଥିବାର ଅଭିଯୋଗ ହୋଇଛି। ଗାଁ କଲ୍ୟାଣ ସମିତିକୁ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ଅର୍ଥ ଆସୁଥିଲେ ମଧ୍ୟ ଏହି ଅର୍ଥର ସଦୁପଯୋଗ କରାଯାଉ ନ ଥିବାର ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର ବ୍ୟବସ୍ଥା କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ବିଧାୟକଙ୍କ ସମ୍ପୃକ୍ତିକୁ ଖଣ୍ଡନ କଲା ବିଜେଡି

## ବେଆଇନ ବାଲି ଉଠାଣକୁ ନେଇ ହତ୍ୟା ଘଟଣା

ମଙ୍ଗୁଳି,୨୭।୧୦(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଜରିପଡ଼ା ପଞ୍ଚାୟତ ଅନ୍ତର୍ଗତ ବିରୂପା ନଦୀରୁ ବାଲି ଉଠାକୁ କେନ୍ଦ୍ର କରି ହତ୍ୟା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର ଜେଲକୁ ପଠାଇଥିବା ବେଳେ ଅନ୍ୟ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି। ତେବେ ଏହି ଘଟଣାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହେଉଥିବା ବେଳେ ଏହି କଥାକୁ କଟକ ବିଜେଡି ପକ୍ଷରୁ ଖଣ୍ଡନ କରାଯାଇଛି। ସୂଚନାଯୋଗ୍ୟ, ଟାଙ୍ଗୀ ଗୋବିନ୍ଦପୁର ଛକ ନିକଟ ଏକ ଜଳଖିଆ ଦୋକାନରେ ଜରିପଡା ମହାନ୍ତି ସାହିର ବିଜ୍ଞାନ ଭୂଷଣ ମହାନ୍ତି (ହାପି) ଏବଂ ତାଙ୍କର ଜଣେ ସାଙ୍ଗ ଜଳଖିଆ ଖାଇବାକୁ ବସିଥିବା ବେଳେ ରସିକ ନଗରର ୮ଜଣ ଯୁବକ ଏକ କାର୍‌ରେ ଆସି ଉଭୟଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ହାପିଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ମୃତକଙ୍କ କେତେଜଣ ସହଯୋଗୀ ହତ୍ୟା ଘଟଣାରେ ବିଧାୟକ ବେହେରାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ଏହାକୁ କେନ୍ଦ୍ର କରି କଟକ ଜିଲା ବିଜୁ ଜନତା ଦଳର ଉପସଭାପତି ତଥା ୧୨ନଂ. ଜୋନ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲଙ୍କ ନେତୃତ୍ୱରେ ଭଗତପୁରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ କୁହାଯାଇଛି ଯେ, ଧାମନଗର ନିର୍ବାଚନ ପ୍ରଚାର ପାଇଁ ବିଧାୟକ ପ୍ରଶାନ୍ତ ବେହେରା ଥିବା ସମୟରେ ସୋସିଆଲ ମିଡିଆରେ ମୁଖ୍ୟ ଆସାମୀ ମିଟୁଙ୍କ ସହ ବିଧାୟକଙ୍କ ଫଟୋ ରହିଛି। ଯେଉଁଥିପାଇଁ କେତେଜଣ ବିଧାୟକ ଏବଂ ଆମ ଦଳକୁ ଟାର୍ଗେଟ କରି ଅପପ୍ରଚାର କରିବା ସହ ମିଛ କେସରେ ଫସେଇବାକୁ ଚେଷ୍ଟା କରୁଛନ୍ତି। ତେଣୁ ପୋଲିସ ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ଯିଏ ଦୋଷୀ ତାଙ୍କୁ ଗିରଫ କରୁ। ଉକ୍ତ ଘଟଣାରେ ମୃତ ହାପି ଏବଂ ଅଭିଯୁକ୍ତ ସୁଶାନ୍ତ ବେହେରା ଓରଫ ମିଟୁ ଉଭୟଙ୍କ ନାମରେ ଥାନାରେ ଏକାଧିକ ମାମଲା ରହିଛି। ତେଣୁ ଏହା ଏକ ଗ୍ୟାଙ୍ଗୱାର ହୋଇପାରେ ବୋଲି କହିଛନ୍ତି। ସମ୍ମିଳନୀରେ ପୂର୍ବତନ ସମିତିସଭ୍ୟ ରାଜେଶ ରଞ୍ଜନ ଷଡଙ୍ଗୀ, ନେତା ଧୀରେନ୍ଦ୍ର ଜେଠୀ ଓ ଜନ୍ମେଜୟ ଖିଲାର, କହେଁଇପୁର ସଭାପତି ପରମାନନ୍ଦ ନାୟକ, ସରପଞ୍ଚ ଭରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଠଗଡ଼ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଲୋକାର୍ପିତ




ବସଷ୍ଟାଣ୍ଡ ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଆଠଗଡ଼,୨୭।୧୦(ସ୍ୱ.ପ୍ର.)

ଆଠଗଡ଼ ରାଜ୍ୟ ସଡକ ପରିବହନ ନିଗମର ଅତ୍ୟାଧୁନିକ ବସଷ୍ଟାଣ୍ଡକୁ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି। ୧.୬୮ ଜମିରେ ବେଙ୍ଗାଲୁରୁ ମଡେଲରେ ଏହି ବସଷ୍ଟାଣ୍ଡ ନିର୍ମାଣ ହୋଇଛି। ଏଥିପାଇଁ ୪୫୫.୭୮ ଲକ୍ଷ ଟଙ୍କା ଓ ପ୍ରାଚୀର ନିର୍ମାଣ ପାଇଁ ୪୨.୨୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ମୋଟ ୪୯୭.୭୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟ ସରକାରଙ୍କ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ନିର୍ମିତ ଏହି ବସଷ୍ଟାଣ୍ଡରେ ୭ ବସ୍ ଏକାସଙ୍ଗରେ ଲାଗିବାର ବ୍ୟବସ୍ଥା ରହିଛି। ଏହାଛଡା ଗୋଟିଏ ଗ୍ୟାରେଜ ଗୃହ, ବସ୍‌ମାଲିକ ସଂଘ ପାଇଁ ୨ ଅତ୍ୟାଧୁନିକ ଗୃହ, ଭୋଜନାଳୟ, ଯାତ୍ରୀ ବିଶ୍ରାମସ୍ଥଳୀ, ଦୋକାନ ଗୃହ ଆଦିର ବ୍ୟବସ୍ଥା ରହିଛି। ଗମନାଗମନ ସୁବିଧା ପରେ ରାଜ୍ୟର ବିଭିନ୍ନ ସ୍ଥାନକୁ ସଂଯୋଗ କରିବା ଦିଗରେ ଏହି ବସଷ୍ଟାଣ୍ଡ ଉପ ଯୋଗୀ ହୋଇପାରିବ ବୋଲି ମନ୍ତ୍ରୀ ଉଷା ଦେବୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପରିବହନ ସାଧାରଣ ପରିଚାଳକ ବିଶିକେସନ ଦେହୁରୀ, ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ସସ୍ମିତା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ବି. ଶୁଭ୍ରଶଙ୍କର ଜ୍ୟୋତି ଧନ୍ୟବାଦ ଅର୍ପଣ କରିଥିଲେ।

# ଯୌତୁକ ପାଇଁ ବଧୂ ହତ୍ୟା: ସ୍ୱାମୀ ଗିରଫ

ମାହାଙ୍ଗା,୨୭।୧୦(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅନ୍ତର୍ଗତ ଭଦ୍ରେଶ୍ୱର ଫାଣ୍ଡି ଅଧୀନ ବାଏନପୁର ଗ୍ରାମରେ ଯୌତୁକ ପାଇ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଲଳିତଗିରି ପଞ୍ଚାୟତ ଜେରକନ୍ଦ ଗ୍ରାମର ସଂଯୁକ୍ତା ମଲିକ(୨୬)। ଏହି ଅଭିଯୋଗରେ ପୋଲିସ ଗିରଫ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ହେଲେ ବାଏନପୁର ଗ୍ରାମରେ ହରେକୃଷ୍ଣ ମଲ୍ଲିକ। ଏନେଇ ପୋଲିସ ଏକ ମାମଲା (ନଂ. ୩୧୫/୨୨) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଥିବା ଜଣାପଡିଛି।



ସଂଯୁକ୍ତା ମଲିକ

ସୂଚନା ମୁତାବକ, ହରେକୃଷ୍ଣ ୪ ବର୍ଷ ପୂର୍ବେ ସଂଯୁକ୍ତା ମଲିକ(୨୬)ଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ସଂଯୁକ୍ତାଙ୍କୁ ହରେକୃଷ୍ଣ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ସଂଯୁକ୍ତା ପୂର୍ବରୁ ଭଦ୍ରେଶ୍ୱର ଫାଣ୍ଡିରେ ଅଭିଯୋଗ କରିଥିଲେ। ଉଭୟ ପକ୍ଷ ମୁରବିଙ୍କ ମାଧ୍ୟମରେ ଏହି ଘଟଣାର ଆପୋସ ସମାଧାନ ହେବା ପରେ ସଂଯୁକ୍ତା ଶାଶୁଘରକୁ ଫେରିଥିଲେ। ଏହାର କିଛି ଦିନ ପରେ ହରେକୃଷ୍ଣ ଯୌତୁକ ଆକାରରେ ୧ ଲକ୍ଷ ଟଙ୍କା ଆଣିବା ଦାବିରେ ନିର୍ଯାତନା ଦେଉଥିବା ସଂଯୁକ୍ତା ବାପଘରେ ଜଣାଇଥିଲେ। ଉକ୍ତ ଘଟଣାକୁ ନେଇ ସଂଯୁକ୍ତାଙ୍କ ବାପା ପ୍ରଫୁଲ୍ଲ ଓ ଭାଇ ୫ ଦିନ ପୂର୍ବେ ଝିଅ ଘରେ ପହଞ୍ଚି ସ୍ୱାଇଁ ସହ ବୁଝାଶୁଝା କରିଥିଲେ। ହେଲେ ମଧ୍ୟ ସଂଯୁକ୍ତା ପୂର୍ବଭଳି ନିର୍ଯାତନାର ଶିକାର ହେଉଥିଲେ। ତେବେ ଅଧିକ ଯୌତୁକ ଦାବି ନେଇ ଶାଶୁ ଶ୍ୱଶୁର ଓ ସ୍ୱାଇଁ ଝିଅକୁ ମାରି ଆତ୍ମହତ୍ୟା ରୂପ ଦେଇଥିବା ପ୍ରଫୁଲ୍ଲ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅପରପକ୍ଷେ ଶୋଇବା ଘରେ ବେକରେ ଲୁଗା ଦେଇ ସଂଯୁକ୍ତା ଆତ୍ମହତ୍ୟା କରିଥିବା ହରେକୃଷ୍ଣ ତାଙ୍କ ଶ୍ୱଶୁର ଘରକୁ ଫୋନ ଯୋଗେ ଜଣାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବାପରେ ଫାଣ୍ଡି ପୋଲିସ ଅଧିକାରୀ ତପନ ନାୟକ ଘଟଣାସ୍ଥଳରେ ଅନୁସନ୍ଧାନକାରୀ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଥିଲେ।